ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୭/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, November 7/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 341 | ମୂଲ୍ୟ ₹୭/-

୮ରୁ ଲଙ୍ଗ୍ ମାର୍ଚ୍ଚ ଆରମ୍ଭ କରିବେ ଇମ୍ରାନ

ଆତତାୟୀଙ୍କ ଗୁଳିରେ ଆହତ ପାକସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ହସ୍ପିଟାଲରୁ ଫେରିବା ପରେ ମଙ୍ଗଳବାର ସରକାର ବିରୋଧୀ ଯାତ୍ରା ପୁନର୍ବାର ଆରମ୍ଭ କରିବେ।

୦୨

୧୪

ପ୍ରମୋଦଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଗୋଟିଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି।

ଅସାବଧାନତାରୁ ଜୀବନ ହାନି

ସଡ଼କ ଦୁର୍ଘଟଣାରେ ଲାଗୁନି ରୋକ୍

କାମ କରୁନି ସଚେତନତା, ବଢ଼ୁଛି ଦୁର୍ଘଟଣା

ସତ୍ୟଜିତ୍ ରାଉତ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ରାଜ୍ୟରେ ଗମନାଗମନ କ୍ଷେତ୍ରରେ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ସଡ଼କ ଦୁର୍ଘଟଣାରେ ରୋକ ଲଗାଯାଇ ପାରୁନାହିଁ। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ବହୁ ଲୋକଙ୍କ ଜୀବନ ଯାଉଛି। ଚାଳକଙ୍କ ବେପରୁଆ ମନୋଭାବ, ପ୍ରଶାସନ ପକ୍ଷରୁ ସଚେତନତାର ଅଭାବ ଏବଂ ରାସ୍ତାର ସୁଦୃଢ଼ ଭିତ୍ତିଭୂମି ଅଭାବ ଯୋଗୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବା କୁହାଯାଉଛି। ୨୦୧୪ରୁ ପ୍ରତିବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ଭାରତରେ ବାର୍ଷିକ ସଡ଼କ ଦୁର୍ଘଟଣାରେ ପ୍ରାୟ ୧.୫ ଲକ୍ଷ ଜୀବନ ଯାଉଥିବାବେଳେ ଓଡିଶାରେ ପ୍ରାୟ ୫ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ର ତଥ୍ୟ ଅନୁଯାୟୀ ଜାନୁୟାରୀରୁ ଜୁନ୍ ଅର୍ଥାତ ଏହି ୬ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୬ ହଜାର ୨୯ଟି ଦୁର୍ଘଟଣା ଘଟିଛି। ଏଥିରେ ୨ହଜାର ୮୮୫ଜଣଙ୍କ ମୃତ୍ୟୁ ହୋଇଛି, ଯାହାକି ପୂର୍ବ ବର୍ଷ ଏହି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୨,୫୫୫ ରହିଥିଲା।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ ରହିଛି। ରିପୋର୍ଟ ଅନୁଯାୟୀ ୨୦୨୦ ତୁଳନାରେ ୨୦୨୧ରେ ରାଜ୍ୟରେ ସଡ଼କ ଦୁର୍ଘଟଣା ୧୧.୯ ପ୍ରତିଶତ ବଢ଼ିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ୨୦୨୧ରେ ୧୦ ହଜାର ୯୮୩ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୯ ହଜାର ୭୮୨ ଜଣ ଆହତ ହୋଇଥିବାବେଳେ ୫ ହଜାର ୮୧ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ରେ ୯ହଜାର ୮୧୭ଟି ଦୁର୍ଘଟଣା ଘଟିଥିବାବେଳେ ୮ ହଜାର ୮୨୨ ଜଣ ଆହତ ଏବଂ ୪ ହଜାର ୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ଅଧିକ ମୃତ୍ୟୁ ହୋଇଥିବା ରିପୋର୍ଟରେ ଜଣାପଡ଼ିଛି। ୨୦୨୧ ବର୍ଷରେ ଘଟିଥିବା ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟରେ ୧୧.୮୪% ପଥଚାରୀ ଥିବାବେଳେ ୩.୫୦% ସାଇକେଲ ଚାଳକ, ୪୯.୮୧% ମୋଟର ସାଇକେଲ ଆରୋହୀ, ୧୦.୫୨% କାର୍, ୮.୪୮% ଟ୍ରକ୍ ଏବଂ ୨.୪୯% ବସ୍‌ରେ ଯାଉଥିବା ଲୋକ ରହିଛନ୍ତି। ରାଜ୍ୟରେ ବିଭିନ୍ନ କାରଣ ପାଇଁ ସଡ଼କ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବିଶେଷ କରି ରାସ୍ତାରେ ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଦ୍ରୁତ ଗତିରେ ଗାଡ଼ି ଚଳାଇବା ଯୋଗୁ ଅନେକ ଦୁର୍ଘଟଣା ଘଟି ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଦୁର୍ଘଟଣାପ୍ରବଣ ଜୋନ୍ ତଥା ବ୍ଲାକସ୍ପଟ୍, ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ପ୍ରମୁଖ ଜଙ୍କ୍‌ଶନ ନିକଟରେ କଡ଼ାକଡ଼ି ଏନ୍‌ଫୋର୍ସମେଣ୍ଟ କରାଯାଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ସେହିପରି ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଜାନୁୟାରୀ ୧୧ରୁ ୧୭ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ କରାଯାଉଛି। ବିଭିନ୍ନ ସ୍ଥାନରେ ବହୁ ଟଙ୍କା ଖର୍ଚ୍ଚ କରାଯାଇ ☞ପୃଷ୍ଠା–୪

ଧାମନଗରରେ ଭାଜପା

ଉପନିର୍ବାଚନରେ ବିଜେଡିକୁ ଝଟକା

ଦଳ	ପ୍ରାର୍ଥୀ	ଭୋଟ
ବିଜେଡି	ଅବନ୍ତୀ ଦାସ	୭୦,୪୭୦
ଭାଜପା	ସୂର୍ଯ୍ୟବଂଶୀ ସୂରଜ	୮୦,୩୫୧
କଂଗ୍ରେସ	ବାବା ହରେକୃଷ୍ଣ ସେଠୀ	୩,୫୬୧
ସ୍ୱାଧୀନ	ରାଜେନ୍ଦ୍ର କୁମାର ଦାସ	୮,୧୫୩
ସ୍ୱାଧୀନ	ପବିତ୍ର ମୋହନ ଦାସ	୪୯୭
ନୋଟା	–	୬୫୦

ଭଦ୍ରକ ଅଫିସ,୬।୧୧

ଧାମନଗର ଉପନିର୍ବାଚନରେ ଅନୁକମ୍ପା ଆଗରେ କାମ ଦେଲାନି ବିଜେଡିର ମହିଳା କାର୍ଡ। ଧାମନଗରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଏବଂ ବିଜେଡିର ହେଭିୱେଟ ନେତାଙ୍କ ପ୍ରଚାର ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତି ଅନୁକମ୍ପା ଓ ରାଜେନ୍ଦ୍ରଙ୍କ ବିଦ୍ରୋହ ଆଗରେ ଫେଲ୍ ମାରିଛି। ବିଜେଡିର ସମସ୍ତ ନିର୍ବାଚନ ରଣକୌଶଳକୁ ପ୍ରତିହତ କରି ଧାମନଗର ଉପନିର୍ବାଚନରେ ବାଜିମାରିଛି ଭାଜପା। ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସଙ୍କୁ ହରାଇ ଭାଜପାର ସୂର୍ଯ୍ୟବଂଶୀ ସୂରଜ ବିଜୟୀ ହୋଇଛନ୍ତି। ଗତ ୩ ତାରିଖରେ ଭୋଟଗ୍ରହଣ ହୋଇଥିବା ବେଳେ ରବିବାର କଡ଼ା ସୁରକ୍ଷା ମଧ୍ୟରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଗଣତି ହୋଇଛି। ସକାଳ ୮ଟାରେ ଡାକଭୋଟ ଗଣତି ପରେ ଇଭିଏମ୍ ଭୋଟ ଗଣତି ଆରମ୍ଭ ହୋଇଥିଲା। ପ୍ରଥମ ରାଉଣ୍ଡରୁ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ବିଜେଡିଠାରୁ ଆଗୁଆ ରହିଥିଲେ। ମଝିରେ ୯ ଓ ୧୦ ରାଉଣ୍ଡରେ ଆଗରେ ରହିଥିଲା ବିଜେଡି। ଶେଷ ପର୍ଯ୍ୟନ୍ତ ଭାଜପା ଆଗରେ ରହି ଚାଲିଥିଲା। ୧୮ ରାଉଣ୍ଡ ଗଣତି ହେବାକୁ ଥିବାବେଳେ ମଝିରେ ୨ଟି ଇଭିଏମ୍ ଖରାପ ଥିବାରୁ ଗଣତି ହୋଇପାରି ନ ଥିଲା। ପରେ ମୋଟ ୧୯ ରାଉଣ୍ଡ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ସୂର୍ଯ୍ୟବଂଶୀ ସୂରଜଙ୍କୁ ୮୦,୩୫୧, ଅବନ୍ତୀଙ୍କୁ ୭୦,୪୭୦, କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କୁ ୩,୫୬୧, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କୁ ୮,୧୫୩ ଓ ପବିତ୍ର ମୋହନ ଦାସଙ୍କୁ ୪୯୭ ଭୋଟ ମିଳିଥିବା ବେଳେ ☞ପୃଷ୍ଠା–୪

ସୂର୍ଯ୍ୟବଂଶୀ ସୂରଜ

ଭାଜପା ଜିତିବ ବୋଲି ଆଶା କରିଥିଲୁ: ନବୀନ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

- ବହୁଦିନ ଯାଏ କିଛି ଅନ୍ଧାର ରହେ ନାହିଁ: ଧର୍ମେନ୍ଦ୍ର
- ଶାସକ ଦଳ ପାଇଁ କ୍ଷତି: ଶରତ

ଧାମନଗର ଉପନିର୍ବାଚନ ଫଳାଫଳ ନେଇ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମତାମତ ସାଧାରଣରେ ପ୍ରକାଶ କରିଛନ୍ତି। ରାଜ୍ୟରେ ଦୁଇ ଦଶନ୍ଧି ଧରି ଅନୁଷ୍ଠିତ ଉପନିର୍ବାଚନରେ ବିଜେଡି ପ୍ରାୟତଃ ବିଜୟୀ ହୋଇ ଆସୁଥିବା ବେଳେ ଧାମନଗର ଉପନିର୍ବାଚନରେ ଶାସକ ଦଳର ପରାଜୟକୁ ନେଇ ଏବେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶାସକ ଦଳର ଆଗଧାଡ଼ିର ନେତାମାନେ ବହୁ ବ୍ୟବଧାନରେ ବିଜେଡି ବିଜୟୀ ହେବ ବୋଲି କହି ଆସୁଥିବା ☞ପୃଷ୍ଠା–୪

ରଣବୀର–ଆଲିଆଙ୍କ କନ୍ୟା ସନ୍ତାନ

ମୁମ୍ବାଇ, ୬।୧୧

ହିନ୍ଦୀ ଚଳଚ୍ଚିତ୍ର ଜଗତର ଚୁଲ୍‌ବୁଲି ନାୟିକା ଆଲିଆ ଭଟ୍ଟ ରବିବାର ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏ ନେଇ କପୁର ଓ ଭଟ୍ଟ ପରିବାରରେ ଆନନ୍ଦର ଲହରି ଖେଳିଯାଇଛି। ମା' ହେବା ଖୁସିରେ ଆଲିଆ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ଡିମ୍ପଲ ସିଂହ ଥିବା ଦେଖିବାକୁ ମିଳିଛି। ପରିବାରର ବଡ଼ମାନଙ୍କ ଆଶୀର୍ବାଦ କାରଣରୁ ଆମକୁ ଏକ କନ୍ୟା ସନ୍ତାନ ପ୍ରାପ୍ତ ହୋଇଛି। ଝିଅ ପାଇ ଆମେ ଖୁବ୍ ଖୁସି ଥିବା ଫଟୋ କ୍ୟାପ୍‌ଶନ୍‌ରେ ଆଲିଆ ଲେଖିଛନ୍ତି। ଅନ୍ୟପକ୍ଷେ ବାପା ହୋଇଥିବା ରଣବୀର ଝିଅ ପାଇଁ ଖୁସି ଥିବାବେଳେ ଜେଜେ ରିଷି କପୁର ସ୍ୱର୍ଗରେ ଥାଇ ଉଲ୍ଲସିତ ହେଉଥିବା ☞ପୃଷ୍ଠା–୪

ସେମିରେ ଭାରତ

ଟି୨୦ ବିଶ୍ୱକପ୍

- ଗୁରୁବାର ଆଡିଲେଡ୍‌ରେ ଇଂଲଣ୍ଡକୁ ଭେଟିବ
- ନ୍ୟୁଜିଲାଣ୍ଡ-ପାକିସ୍ତାନ ପ୍ରଥମ ସେମିଫାଇନାଲ

ମେଲବୋର୍ନ, ୬।୧୧

ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସମସ୍ତ ବିଭାଗରେ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରଖି ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ରବିବାର ଅନୁଷ୍ଠିତ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ଦଳ ୭୧ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି। ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୬ ରନ୍ କରିଥିବାବେଳେ ଜିମ୍ବାୱେ ୧୭.୨ ଓଭରରେ ୧୧୫ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଟପ୍ ସ୍କୋରର ସୂର୍ଯ୍ୟକୁମାର ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ସମାଜ-ଅର୍ଥନୀତି-ନିଯୁକ୍ତି

ଆଜିର ମନ୍ତବ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ମଣ୍ଡଳୀ ଆଧାରିତ ସଂସଦୀୟ ଗଣତନ୍ତ୍ରକୁ ଅଣଦେଖା କରିଛନ୍ତି। ପ୍ରାର୍ଥୀ ନୁହେଁ ପଦ୍ମ ଫୁଲକୁ ମନେ ରଖିବା ଲାଗି ସେ ଭୋଟରଙ୍କୁ କହୁଛନ୍ତି।

- ପି. ଚିଦାମ୍ବରମ, କଂଗ୍ରେସ ନେତା

କଫି ଦେଲା ନୂଆ ଜୀବନ

କଫି ପାଉଡର୍ ଓ ପାଣି ପିଇ ଦୁଇଜଣ ଖଣି କର୍ମଚାରୀ ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ଦକ୍ଷିଣ କୋରିଆର ବୋନଘୱା ସହରରେ ଥିବା ଏକ ଜିଙ୍କ୍ ଖଣି ଅକ୍ଟୋବର ୨୬ରେ ଭୁଶୁଡ଼ି ପଡ଼ିବା ଯୋଗୁ ସେଠାକାର ୨ ଜଣ ଷ୍ଟାଫ୍ ୯ ଦିନ ମାଟିତଳେ ଫସି ରହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ରେସ୍କ୍ୟୁଟିମ୍ ସେମାନଙ୍କୁ ଉଦ୍ଧାର କରିଛି। ଉଭୟଙ୍କ ବୟସ ୬୨ ଓ ୫୪ ବର୍ଷ ହୋଇଥିବାବେଳେ ସେମାନଙ୍କ ଚିକିତ୍ସା ଚାଲିଥିବା ରାଷ୍ଟ୍ରପତି ୟୁନ ସଙ୍କ-ୟେଓଲ କହିଛନ୍ତି। ଦୁହେଁ ୧୯୦ ମିଟର ଗଭୀର ମାଟିତଳେ ଫସି ରହିଥିବା ଜଣାପଡ଼ିଛି।

ପାଶ୍ଚାତ୍ୟରେ 'ଅଣୁ ଅସ୍ତ୍ର' ଛନକା

ପୁଟିନ୍-ମାକ୍ରଁ ଆଲୋଚନା ପରେ

ମସ୍କୋ/କିଭ୍,୬।୧୧

ୟୁକ୍ରେନ୍ ଉପରେ ଆକ୍ରମଣ କରି ହରଡ଼ଘଣାରେ ପଡ଼ିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିକଟରେ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷ ଇମାନ୍ୱେଲ ମାକ୍ରଁଙ୍କ ସହ କଥା ହୋଇଥିଲେ। ବାର୍ତ୍ତାଳାପ ବେଳେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷରେ ଜାପାନ ଉପରେ ଆମେରିକା ପକ୍ଷରୁ ନିକ୍ଷେପ କରାଯାଇଥିବା ପରମାଣୁ ବୋମା ସମ୍ପର୍କରେ ଅବତାରଣା କରିଥିଲେ। ଏହି ଆକ୍ରମଣ ପରେ ଜାପାନ ଆତ୍ମସମର୍ପଣ କରିଥିଲା। ତେଣୁ ବିଜୟ ହାସଲ ପାଇଁ ବଡ଼ ସହରଗୁଡ଼ିକୁ ଟାର୍ଗେଟ କରିବା ଆବଶ୍ୟକ ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଏହାର ଏକ ଦୃଷ୍ଟାନ୍ତ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରଁଙ୍କୁ ପୁଟିନ୍ କହିଥିବା ନେଇ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି। ପୁଟିନ୍ କିଭ୍‌କୁ ଛାଡ଼ି ପୂର୍ବ ୟୁକ୍ରେନ୍‌ରେ ଆଣବିକ ଅସ୍ତ୍ର ପ୍ରୟୋଗର ନିଷ୍ପତ୍ତି ନେଇପାରନ୍ତି ବୋଲି ଏହି ବାର୍ତ୍ତାଳାପରୁ ସଙ୍କେତ ମିଳୁଥିବା ଉକ୍ତ ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଆଣବିକ ଅସ୍ତ୍ର ଭୟ ବଢ଼ିବାରେ ଲାଗିଛି। କିଭ୍‌କୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସାମରିକ ସହାୟତା ଦେଇଆସୁଛନ୍ତି। ୟୁକ୍ରେନ୍ ରୁଷିଆ ବିରୋଧରେ 'ଡାର୍ଟି ବମ୍' ବ୍ୟବହାର କରିପାରେ ବୋଲି ନିକଟରେ ମସ୍କୋ ଆଶଙ୍କା ବ୍ୟକ୍ତ କରିଥିଲା। ଏଭଳି ସ୍ଥିତିରେ ମାକ୍ରଁଙ୍କ ସହ କଥା ହେବାବେଳେ ପୁଟିନ୍‌ଙ୍କ ପାଟିରୁ 'ପରମାଣୁ ବୋମା' ବାହାରିବା ଆଉ ଏକ ସମ୍ଭାବ୍ୟ ବିଧ୍ୱଂସକୁ ସୂଚାଉଥିବା କୁହାଯାଉଛି। ୟୁକ୍ରେନ୍ ଯୁଦ୍ଧର ଅବସାନ ଲାଗି ପୁଟିନ୍ ଟାକ୍ଟିକାଲ ୱିପନ ପ୍ରୟୋଗ କରିପାରନ୍ତି ବୋଲି ପାଶ୍ଚାତ୍ୟର ନେତାମାନଙ୍କ ମନରେ ଛନକା ପଶିଛି। ପ୍ରକାଶ ଯେ, ୧୯୪୫ ଅଗଷ୍ଟ ୬ରେ ଜାପାନର ହିରୋଶିମା ଉପରେ ଆମେରିକା ପ୍ରଥମ ପରମାଣୁ ବୋମା ପକାଇଥିଲା। ଏହାର ୩ ଦିନ ପରେ ନାଗାସାକିକୁ ଆଣବିକ ଅସ୍ତ୍ରରେ ଟାର୍ଗେଟ କରିଥିଲା। ପ୍ରଥମ ବୋମାକୁ 'ଲିଟିଲ୍ ବୟ' କୁହାଯାଇଥିବାବେଳେ ଦ୍ୱିତୀୟ ବୋମାକୁ 'ଫ୍ୟାଟ୍ ମ୍ୟାନ୍' ନାମକରଣ କରାଯାଇଥିଲା। ଏହି ଆକ୍ରମଣରେ ୩,୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ସେବେଠୁ ଅଦ୍ୟାବଧି କୌଣସି ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗ କରାଯାଇନାହିଁ। ପୁଟିନ୍ ପାଶ୍ଚାତ୍ୟକୁ ବାରମ୍ବାର ଅଣୁ ଅସ୍ତ୍ର ପ୍ରୟୋଗର ଧମକ ଦେଉଥିବାବେଳେ ଏହାର ପରିଣାମ ଭୟଙ୍କର ହେବ ବୋଲି ଆମେରିକା ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ଚେତାବନୀ ଦେଉଛି। ଏଭଳି ସମୟରେ ପୃଥିବୀ ନିଦ୍ରାବସ୍ଥାରେ ଆଣବିକ ଯୁଦ୍ଧ ଆଡ଼କୁ ଅଗ୍ରସର ହେଉଥିବା ନେଇ ମଣିଷ ଜାତିକୁ ସତର୍କ କରାଇଛି ପ୍ରଳୟର ପ୍ରତୀକାତ୍ମକ ଘଣ୍ଟା ଡୁମ୍ସଡେ କ୍ଲକ୍। ଆମେରିକା ଓ ରୁଷିଆ ମଧ୍ୟରେ ଆଣବିକ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ ହେବାର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୪୭ରେ ଡୁମ୍ସଡେ କ୍ଲକ୍ ପ୍ରତିଷ୍ଠା କରାଯାଇଥିଲା। ସେବେଠୁ ଅଦ୍ୟାବଧି ଏହାକୁ ୨୪ ଥର ରିସେଟ୍ କରାଗଲାଣି। ୭୫ ବର୍ଷ ମଧ୍ୟରେ ଏହି କ୍ଲକ୍ ୨୪ ଥର ଘୂରିଲାଣି। ଶୀତଳଯୁଦ୍ଧ ଶେଷ ହେବା ପରେ ୧୯୯୧ ଜାନୁୟାରୀ ମଧ୍ୟରାତ୍ରିରେ ଏହା ସବୁଠୁ ଅଧିକ ବେଗରେ ଗତି କରିଥିଲା।

ଡୁମ୍ସଡେ କ୍ଲକ୍ କ'ଣ

ଡୁମ୍ସଡେ କ୍ଲକ୍ ହେଉଛି ଖ୍ରୀଷ୍ଟିଆନ, ଇହୁଦୀ ଓ ଇସ୍‌ଲାମ ଧର୍ମଗ୍ରନ୍ଥରେ ଉଲ୍ଲିଖିତ ପୃଥିବୀର ଅନ୍ତ ଏବଂ ମଣିଷର ଶେଷ ବିଚାର ଦିନ। ଏହାକୁ କେହି କେହି 'ପ୍ରଳୟ ଦିବସ' ଭାବେ ମଧ୍ୟ ଅଭିହିତ କରିଥାଆନ୍ତି। ଡୁମ୍ସ କ୍ଲକ୍ ଏକ ପ୍ରତୀକ, ଯାହାକି ମଣିଷ ଦ୍ୱାରା ବିକଶିତ କାରିଗରି ପୃଥିବୀକୁ କେତେ ଧ୍ୱଂସାଭିମୁଖୀ କରାଉଛି ତାହା ଦର୍ଶାଇଥାଏ। ପ୍ରଳୟ ରାତିକୁ କେତେ ମିନିଟ ବାକି ଅଛି ସେନେଇ ଅଣଲାଭକାରୀ ସଙ୍ଗଠନ ଆଟମିକ୍ ସାଇଣ୍ଟିଷ୍ଟସ ଦ୍ୱାରା ପ୍ରତିବର୍ଷ ନିର୍ଦ୍ଧାରିତ ବୁଲେଟିନ୍ ମଣିଷ ଜାତିକୁ ପ୍ରତୀକାତ୍ମକ ଭାବେ ସତର୍କ କରାଇଥାଏ। ଧରାପୃଷ୍ଠରେ ଆମକୁ ତିଷ୍ଠିବାକୁ ହେଲେ ଆଣବିକ ଅସ୍ତ୍ର ପ୍ରୟୋଗଜନିତ ବିପଦକୁ ଏଡ଼ାଇବାକୁ ପଡ଼ିବ ବୋଲି ଡୁମ୍ସଡେ କ୍ଲକ୍ ସନ୍ଦେଶ ଦେଇଥାଏ।

ଡାକ୍ତରଙ୍କ ପାଇଁ ବଣ୍ଡ୍ ନୀତି ରଦ୍ଦ ଲାଗି ପ୍ରସ୍ତୁତି

ନୂଆଦିଲ୍ଲୀ,୬।୧୧(ପି.ଟି.)

ନ୍ୟାଶନାଲ ମେଡିକାଲ କମିଶନଙ୍କ ସୁପାରିସ୍ ଆଧାରରେ ଡାକ୍ତରମାନଙ୍କ ପାଇଁ ଥିବା ବଣ୍ଡ ନୀତି ରଦ୍ଦ କରିବା ଦିଗରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ଏଥିପାଇଁ ଗାଇଡ୍‌ଲାଇନ ବୃଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ବଣ୍ଡ୍ ପଲିସି ଅନୁଯାୟୀ ଡାକ୍ତରମାନେ ଶିକ୍ଷା ସମାପ୍ତି ପରେ ରାଜ୍ୟ ହସ୍ପିଟାଲରେ ନିର୍ଦ୍ଦିଷ୍ଟ ସମୟ ପାଇଁ ସେବା କରିବା ବାଧ୍ୟତାମୂଳକ ଥିଲା। ସରକାରୀ ହସ୍ପିଟାଲରେ ଚାକିରି ନ କଲେ ସେମାନଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅର୍ଥ ରାଜ୍ୟ କିମ୍ବା ମେଡିକାଲ କଲେଜକୁ ପୈଠ କରିବାକୁ ହେଉଥିଲା। ୨୦୧୯ ଅଗଷ୍ଟରେ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକର ଉକ୍ତ ବଣ୍ଡ୍ ପଲିସିକୁ କାଏମ ରଖିଥିଲେ ମଧ୍ୟ କେତେକ ରାଜ୍ୟ କଠୋର ସର୍ତ୍ତାବଳୀ ଲଗାଇଥିବା ଟିପ୍ପଣୀ ଦେଇଥିଲେ। କେନ୍ଦ୍ର ସରକାର ଏବଂ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ଡାକ୍ତରମାନଙ୍କ ବାଧ୍ୟତାମୂଳକ ସେବା ପାଇଁ ସମାନ ନୀତି ପ୍ରସ୍ତୁତ କରିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୨୦୧୯ରେ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟର ପ୍ରମୁଖ ଉପଦେଷ୍ଟା ଡ. ବି.ଡି. ଅଥାନିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ୨୦୨୦ ମେ'ରେ କମିଟି ରିପୋର୍ଟ ପ୍ରଦାନ କରିଥିଲା।

ସଂକ୍ଷେପରେ

ପାକ୍ ପୋଲିସ କ୍ୟାମ୍ପକୁ ୧୫୦ ଡକାୟତଙ୍କ ଟାର୍ଗେଟ: ୫ ମୃତ

କରାଚୀ,୬।୧୧(ଆଇଏଏନ୍‌ଏସ୍): ପାକିସ୍ତାନର ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ରୋଣ୍ଟି ଏବଂ ଘୋଟ୍‌କିରେ ଥିବା ପୋଲିସ କ୍ୟାମ୍ପ୍ ଉପରେ ୧୫୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ଡକାୟତ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୫ ପୋଲିସ ନିହତ ହେବା ସହ ୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଡିଏସ୍‌ପି ଏବଂ ଦୁଇଜଣ ଏସ୍‌ଏଚ୍‌ଓ ଅଛନ୍ତି। ଅପହୃତମାନଙ୍କୁ ଉଦ୍ଧାର କରିବା ଲାଗି କାଚା ଅଞ୍ଚଳରେ ପୋଲିସ କ୍ୟାମ୍ପ୍ ପକାଇ ତଲାସି ଅଭିଯାନ ଚଳାଇଥିଲା। ଆକ୍ରମଣ ପରେ ଡକାୟତ ଓ ପୋଲିସ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ଜାରି ରହିଥିଲା।

କ୍ରାଇମ୍ ସିରିଏଲ୍ ଦେଖି ପରିବାରର ୪ ଜଣଙ୍କୁ ହତ୍ୟାକଲେ ନାବାଳକ

ଅଗରତଲା,୬।୧୧: ତ୍ରିପୁରାର ଧଲାଇ ଜିଲା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୧୭ ବର୍ଷର ବାଳକ କୁରାଢ଼ିରେ ତାଙ୍କ ପରିବାରର ୪ ଜଣ ସଦସ୍ୟଙ୍କୁ ହତ୍ୟା କରିଛନ୍ତି। ପୋଲିସ ରବିବାର ସକାଳେ ଉକ୍ତ ନାବାଳକଙ୍କୁ ଗିରଫ କରିଛି। ଶନିବାର ବିଳମ୍ବିତ ରାତିରେ ଜେଜେବାପା, ମାଆ, ଭଉଣୀ ଏବଂ ଖୁଡ଼ୀ ଶୋଇଥିବାବେଳେ ଅଭିଯୁକ୍ତ ଜଣକ ସେମାନଙ୍କୁ ହତ୍ୟା କରି ମୃତଦେହଗୁଡ଼ିକୁ କୂଅରେ ଫିଙ୍ଗିଦେଇଥିଲେ। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଜାଣିବା ପାଇଁ ପୋଲିସ ତଦନ୍ତ ଚଳାଇଛି। ନାବାଳକ ଜଣକ ଅଧିକାଂଶ ସମୟରେ ଟେଲିଭିଜନରେ କ୍ରାଇମ ସିରିଏଲ୍ ଦେଖିଥାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୂର୍ବରୁ ସେ ନିଜ ଘରୁ ଚୋରି କରିଥିଲେ। ପରିବାର ସଦସ୍ୟଙ୍କୁ ହତ୍ୟା କଲାବେଳେ ସେମାନଙ୍କ ଚିତ୍କାର ଯେପରି କେହି ଶୁଣି ନ ପାରିବେ, ସେଥିପାଇଁ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ବଜାଇଥିଲେ।

ଅତିଥିଙ୍କ ଉପରକୁ ମାଡ଼ିଗଲା କାର୍: ୪ ମୃତ

ମାଡ୍ରିଡ୍, ୬।୧୧: ସ୍ପେନ୍‌ର ଟେରୋଜୋନ ଡେ ଅରଡେଜ୍‌ର ଏକ ରେଷ୍ଟୁରାଣ୍ଟରେ ରବିବାର ବିବାହ ସମାରୋହ ପାଇଁ ଅତିଥି ଜମା ହୋଇଥିବାବେଳେ ହଠାତ୍ ଏକ ଦ୍ରୁତଗାମୀ କାର୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ମାଡ୍ରିଡ୍ ଜରୁରୀକାଳୀନ ସେବା ମୁଖ୍ୟ କାର୍‌ଲୋସ ପୋଲୋ କହିଛନ୍ତି।

ପୂର୍ବତନ ଗୋଇନ୍ଦା ଅଧିକାରୀଙ୍କୁ ଗାଡ଼ି ମଡ଼ାଇ ହତ୍ୟା

ମହୀଶୂର,୬।୧୧: କର୍ନାଟକର ମହୀଶୂରରେ ଏକ ନମ୍ବରବିହୀନ କାର୍ ଧକ୍କାରେ ଜଣେ ପୂର୍ବତନ ଗୋଇନ୍ଦା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଜଣାପଡୁଥିବା ପୋଲିସ କହିଛି। ପୂର୍ବତନ ଗୋଇନ୍ଦା ଅଧିକାରୀ ଆର୍.କେ. କୁଲକର୍ଣ୍ଣି (୮୨) ଶୁକ୍ରବାର ସନ୍ଧ୍ୟାରେ ମହୀଶୂର ବିଶ୍ୱବିଦ୍ୟାଳୟର ମନସାଗଙ୍ଗୋତ୍ରୀ କ୍ୟାମ୍ପସରେ ଚଲାବୁଲା କରୁଥିବାବେଳେ ସମ୍ମୁଖରୁ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। କାର୍‌ର ନମ୍ବର ପ୍ଲେଟ୍ ନ ଥିଲା। ଏହା ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ପ୍ରଥମେ ପୋଲିସ ବିଶ୍ୱାସ କରୁଥିଲା। ତେବେ ସିସିଟିଭି ଫୁଟେଜ୍ ଅନୁଧ୍ୟାନ ପରେ ଯୋଜନାବଦ୍ଧ ଭାବେ ଧକ୍କା କରାଯାଇଥିବା ମହୀଶୂର ପୋଲିସ କମିଶନର ଚନ୍ଦ୍ରଗୁପ୍ତ କହିଛନ୍ତି।

ସୁଧୀର ସୁରୀ ହତ୍ୟା ମାମଲା: ତଦନ୍ତ କରିବ ଏସ୍‌ଆଇଟି

ଅମୃତସର,୬।୧୧: ଅମୃତସରରେ ଶିବସେନା ନେତା ସୁଧୀର ସୁରାଙ୍କ ଶେଷକୃତ୍ୟ ରବିବାର ସମ୍ପନ୍ନ ହୋଇଛି। ପ୍ରବଳ ଜନସମାଗମ ଯୋଗୁ ସୁରାଙ୍କ ଅନ୍ତିମ ଯାତ୍ରା ଶେଷକୃତ୍ୟ ସ୍ଥଳରେ ପହଞ୍ଚିବାକୁ ଦେଢ଼ ଘଣ୍ଟା ଲାଗିଯାଇଥିଲା। ଶୁକ୍ରବାର ଅମୃତସରର ଗୋପାଳ ମନ୍ଦିର ନିକଟରେ ସୁରାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଘଟଣାସ୍ଥଳରୁ ଗିରଫ ଅଭିଯୁକ୍ତ ସନ୍ଦିପ ସିଂ ଓରଫ ସନ୍ନୀଙ୍କୁ ୭ ଦିନ ପାଇଁ ପୋଲିସ ରିମାଣ୍ଡରେ ନେଇଛି। ହିନ୍ଦୁ ନେତା ହତ୍ୟାକାଣ୍ଡର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ଏସ୍‌ଆଇଟିରେ ଡିସିପି (ଡିଟେକ୍ଟିଭ୍), ଅତିରିକ୍ତ ଡିସିପି ରହିଛନ୍ତି।

ଭିକ୍ଟୋରିଆ ହ୍ରଦରେ ଖସିଲା ବିମାନ: ୧୯ ମୃତ

ଭିକ୍ଟୋରିଆ ହ୍ରଦରେ ଖସିପଡିଥିବା ବିମାନରୁ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି।

ଡାର୍ ଏସ୍ ସଲାମ,୬।୧୧

ଭିକ୍ଟୋରିଆ ହ୍ରଦରେ ରବିବାର ସକାଳେ ଏକ ଯାତ୍ରୀବାହୀ ବିମାନ ଖସିପଡ଼ିବାରୁ ୧୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବିମାନରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୨୬ ଜଣଙ୍କୁ ଉଦ୍ଧାର କରାଯାଇଛି। ବିମାନଟିର ଅଧିକାଂଶ ଭାଗ ପାଣିରେ ବୁଡ଼ିରହିଥିବା ଦେଖାଯାଇଛି। ଉପକୂଳ ସହର ଡାର୍ ଏସ୍ ସଲାମରୁ ଆସିଥିବା ବିମାନଟି ତାଞ୍ଜାନିଆର ବୁକୋବା ବିମାନବନ୍ଦରରେ ଅବତରଣ ଉଦ୍ୟମ କରୁଥିବାବେଳେ ଆଫ୍ରିକାର ସର୍ବବୃହତ୍ ହ୍ରଦରେ ଖସିପଡ଼ିଥିବା ଏୟାରଲାଇନ୍ସ କମ୍ପାନୀ ପେସିସନ୍ ଏୟାର ପକ୍ଷରୁ କୁହାଯାଇଛି। ଉଦ୍ଧାରକାରୀ ବୋଟ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିମାନଟି ୧୦୦ ମିଟର ଉଚ୍ଚରେ ଉଡୁଥିବାବେଳେ ସମସ୍ୟା ଦେଖାଦେଇଥିଲା। ସେହି ସମୟରେ ପ୍ରବଳ ବର୍ଷା ହେଉଥିବାରୁ ନିୟନ୍ତ୍ରଣ ହରାଇ ବିମାନ ହ୍ରଦରେ ଖସିପଡ଼ିଲା ବୋଲି କାଗେରା ପ୍ରୋଭିନ୍ସ ପୋଲିସ କମାଣ୍ଡର କହିଛନ୍ତି।

୮ରୁ ଇମ୍ରାନଙ୍କ ସରକାର ବିରୋଧୀ ପଦଯାତ୍ରା

ଇସ୍‌ଲାମାବାଦ,୬।୧୧

ପାକିସ୍ତାନ ସରକାରଙ୍କ ବିରୋଧରେ ଦୀର୍ଘ ଶୋଭାଯାତ୍ରାରେ ବାହାରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପଞ୍ଜାବ ପଦେଶର ୱଜିରାବାଦରେ ଆତତାୟୀଙ୍କ ଗୁଳିରେ ଗୁରୁତର ଆହତ ହୋଇଥିଲେ। ସେ ଆସନ୍ତା ମଙ୍ଗଳବାର ସେହି ସ୍ଥାନରୁ ତାଙ୍କ ଦୀର୍ଘ ଯାତ୍ରା ପୁନର୍ବାର ଆରମ୍ଭ କରିବାକୁ ଯାଉଛନ୍ତି। ଲାହୋରରେ ଏକ ଖବରଦାତା ସମ୍ମିଳନୀରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ନେତା ଏହି ସୂଚନା ଦେଇଛନ୍ତି। ସେ ଲାହୋରରେ ଲଙ୍ଗ୍ ମାର୍ଚ୍ଚକୁ ସମ୍ବୋଧିତ କରିବେ ଏବଂ ଆଗାମୀ ୧୦ରୁ ୧୪ ଦିନ ମଧ୍ୟରେ ଏହା ରାଓ୍ୱଲପିଣ୍ଡିରେ ପହଞ୍ଚିବ। ସୂଚନାଯୋଗ୍ୟ, ଗତ ଗୁରୁବାର ୱଜିରାବାଦରେ ଲଞ୍ଚ ମାର୍ଚ୍ଚ ବେଳେ ଗୁଳିକାଣ୍ଡ ହେବାରୁ ଇମ୍ରାନଙ୍କ ସମେତ ୧୨ ଜଣ ଆହତ ହୋଇଥିବାବେଳେ ମୋଆଜାମ୍ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସେ ୩ ଦିନ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ରବିବାର ଘରକୁ ଫେରିଛନ୍ତି।

ମହାକାଶକୁ ମାଙ୍କଡ଼ ପଠାଇବ ଚାଇନା



ବେଜିଂ, ୬।୧୧

ଉଦ୍ୟୋଗ ଓ ଟେକ୍ନୋଲୋଜି କ୍ଷେତ୍ରରେ ଆଗୁଆ ଥିବା ଚାଇନା ମହାକାଶ ଗବେଷଣା କ୍ଷେତ୍ରରେ ମଧ୍ୟ କୌଣସିମତେ ପଛୁଆ ନୁହେଁ। ଚାଇନା ବୈଜ୍ଞାନୀମାନେ ନୂଆକରି ଲଞ୍ଚ କରିଥିବା ଟିଆଙ୍ଗୋଙ୍ଗ୍ ସ୍ପେସ୍ ଷ୍ଟେଶନରେ ମହାକାଶକୁ ମାଙ୍କଡ଼ ପଠାଇବା ନେଇ ଯୋଜନା କରୁଛନ୍ତି। ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତିରେ ମାଙ୍କଡ଼ମାନେ କିଭଳି ଜୀବନଯାପନ କରିବେ ଏବଂ ସେଠାରେ ସେମାନଙ୍କ ପ୍ରଜନନ କ୍ଷମତା କିପରି ରହିବ ସେ ଦିଗରେ ଗବେଷଣା କରାଯିବ। ମହାକାଶରେ ଜୀବ ବିଜ୍ଞାନ ଉପରେ ଅଧ୍ୟୟନ ଏହାର ମୁଖ୍ୟ କାରଣ ବୋଲି ରିସର୍ଚ୍ଚ ମୁଖ୍ୟ ଝାଙ୍ଗ ଲୁ କହିଛନ୍ତି। ପୂର୍ବଦିନରେ ମାଛ ଓ ଗେଣ୍ଡାକୁ ନେଇ ଏଦିଗରେ ଗବେଷଣା କରାଯାଇଛି। ଏହାଦ୍ୱାରା ମହାକାଶ ବାତାବରଣ ବିଷୟରେ ଅଧିକ ତଥ୍ୟ ହସ୍ତଗତ କରାଯାଇପାରିବ। ଅନ୍ୟପକ୍ଷେ ଜୀବମାନଙ୍କ ଶରୀର ଆକାରକୁ ନେଇ ସ୍ପେସ୍‌ରେ ଜୀବ ବିଜ୍ଞାନ ଅଧ୍ୟୟନ ଉପରେ ଅଧିକ ରିସର୍ଚ୍ଚ ସମ୍ଭବପର । ମାଙ୍କଡ଼ ଓ ମନୁଷ୍ୟ ପ୍ରକୃତିରେ ଅନେକ ସାମଞ୍ଜସ୍ୟ ରହିଥିବାରୁ ଏହି ଗବେଷଣା ଲାଭଦାୟକ ହେବ ବୋଲି ସିଙ୍ଘୁଆ ୟୁନିଭର୍ସିଟିର ପ୍ରଫେସର୍ କେହକୁଇ କି ମତ ପ୍ରକାଶ କରିଛନ୍ତି।

ଜୈବ ବିଜ୍ଞାନ ସମ୍ବନ୍ଧୀୟ ଅଧ୍ୟୟନ ଜାରି

'ଏନ୍‌ଡିଏ ଶାସନରେ ସର୍ବାଧିକ ବେରୋଜଗାରି, ଦରଦାମ୍ ଅନିୟନ୍ତ୍ରିତ'

୬୦ ଦିନରେ ରାହୁଲଙ୍କ ଭାରତ ଯୋଡ଼ୋ ଯାତ୍ରା

ହାଇଦ୍ରାବାଦ,୬।୧୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ରବିବାର ୬୦ ଦିନ ଅତିକ୍ରମ କରିଛି। ୬୦ତମ ଦିନରେ ରାହୁଲ ରବିବାର ସକାଳେ ତେଲଙ୍ଗାନାର ମେଡକ ଜିଲା ଅନ୍ତର୍ଗତ ଆଲ୍ଲାଦୁର୍ଗରେ ପଦଯାତ୍ରା କରିଥିଲେ। ଏହି ଅବସରରେ ସେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ୨୦୧୪ରେ କ୍ଷମତାକୁ ଆସିବା ପରେ ଦେଶରେ ବେରୋଜଗାରୀ ଓ ଦରଦାମ୍ ବୃଦ୍ଧି ବେଲଗାମ ଭାବେ ବଢ଼ିଚାଲିଥିବା କଂଗ୍ରେସ ନେତା କହିଛନ୍ତି।

ମେଡକ ଜିଲାରେ ଏକ ପଥପ୍ରାନ୍ତ ସଭାରେ ରାହୁଲ କହିଥିଲେ, ଏନ୍‌ଡିଏ ସରକାର ଭେଲ୍ ଏବଂ ରେଲ୍‌ୱେ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରୁଥିବା ରାହୁଲ ଅଭିଯୋଗ କରିଛନ୍ତି। ଯେତେବେଳେ ସେ ଯୁବବର୍ଗଙ୍କୁ ଭେଟୁଛନ୍ତି,

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୬୩,୭୬,୯୫,୮୮୪	୬୬,୦୫,୪୬୪	୬୧,୭୨,୧୫,୯୭୦
ଭାରତ	୪,୪୬,୬୦,୫୭୯	୫,୩୦,୫୦୦	୪,୪୧,୧୫,୨୪୦
ଓଡ଼ିଶା	୧୩,୩୬,୨୬୧	୯୨୦୪(+୫୩)	୧୩,୨୬,୮୪୦

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ସମୁଦ୍ର ବେଳାଭୂମିରୁ ମୃତ ଡଲ୍‌ଫିନ ଠାବ

ମୃତ ଡଲ୍‌ଫିନ

ପାରାଦୀପ,୬।୧୧(ସ୍ୱ.ପ୍ର.)

ପାରାଦୀପ ସମୁଦ୍ର ବେଳାଭୂମିର ହନୁମାନ ମନ୍ଦିର ସୀମାରେ ରବିବାର ଏକ ମୃତ ଡଲ୍‌ଫିନ ଠାବ ହୋଇଛି। ଏହା ବଟଲନୋଜ ପ୍ରଜାତିର ଡଲ୍‌ଫିନ। ଏହାର ବୟସ ୨ ବର୍ଷ ୬ମାସ, ଓଜନ ୨୦ କେଜି, ଲମ୍ବା ୩ ଫୁଟ୍ ୫ ଇଞ୍ଚ, ଗୋଲେଇ ୨ ଫୁଟ ୫ ଇଞ୍ଚ ବୋଲି କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କହିଛନ୍ତି। ବିଶ୍ୱଜିତ ସାମଲ ନାମକ ଯୁବକ ସମୁଦ୍ର କୂଳରେ ବୁଲିବା ବେଳେ ମୃତ ଡଲ୍‌ଫିନ୍‌କୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ଏହାପରେ ବନବିଭାଗ ଉକ୍ତ ଡଲ୍‌ଫିନକୁ ବ୍ୟବଚ୍ଛେଦ କରି ପୋତି ଦେଇଛି ବୋଲି ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୧ରୁ ସମୁଦ୍ର ଉପକୂଳ ସୀମାରେ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ସାମୁଦ୍ରିକ କଟକଣା ଲାଗୁ କରାଯାଇଛି। ଏହି ସମୟରେ ମୃତ ଡଲ୍‌ଫିନ ମିଳିବା ଚର୍ଚ୍ଚାର ବିଷୟ ପାଲଟିଛି।

ପଞ୍ଚକର ତୃତୀୟ ଦିବସରେ ରବିବାର ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ତ୍ରିବିକ୍ରମ ବେଶ ଦର୍ଶନ ପାଇଁ ସିଂହଦ୍ୱାରଠାରୁ ଟାଉନ୍ ଥାନା ସମ୍ମୁଖ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି।

ତ୍ରିବିକ୍ରମ ବେଶରେ ଦାରୁଦିଅଁ

ପୁରୀ ଅଫିସ, ୬।୧୧

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ତଥା ପଞ୍ଚକର ତୃତୀୟ ଦିବସରେ ରବିବାର ଶ୍ରୀମନ୍ଦିରରେ ଦାରୁଦିଅଁ ଆଡ଼କିଆ ବା ତ୍ରିବିକ୍ରମ ବେଶରେ ଦର୍ଶନ ଦେଇଛନ୍ତି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ଏହି ବେଶ ସମ୍ପାଦନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲାଗି କରାଯିବା ସହ ଚୂଳରେ ସ୍ୱର୍ଣ୍ଣନିର୍ମିତ କିଆ ଆଡ଼ବାଗରେ ଖୋଷାଯାଇଥିଲା। ଦେବୀ ସୁଭଦ୍ରା ଓ ଦୁଇ ଠାକୁରଙ୍କ ମସ୍ତକର ଶୀର୍ଷ ଭାଗରେ ସ୍ୱର୍ଣ୍ଣଚନ୍ଦ୍ରିକା ଖଞ୍ଜାଯାଇଥିଲା। ଏଥିସହ ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର, ହଳ, ମୁଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଇତ୍ୟାଦିରେ ଠାକୁରମାନଙ୍କୁ ସଜ୍ଜିତ କରାଯାଇଥିଲା। ଏହି ଦୁର୍ଲଭ ବେଶ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା।

କଥିତ ଅଛି, ମହନ୍ତ ମହାରାଜ ରାମଜୟନ୍ତୀ ଦାସଙ୍କ ଦ୍ୱାରା ଏହି ବେଶର ପ୍ରଚଳନ ହୋଇଥିଲା। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ସୁନାକିଆ ଆଡ଼ବାଗରେ ଖୋଷାଯାଇଥିଲା। ଚୂଳ ଶେଷରେ ସୁନାଚନ୍ଦ୍ରିକା ଲଗାଯାଇଥିଲା। ସୁଭଦ୍ରାଙ୍କୁ ସ୍ୱର୍ଣ୍ଣଚନ୍ଦ୍ରିକା ଦ୍ୱାରା ଶୋଭିତ କରାଯାଇଥିଲା। ତାଙ୍କ ମସ୍ତକରେ ଚୂଳ ଲାଗି କରା ନ ଯାଇ ସୁନା କିରୀଟ ଲଗାଯାଇଥିଲା। ଅନ୍ୟ ଅଳଙ୍କାର, ମାଳି, ଶ୍ରୀପୟର, ଶ୍ରୀହସ୍ତ ଓ ଆୟୁଧ ଲାଗି କରାଯାଇଥିଲା।

୮.୨୧ ଲକ୍ଷ ଠକେଇ, ଯୁବକ ଗିରଫ

ମଙ୍ଗୁଳି, ୬।୧୧(ଡି.ଏନ୍.ଏ.): ଠକେଇ ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତ୍‌ପୁର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ଗ୍ରାମର ସାହାବାଦ ଆଲାମ ଖାନ୍। ଦିଲୀପ କୁମାର ମୋଦକଙ୍କର ଭୁବନେଶ୍ୱରରେ ଏକ କମ୍ପାନୀ ରହିଛି। ତାଙ୍କ କମ୍ପାନୀ ପାଇଁ ସ୍କ୍ରାପ ଆବଶ୍ୟକ ଥିବାରୁ ଗତ ୩୦ ତାରିଖରେ ସାହାବାଦ ତାଙ୍କୁ ଜଗତ୍‌ପୁରସ୍ଥିତ ଏକ କମ୍ପାନୀକୁ ନେଇ ସ୍କ୍ରାପ ଦେଖାଇଥିଲେ। ଦିଲୀପ କିଣିବା ପାଇଁ ରାଜି ହୋଇଥିଲେ। ଏଥିପାଇଁ କିଛି ଟଙ୍କା ଗୋଦାମ ମାଲିକଙ୍କୁ ଆଡ୍‌ଭାନ୍ସ ଦେଇଥିଲେ। ବାକି ୮ଲକ୍ଷ ୨୧ହଜାର ଟଙ୍କା ୩୧ ତାରିଖରେ ଦେବି ବୋଲି କହି ଆସିଥିଲେ। ହେଲେ ୩୧ ତାରିଖରେ ସାହାବାଦ ଦିଲୀପଙ୍କ ନିକଟରେ ପହଞ୍ଚି ସ୍କ୍ରାପ ବୋଝେଇ ଟ୍ରକ୍ ବାଟରେ ଅଛି କହି ବାକି ୮ଲକ୍ଷ ୨୧ହଜାର ଟଙ୍କା ତାଙ୍କଠାରୁ ନେଇ ଆସିଥିଲେ। ଦିଲୀପଙ୍କ ନିକଟରେ ମାଲ୍ ବୋଝେଇ ଟ୍ରକ ନ ପହଞ୍ଚିବାରୁ ସେ ଗୋଦାମ ମାଲିକଙ୍କୁ ଏ ବାବଦରେ ପଚାରିଥିଲେ। ଗୋଦାମ ମାଲିକ କହିଥିଲେ,ସେ କୌଣସି ବାକି ଟଙ୍କା ପାଇନାହାନ୍ତି। ସେଥିଲାଗି ଟ୍ରକ୍ ଗୋଦାମରୁ ଯାଇନାହିଁ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୭୩/୨୨)ରୁଜୁ କରିଥିଲା।

ବିଫଳ ହୋଇଛି ବିମୁଦ୍ରୀକରଣ

ଲୋକଙ୍କ ହାତରେ ୩୦.୮୮ ଲକ୍ଷ କୋଟି ନଗଦ ରାଶି

ଲୋକଙ୍କ ପାଖରୁ ନଗଦ ଟଙ୍କା ଛଡ଼ାଇ ନେଇ କ୍ୟାଶଲେସ୍ ଟ୍ରାଞ୍ଜାକ୍ସନର ସ୍ୱପ୍ନ ଦେଖାଇଥିବା କେନ୍ଦ୍ର ସରକାର ଏବେ ବାସ୍ତବତାକୁ ଅନୁଭବ କରିବାର ସମୟ ଆସିଯାଇଛି। ବିମୁଦ୍ରୀକରଣକୁ ୬ବର୍ଷ ପୂରିବାକୁ ଆଉ ଗୋଟେ ଦିନ ବାକି ଥିବାବେଳେ ଭାରତୀୟଙ୍କ ପାଖରେ ନଗଦ ରାଶି ୩୦.୮୮ଲକ୍ଷ କୋଟି ଟଙ୍କା ଥିବା ଜଣାପଡ଼ିଛି, ଯାହାକି ୨୦୧୬ ନଭେମ୍ବର ୪ରେ ହୋଇଥିବା ଆକଳନ ଠାରୁ ୭୧.୮୪% ଅଧିକ।

ମୁମ୍ବାଇ,୬।୧୧

କଳାଧନ ଓ ଦୁର୍ନୀତି ରୋକିବା ସହ ନଗଦ ଅର୍ଥ କାରବାର ହ୍ରାସ ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିଥିଲେ। ସେତେବେଳେ ଦେଶରେ ପ୍ରଚଳିତ ସମସ୍ତ ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦିଆଯାଇଥିଲା। ତେବେ ଯେଉଁ ଲକ୍ଷ୍ୟ ନେଇ ସରକାର ଏଭଳି ଏକ ଦୁଃସାହସିକ ପଦକ୍ଷେପ ନେଇଥିଲେ, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିମୁଦ୍ରୀକରଣକୁ ୬ ବର୍ଷ ପୂରୁଥିବାବେଳେ ଲୋକଙ୍କ ହାତରେ ନଗଦ ଅର୍ଥରାଶି ପରିମାଣ ସର୍ବାଧିକ ୩୦.୮୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୬ ନଭେମ୍ବର ୪ ବେଳକୁ ଦେଶରେ ଯେତିକି ନଗଦ ଅର୍ଥ କାରବାର ହେଉଥିଲା, ତାହା ତୁଳନାରେ ବର୍ତ୍ତମାନର ନଗଦ ଅର୍ଥରାଶି ପରିମାଣ ୭୧.୮୪ ପ୍ରତିଶତ ଅଧିକ। ତେଣୁ ନଗଦ ଅର୍ଥ କାରବାର ଏବେବି ବଢ଼ିଚାଲିଥିବା ଏଥିରୁ ସ୍ପଷ୍ଟ ହୋଇଛି। ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ମୁଦ୍ରା ଯୋଗାଣ ତଥ୍ୟ ଅନୁଯାୟୀ ଅକ୍ଟୋବର ୨୧ରେ ଦେଶବାସୀଙ୍କ ପାଖରେ ନଗଦ ଅର୍ଥ ପରିମାଣ ୩୦.୮୮ ଲକ୍ଷ କୋଟି ଟଙ୍କା

ଥିଲା। ୨୦୧୬ ନଭେମ୍ବର ୪ରେ ଦେଶରେ କାରବାର ହେଉଥିବା ମୁଦ୍ରା ପରିମାଣ ୧୭.୭ ଲକ୍ଷ କୋଟି ଟଙ୍କା ଥିଲା। ଲୋକଙ୍କ ହାତରେ ଥିବା ନୋଟ୍ ଏବଂ କଏନ୍‌କୁ ସେମାନେ ଦ୍ରବ୍ୟ ଓ ସେବା କିଣାକିଣିରେ ବ୍ୟବହାର କରିଥାନ୍ତି। ମୋଟ୍ ପ୍ରଚଳିତ ମୁଦ୍ରାରୁ ବ୍ୟାଙ୍କ ପାଖରେ ଥିବା ଅର୍ଥକୁ ବାଦ୍ ଦେଲେ ଅବଶିଷ୍ଟ ହେଉଛି ଲୋକଙ୍କ ହାତରେ ଥିବା ନଗଦ ରାଶି। ଅର୍ଥ ପୈଠର ଡିଜିଟାଲ ବିକଳ୍ପ ଲୋକପ୍ରିୟ ଏବଂ ସହଜ ହୋଇଥିଲେ ମଧ୍ୟ ନଗଦ କାରବାର କ୍ରମାଗତ ଭାବେ ବଢ଼ିଚାଲିଛି। କୋଭିଡ୍ ମହାମାରୀ ବେଳେ ଡିଜିଟାଲ ମୋଡ୍‌ରେ ଅର୍ଥ କାରବାର ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଥିଲେ। ଏହା ସତ୍ତ୍ୱେ ନଗଦ କାରବାର ବିଶେଷ ପ୍ରଭାବିତ ହୋଇପାରି ନାହିଁ। ସେହି ସମୟରେ କାରବାର ହେଉଥିବା ମୁଦ୍ରା ଏବଂ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅନୁପାତ ମୋଟାମୋଟି ଆର୍ଥିକ ଅଭିବୃଦ୍ଧି ସହ ବଢ଼ିଚାଲିଥିଲା। ବିମୁଦ୍ରୀକରଣ ପରେ ଡିଜିଟାଲ କାରବାର ଉଲ୍ଲେଖନୀୟ ଭାବେ ବଢ଼ିଥିଲେ ମଧ୍ୟ ଜିଡିପି ସହ ଏହାର ଅନୁପାତ ପାରମ୍ପରିକ ଭାବେ କମ୍ ରହିଆସିଛି। ଦୀପାବଳି ସପ୍ତାହରେ କାରବାର ହେଉଥିବା ମୁଦ୍ରା ପରିମାଣ ୭,୬୦୦ କୋଟି ଟଙ୍କା ହ୍ରାସ ପାଇଥିବା ନିକଟରେ ଏସ୍‌ବିଆଇର ଅର୍ଥନୀତିଜ୍ଞମାନେ କହିଥିଲେ। ୨୦୦୯ ପାର୍ବଣ ଋତୁର କାରବାରକୁ ବାଦ୍ ଦେଲେ ପାଖାପାଖି ୨ ଦଶନ୍ଧି ମଧ୍ୟରେ ଏହା ପ୍ରଥମ ହ୍ରାସ ବୋଲି ବିଶେଷଜ୍ଞମାନଙ୍କ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଥିଲା।

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

TUSHI MOTORS
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.

ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.

JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

*Offer includes consumer offer, exchange bonus, institutional offer or rural offer, Gold voucher and spot booking offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. #Test result of Rule 115 of CMVR, 1989. (CMVR is an acronym for Central Motor Vehicles Rules, 1989). Mileage mentioned is for Vxi(O) AGS & Vxi+ (O) AGS. **For details on functioning of safety features including Air Bag, kindly refer to the Owner's Manual. Creative Visualization. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th November, 2022.

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଆଜି ରାତିରେ ହେବ ମହାପ୍ରଭୁଙ୍କ ସୁନାବେଶ

ପୁରୀ ଅଫିସ, ୬।୧୧

ଆସନ୍ତା ୮ତାରିଖ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମାରେ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ପଡୁଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ୭ତାରିଖ ସୋମବାର ରାତି ୧୨ଟା ୧୦ରେ ଦ୍ୱାର ଫିଟାଯାଇ ରାତି ୨ଟା ୩୦ ସୁଦ୍ଧା ମହାପ୍ରଭୁଙ୍କ ସୁନାବେଶ ବା ରାଜାଧିରାଜ ବେଶ ସରିବ। ୮ତାରିଖ ଅର୍ଥାତ ମଙ୍ଗଳବାର ସକାଳ ୫ଟା ୫୦ ସୁଦ୍ଧା ଭୋଗ ମଣ୍ଡପ ଶେଷ କରାଯିବ। ଅପରାହ୍ନ ୨ଟା ୩୮ ମିନିଟ୍ ୧୪ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଭୋଗନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ୮ତାରିଖ ଭୋର ୫ଟା ୫୪ ମିନିଟ ୫୩ ସେକେଣ୍ଡରୁ ପାକତ୍ୟାଗ ଓ ଦେବନୀତି ନିଷେଧ ହେବ। ସୋମବାର ରାତି ୧୨ଟା ୧୦ରେ ଦ୍ୱାରଫିଟାଠାରୁ ମଙ୍ଗଳବାର ସକାଳ ୫ଟା ୫୦ ମିନିଟରେ ଭୋଗମଣ୍ଡପ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

ସେମିରେ ଭାରତ...

ଭାରତ କେବଳ ସେମିଫାଇନାଲରେ ସ୍ଥାନ ପକ୍କା କରିନାହିଁ ଅଧିକନ୍ତୁ ଗ୍ରୁପ୍-୨ରେ ଶୀର୍ଷସ୍ଥାନ ହାସଲ କରିଛି। ତେଣୁ ଗ୍ରୁପ୍-୧ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଇଂଲଣ୍ଡକୁ ଦ୍ୱିତୀୟ ସେମିଫାଇନାଲରେ ଭେଟିବ। ଆସନ୍ତା ଗୁରୁବାର ଆଡିଲେଡ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଗ୍ରୁପ୍-୧ ଟପ୍ପର ନ୍ୟୁଜିଲାଣ୍ଡ ଓ ଗ୍ରୁପ୍-୨ ଦ୍ୱିତୀୟ ସ୍ଥାନୀୟ ଦଳ ପାକିସ୍ତାନ ମଧ୍ୟରେ ପ୍ରଥମ ସେମିଫାଇନାଲ ବୁଧବାର ସିଡ୍‌ନୀରେ ଖେଳାଯିବ। ୨୦୦୭ରେ ଚାମ୍ପିୟନ ଓ ୨୦୧୪ରେ ରନରଅପ୍ ହୋଇଥିବା ଭାରତ ଶେଷଥର ପାଇଁ ୨୦୧୬ରେ ସେମିଫାଇନାଲ ଖେଳିଥିଲା। ୨୦୨୧ରେ ରାଉଣ୍ଡ-୨ରୁ ବିଦାୟ ନେଇଥିଲା। ତେଣୁ ଗୋଟିଏ ସଂସ୍କରଣ ବ୍ୟବଧାନରେ ପୁଣି ସେମିଫାଇନାଲ ଖେଳିବାକୁ ଯାଉଛି ଟିମ୍ ଇଣ୍ଡିଆ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ଅଧିନାୟକ ରୋହିତ ଶର୍ମା (୧୬ ରନ୍) ଯଦିଓ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ ତେବେ ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଷ୍ଟ୍ରୋକ୍‌ପୂର୍ଣ୍ଣ ଅର୍ଦ୍ଧଶତକ ଏବଂ ବିରାଟ କୋହଲିଙ୍କ ଉପଯୋଗୀ ୨୬ ରନ୍ ବଳରେ ଏକ ଚ୍ୟାଲେଞ୍ଜିଂ ସ୍କୋର କରିବାରେ ସକ୍ଷମ ହୋଇଥିଲା ଦଳ। ରାହୁଲ ୩୫ ବଲ୍‌ରୁ ୫୧ (୩ ଚୌକା, ୩ ଛକା)ରନ୍ କରି ଆଉଟ୍ ହୋଇଥିବାବେଳେ ସୂର୍ଯ୍ୟକୁମାର ମାତ୍ର ୨୫ଟି ବଲ୍ ଖେଳି ୬ ଚୌକା ଓ ୪ ଛକା ସହାୟତାରେ ୬୧ ରନ୍ କରି ଅପରାଜିତ ରହିଥିଲେ। ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ସୁଯୋଗ ପାଇଥିବା ରିଷଭ ପନ୍ତ ମାତ୍ର ୩ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୮ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଜିମ୍ବାୱେ ପକ୍ଷରୁ ସିଅନ ୱିଲିୟମ୍ସ ୨ଟି ଏବଂ ରିଚାର୍ଡ ଏନ୍‌ଗରଭା, ବ୍ଲେସିଂ ମୁଜାରବାନି ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ଜିମ୍ବାୱେ ଇନିଂସ୍ ଆରମ୍ଭରୁ ହଡ଼ବଡ଼େଇ ଯାଇଥିଲା। ଭାରତର ୩ ପେସର ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ମହମ୍ମଦ ଶାମି ଏବଂ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଜିମ୍ବାୱେର ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ଲୋୟର ଅର୍ଡରରେ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ରଭାବୀ ରହିଥିଲେ। ଅଶ୍ୱିନ ୨୨ ରନ୍‌ରେ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଶାମି ଓ ହାର୍ଦ୍ଦିକଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଗୋଟିଏ ଉଇକେଟ ନେଇଥିଲେ ହେଁ ଅର୍ଶଦୀପ ୨ ଓଭରରେ ମାତ୍ର ୯ ଏବଂ ଭୁବନେଶ୍ୱର ୩ ଓଭରରେ ୧୧ ରନ୍ ବ୍ୟୟ କରିଥିଲେ। ଜିମ୍ବାୱେ ପକ୍ଷରୁ ର୍ୟାନ୍ ବୁର୍ଲ ସର୍ବାଧିକ ୩୫ ଓ ସିକନ୍ଦର ରାଜା ୩୪ ରନ୍ କରିବାକୁ ସକ୍ଷମ ହୋଇଥିଲେ।

ପ୍ରଥମ ପୃଷ୍ଠାରୁ...

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆଜି ରାଶିରେ ଚନ୍ଦ୍ର ସହ ରାହୁଙ୍କ ଅବସ୍ଥାନ କାରଣରୁ ପାରିବାରିକ ଅଶାନ୍ତି ଦେଖାଦେଇପାରେ। ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦର ସମ୍ମୁଖୀନ ହୋଇପାରନ୍ତି। ପୂର୍ବରାଗକୁ ସ୍ମରଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ପଡ଼ୋଶୀଙ୍କ ସହାନୁଭୂତି ଓ ସାହାଯ୍ୟ କେତେକାଂଶରେ ସ୍ଥିତିକୁ ସୁଧାରିପାରେ।

ବୃଷ
ସ୍ୱଗୃହୀ ଶୁକ୍ର ପ୍ରଭାବରୁ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

ମିଥୁନ
ଲାଭାଧିପ ମଙ୍ଗଳ ରାଶିରେ ରହି ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରାଇବେ। ବିବାଦୀୟ ଘଟଣାକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ବାଧ୍ୟବାଧକତାରେ କେତେକ କାମ କରିବାକୁ ବାଧ୍ୟ ହେବେ। ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

କର୍କଟ
ରାଶ୍ୟାଧିପତିଙ୍କ କର୍ମଭାବ ସଂସ୍ଥାନରୁ ଅର୍ଥ ଓ ସମ୍ମାନ ଲାଭ କରି ଉତ୍‌ଫୁଲ୍ଲିତ ହେବେ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। କେତେକ ଅନୁଚିତ କାମ ସକାଶେ ନିଜ ପରିସରର ବ୍ୟକ୍ତିବିଶେଷ ସମାଲୋଚନା କରିପାରନ୍ତି।

ସିଂହ
ରବିଙ୍କ ନୀଚତ୍ୱ କାରଣରୁ ସ୍ୱାସ୍ଥ୍ୟ ବିଗିଡ଼ିବା ସମ୍ଭାବନା ରହିଛି। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ।

କନ୍ୟା
ରାହୁଙ୍କ କୁଦୃଷ୍ଟି ହେତୁ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସୁଯୋଗର ସଦ୍‌ବ୍ୟବହାର କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପୁରାତନ ଜିନିଷ ବିକ୍ରୟକରି ଅର୍ଥ ପାଇବେ କିନ୍ତୁ ଅନ୍ୟ ମାଧ୍ୟମରେ ଏହା ସମ୍ପନ୍ନ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

ତୁଳା
ଚତୁର୍ଥସ୍ଥ ଶନି ହେତୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ତର୍କବିତର୍କ କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ଆଜିର ଫେରନ୍ତା ରାସ୍ତାରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ପ୍ରତ୍ୟେକ କ୍ଷେତ୍ରରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

ବିଛା
ବକ୍ରୀ ମଙ୍ଗଳଙ୍କ ସୁପ୍ରଭାବରେ କୂଟନୈତିକ କାର୍ଯ୍ୟାନୁସରଣରେ ସାମାଜିକ ପ୍ରତିଷ୍ଠା ବଢ଼ିବ। ସମସ୍ୟା ଜଡିତ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ଉଚ୍ଚବର୍ଗଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି। ମିତ୍ର, ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

ଧନୁ
ବକ୍ରୀ ବୃହସ୍ପତିଙ୍କ କେନ୍ଦ୍ରାଧିପତିତ୍ୱ ଦୋଷରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବାର ସମ୍ଭାବନା ରହିଛି। ସମସ୍ୟା ଲାଗି ରହିବା କାରଣରୁ ସହଜରେ କାମ ହାସଲ ହେବା କଷ୍ଟକର ହେବ। ଆର୍ଥିକ ସ୍ଥିତି ଭଲ ଥିଲେ ମଧ୍ୟ ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ।

ମକର
ଚତୁଃଗ୍ରହ ଦ୍ୱାରା ରାଜଯୋଗ କାରଣରୁ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସଭାସମିତି, ସଂଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବାର ଅନୁଭବ କରିବେ। ତଥାପି ସାମୟିକ ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

କୁମ୍ଭ
ସ୍ୱଗୃହରୁ ଷଷ୍ଠସ୍ଥ ଶୁକ୍ର ହେତୁ ବିଭିନ୍ନ ପ୍ରକାର ପାରିବାରିକ ବିଷୟକୁ ନେଇ ମନ ଭାରାକ୍ରାନ୍ତ ରହିବ। ଶିକ୍ଷାକ୍ଷେତ୍ର,ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

ମୀନ
ଦୁଃସ୍ଥାନସ୍ଥ ଏକାଧିକ ଗ୍ରହ କାରଣରୁ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

ଆଜି ନଭେମ୍ବର ୭ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଦିବା ଘ୦୪/୧୬ ଗତେ, ପୂର୍ଣ୍ଣମୀ, ଶ୍ରୀମନ୍ଦିରରେ ଲକ୍ଷ୍ମୀନୃସିଂହ ବା ଡାଳକିଆ ବେଶ, କେଦାରବ୍ରତ, ପୂର୍ଣ୍ଣମୀ ବିହିତ ଉପବାସ, ବୈଜ୍ଞାନିକ ସି.ଭି. ରମଣଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୫୪ ଗତେ, ଘ.୦୭/୧୮ ମଧ୍ୟେ, ଘ.୦୮/୫୩ ଗତେ, ଘ.୧୧/୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭/୧୮ ଗତେ, ଘ, ୦୮/୪୨ ମଧ୍ୟେ ରାହୁ କାଳ।

classifieds Everyday 0674-2580101, 2549302

real estate

healthcare

SALE

Gharabari plot sale. Jhintisasan, Balakati, 8700 sqft., road side. 6372755567. D-1912

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1883

Bhubaneswar Old Town Keutasahi Chhakaରେ 2BHK flat ବିକ୍ରିହେବ। First Floor immediate sale, fully furnished, contact: 8895308301, 8895748762. D-71858

Duplex sale at Bhubaneswar @45 lakhs only- 9777433701, 9439206202. D-74144

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

6BHK Triplex 56,000/- finishing Hanspal, 3BHK Duplex core house Balianta. 8093465134. D-1925

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166. D-74142

to-let

3Bedrooms with 2Toilets, Dining and Drawing, Balcony and Kitchen for Tolet, IRC Village, Nayapalli, Bhubaneswar. Contact No.- 7381035667. D-73890

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

Newly open health benefits SPA Diwali Offer @999/- Jaidevbihar, 9439676695. D-73656

Relax, Refresh your body, Mind at Saikrupa Spa with best therapies. 8984068077. D-1863

education

Practitioners Registration- BAMS, BHMS, BUMS, D.Pharma, GNM.9893869473. D-1915

astrology

ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

Ph.D Award

ଗବେଷିକା ଲିପ୍‌ସା ଦାଶ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗୃହବିଜ୍ଞାନରେ ଗବେଷଣା କରି ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। Prof. (Dr.) Braja Kishori Mishra, Former Professor, P.G. Department of Home Science, Sambalpur University ଏବଂ Prof. (Dr.) Chandrashree Lenka HOD, Department of Home Science, R.D. University ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଲିଖିତ ସନ୍ଦର୍ଭ "Changing Lifestyle of Eating Behaviour of College Going Girls in the Capital City of Odisha". Prof. (Dr.) Usha Singh, Professor Cum Chief Scientist, Department of Food and Nutrition, College of Community Sciences, Prof. (Dr.) Farzana Alim, Professor and Chairperson, Department of Home Science A.M.U. Aligarh ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଉକ୍ତ ସଫଳତା ପାଇଁ ସେ ତାଙ୍କ ଗାଇଡ୍ Prof. (Dr.) ବ୍ରଜ କିଶୋରୀ ମିଶ୍ର ଓ Prof. (Dr.) ଚନ୍ଦ୍ରଶ୍ରୀ ଲେଙ୍କାଙ୍କର ଅକୁଣ୍ଠଚିତ୍ତ ସାହାଯ୍ୟ ଓ ପ୍ରେରଣା ପାଇଁ ବିନମ୍ର କୃତଜ୍ଞତା ଜଣାଇଛନ୍ତି। ଏହା ସଙ୍ଗେ ନିଜ ପିତା, ମାତା, ସ୍ୱାମୀ, ଶାଶୁ, ଶ୍ୱଶୁର, ନିଜ ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ଓ ସହଯୋଗ ପାଇଁ ଅଶେଷ ଧନ୍ୟବାଦ ଦେଇଛନ୍ତି। ପରିଶେଷରେ ପରମେଶ୍ୱରଙ୍କଠାରେ ସଫଳତା ପାଇଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିଛନ୍ତି।

ଧ-୧୯୪୪

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କଦାପି ଦାୟୀ ରହିବେ ନାହିଁ।

ଅସାବଧାନତାରୁ ଜୀବନ ...

ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି, ଯାହାକି ବଡ଼ ଚିନ୍ତାର ବିଷୟ ହୋଇଛି। ଏନେଇ ଏସ୍‌ଟିଏ ଯୁଗ୍ମ କମିଶନର ସଞ୍ଜୟ ବିଶ୍ୱାଳ କହିଛନ୍ତି, ୨୦୨୧ ମେ ଓ ଜୁନ୍‌ରେ ଲକ୍‌ଡାଉନ ଥିଲା। ସେତେବେଳେ ଗାଡ଼ି ଚଳାଚଳ କମ୍ ଥିବାରୁ ୨୦ ପ୍ରତିଶତ ଦୁର୍ଘଟଣା କମିଥିଲା। ୨୦୧୯ ସହ ୨୦୨୨କୁ ତୁଳନା କଲେ ସଡ଼କ ଦୁର୍ଘଟଣା ପ୍ରତିଶତ ପ୍ରାୟ ସମାନ ରହୁଛି। ଜାତୀୟ ରାଜପଥରେ ଏବେ କ୍ୟାମେରା ଲଗାଯାଉଛି। ଯଦି ଗାଡ଼ି ୬୦ ସ୍ପିଡ୍ ଉପରକୁ ଯିବ ତାହା ସ୍ୱୟଂକ୍ରିୟ ବ୍ୟବସ୍ଥାରେ ଜଣାପଡ଼ିଯିବ। ପ୍ରତି ଦୁର୍ଘଟଣା ମାମଲାକୁ ସମୀକ୍ଷା କରାଯାଉଛି। ପ୍ରତି ଜିଲାରେ ସର୍ଭେ କରି ପଦକ୍ଷେପ ନିଆଯାଉଛି। ଆଗକୁ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ଆହୁରି ହ୍ରାସ ପାଇବ ବୋଲି ବିଶ୍ୱାଳ କହିଛନ୍ତି।

ସଡ଼କ ସୁରକ୍ଷା ବିଶେଷଜ୍ଞ ବିକାଶ ମହାପାତ୍ରଙ୍କ କହିବା କଥା, ସଡ଼କ ଦୁର୍ଘଟଣା ଘଟିବାର ଏକାଧିକ ପ୍ରମୁଖ କାରଣ ରହୁଛି। ସେଗୁଡ଼ିକ ମଧ୍ୟରେ ଦ୍ରୁତଗତି, ମଦ୍ୟପାନ, ସିଟ୍ ବେଲ୍ଟ-ହେଲମେଟ୍ ଆଦି ନ ପିନ୍ଧିବା କାରଣ ରହିଛି। ଅଧିକାଂଶ ଲୋକ ଦ୍ରୁତ ଗତି ଯୋଗୁଁ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଦ୍ରୁତ ଗତିକୁ ଆମେ ଏନ୍‌ଫୋର୍ସ କରିପାରୁନାହୁଁ। ଅଧିକାଂଶ ସମୟରେ ଜାତୀୟ ରାଜପଥ ପାର୍ଶ୍ୱରେ ସହଜରେ ମଦ ମିଳୁଛି। ତେଣୁ ମଦ୍ୟପାନ କରି ଅନେକେ ଗାଡ଼ି ଚଳାଉଛନ୍ତି। ସହରାଞ୍ଚଳରେ ସିଟ୍ ବେଲ୍ଟ ଏବଂ ହେଲମେଟ୍ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେଉଥିବାବେଳେ ଗ୍ରାମାଞ୍ଚଳରେ ଲୋକମାନେ ଏହାକୁ ମାନୁନାହାନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବାକୁ ପୋଲିସକୁ କ୍ଷମତା ଦିଆଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିସହ ମୋବାଇଲ, ଇଅର ଫୋନ୍ ଆଦି ଲଗାଇ ଚାଳକମାନେ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଅଧିକ ଘଟୁଛି। ଦୁର୍ଘଟଣାକୁ ରୋକିବାକୁ ସଚେତନତା ସୃଷ୍ଟି କରାଯିବା ସତ୍ତ୍ୱେ କେତେକ ଏହାକୁ ମାନୁ ନାହାନ୍ତି। ବିଶେଷକରି କେତେକଙ୍କ ଠାରେ ନିୟମ ମାନିବାର ମାନସିକତା ରହୁନାହିଁ। ଏଥିସହ ଆଇନକୁ ଲାଗୁ କରିବା ପାଇଁ ସରକାରଙ୍କ ସେଭଳି ତତ୍ପରତା ଆମେ ଦେଖିବାକୁ ପାଉନାହୁଁ। ଯେଉଁଥିପାଇଁ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ଏହାକୁ ରୋକିବା ପାଇଁ ସଚେତନତା ସହ ଏନ୍‌ଫୋର୍ସମେଣ୍ଟ ମଧ୍ୟ କଡ଼ାକଡ଼ି କରାଯିବା ଦରକାର। ବିଭିନ୍ନ ସ୍ଥାନରେ ରାସ୍ତା ନିର୍ମାଣ ହେବାବେଳେ ଜୋମେଟ୍ରିକାଲି ଭୁଲ୍ ହୋଇଛି। ଫଳରେ ସେଠାରେ ଦୁର୍ଘଟଣା ଘଟୁଛି। ଉକ୍ତ ବ୍ଲାକସ୍ପଟ୍‌କୁ ଚିହ୍ନଟ କରାଯାଇ ଦୁର୍ଘଟଣା ରୋକିବାରେ ଏପର୍ଯ୍ୟନ୍ତ ଆମେ ସଫଳ ହୋଇପାରିନାହୁଁ। ରୋଡର ବିଭିନ୍ନ ସ୍ଥାନରେ ସାଇନ୍ ଏଜ୍ ନାହିଁ। ସାଇନ୍ ଏଜ୍ ରହିଥିଲେ ମଧ୍ୟ ଡ୍ରାଇଭରମାନେ ତାହାକୁ ବୁଝନ୍ତିନାହିଁ। ଏପରି କି କେତେକେ ତାହାକୁ ମାନନ୍ତି ନାହିଁ। ତେବେ ସଡ଼କ ଦୁର୍ଘଟଣା ରୋକିବାକୁ ସରକାର କୌଣସି ସ୍ୱେଚ୍ଛାସେବୀ ସଂଗଠନକୁ କାମ କରିବାକୁ ସୁଯୋଗ ଦେଉନାହାନ୍ତି। ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ କରିବା ପାଇଁ କୌଣସି ଯୋଜନା ମାଧ୍ୟମରେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ଆର୍ଥିକ ସହ

ସଂକ୍ଷେପରେ

୬ଷ୍ଠରୁ ୮ମ ପିଲାଙ୍କ ମିଡ୍ ଟର୍ମ ଆସେସ୍‌ମେଣ୍ଟ ହେବ

ଭୁବନେଶ୍ୱର, ୬।୧୧(ବ୍ୟୁରୋ): ରାଜ୍ୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଶିକ୍ଷାଗତ ଦକ୍ଷତା ମାପିବାକୁ ମିଡ୍ ଟର୍ମ ଆସେସ୍‌ମେଣ୍ଟ କରାଯିବ। ପରୀକ୍ଷାରେ କାହାକୁ ଫେଲ୍ କରାଯିବ ନାହିଁ। ଅନ୍ୟ ବିଦ୍ୟାଳୟର ଶିକ୍ଷକ ମୂଲ୍ୟାୟନ କରିବା ସହ ଶିକ୍ଷାଦାନରେ ଆବଶ୍ୟକତା ନେଇ ସମୀକ୍ଷା କରିବେ। ଛାତ୍ରୀଛାତ୍ରଙ୍କ ଦୁର୍ବଳତା ପରଖି ସମାଧାନ ପାଇଁ ଖସଡ଼ା ପ୍ରସ୍ତୁତ କରାଯିବ। ଶିକ୍ଷାରେ ସଂସ୍କାର ଆଣିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ସୂଚନା ଦେଇଛନ୍ତି।

ଆତ୍ମସମର୍ପଣ କଲେ ୨ ଦୁର୍ଦ୍ଧର୍ଷ ମାଓବାଦୀ

ମାଲକାନଗିରି,୬।୧୧(ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ପୋଲିସ ନିକଟରେ ରବିବାର୨ ଦୁର୍ଦ୍ଧର୍ଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଡଭି ପୋଜା ଓ ମାଡଭି ମହେଶ। ଉଭୟେ ବିଜାପୁରରେ କାର୍ଯ୍ୟ କରୁଥିବା ମାଓବାଦୀ ସଙ୍ଗଠନ ସହ ଜଡ଼ିତ ରହି ଅନେକ ବଡ଼ ହିଂସାକାଣ୍ଡରେ ସାମିଲ ଥିଲେ। ଦୀର୍ଘଦିନ ଧରି ମାଓବାଦୀ ସଙ୍ଗଠନରେ ରହି କାମ କରୁଥିବାବେଳେ ହିଂସାର ପଥ ଛାଡ଼ି ସାଧାରଣ ଜୀବନ ବଞ୍ଚିବାକୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଆତ୍ମସମର୍ପଣ ପରେ ଉଭୟଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

୮ରେ ବର୍ଷର ଶେଷ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ଓଡ଼ିଶାରେ ୭ ମିନିଟ୍ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦୃଶ୍ୟ

- ପଠାଣି ସାମନ୍ତ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା
- ଭୋର୍ ୫ଟା ୫୪ରୁ ପାକତ୍ୟାଗ, ଦେବନୀତି ବନ୍ଦ
- ପରବର୍ତ୍ତୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ୨୦୨୫ ସେପ୍ଟେମ୍ବର, ସୂର୍ଯ୍ୟୋପରାଗ (ଆଂଶିକ) ୨୦୨୭ ଅଗଷ୍ଟରେ

ଏବର୍ଷର ଶେଷ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଆସନ୍ତା ୮ ତାରିଖ ମଙ୍ଗଳବାର ଦିନ ସଙ୍ଗଠିତ ହେବ। ଅପରାହ୍ନ ୨ଟା ୩୮ରୁ ଗ୍ରହଣ ସ୍ପର୍ଶ ଓ ୬ଟା ୧୯ରେ ସର୍ବମୋକ୍ଷ ହେବ। ତେବେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଅପରାହ୍ନ ୩ଟା ୪୭ରେ ଆରମ୍ଭ ହେଉଥିଲେ ମଧ୍ୟ ଚନ୍ଦ୍ର ଉଦୟ ହୋଇ ନ ଥିବାରୁ ତାହା ଓଡ଼ିଶାକୁ ଦୃଶ୍ୟମାନ ହେବ ନାହିଁ। ଅପରାହ୍ନ ୫ଟା ୫ରେ ଚନ୍ଦ୍ର ଉଦୟ ସମୟରୁ ଓଡ଼ିଶାରେ ୬ରୁ ୭ ମିନିଟ୍ ପର୍ଯ୍ୟନ୍ତ ଦୃଶ୍ୟମାନ ହେବ। ବିଭିନ୍ନ ଜିଲାରେ ଏହା ଭିନ୍ନ ଭିନ୍ନ ସମୟରେ ଦେଖାଦେବ। ଭୁବନେଶ୍ୱରରେ ଅପରାହ୍ନ ୫ଟା ୫ରୁ ୫ଟା ୧୧ ପର୍ଯ୍ୟନ୍ତ ଅର୍ଥାତ୍ ୬ ମିନିଟ୍ ପାଇଁ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓ ୫ଟା ୧୧ରୁ ୬ଟା ୧୯ ଯାଏ ଆଂଶିକ ଗ୍ରହଣ ଭାବେ ଦୃଶ୍ୟମାନ ରହିବ। ମଙ୍ଗଳବାର ଭୋର୍ ୫ଟା ୫୪ରୁ ପାକତ୍ୟାଗ ସହ ଦେବନୀତି ବନ୍ଦ ରହିବ।

ଚନ୍ଦ୍ର ଗ୍ରହଣ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଗ୍ରହଣ ଓ ପରାଗ ଏକ ଛାଇ ଆଲୁଅର ଖେଳ, ଯାହା ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଏକ ବିଶେଷ ଅବସ୍ଥିତିରେ ଘଟିଥାଏ। ବିଶ୍ୱର ଅନେକ ଦେଶର ବୈଜ୍ଞାନିକମାନେ ଏହି ସମୟରେ ପରୀକ୍ଷା ନିରୀକ୍ଷା କରିବାକୁ ଏବେଠୁ ଲାଗି ପଡ଼ିଲେଣି। କିନ୍ତୁ ଏହି ସମୟରେ କିଛି ଲୋକ ସୋସିଆଲ ମିଡିଆରେ ଏ ବିଷୟରେ ଅପପ୍ରଚାର ଓ ଭ୍ରମାତ୍ମକ ଖବର ପ୍ରଚାର କରି ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାରେ ଲାଗିଛନ୍ତି। ତେବେ ଏହାକୁ ଖାଲି ଆଖିରେ ଦେଖିହେବ। ଏହାର କୌଣସି ପ୍ରଭାବ ଆମ ଉପରେ ତଥା ପୃଥିବୀ ଉପରେ ନାହିଁ। ଆକାଶ ମେଘମୁକ୍ତ ରହିଲେ ଚନ୍ଦ୍ରଗ୍ରହଣକୁ ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ। ପ୍ଲାନେଟାରିୟମ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବ ସହ ଏହି ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ଅନୁରୋଧ କରାଯାଇଛି। ପ୍ଲାନେଟାରିୟମରେ ଏହି ଦୃଶ୍ୟକୁ ଅପରାହ୍ନ ୫ଟା ୫ରୁ୬ଟା ୨୦ ପର୍ଯ୍ୟନ୍ତ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖାଇବାର ବ୍ୟବସ୍ଥା କରାଯାଇଛି। ଏହି ସୁନ୍ଦର ଦୃଶ୍ୟଗୁଡ଼ିକୁ ଉପଭୋଗ କରିବା, ଏହା ପଛରେ ରହିଥିବା କାରଣଗୁଡ଼ିକ ଜାଣିବା ଓ ସମାଜରେ ଥିବା ଅନ୍ଧବିଶ୍ୱାସ ଦୂର କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ। ତେବେ ପାଗ ମେଘୁଆ ରହିଲେ କାର୍ଯ୍ୟକ୍ରମ ବାତିଲ ହେବ। ଭାରତରେ ଚଳିତବର୍ଷର ଏହା ଶେଷ ଚନ୍ଦ୍ର ଗ୍ରହଣ। ପରବର୍ତ୍ତୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ୨୦୨୫ ସେପ୍ଟେମ୍ବର ୭ରେ ଏବଂ ପରବର୍ତ୍ତୀ ସୂର୍ଯ୍ୟୋପରାଗ(ଆଂଶିକ) ୨୦୨୭ ଅଗଷ୍ଟ ୨ରେ ଦେଖାଯିବ ବୋଲି ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

ରେଳଧାରଣାରୁ ମିଳିଲା ମହିଳା ବୀମା ଏଜେଣ୍ଟଙ୍କ ମୃତଦେହ

ମୃତ ଜୀବନ ବୀମା ଏଜେଣ୍ଟ ସାରିକା ସାଏ।

ମୃତ୍ୟୁ ପୂର୍ବରୁ ବାନ୍ଧବୀଙ୍କୁ କଭି ଅଲ୍‌ବିଦା ନା କେହେନା ମେସେଜ୍ ଲେଖିଥିଲେ

ବଲାଙ୍ଗୀର ଅଫିସ,୬।୧୧

ବଲାଙ୍ଗୀର ରେଳ ଷ୍ଟେଶନ ନିକଟ ଖୁଜେନପାଲି ରେଳଧାରଣାରୁ ରବିବାର ସକାଳେ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ମୃତା ବଲାଙ୍ଗୀର ସହରର ଜଣାଶୁଣା ଜୀବନ ବୀମା ଏଜେଣ୍ଟ ତଥା ତାଳପାଲିପଡା ନିବାସୀ ସାରିକା ସାଏ (୩୮) ବୋଲି ଜଣାପଡିଥିଲା। ରେଲୱେ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (୨୫/୨୨) ରୁଜୁ ହୋଇଥିବା ରେଲୱେ ପୋଲିସ ଥାନାଧିକାରୀ ସୁକାନ୍ତ ପ୍ରଧାନ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକଙ୍କ କହିବା ମୁତାବକ ସାରିକା ଶନିବାର ରାତି ପ୍ରାୟ ୮ଟାରୁ ଘରୁ ବାହାରି ଆଉ ଫେରି ନ ଥିଲେ। ଶନିବାର ରାତିରେ ସାରିକା ତାଙ୍କର ଜଣେ ବାନ୍ଧବୀଙ୍କୁ ଆବେଗଭରା ହ୍ୱାଟ୍ସ ଆପ ମେସେଜରେ କଭି ଅଲ୍‌ବିଦା ନା କେହେନା... ଲେଖିଥିଲେ। ଏହି ମେସେଜ୍ ଲେଖିବା ପରେ ସେ ଅତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସାରିକା ଜଣେ ଜୀବନ ବୀମା ଏଜେଣ୍ଟ ଭାବେ ସହରରେ ପରିଚିତ ଥିଲେ। ସେ ତାଙ୍କ କାର୍‌ରେ ଘରୁ ବାହାରି ରାତିରେ ରେଳଷ୍ଟେଶନ୍ ନିକଟ ଖୁଜେନପାଲି ରାସ୍ତା ପାଖ ରେଳଧାରଣା ନିକଟକୁ ଆସି ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ରବିବାର ସକାଳେ ତାଙ୍କ କାର୍ ଖୁଜେନପାଲି ରାସ୍ତା ଫାଟକ ପାଖରେ ରହିଥିବା ଦେଖାଯାଇଥିଲା। କେଉଁ କାରଣରୁ ସାରିକା ଏଭଳି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ। ସେ ଅବିବାହିତା ଥିଲେ।

ପିଆର୍‌ଏମ୍ ମେଡିକାଲ ଛାତରୁ ଖସିଲା ପ୍ଲାଷ୍ଟର

ବାରିପଦା ଅଫିସ,୬।୧୧

ଚକ୍ଷୁ ବିଭାଗ ଛାତରୁ ଖସିଥିବା ପ୍ଲାଷ୍ଟର ଓ ସିଲିଂ।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲେ କଲେଜ ଓ ହସ୍ପିଟାଲ(ପିଆର୍‌ଏମ୍) ଚକ୍ଷୁ ବିଭାଗ ଛାତରୁ ରବିବାର ପ୍ଲାଷ୍ଟର ଖସିଛି। ସେଠାରେ ଚିକିତ୍ସାଧିନ ରୋଗୀ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ସେମାନଙ୍କୁ ଅନ୍ୟ ଏକ ଗୃହକୁ ସ୍ଥାନାନ୍ତର କରିଛନ୍ତି। ଏନେଇ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ବାରିପଦାରେ ପିଆର୍‌ଏମ୍ ମେଡିକାଲ କଲେଜ ସ୍ଥାପନ କରାଯାଇଛି। ପୁରୁଣା କୋଠାର ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଛାତରୁ ପ୍ଲାଷ୍ଟର ଖସୁଛି। ମୋରଡ଼ା ବ୍ଲକ ଜାମଶୋଳ ଗ୍ରାମର ସୁବାସ ମହାନ୍ତଙ୍କ ପୁଅ ରାଜଦୀପଙ୍କ ଚକ୍ଷୁ ଚିକିତ୍ସା ନିମନ୍ତେ ଶନିବାର ଏହି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ ରବିବାର ଅପରାହ୍ନରେ ଚିକିତ୍ସାଧିନ ପୁଅକୁ ନେଇ ଶୌଚ ହେବାକୁ ଯିବା ସମୟରେ ଛାତରୁ ପ୍ଲାଷ୍ଟର, କଂକ୍ରିଟ ସହ ସିଲିଂ ଖସି ପଡ଼ିଥିଲା। ଏଥିରେ ବାପପୁଅଙ୍କ କୌଣସି କ୍ଷତି ହୋଇ ନ ଥିବା ବେଳେ ବଡ଼ ଧରଣର ଅଘଟଣରୁ ଉଭୟେ ବର୍ତ୍ତି ଯାଇଥିଲେ। ସେହିପରି ନିକଟରେ ଥିବା ନର୍ସଙ୍କ କ୍ୟାବିନରେ କୌଣସି କର୍ମଚାରୀ ନ ଥିବାରୁ ସେମାନେ ମଧ୍ୟ ବିପଦରୁ ରକ୍ଷା ପାଇଥିଲେ।

ବର୍ତ୍ତିଲେ ରୋଗୀ

ସୂଚନାଯୋଗ୍ୟ, ପୂର୍ବରୁ ପିଆର୍‌ଏମ୍ ମେଡିକାଲରେ ପ୍ଲାଷ୍ଟର ଖସି ରୋଗୀଙ୍କ ମୃତ୍ୟୁ ହେବା ନଜିର ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଏ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କୁହନ୍ତି, ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସରକାର ଫେଲ୍ ମାରିଛନ୍ତି। ସାଧାରଣ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ବ୍ୟବସ୍ଥାରେ ସୁଧାର ନ ଆସିଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ହସ୍ପିଟାଲ ମ୍ୟାନେଜର ମିସ ବିନୋଦିନୀଙ୍କୁ ପଚାରିବାରୁ ପ୍ଲାଷ୍ଟର ଖସିବା ନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ । ତେବେ ଚକ୍ଷୁ ବିଭାଗକୁ ଯାଇ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

ଶିକାରୀ ଫାଶରେ କଲରାପତରିଆ ମୃତ

ବଇଣ୍ଡା, ୬।୧୧(ଡି.ଏନ.ଏ.)

- ଚମଡ଼ା ବିକ୍ରି ମସୁଧା ପଣ୍ଡ
- ୪ ଅଭିଯୁକ୍ତ ଗିରଫ

ଜବତ ବାଘ ଚମଡ଼ା।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ୍ ଫୁଲଝରି ଜଙ୍ଗଲରୁ ରବିବାର ଏକ କଲରାପତରିଆ ବାଘର ଗଳିତ ମୃତଦେହକୁ ବାମୁର ବନ କର୍ମଚାରୀ ଜବତ କରିଛନ୍ତି। ଶିକାରୀମାନେ ଚମଡ଼ା ବିକ୍ରି କରିବା ଲାଗି ଶୁଖାଇଥିବାବେଳେ ଏହାକୁ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୪ ଶିକାରୀ ଗିରଫ ହୋଇଛନ୍ତି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି। ଅନ୍ୟପଟେ ବନ କର୍ମଚାରୀ ଗ୍ରାମର ଜି. ନାୟକ, ବି. ନାୟକ, ଜି. ମିର୍ଷା ଏବଂ ଅନ୍ୟ ଜଣକୁ ଉଠାଇ ନେଇଥିବା ଗ୍ରାମବାସୀ କହିଛନ୍ତି।

ବନ ବିଭାଗ ସୂଚନା ଅନୁଯାୟୀ, ଫୁଲଝରି ଜଙ୍ଗଲରେ ବୁଧବାର ରାତିରେ ବାରହା ଶିକାର କରିବା ପାଇଁ ୪ ଅଭିଯୁକ୍ତ ୧୧ କେଭି ଲାଇନ୍‌ରୁ ହୁକ ଟାଣି ବିଦ୍ୟୁତ୍ ଫାଶ ବିଛାଇଥିଲେ। ଏଥିରେ ଉକ୍ତ କଲରାପତରିଆ ଫସିଯାଇ ମୃତ୍ୟୁମୁଖରେ ପଡ଼ିଥିଲା। ଗୁରୁବାର ସକାଳେ ଶିକାରୀମାନେ ମୃତବାଘ ଶରୀରରୁ ଚମଡ଼ା ବାହାର କରି ଏକ ପଥରରେ ଶୁଖାଇଥିଲେ। ଏଥିସହ ବାଘର ଚମଡ଼ାବିହୀନ ମୃତଦେହକୁ ବୁଦାରେ ଫିଙ୍ଗି ଦେଇଥିଲେ। ରବିବାର ସକାଳେ ଜଙ୍ଗଲକୁ ଯାଇଥିବା ଜଣେ ଗୋରୁ ଚରାଳି ଏହା ଦେଖି ବାମୁର ରେଞ୍ଜ୍ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ଆଠମଲ୍ଲିକ ଡିଏଫ୍‌ଓ ଏସ୍. ଆନନ୍ଦ, ବାମୁର ରେଞ୍ଜର ସରୋଜ ମିଶ୍ରଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ଶୁଖାଯାଇଥିବା ବାଘ ଚମଡାକୁ ଜବତ କରାଯାଇଛି। କେଉଁ ସ୍ଥାନରେ ଚମଡ଼ାକୁ ବିକ୍ରି କରିବାକୁ ଅଭିଯୁକ୍ତମାନେ ମସୁଧା ଚଳାଇଥିଲେ, ସେ ସମ୍ପର୍କରେ ତଥ୍ୟ ହାସଲ କରିବାକୁ ସେମାନଙ୍କୁ ପଚରାଉଚରା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ପଦ୍ମପୁର,୬।୧୧(ଡି.ଏନ.ଏ.)

- ଢେଙ୍କାନାଳ ଜେଲରେ ଥିଲେ
- କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଢେଙ୍କାନାଳ ଜେଲରେ ବିଚାରାଧୀନ ବନ୍ଦୀ ଥିବା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣୀଗାଁ ପଞ୍ଚାୟତର ନିରଞ୍ଜନ ପାଣିଙ୍କ ମୃତ୍ୟୁ ନେଇ ରବିବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଛି। କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଭଦ୍ରକ-ବାସୁଦେବପୁରର ଚନ୍ଦିଆ ଛକଠାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପ୍ରକାଶ ଯେ, କୌଣସି ଅପରାଧରେ ସମ୍ପୃକ୍ତ ଥିବା ନେଇ ଢେଙ୍କାନାଳ ଜିଲାର ଗଁଦିଆ ପୋଲିସ ଗତ ଅକ୍ଟୋବରରେ ନିରଞ୍ଜନଙ୍କୁ ଗିରଫ କରିଥିଲା। ବିଚାରାଧୀନ ବନ୍ଦୀ ଭାବେ ନିରଞ୍ଜନ ଢେଙ୍କାନାଳ ଜେଲରେ ଥିଲେ। ଗତ ୨ ତାରିଖରେ ଶାରୀରିକ ଅସୁସ୍ଥତା ଯୋଗୁ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ୩ ଦିନ ତଳେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଆମ୍ବୁଲାନ୍ସରେ ଗ୍ରାମରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କିପରି ଓ କେଉଁ ପରିସ୍ଥିତିରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଛି ଏବଂ ୩ ଦିନ ପରେ ମୃତଦେହ ହସ୍ତାନ୍ତର ନେଇ ତଦନ୍ତ କରାଯିବାକୁ ତାଙ୍କ ପରିବାର ଲୋକେ ଦାବି କରିଛନ୍ତି। ବାସୁଦେବପୁର ଥାନାଧିକାରୀ ସାବିତ୍ରୀ ପଣ୍ଡା ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏସ୍‌ପି ଚରଣ ସିଂ ମୀନାଙ୍କ ସହ ଫୋନ ଯୋଗେ କଥା ହୋଇ ଘଟଣାର ତଦନ୍ତ କରିବା ସହ ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ବାସୁଦେବପୁର ଥାନାଧିକାରୀ ରାସ୍ତାରୋକୋ କରିଥିବା ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। –ଶ୍ରୀଅରବିନ୍ଦ

ସମାଜ–ଅର୍ଥନୀତି–ନିଯୁକ୍ତି

ଭାରତରେ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ତାହା ଦେଶ ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କଲାଣି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍‌ଆଇଇ) ଦ୍ୱାରା ଏବେ ପ୍ରକାଶିତ ତଥ୍ୟ ଅନୁଯାୟୀ ଗତ ଅକ୍ଟୋବରରେ ଦେଶରେ ବେକାରିଙ୍କ ସଂଖ୍ୟା ୭.୭୭ ପ୍ରତିଶତ ବୃଦ୍ଧି ପାଇଥିଲା। ଏହା ସେପ୍ଟେମ୍ବରରେ ୬.୪୩ ପ୍ରତିଶତ ଥିଲା। ତେବେ ଗ୍ରାମୀଣ ବେକାରି ହାର ଅକ୍ଟୋବରରେ ୮.୦୪ ପ୍ରତିଶତରେ ପହଞ୍ଚିବା ନିଯୁକ୍ତି କ୍ଷେତ୍ରରେ ଭାରତର ଅବସ୍ଥା କିଭଳି ରହିଛି ସୂଚାଇ ଦେଉଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଜଗାର ମେଳା ମାଧ୍ୟମରେ ଦିଲ୍ଲୀରେ ୭୫ ହଜାର, ଗୁଜରାଟରେ ୧୩ ହଜାର ଏବଂ ଜମ୍ମୁ ଓ କଶ୍ମୀରରେ ମାତ୍ର ୩ ହଜାର ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ଦେଇଛନ୍ତି ବୋଲି କହି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ବାସ୍ତବରେ ଦେଖିଲେ ୮ ବର୍ଷ ତଳେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବା ପୂର୍ବରୁ ବାର୍ଷିକ ୨ କୋଟି ନୂଆ ନିଯୁକ୍ତି ସୃଷ୍ଟି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ତାହା ହୋଇପାରିଲା ନାହିଁ।

ଏକ ଦେଶର ଅର୍ଥନୀତି ତାହାର ଉତ୍ତମ ମାନବ ସମ୍ବଳ ଉପରେ ନିର୍ଭର କରେ। ଅବଶ୍ୟ ଭାରତର ବିପୁଳ ଜନସଂଖ୍ୟାକୁ ଦେଖିଲେ ପାଠ ପଢ଼ିଥିବା ସବୁ ଯୁବତୀଯୁବକ କଦାପି ଉତ୍ତମ ମାନବ ସମ୍ବଳ ହୋଇପାରି ନ ଥାନ୍ତି। ଯୁବପିଢ଼ିଙ୍କ ମଧ୍ୟରୁ ଭଲ ଭାବେ ପ୍ରଶିକ୍ଷିତ ହୋଇ ନ ଥିବା ଅନେକ ଲକ୍ଷ ଯୁବତୀଯୁବକ ମନଯୋଗ ସହକାରେ କାର୍ଯ୍ୟ କରିବାରେ ସ୍ପୃହା ରଖୁ ନ ଥିବାରୁ ସେମାନେ ଉପଯୁକ୍ତ ଚାକିରି ପାଇବାକୁ ଯୋଗ୍ୟ ହୋଇପାରୁ ନାହାନ୍ତି। ଏଠାରେ ଅନେକ ଶିକ୍ଷିତ ହାଉଯାଉ ହେଉଥିଲେ ମଧ୍ୟ ବିକଶିତ ରାଷ୍ଟ୍ରର ଯୁବବର୍ଗଙ୍କର ସେମାନଙ୍କ ଅର୍ଥନୀତି ପ୍ରତି ଯେଭଳି ଅବଦାନ ରହିଥାଏ, ସେଭଳି ଏଠାରେ ଦୃଶ୍ୟମାନ ହୋଇ ନ ଥାଏ। ଯୁବ ଉଦ୍ୟୋଗୀ ଭାବେ ଉଭା ହେବା ପାଇଁ ସେହିସବୁ ଦେଶରେ ଅନବରତ ଉଦ୍ୟମ ହୋଇଥାଏ। ଅପରପକ୍ଷରେ ଭାରତ ପରିପ୍ରେକ୍ଷୀରେ ଦେଖିଲେ ଜଣେ ଉଦ୍ୟୋଗୀ ହେବା ପାଇଁ ଏଠାରେ ବହୁ ପ୍ରତିବନ୍ଧକ ରହିଛି। ସରକାର ବିଶେଷକରି ବ୍ୟାଙ୍କିଙ୍ଗ୍ ଭଳି ଆର୍ଥିକ ପ୍ରତିଷ୍ଠାନରୁ ସାମାନ୍ୟ ସୁବିଧା ପାଇବା ନିମନ୍ତେ ଜଣେ ଉଦୀୟମାନ ଯୁବକଙ୍କୁ ମାସ ମାସ ନୁହେଁ, ବରଂ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼ିଥାଏ। ସମ୍ଭବତଃ ପିଅନ କିମ୍ବା କିରାଣି ଚାକିରି ଖଣ୍ଡେ ପାଇଁ ସ୍ନାତକୋତ୍ତର ଓ ସ୍ଥଳବିଶେଷରେ ପିଏଚ୍.ଡି. ଛାତ୍ର ମଧ୍ୟ ଆବେଦନ କରି ଚାତକ ଭଳି ଚାହିଁ ରହିଥାଏ। ଏଥି ସକାଶେ ଦେଶର ଭୁଲ ନୀତିକୁ ଦାୟୀ କରାଯିବା ଦରକାର। ଯେହେତୁ ଭାରତ ଏକ ଉତ୍ପାଦନକାରୀ ରାଷ୍ଟ୍ର ହୋଇପାରି ନାହିଁ, ସେଥିପାଇଁ ନିଯୁକ୍ତି ସୃଷ୍ଟି କରିବା କଷ୍ଟକର ହୋଇପଡୁଛି। 'ମେକ୍ ଇନ୍ ଇଣ୍ଡିଆ' କେବଳ ସ୍ଲୋଗାନ ଭିତରେ ରହିଯାଇଛି। ବସ୍ତୁତଃ ଭାରତ ଖାଉଟି ଦେଶ ଭାବେ ରହି ଆସିଥିବାରୁ ସେଥିରେ ବ୍ୟାପକ ପରିବର୍ତ୍ତନ ଅଣାଯିବା କଥା ଚିନ୍ତା କରାଯାଉ ନାହିଁ। କୃଷିପ୍ରଧାନ ଦେଶ ବୋଲି ଭାରତକୁ କୁହାଯାଉଥିଲେ ମଧ୍ୟ ଏଠାରେ ଉନ୍ନତ କୃଷି କରାଯାଇ ତାହାର ଉତ୍ପାଦ ବିଦେଶକୁ ଠିକ୍ ଭାବେ ରପ୍ତାନି ହୋଇପାରୁ ନ ଥିବାରୁ ଗ୍ରାମାଞ୍ଚଳରେ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଛି। କୃଷି ଏକ ଅତ୍ୟାଧୁନିକ ଉଦ୍ୟୋଗ। ସେଥିରେ କୌଣସି ବଡ଼ ବ୍ୟବସାୟୀଙ୍କୁ ପୂରାଇବାର ଉଦ୍ୟମ ଉଚିତ ନ ଥିଲା। କୃଷକକୁ ତା' ସମସ୍ୟା ସମାଧାନ କରିବାରେ ସହଯୋଗ କରିବା ପରିବର୍ତ୍ତେ ସରକାରଙ୍କ ତରଫରୁ ଭିନ୍ନ କର୍ପୋରେଟ୍ ସଂସ୍କୃତି ପ୍ରବେଶ କରାଇବାର ଉଦ୍ୟମ କ୍ଷତିକାରକ ହୋଇଥିଲା। ଯଦି ସିଏମ୍‌ଆଇଇ ପରିସଂଖ୍ୟାନକୁ ଅନିଶା କରାଯାଏ, ଗ୍ରାମୀଣ ବେକାରି ହାର ଅକ୍ଟୋବରରେ ୮.୦୪ ପ୍ରତିଶତରେ ପହଞ୍ଚିବା ସୂଚାଇ ଦେଉଛି ଯେ, ଭାରତୀୟ ଅର୍ଥନୀତି ସୁଧୁରିବା ନିକଟ ଭବିଷ୍ୟତରେ ଦେଖାଯାଉ ନାହିଁ।

ଏ ଦେଶରେ ପ୍ରତି କ୍ଷେତ୍ରରେ ରାଜନୀତି ପ୍ରବେଶ କରୁଥିବାରୁ ବିକାଶ ବାଧାପ୍ରାପ୍ତ ହେଉଛି। ସେନା ଭଳି ଏକ ଶକ୍ତିଶାଳୀ କ୍ଷେତ୍ରରେ ଅସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା 'ଅଗ୍ନିପଥ' ପ୍ରଚଳନ କରାଯିବା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏହି ଯୋଜନାରେ ୪୦ ହଜାର ପଦବୀ ପାଇଁ ୩୫ ଲକ୍ଷ ଅବେଦନ କରୁଥିବା ଦେଖିବାକୁ ମିଳିଛି। ଅର୍ଥାତ୍ ଅସ୍ଥାୟୀ ନିଯୁକ୍ତି ଜାଣି ମଧ୍ୟ ଯୁବପିଢ଼ି ହତାଶ ହୋଇ ଏହା ପଛରେ ଧାଉଁଛନ୍ତି। ତେଣୁ ଏବର ସ୍ଥିତିରେ ଦେଶର ନେତୃତ୍ୱ ନିଯୁକ୍ତି ଢାଞ୍ଚାରେ ପରିବର୍ତ୍ତନ ଆଣିବା ଦରକାର। ସମୟର ଆବଶ୍ୟକତା ଅନୁଯାୟୀ ସେବା କ୍ଷେତ୍ର ବ୍ୟାପକ ଆକାର ଧାରଣ କରୁଥିଲେ ମଧ୍ୟ ଉନ୍ନତ ଧରଣର କୃଷି କରାଯାଇ ତାହାର ବଜାର ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିଲେ ଦେଶର ଅର୍ଥନୀତିରେ ଉନ୍ନତି ଆସିପାରନ୍ତା। ଅନେକ ଶିକ୍ଷିତ ଯୁବକ ଏଥିପ୍ରତି ଆକର୍ଷିତ ହେଲେ ବେକାରିଙ୍କ ସଂଖ୍ୟା କମିଯାଇପାରନ୍ତା। କେବଳ ଭାଷଣରେ କୃଷିର ଜୟଗାନ କରାଗଲେ ଏଥିରେ ଅଭିବୃଦ୍ଧି ଘଟିପାରିବ ନାହିଁ। ତେଣୁ ଏକ ରାଷ୍ଟ୍ର ନୀତିରେ ପରିବର୍ତ୍ତନ ଆଣିବାକୁ ହେଲେ ସରକାରରେ ଥିବା ବର୍ଗ ସହିତ ବିରୋଧୀ ଏବଂ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ଗୋଟେ ଦେଶକୁ ଉପରକୁ ଉଠିବାକୁ ହେଲେ ଏହାର ଯୁବବର୍ଗ ନିଜକୁ ଉତ୍ପାଦନକ୍ଷମ କରିବା ଦରକାର। ପାଠୁଆ ପିଲା ଆଇଆଇଟି କିମ୍ବା ଆଇଆଇଏମ୍ ପଢ଼ି ଆମେରିକା ଚାଲିଗଲେ ଦେଶ ଆଗେଇପାରିବ ନାହିଁ। ଏହାସହିତ ସ୍ୱୀକାର କରିବାକୁ ହେବ ଯେ, ଭାରତର ସାମାଜିକ ଓ ରାଜନୈତିକ ସ୍ଥିତି ଯୋଗୁ ସବୁ ଉଚ୍ଚଶିକ୍ଷିତ ଦେଶ ଛାଡ଼ି ଚାଲିଯିବାକୁ ଇଚ୍ଛା କରୁଛନ୍ତି। ସମ୍ବଳ ଥିବା ମାତାପିତା ମଧ୍ୟ ଏ ଦିଗରେ ପିଲାଙ୍କୁ ସହଯୋଗ କରୁଛନ୍ତି। ସେଥିପାଇଁ ସମାଜରେ ପରିବର୍ତ୍ତନ ଆସିଲେ ଅର୍ଥନୀତି ବଦଳିବ। ଅର୍ଥନୀତି ବଦଳିଲେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ।

ଲୋକାଚାର ଦଳିବି ଚରଣେ

ଚିତ୍ର–ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଉଁ ଏକ ବିଦ୍ରୋହର ଆବେଶରେ ସେଦିନ ସେ କବି ଲେଖିଥିଲେ କେଜାଣି– ''ସମାଜ ମୁଁ ମାନିବିନି ଲୋକମତ ଦଳିବି ଚରଣେ'', ସେଇ ଢାଞ୍ଚାରେ ଏବେ ନିଜକୁ ହେତୁବାଦୀ ବୋଲାଉଥିବା ଥୋକେ ଲୋକ ନିଜ ଆଚରଣରେ ଅବ୍ୟକ୍ତ ଭାବେ ଉଚ୍ଚାରଣ କରୁଛନ୍ତି ଆଉ ଏକ ପଦ– ''ପରମ୍ପରା ମାନିବୁନି ଲୋକାଚାର ଦଳିବୁ ଚରଣେ''। ମାନବ ସଭ୍ୟତାର କ୍ରମୋନ୍ନତ ବିବର୍ତ୍ତନ ମଧ୍ୟରେ ମଣିଷର ବୌଦ୍ଧିକ ବିକାଶ ଯେତେ ତୀବ୍ରତର ହେଲେ ବି ସମାଜର ଯେଉଁ ଦୁଇଟି ଅଲିଖିତ ବିଧାନପତ୍ରକୁ ସମ୍ମାନ ଜଣାଇ ସେ କାଳ କାଳ ଧରି ତା' ଜୀବନଯାତ୍ରାକୁ ନିୟନ୍ତ୍ରିତ କରିଆସିଛି, ତାହା ହେଉଛି ଲୋକମତ ଓ ଲୋକାଚାର। ମନ୍ଦିରରେ ପାଦ ଥାପିବା ପୂର୍ବରୁ ପାଦର ଜୋତା ହଳକୁ ମନ୍ଦିର ବାହାରେ ରଖିବାଠୁ ଆରମ୍ଭ କରି ନାରୀ–ପୁରୁଷର ଆଦିମ ସମ୍ପର୍କକୁ ଲଜ୍ଜାର ଆବରଣ ମଧ୍ୟରେ ଘୋଡ଼ାଇ ରଖିବା ପାଇଁ ନୈତିକ ଓ ସାମାଜିକ ଦାୟିତ୍ୱବୋଧର ପରମ୍ପରା ପ୍ରତ୍ୟେକ କାଳରେ ମଣିଷ ଭିତରେ ମଣିଷତ୍ୱର ପ୍ରମାଣ ଦେଇଆସିଛି। ସେମିତି ଆମ ଧର୍ମୀୟ ବିଶ୍ୱାସ ଓ ସାମାଜିକ ପରମ୍ପରା ସହ ଜଡ଼ିତ ହୋଇ ରହିଥିବା ବିଭିନ୍ନ ଲୋକାଚାର ମଧ୍ୟ ମଣିଷର ଶବ୍ଦକୋଷରୁ ଉଭାନ୍ ହୋଇ ଯାଇନାହିଁ।

ବିଡ଼ମ୍ବନାର ବିଷୟ, ମଣିଷ ବା ସମାଜ ପାଇଁ କିଛି ସାମୂହିକ ଅଭିବୃଦ୍ଧିର ବାର୍ତ୍ତା ନ ଥାଇ, ଏକ ଉନ୍ନତ ଜୀବନର ସମୁଚିତ ସନ୍ଦେଶ ନ ଥାଇ, ଅର୍ଥହୀନ ଭାବେ କେବଳ ନିଜ ସ୍ଥିତି ଜାହିର କରିବାକୁ ଥୋକେ ଲୋକ ଏମିତି କିଛି ବିଚାର ବାଢ଼ନ୍ତି; ଯାହା ଆମ ଧର୍ମୀୟ ଚେତନାକୁ ପ୍ରଚଣ୍ଡ ପ୍ରହାର କରେ। କେଇଦିନ ତଳେ ସଂଘଟିତ ହୋଇଥିବା ସୂର୍ଯ୍ୟୋପରାଗ ବେଳେ, ଯେଉଁଦିନ ବୈଦିକ ରୀତିନୀତି ଅନୁସାରେ ସମସ୍ତ ଦେବକର୍ମ ଓ ପାକାନ୍ନ ଭୋଜନର ନିଷେଧନାମା ମଧ୍ୟରେ ପରାଗ ମୋକ୍ଷକୁ ଅପେକ୍ଷା କରୁଥିଲେ; ସେଦିନ ଆମ ରାଜଧାନୀ ନଗରରେ କେଇଜଣ ହେତୁବାଦୀ ସର୍ବସାଧାରଣ ସ୍ଥାନରେ ଚିକେନ ବିରିୟାନି ଖାଇ ଭିନ୍ନ ଭାବେ ପାଳନ କରିଥିଲେ ଏହି ଖଗୋଳିକ ଘଟଣାଟିକୁ। ସର୍ବସାଧାରଣ ସ୍ଥାନରେ ଏକ ଗଣଭୋଜନର ଆୟୋଜନ କରି ଓ ଏହାର ଚିତ୍ର ଉତ୍ତୋଳନ କରି ସାରା ସଂସାରକୁ ଦେଖାଇବା ପାଇଁ ବିଭିନ୍ନ ଟିଭି ଚାନେଲକୁ ଆମନ୍ତ୍ରଣ କରି କ'ଣ ପ୍ରମାଣ କରିବାକୁ ଚାହୁଁଥିଲେ ଏମାନେ? ବହୁ କାଳରୁ ବହୁ ଲୋକଙ୍କ ଦ୍ୱାରା ପାଳିତ ବିଧି ବ୍ୟବସ୍ଥା ବିରୋଧରେ ବିଦ୍ରୋହ ନା ଆମ ସାମାଜିକ ପ୍ରଥା ପରମ୍ପରା ସହ ଜଡ଼ିତ ଧର୍ମଧାରଣା ପ୍ରତି ଉପହାସ?

ଧର୍ମ ହେଉ କି ଧର୍ମଧାରଣା ସହ ସଂଶ୍ଳିଷ୍ଟ ଆମ ଲୋକାଚାର ବିରୋଧରେ ବିଦ୍ରୋହ ବା ଉପହାସ ଯେତେ ଭୀଷଣ ହେଲେ ବି ଧନ୍ୟ କହିବ ଆମ ଧର୍ମର ଉଦାରତାକୁ, ଯାହା ସବୁ କିଛି ସହିନିଏ। ସୂର୍ଯ୍ୟୋପରାଗରେ ପାକତ୍ୟାଗ ଭଳି ରୀତିନୀତିକୁ କିଏ 'ଭାଣ୍ଡ ତାମ୍‌ସା' କହି ଅପମାନିତ କଲେଣି ତ ଅନ୍ୟ ଜଣେ ହେତୁବାଦୀ ପରାଗରେ ଚିକେନ୍ ବିରିୟାନି ଖାଇବାକୁ ସଂସ୍କାରର ଅବକ୍ଷୟ କହୁଥିବା ଜଣେ ଗବେଷକଙ୍କୁ 'କୁଣ୍ଡାଖିଆ ପାଠ ପଢ଼ିଛ' ଭଳି ଅପଶବ୍ଦ ଫିଙ୍ଗି ଆହତ କଲେଣି। ଶଙ୍କରାଚାର୍ଯ୍ୟ ମଧ୍ୟ ଏଭଳି ପ୍ରହସନକୁ ନାପସନ୍ଦ କରି ବିବୃତି ଦେଲେ। କହିଲେ, ''ଯେଉଁମାନେ ଧର୍ମୀୟ ରୀତିନୀତିକୁ ଉପହାସ କରି ପରାଗରେ ଗଣଭୋଜିର ଆୟୋଜନ କଲେ, ସେମାନେ ସୁସ୍ଥ ମନ ନେଇ ଶାସ୍ତ୍ର ଅଧ୍ୟୟନ କରନ୍ତୁ ଓ ଶାସ୍ତ୍ରଜ୍ଞାନ ଭିତରେ ଥିବା ବିଜ୍ଞାନକୁ ଅନୁଧ୍ୟାନ କରନ୍ତୁ।'' ଉଦାର ଧର୍ମର କି ମାର୍ମିକ ମାର୍ଗଦର୍ଶନ! ଅନ୍ୟ କେଉଁ ଧର୍ମ ହୋଇଥିଲେ ତାହାର ବଡ଼ପଣ୍ଡାମାନେ ଏତେବେଳକୁ ଧର୍ମୀୟ ଭାବଧାରା ଓ ଏଥିସହ ସଂଶ୍ଳିଷ୍ଟ ଲୋକାଚାରକୁ ଉପେକ୍ଷା ଓ ଉପହାସ କରିବା ଭଳି ଅପକର୍ମକୁ ଏକ ଗୁରୁତର ଅପରାଧ ଭାବେ ବିବେଚନା କରି ଏଥିପାଇଁ ଅନ୍ୟ କିଛି ଭୟଙ୍କର ପରିଣାମ ଘଟାଇବାକୁ ଫତ୍‌ୱା ଜାରି କରି ସାରନ୍ତେଣି!

ଏଠାରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବନାହିଁ ଯେ, କେଇବର୍ଷ ପୂର୍ବରୁ ଭୁବନେଶ୍ୱରର ଏକ ସାଂସ୍କୃତିକ ସଭାମଞ୍ଚରୁ କିଛି ହେତୁବାଦୀଙ୍କ କଣ୍ଠରୁ ଶୁଣାଯାଇଥିଲା ଏକ ଔଦ୍ଧତ୍ୟପୂର୍ଣ୍ଣ ଉଦ୍‌ଘୋଷଣା– 'ଯିଏ ଈଶ୍ୱରଙ୍କୁ ଧରିଆଣି ରାଜଧାନୀର ଜୟଦେବ ଭବନ ସଭାମଞ୍ଚରେ ଛିଡ଼ା କରାଇଦେବ, ତାକୁ ଲକ୍ଷେ ଟଙ୍କା ପୁରସ୍କାର ଦିଆଯିବ।' ବଡ଼ ବିଚିତ୍ର ଥିଲା ଏହି ଆହ୍ୱାନ। ଜଣେ ଅଧ୍ୟାପକଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିଲା ଏକ ଛଅଜଣିଆ କମିଟି, ଯିଏ ଈଶ୍ୱରଙ୍କୁ ପରୀକ୍ଷା ନିରୀକ୍ଷା କରି ରିପୋର୍ଟ ଦେଇଥା ଆନ୍ତେ! ଈଶ୍ୱରବିଶ୍ୱାସୀଙ୍କ ଭକ୍ତି ଚେତନା ଉପରେ ନିରୀଶ୍ୱରବାଦୀଙ୍କର କି ପ୍ରଚଣ୍ଡ ପ୍ରହାର! ଈଶ୍ୱର ଆଧିଭୌତିକ ଚେତନାର ଏକ ଦିବ୍ୟ ଅନୁଭବ, ଏକ ବିମଳ ବିଶ୍ୱାସ। ଜ୍ଞାନୀ ବିଜ୍ଞାନୀମାନଙ୍କୁ ନେଇ ଗଠିତ କମିଟି ଯେ କୌଣସି ଭୌତିକ ବା ପାର୍ଥିବ ଜ୍ଞାନର ମାନ ନିର୍ଦ୍ଧାରଣ କରିପାରେ। ମାତ୍ର ହୃଦ୍ୟ ଅନୁଭବ ଓ ସମର୍ପିତ ବିଶ୍ୱାସକୁ ପରଖିବା ପାଇଁ ଲକ୍ଷେ ଟଙ୍କାର ଲୋଭ କାହିଁକି, ସଂସାରର ସବୁ ସମ୍ପଦ ଅଜାଡ଼ିଦେଲେ ବି ତାହା ଯଥେଷ୍ଟ ହେବନାହିଁ। ବିଶ୍ୱାସୀଙ୍କ ପାଇଁ ଈଶ୍ୱର ସହଜଲଭ୍ୟ ହେବେ ସିନା ତର୍କରେ ଘୁଞ୍ଚି ଯାଉଥିବେ ଦୂରକୁ ଦୂର।

କେଉଟଟିଏ ପୋଖରୀରେ ଜାଲ ଛାଟି ଚାଲିଥାଏ। ଜାଲ ଫାଶ ମଧ୍ୟରେ ଗଳି ଯାଇପାରୁ ନ ଥିବା ବଡ଼ ବଡ଼ ମାଛମାନେ ପ୍ରତିଥର ଧରାପଡୁଥାଆନ୍ତି ଜାଲରେ। ସବୁଥର ଜାଲ ଭିତରୁ ଗୋଟିଏ ବି ଛୋଟମାଛ ନ ପାଇ କେଉଟ ସିଦ୍ଧାନ୍ତରେ ପହଞ୍ଚିଗଲା– 'ଏ ପୋଖରୀରେ ଛୋଟ ମାଛ ଆଦୌ ନାହାନ୍ତି।' ତା' ଜାଲର ଫାଶ ଯାହା, ତାହା ମଧ୍ୟରେ ଯେ ଛୋଟ ମାଛ ଧରାପଡ଼ନ୍ତେ ନାହିଁ, ଏ କଥା ବିଚାର ନ କରି ସିଦ୍ଧାନ୍ତରେ ପହଞ୍ଚି ଯାଇଥିଲା ନିର୍ବୋଧ କେଉଟ। ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ମଣିଷର ଅନୁଭୂତି ଠିକ୍ ଏହିପରି। ନିଜ ଚେତନାର ଜାଲ ଫାଶ ମଧ୍ୟରେ ଈଶ୍ୱରଙ୍କ ଅସ୍ତିତ୍ୱ ଯଦି ଧରା ନ ପଡ଼ିଲା, ତେବେ ସ୍ୱୟଂ ଧରା ଦେବା ପାଇଁ ଈଶ୍ୱର ବା କାହିଁକି ଜୟଦେବ ଭବନକୁ ଆସନ୍ତେ! କେବଳ ଦେଖାଯାଉଥିବା ଚିଜ ହିଁ ସତ୍ୟ ଓ ଆଉ ସବୁ 'ଭାଣ୍ଡ ତାମ୍‌ସା' ବୋଲି ଯେଉଁ ବିଜ୍ଞଜନେ ମନେକରୁଛନ୍ତି, ତାଙ୍କୁ ଯଦି ପଚରାଯାଏ 'ପବନ ଦେଖିବାକୁ କିପରି?' ତାକୁ ଦେଖିଥିବା ଓ ଦେଖାଇ ପାରୁଥିବା ଲୋକକୁ ଦଶଲକ୍ଷ ଟଙ୍କା ପୁରସ୍କାର ଦିଆଯିବ, ତେବେ କେମିତି ହେବ ସେମାନଙ୍କର ପ୍ରତିକ୍ରିୟା? ଈଶ୍ୱରଙ୍କ ସହ ସିନା ସମସ୍ତଙ୍କର ସମ୍ପର୍କ ନାହିଁ, ମାତ୍ର ସଞ୍ଜୀବନୀ ଶକ୍ତି ହୋଇ ସଭିଙ୍କୁ ପ୍ରାଣବନ୍ତ କରିଥିବା ପବନର ଅସ୍ତିତ୍ୱ ସ୍ୱୀକାର କରିବାକୁ ସମସ୍ତେ ତ ବସ୍ତୁତଃ ବାଧ୍ୟ। ହେଲେ ପବନକୁ ଦେଖିଥିବା ଲୋକ ଏହି ସଂସାରରେ କେହି ଅଛନ୍ତି କି? ଯଦି ନାହାନ୍ତି, ତେବେ ପବନ କ'ଣ ମିଥ୍ୟା, ଠିକ୍ ଅଦୃଶ୍ୟ ଈଶ୍ୱରଙ୍କ ପରି?

ଈଶ୍ୱର ଅଛନ୍ତି। ସେ ଅଛନ୍ତି ପ୍ରକୃତିର ପ୍ରତିଟି ସୃଷ୍ଟିରେ। ତାଙ୍କୁ ମାନୁଥିବା ଆସ୍ତିକଙ୍କ ହୃଦୟରେ ଯେମିତି ସେ ଅଛନ୍ତି, ସେମିତି ବି ଅଛନ୍ତି, ତାଙ୍କ ଅସ୍ତିତ୍ୱକୁ ଅବଜ୍ଞା କରୁଥିବା ହେତୁବାଦୀଙ୍କ ଉପହାସରେ। ସେ ଅଛନ୍ତି ବୋଲି ବିଶ୍ୱାସ କରିବାକୁ କାହା ପାଇଁ କିଛି ବାଧ୍ୟବାଧକତା ନାହିଁ। ତାଙ୍କ ସ୍ଥିତିକୁ ଅସ୍ୱୀକାର କରିବାକୁ ସମସ୍ତେ ସ୍ୱାଧୀନ। ସୁତରାଂ, ଏଥିପାଇଁ ସଭାସମିତି କରି ଆହ୍ୱାନ ଜଣାଇବା ବା ଲକ୍ଷେ ଟଙ୍କାର ପୁରସ୍କାର ଘୋଷଣା କରିବାର କିଛି ପ୍ରୟୋଜନ ହିଁ ନାହିଁ। ସୂର୍ଯ୍ୟୋପରାଗ ବା ଚନ୍ଦ୍ରଗ୍ରହଣ ସହ ଜଡ଼ିତ ପାକତ୍ୟାଗ ଭଳି ଧର୍ମଧାରଣା ବା ଲୋକାଚାରାକୁ ଅବଜ୍ଞା କରି ଯେତେ ଚିକେନ ବିରିୟାନି ବାଣ୍ଟିଲେ ବି ଈଶ୍ୱର ନାହାନ୍ତି ବୋଲି ପ୍ରମାଣିତ ହେବନାହିଁ, ହୋଇପାରିବ ନାହିଁ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ–୮୮୯୫୬୨୪୧୦୫

ରାତି ଆକାଶରେ ଚଳନ୍ତା ରେଳଗାଡ଼ି

ପ୍ରଫେସର ସିତାଂଶୁ କୁମାର ସାମଲ

ଗତ ସେପ୍ଟେମ୍ବରରେ ଉଭୟ ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମରେ ରାତି ଆକାଶରେ ଚଳନ୍ତା ରେଳଗାଡ଼ି ଚର୍ଚ୍ଚାର ବିଷୟ ଥିଲା। ଚର୍ଚ୍ଚାର କାରଣ ହେଲା ଉତ୍ତର ଭାରତର ବହୁଅଞ୍ଚଳରେ ପ୍ରାୟ ରାତି ଆଠଟାରେ ଅନେକ ସମଦୂରତାରେ ଥିବା ଉଜ୍ଜ୍ୱଳ ବିନ୍ଦୁମାନଙ୍କର ସରଳ ରୈଖିକ ଗତି ଯାହା ରାତି ଆକାଶରେ ଏକ ଚଳନ୍ତା ରେଳଗାଡ଼ିର ଭ୍ରମ ସୃଷ୍ଟି କରୁଥିଲା। ଏହା ବାସ୍ତବରେ ପୃଥିବୀର ନିମ୍ନ କକ୍ଷରେ ଘୂର୍ଣ୍ଣାୟମାନ ଅନେକ କୃତ୍ରିମ ଉପଗ୍ରହର ଗତି ଥିଲା। ରାତି ଆଠଟା ବେଳକୁ ସୂର୍ଯ୍ୟ ଅସ୍ତ ହୋଇ ଥିଲେ ମଧ୍ୟ ଉକ୍ତ ଉପଗ୍ରହଗୁଡ଼ିକ ସୂର୍ଯ୍ୟାଲୋକର ପ୍ରତିଫଳନ ହେତୁ ଉଜ୍ଜ୍ୱଳ ଦେଖାଯାଉଥିଲେ। ଏଠାରେ ସୂଚନା ଥାଉକି, ଚନ୍ଦ୍ର ପୃଥିବୀର ଏକ ଉପଗ୍ରହ। ଏହା ସୂର୍ଯ୍ୟାଲୋକର ପ୍ରତିଫଳନ ହେତୁ ଆଲୋକିତ ହୋଇଥାଏ। ଏଥର ଆସ ଆମେ କୃତ୍ରିମ ଉପଗ୍ରହଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିବା।

ଆମ ସୌରମଣ୍ଡଳର ସମସ୍ତ ଗ୍ରହଙ୍କ ଚତୁଃପାର୍ଶ୍ୱରେ ଚନ୍ଦ୍ରକୁ ମିଶାଇ ଭିନ୍ନ ଭିନ୍ନ କକ୍ଷରେ ୨୦୭ଟି ପ୍ରାକୃତିକ ଉପଗ୍ରହ ଗତି କରୁଛନ୍ତି। ପ୍ରତ୍ୟେକ ଉପଗ୍ରହ ଏକ ନିର୍ଦ୍ଦିଷ୍ଟ ଅଣ୍ଡାକୃତି କକ୍ଷରେ ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଅହରହ ଏକ ନିର୍ଦ୍ଦିଷ୍ଟ ଗ୍ରହ ଚାରିପଟେ ଘୂରି ବୁଲୁଛନ୍ତି। ଏହି ଉପଗ୍ରହଗୁଡିକ କଠିନ ବସ୍ତୁ ଏବଂ ଏମାନଙ୍କର ଆକାର ତଥା ପ୍ରକାର ଭିନ୍ନ। କୃତ୍ରିମ ଉପଗ୍ରହଗୁଡିକ କିନ୍ତୁ ମନୁଷ୍ୟ ଦ୍ୱାରା ନିର୍ମିତ ବସ୍ତୁ। ଏମାନଙ୍କର ଆକାର, ଆକୃତି, ପ୍ରକାର ତଥା ଗଠନ ଶୈଳୀ ଭିନ୍ନ। ଏମାନଙ୍କୁ ମହାକାଶ ଯାନ ବା ର

ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ରଙ୍କ ଭାତୃ ବିୟୋଗ

ଭଦ୍ରକ ଅଫିସ: ଭଦ୍ରକ ଜିଲା ଧାମନଗର ଉପନିର୍ବାଚନ ଭୋଟ ଗଣତି ଚାଲିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କ ବଡ଼ଭାଇ ମନୀନ୍ଦ୍ର ଦାସ(୫୬)ଙ୍କ ରବିବାର ମଧ୍ୟାହ୍ନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି କ୍ୟାନ୍‌ସରରେ ପୀଡ଼ିତ ଥିଲେ। ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ଚିହ୍ନିଡ଼ି ବ୍ଲକ କାଁପଡ଼ା ଗ୍ରାମରେ ଥିବା ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସନ୍ଧ୍ୟାରେ ରାଜେନ୍ଦ୍ର ଓ ପରିବାରବର୍ଗଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଛି।

୪ ଆସନରେ ଭାଜପା ବିଜୟୀ

୬ ରାଜ୍ୟର ୭ ଆସନରେ ଉପନିର୍ବାଚନ

ଆରଜେଡି, ଟିଆର୍‌ଏସ୍, ଉଦ୍ଧବଙ୍କ ପ୍ରାର୍ଥୀ ଗୋଟିଏ ଲେଖାଏ ଜିତିଲେ

ନୂଆଦିଲ୍ଲୀ,୬।୧୧

ନିକଟରେ ଅନୁଷ୍ଠିତ ୬ ରାଜ୍ୟର ୭ ବିଧାନସଭା ଉପନିର୍ବାଚନରେ ଭାଜପାକୁ ବଡ଼ ସଫଳତା ମିଳିଛି। ଏଥିରୁ ଗୈରିକ ଦଳ ୪ ଆସନ ଦଖଲ କରିଥିବାବେଳେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଗୋଟିଏ ଲେଖାଏ ଆସନ ହାତେଇଛନ୍ତି। ଉପରୋକ୍ତ ୭ ଆସନରେ ପୂର୍ବରୁ ଭାଜପା ଦଖଲରେ ୩ ଓ କଂଗ୍ରେସ ହାତରେ ୨ ଆସନ ଥିବାବେଳେ ଶିବସେନା ଏବଂ ଆର୍‌ଜେଡି ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀରେ ଜିତିଥିଲେ। ସଦ୍ୟ ପରିଣାମ କୌଣସି ରାଜ୍ୟର ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇ ନ ପାରେ। ତେବେ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହେବାରେ ଲାଗିଥିବାବେଳେ ଏହି ଫଳାଫଳ କ୍ଷେତ୍ର ପ୍ରସ୍ତୁତି ସକାଶେ ଏକ ବୁଷ୍ଟର ଶଟ୍ ହୋଇପାରେ ବୋଲି କୁହାଯାଉଛି।

ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଘୋଷଣା ଅନୁସାରେ, ବିହାରର ୨ ଏବଂ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ତେଲଙ୍ଗାନାର ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀରେ ଗତ ୩ ତାରିଖରେ ଭୋଟ ଗ୍ରହଣ କରାଯାଇଥିଲା। ଭୋଟ ଗଣତି ପରେ ଉପନିର୍ବାଚନର ଫଳାଫଳ ରବିବାର ଆସିଛି। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ବିହାରର ଗୋପାଳଗଞ୍ଜ ଆସନରେ ଭାଜପା ବିଜୟୀ ହୋଇଥିବାବେଳେ ମୋକମା ଆସନରେ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ଆର୍‌ଜେଡି ବାଜିମାତ୍ କରିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପା ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଓହରି ଆର୍‌ଜେଡି ସହ ପୁନଃ ମହାମେଣ୍ଟ କରିବା ପରେ ଏହି ଉପନିର୍ବାଚନ ହୋଇଛି। ମୋକମା ବିଧାୟକ ଅନନ୍ତ ସିଂ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ବିଧାନଭାରେ ତାଙ୍କ ସଦସ୍ୟତା ରଦ୍ଦ କରାଯାଇଥିଲା। ଏଠି ତାଙ୍କ ସ୍ତ୍ରୀ ନୀଲମ ଦେବୀ ୭୯,୬୪୬ ଭୋଟ ପାଇ ଜିତିଥିବାବେଳେ ଭାଜପା ପ୍ରାର୍ଥୀ ସୋନମ ଦେବୀଙ୍କୁ ୬୨,୯୩୯ ଖଣ୍ଡ ଭୋଟ ମିଳିଛି। ଅନ୍ୟପକ୍ଷେ ପ୍ରାୟ ୨ ଦଶନ୍ଧି ଧରି ଭାଜପାର ଗଢ଼ ଭାବେ ପରିଚିତ ଗୋପାଳଗଞ୍ଜରେ ବିଧାୟକ ସୁଭାଷ ସିଂଙ୍କ ମୃତ୍ୟୁ ପରେ ଦଳ ତାଙ୍କ ସ୍ତ୍ରୀ କୁସୁମ ଦେବୀଙ୍କୁ ପ୍ରାର୍ଥୀ କରିଥିଲା। କୁସୁମ ଆର୍‌ଜେଡି ପ୍ରାର୍ଥୀ ମୋହନ ପ୍ରସାଦ ଗୁପ୍ତାଙ୍କୁ ୧,୭୯୪ ଭୋଟ ବ୍ୟବଧାନରେ ହରାଇଛନ୍ତି। ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଜନ ଲାଲଙ୍କ ପରିବାରର ପାରମ୍ପରିକ ଆସନ ଆଦମ୍‌ପୁରରେ ତାଙ୍କ ନାତି ବୈଭବ ବିଷ୍ଣୋଇ ବିଜୟୀ ହୋଇଛନ୍ତି। ବୈଭବଙ୍କ ବାପା କୁଲଦୀପ ବିଷ୍ଣୋଇ ପୂର୍ବରୁ କଂଗ୍ରେସରେ ଥିଲେ। ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ ସହ ଦଳବଦଳ କରିବା ପରେ ସେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ବୈଭବ ୬୭,୩୭୬ ଭୋଟ ପାଇ ହରିୟାଣା ବିଧାନସଭାର ସର୍ବକନିଷ୍ଠ ସଦସ୍ୟ ମାନ୍ୟତା ଲାଭ କରିଥିବାବେଳେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ଜୟ ପ୍ରକାଶ ୫୧,୬୬୨ ଭୋଟ ପାଇ ପରାଜିତ ହୋଇଛନ୍ତି।

ସେହିପରି ଗତ ସେପ୍ଟେମ୍ବର ୬ରେ ଉତ୍ତର ପ୍ରଦେଶର ଗୋଲା ଗୋକର୍ଣ୍ଣନାଥ ଆସନର ଭାଜପା ବିଧାୟକ ଅରବିନ୍ଦ ଗିରିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ଅମନ ଗିରି ଉପନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରାର୍ଥୀ ବିନୟ ତିୱାରୀ(ପୂର୍ବତନ ବିଧାୟକ)ଙ୍କୁ ୩୪,୨୯୮ ଭୋଟ ବ୍ୟବଧାନରେ ହରାଇଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ଟିଆର୍‌ଏସ୍ ପ୍ରାର୍ଥୀ କୁସୁକୁନ୍ତଳା ପ୍ରଭାକର ରେଡ୍ଡୀ ରାଜ୍ୟର ମୁନୁଗୋଡ୍ ଆସନରେ ବିଜୟୀ ହୋଇଛନ୍ତି। ଏଠାରେ ଶାସକ ଦଳର କୁସୁକୁନ୍ତଳା ଭାଜପାର କୋମଟିରେଡ୍ଡୀ ରାଜଗୋପାଳ ରେଡ୍ଡୀଙ୍କ ତୁଳନାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଛନ୍ତି। ମହାରାଷ୍ଟ୍ରର ଅନ୍ଧେରି ଇଷ୍ଟ୍ ଆସନରେ ଏଥର ଦୁଇଟି କଥା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ଶିବସେନା ନେତା ଏକନାଥ ଶିନ୍ଦେ ଦଳରେ ବିଦ୍ରୋହ ଘଟାଇ ଭାଜପା ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନିର୍ବାଚନ କମିଶନ ଠାକ୍‌ରେ ଗୋଷ୍ଠୀକୁ ଉଦ୍ଧବ ବାଲାସାହେବ ଠାକ୍‌ରେ ଶିବସେନା (ୟୁବିଟିଏସ୍‌ଏସ୍) ମାନ୍ୟତା ଦେଇଛନ୍ତି। ୟୁବିଟିଏସ୍‌ଏସ୍ ପ୍ରଥମ ଥର ଏହାର ପାରମ୍ପରିକ ଚିହ୍ନ ଧନୁତୀର ପରିବର୍ତ୍ତେ ମଶାଲ ଚିହ୍ନରେ ନିର୍ବାଚନ ଲଢ଼ିଛି। ଶିବସେନା ପ୍ରାର୍ଥୀ ଋତୁଜା ଲତ୍‌କେ ହେଉଛନ୍ତି ପୂର୍ବତନ ବିଧାୟକ ରମେଶ ଲତ୍‌କେଙ୍କ ସ୍ତ୍ରୀ। ରମେଶ ଗତ ମେ'ରେ ଦୁବାଇରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକ୍‌ରେଙ୍କ ଅନୁରୋଧ ପରେ ଭାଜପା ଏହି ଆସନରେ ପ୍ରାର୍ଥୀ ପ୍ରତ୍ୟାହାର କରିନେଇଥିଲା। ମହାବିକାଶ ଅଘାଡ଼ିର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ଉଦ୍ଧବଙ୍କ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ମୋଟ ୮୬,୫୭୦ ଭୋଟରୁ ଋତୁଜାଙ୍କୁ ୬୬,୫୩୦ ମିଳିଥିବାବେଳେ ଦ୍ୱିତୀୟରେ ରହିଛି ନନ୍ ଅଫ୍ ଦ ଏଭବ (ନୋଟା)। ୧୨,୮୦୬ ମତଦାତା କୌଣସି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ପସନ୍ଦ ନ କରି ନୋଟା ବଟନ୍ ଚିପିଛନ୍ତି। ଓଡ଼ିଶାର ଧାମନଗରରେ ଭାଜପାର ଦିବଂଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଯଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅବନ୍ତୀ ଦାସଙ୍କୁ ୯,୮୮୧ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି।

ଭଦ୍ରକ ଜିଲା ଧାମନଗର ବିଧାନସଭା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଜିତିବା ପରେ ରବିବାର ଭବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ନେତା ଓ କର୍ମୀମାନେ ଉତ୍ସବ ମନାଉଛନ୍ତି।

ଭଦ୍ରକ ପୁରୁଣା ତହସିଲଛକଠାରେ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଫଟୋଚିତ୍ର ଧରି ବିଜୟ ଶୋଭାଯାତ୍ରାରେ ଭାଜପା କର୍ମୀ।

ପଦ୍ମପୁର ଉପନିର୍ବାଚନ: ସିଇଓଙ୍କ ସମୀକ୍ଷା

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ବରଗଡ଼ ଜିଲାର ପଦ୍ମପୁର ବିଧାନସଭା ଆସନ ପାଇଁ ଆସନ୍ତା ଡିସେମ୍ବର ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ବରଗଡ଼ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ ଏବଂ ଉପନିର୍ବାଚନ ସହ ଜଡ଼ିତ ଥିବା ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ପ୍ରସ୍ତୁତି ବୈଠକ କରିଛନ୍ତି। ଉପନିର୍ବାଚନକୁ କମ୍ ସମୟ ଥିବାରୁ ନିର୍ବାଚନ ପରିଚାଳନା ଯୋଜନା ଖୁବଶୀଘ୍ର ପ୍ରସ୍ତୁତ କରି ରିଟର୍ଣ୍ଣିଂ ଅଧିକାରୀ, ସହକାରୀ ରିଟର୍ଣ୍ଣିଂ ଅଧିକାରୀ ଏବଂ ପୁଲିଙ୍ଗ୍ ଅଧିକାରୀଙ୍କୁ ନିଯୁକ୍ତ କରିବା ସହ ସେମାନଙ୍କୁ ନିର୍ବାଚନ ପରିଚାଳନା ପାଇଁ ତାଲିମ ପ୍ରଦାନ କରିବା ସକାଶେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି।

ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ଥିବା ସମସ୍ତ ବୁଥ୍‌ଗୁଡ଼ିକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପରିଦର୍ଶନ କରାଇ କାର୍ଯ୍ୟକ୍ଷମ କରାଇବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବୁଥ୍‌ଗୁଡ଼ିକୁ ଥିବା ରାସ୍ତାଘାଟରେ ଯଦି କୌଣସି ଅସୁବିଧା ଥାଏ, ତେବେ ତାହାର ତୁରନ୍ତ ମରାମତି କରାଇବା ପାଇଁ ପ୍ରସ୍ତୁତି ବୈଠକରେ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ବିଜୟ ରଞ୍ଜନ ସିଂ ବରିହାଙ୍କ ପରଲୋକ ପରେ ଖାଲିଥିବା ଆସନରେ ଡିସେମ୍ବର ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବାର ଦିନ ଧାର୍ଯ୍ୟ ହୋଇଛି।

୭ ଉପନିର୍ବାଚନ ପରେ ବିଜୟ ଧାରା ଭାଙ୍ଗିଲା

ଭୁବନେଶ୍ୱର,୬।୧୧(ବ୍ୟୁରୋ)

- ୨୦୦୯ ପରଠାରୁ କେବେ ହାରି ନ ଥିଲା ବିଜେଡି
- ସମୀକରଣ ବଦଳାଇଲା ଧାମନଗର ଉପନିର୍ବାଚନ
- ୨୦୦୦ ମସିହା ପରଠାରୁ ମୋଟ ୩ଟି ହାରିଛି ଶାସକ ଦଳ

ରାଜ୍ୟରେ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି ଓ ଭାଜପା ମେଣ୍ଟ ସରକାର ଚାଲିଥିଲା। ୨୦୦୯ ମସିହାରେ ଭାଜପାଠାରୁ ବିଜେଡି ଅଲଗା ହୋଇ ଏକାକୀ ସରକାର ଗଠନ କରିବା ପରଠାରୁ ପ୍ରତ୍ୟେକ ନିର୍ବାଚନରେ ବିଜେଡି ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଥିବା ଦେଖିବାକୁ ମିଳିଛି। ଏହାପରଠାରୁ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଉପନିର୍ବାଚନରେ ମଧ୍ୟ ବିଜେଡି କେବେହେଲେ ପରାଜିତ ହୋଇ ନ ଥିଲା। ହେଲେ ପ୍ରଥମ ଥର ଲାଗି ଧାମନଗର ଉପନିର୍ବାଚନରେ ଭାଜପାଠାରୁ ବିଜେଡିକୁ ପରାଜୟର ସ୍ୱାଦ ଚାଖିବାକୁ ପଡିଛି। କହିବାକୁ ଗଲେ ବିଜେଡିର ୨୦୦୯ ପରଠାରୁ ହୋଇଥିବା ସମସ୍ତ ଉପନିର୍ବାଚନ ଜିତିବାର ଟ୍ରେଣ୍ଡ ଧାମନଗରରେ ଭାଙ୍ଗିଯାଇଛି।

୨୦୦୯ରୁ ୨୦୧୪ ମସିହା ମଧ୍ୟରେ କେବଳ ଉମରକୋଟରେ ଉପନିର୍ବାଚନ ହୋଇଥିଲା। ବିଜେଡିର ଜଗବନ୍ଧୁ ମାଝିଙ୍କ ମୃତ୍ୟୁ ପରେ ଏହି ଆସନରେ ଶାସକ ଦଳର ସୁବାସ ଗଣ୍ଡ ବିଜୟୀ ହୋଇଥିଲେ। ୨୦୧୪-୧୯ ମସିହା ମଧ୍ୟରେ ରାଜ୍ୟର ବିଜେପୁରରେ ଗୋଟିଏ ଉପନିର୍ବାଚନ ହୋଇଥିଲା। ବିଜେପୁରର କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ରୀତା ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଏହି ଉପନିର୍ବାଚନରେ ରୀତା ସାହୁ ବିଜୟୀ ହୋଇଥିଲେ। ସେହିପରି ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ଧାମନଗରକୁ ମିଶାଇ ରାଜ୍ୟରେ ମୋଟ ୬ଟି ଉପନିର୍ବାଚନ ହୋଇଛି। ବିଜେପୁର ଆସନରୁ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦେବା ପରେ ଏହି ଆସନରେ ଉପନିର୍ବାଚନ ହୋଇଥିଲା। ଉପନିର୍ବାଚନରେ ପୁଣିଥରେ ବିଜେଡି ପ୍ରାର୍ଥୀ ଭାବେ ରୀତା ସାହୁ ବିଜୟୀ ହୋଇଥିଲେ। ସେହିପରି ବାଲେଶ୍ୱର ଭାଜପା ବିଧାୟକ ମଦନମୋହନ ଦତ୍ତଙ୍କ ମୃତ୍ୟୁ ଯୋଗୁ ସେଠାରେ ଉପନିର୍ବାଚନ ହୋଇଥିଲା। ଭାଜପା ସେଠାରେ ମଦନଙ୍କ ପୁଅଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡିର ସ୍ୱରୂପ କୁମାର ଦାସ ପ୍ରାର୍ଥୀ ହୋଇଥିଲେ। ସେଠାରେ ବିଜେଡି ବିଜୟୀ ହୋଇଥିଲା। ତିର୍ତ୍ତୋଲ ବିଜେଡି ବିଧାୟକ ବିଷ୍ଣୁ ଦାସଙ୍କ ମୃତ୍ୟୁ ଯୋଗୁ ତାଙ୍କ ପୁଅ ବିଜେଡିର ବିଜୟ ଶଙ୍କର ଦାସଙ୍କୁ ଶାସକ ଦଳ ପ୍ରାର୍ଥୀ କରିଥିଲା। ସେଠାରେ ଭାଜପାକୁ ହରାଇ ବିଷ୍ଣୁଙ୍କ ପୁଅ ବିଜୟୀ ହୋଇଥିଲେ।

ଏହାପରେ ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ମୃତ୍ୟୁ ପରେ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଆସନରେ ପ୍ରଦୀପ ମହାରଥୀଙ୍କ ପୁଅ ବିଜେଡିର ରୁଦ୍ରପ୍ରତାପ ମହାରଥୀ ପ୍ରାର୍ଥୀ ହୋଇଥିଲେ। ସେ ଭାଜପା ପ୍ରାର୍ଥୀ ଅଶ୍ରିତ ପଟ୍ଟନାୟକଙ୍କଠାରୁ ବିଜୟୀ ହୋଇଥିଲେ। ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ମୃତ୍ୟୁ ଯୋଗୁ ତାଙ୍କ ପତ୍ନୀ ବିଜେଡିର ଅଳକା ମହାନ୍ତି ଉପନିର୍ବାଚନରେ ଶାସକ ଦଳ ପ୍ରାର୍ଥିନୀ ହୋଇ ବିଜୟୀ ହୋଇଥିଲେ। ହେଲେ ଏହି ଟ୍ରେଣ୍ଡ ଧାମନଗରର ଭାଜପା ବିଧାୟକ ବିଷ୍ଣୁ ସେଠୀଙ୍କ ମୃତ୍ୟୁ ଯୋଗୁ ହୋଇଥିବା ଉପନିର୍ବାଚନରେ ବଦଳିଯାଇଛି। ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କ ଠାରୁ ବାଜିମାତ୍ କରି ବିଜୟୀ ହୋଇଛନ୍ତି। ଆଗକୁ ପଦ୍ମପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ସରିଥିବା ବେଳେ ସେଠାରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କରର ଆଭାସ ଏବେଠୁ ମିଳିସାରିଲାଣି। ଓଡ଼ିଶା ଉପନିର୍ବାଚନ ଇତିହାସରେ ବିଜେଡି କିନ୍ତୁ ୩ୟ ଥର ପାଇଁ ପରାଜିତ ହୋଇଛି। ବିଜେଡି ୨୦୦୦ ମସିହାରୁ ମୋଟ ୧୫ଟି ଉପନିର୍ବାଚନ ଲଢିସାରିଛି। ସେଥିରୁ ୩ଟିରେ ପରାଜିତ ହୋଇଛି। ହେଲେ ୨୦୦୯ ପରଠାରୁ ରାଜ୍ୟର ସବୁଠାରୁ ଶକ୍ତିଶାଳୀ ଦଳ ବିଜେଡି ଧାମନଗର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପରାଜୟ ଚର୍ଚ୍ଚାର ବିଷୟ ପାଲଟିଛି।

ହିମାଚଳରେ ଭାଜପାର ନିର୍ବାଚନୀ ଇସ୍ତାହାର

ଶିମ୍ଳା,୬।୧୧

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରବିବାର ଦଳର ଇସ୍ତାହାର ଜାରି କରିଛନ୍ତି। ଭାଜପା କ୍ଷମତାକୁ ଫେରିଲେ ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ କରିବା ସହ ୧୧ଟି ପ୍ରତିଶ୍ରୁତି ଦେଇଛି। ଅନ୍ୟ ପ୍ରତିଶ୍ରୁତି ମଧ୍ୟରେ ରହିଛି ସମାଜରେ ସମାନତା ଆଣିବା, ଯୁବ ସଶକ୍ତୀକରଣ ଏବଂ ସରକାରୀ କର୍ମଚାରୀଙ୍କୁ ସମ୍ମାନ। ରାଜ୍ୟରେ ଆଉ ୫ଟି ମେଡିକାଲ କଲେଜ ସ୍ଥାପନ ସାଙ୍ଗକୁ ଦକ୍ଷତା ବିକାଶ ଲାଗି ୯୦୦ କୋଟି ଟଙ୍କାର ପାଣ୍ଠି ରଖାଯିବ ବୋଲି ଇସ୍ତାହାରରେ କୁହାଯାଇଛି। ଏହା ବ୍ୟତୀତ ୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ଯୋଗାଇ ଦିଆଯିବା ସହ ସରକାରୀ ନିଯୁକ୍ତିରେ ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ସଂରକ୍ଷଣ ଏବଂ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଙ୍କୁ ସାଇକେଲ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଭାଜପା ଇସ୍ତାହାରରେ କୌଣସି ନୂତନତ୍ୱ ନାହିଁ। ଦଳ ୨୦୧୭ ଇସ୍ତାହାରକୁ ପୁଣିଥରେ ଦୋହରାଇଥିବା କଂଗ୍ରେସ କହିଛି।

ସମାନ ନାଗରିକ ସଂହିତା ଲାଗୁ କରିବାକୁ ପ୍ରତିଶ୍ରୁତି

ଧାମନଗର ଉପନିର୍ବାଚନ

ଭଦ୍ରକ ନରିପୁରସ୍ଥିତ କାର୍ଯ୍ୟାଳୟରେ ଭାଜପା ନେତୃବୃନ୍ଦ ବିଜୟ ଉତ୍ସବ ମନାଉଛନ୍ତି।

ଧାମନଗରବାସୀଙ୍କ ବିଜୟ: ସୂର୍ଯ୍ୟବଂଶୀ

ଭଦ୍ରକ ଅଫିସ, ୬।୧୧: ଧାମନଗର ଉପନିର୍ବାଚନରେ ବିଜୟୀ ଘୋଷଣା ହେବା ପରେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏ ବିଜୟ ଧାମନଗରବାସୀଙ୍କର, ମୁଁ ନିମିତ୍ତ ମାତ୍ର। ଧାମନଗରବାସୀ ମୋତେ ପ୍ରାର୍ଥୀ ନୁହେଁ ପୁଅ ଭଳି ଦେଖିଛନ୍ତି ଏବଂ ନିର୍ବାଚନରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ମୁଁ ନିର୍ବାଚନ ଜିତିନାହିଁ, ଧାମନଗରବାସୀଙ୍କ ହୃଦୟକୁ ଜିତିବାରେ ସଫଳ ହୋଇଛି। ମୋ ବାପା ମୃତ୍ୟୁ ପୂର୍ବରୁ ଧାମନଗରର ଏହି ବିଶାଳ ପରିବାର ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଯାଇଛନ୍ତି। ଧାମନଗରବାସୀଙ୍କ ସେବା ଜାରି ରଖିବି।

ଇଞ୍ଜିନିୟରରୁ ରାଜନେତା

ସୂର୍ଯ୍ୟବଂଶୀ ସୂରଜ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ସାରି ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ ଚାକିରି କରିଥିଲେ। ପିତା ବିଷ୍ଣୁ ସେଠୀଙ୍କ ପ୍ରେରଣାରେ ଚାକିରି ଛାଡ଼ି ଲୋକଙ୍କ ସେବା ପାଇଁ ରାଜନୀତିରେ ପାଦ ଥାପିଥିଲେ। ଯୁବ ଭାଜପାର ରାଜ୍ୟ ସଂଯୋଜକ ଭାବେ ଦାୟିତ୍ୱ ନେଇ ସେ ଯୁବ ନେତୃତ୍ୱର ପରାକାଷ୍ଠା ଦେଖାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବାପାଙ୍କ ପାଇଁ ସେ ନିର୍ବାଚନ ପ୍ରଚାର କରି ତାଙ୍କ ବିଜୟୀ ହେବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ସେହିପରି ବାପାଙ୍କ ଅସୁସ୍ଥତା ବେଳେ ଧାମନଗରରେ ବନ୍ୟା ସମୟରେ ଲୋକଙ୍କୁ ସାହାଯ୍ୟ କରିବା ଏବଂ ବିଭିନ୍ନ ପୂଜା ପର୍ବରେ ଜନସାଧାରଣଙ୍କ ସହ ମିଶି ନିଜର ଲୋକସମ୍ପର୍କ ବଢ଼ାଇଥିଲେ। ଏହି ରାଜନୈତିକ ଲୋକପ୍ରିୟତା ତାଙ୍କ ବାପାଙ୍କ ମୃତ୍ୟୁ ପରେ ଉପନିର୍ବାଚନରେ ପ୍ରାର୍ଥୀ ଓ ବିଜୟୀ ହେବାରେ ସହାୟକ ହୋଇଛି। ଇଞ୍ଜିନିୟରରୁ ବିଧାୟକ ହୋଇଥିବା ୨୭ ବର୍ଷୀୟ ସୂର୍ଯ୍ୟବଂଶୀ

ନିଦରୁ ଉଠିଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ୪ ମାସ ଧରି ଶୟନରେ ଥିବା ମହାପ୍ରଭୁ ଶ୍ରୀଲିଙ୍ଗରାଜ ରବିବାର ଶିବ ଉତ୍ଥାପନା ଚତୁର୍ଦ୍ଦଶୀରେ ନିଦ୍ରାରୁ ଉଠିଛନ୍ତି। ପ୍ରାତଃରୁ ଆଳତି ଅବକାଶ କରାଯାଇ ଅନ୍ୟ ନୀତି ପରେ ଶ୍ରୀଜାଉଙ୍କର ବେଢ଼ା ପରିକ୍ରମା କରାଯାଇଥିଲା। ପରେ ସନ୍ଧ୍ୟାଧୂପ, ଠାକୁରାଣୀ ସନ୍ଧ୍ୟାଧୂପ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇଥିଲା। ଏହାପରେ ପୂଜାପଣ୍ଡା ସେବତ ଉକ୍ତ ମହାସ୍ନାନକୁ ଶ୍ରୀଜାଉ ଏବଂ ଶୟନ ଠାକୁରଙ୍କୁ ଲାଗି କରିଥିଲେ। ପାଲିଆ ବଡୁ ସେବକ ଶ୍ରୀଜାଉଙ୍କୁ ବେଶ କରିଥିଲେ ଓ ପତ୍ରୀ ସେବକ ଶୟନ ଠାକୁରଙ୍କୁ ବେଶ କରି ଶ୍ରୀଜାଉଙ୍କ ସମ୍ମୁଖରେ ରୂପା ଥାଳିରେ ରଖିଥିଲେ। ପୂଜାପଣ୍ଡା ସେବକ ଏକ ଗାମୁଛାକୁ ଶ୍ରୀଜାଉ ଓ ଶୟନ ଠାକୁରଙ୍କ ଉପରେ ଲାଗି କରିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଶୟନ ଠାକୁରଙ୍କ ନିଦ୍ରା ଭଙ୍ଗ କରିଥିଲେ।

ସଂକ୍ଷେପରେ

କାର୍ତ୍ତିକ ପୂର୍ଣ୍ଣିମା ପଇଁ ବାଲୁଙ୍କେଶ୍ୱର ମନ୍ଦିର, ପୁଷ୍କରିଣୀ ସଫେଇ

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)- କାର୍ତ୍ତିକ ପୂର୍ଣ୍ଣିମା ପରିପ୍ରେକ୍ଷୀରେ ନୟାପଲ୍ଲୀସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ଓ ପୁଷ୍କରିଣୀକୁ ୩୭ ନଂ. ୱାର୍ଡ କର୍ପୋରେଟର ବନ୍ଦିତା ପାଲ ଓ କଳିଙ୍ଗ କ୍ରୀଡ଼ା ପରିଷଦର ସ୍ୱେଚ୍ଛାସେବୀ ଯୁବକମାନେ ସଫେଇ କରିଛନ୍ତି। ଏହି ପୁଷ୍କରିଣୀକୁ ପ୍ରତିବର୍ଷ ପ୍ରାୟ ୮ଟି ୱାର୍ଡର ଲୋକେ ଡଙ୍ଗା ଭସାଇବାକୁ ଆସିଥାନ୍ତି। ଏଥିସହିତ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକେ ପୂଜା ପାର୍ବଣରେ କଳସଯାତ୍ରା, ଦଶବୁଠ ଆଦି କାର୍ଯ୍ୟ ଏଠାରେ କରିଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଓ ଡଙ୍ଗା ଭସା ପାଇଁ ପୁଷ୍କରିଣୀର ବନ୍ଧ ଗୁଡିକୁ ସଫା କରାଯିବା ସହ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପାଣି ଭିତରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ସୋମବାର ଡଙ୍ଗା ଭସା ସରିବା ପରେ ଆଉଥରେ ପୋଖରୀ ମଧ୍ୟରୁ କାଗଜ ଡଙ୍ଗାଗୁଡିକୁ ସଫା କରାଯିବ। ଅପରପକ୍ଷେ ଭକ୍ତଙ୍କୁ ପ୍ଲାଷ୍ଟିକ ଡଙ୍ଗା ପରିବର୍ତ୍ତେ କଦଳୀ ପଟୁଆ କିମ୍ବା କାଗଜ ଡଙ୍ଗା ବ୍ୟବହାର କରିବାକୁ ପରିଷଦ ସଭାପତି ଅର୍ଜୁନ ବେହେରା ନିବେଦନ କରିଛନ୍ତି। ସଫେଇ ଅଭିଯାନରେ ମନୋରଞ୍ଜନ ବେହେରା, ଗଣେଶ ବେହେରା, ଗୌରାଙ୍ଗ ବେହେରା, ସରୋଜ ବେହେରା, ନିହାର ମହାପାତ୍ର, ସର୍ବେଶ୍ୱର ବେହେରା ପ୍ରମୁଖ ସାମାଜିକ କର୍ମୀ ସାମିଲ ହୋଇଥିଲେ।

ଚିତ୍ରାଞ୍ଜଳି ଉଦ୍‌ଘାଟିତ

ଭୁବନେଶ୍ୱର,୬।୧୧(ବ୍ୟୁରୋ)- ସ୍ଥାନୀୟ ଏକାମ୍ର ହାଟସ୍ଥିତ ଆମ୍ଫିଥିଏଟର ମଞ୍ଚରେ 'ଚିତ୍ରାଞ୍ଜଳି-୨୦୨୨' ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ତଥା ବିଶିଷ୍ଟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଏକାଡେମୀର ସଚିବ ପଞ୍ଚାନନ ସାମଲ, ବରିଷ୍ଠ ଚିତ୍ରଶିଳ୍ପୀ ପଞ୍ଚାନନ ସୁର, 'ଆଓ'ର ସଭାପତି ଜନପ୍ରିୟ ଦେବତା, ସମ୍ପାଦକ ସମରେନ୍ଦ୍ର ଦାଶଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ସହିତ ଏକ ଜାତୀୟ ଚିତ୍ରକଳା କର୍ମଶାଳା ଓ ଚଳଚ୍ଚିତ୍ର ଉତ୍ସବର ଶୁଭାରମ୍ଭ କରାଯାଇଛି। ଦୀର୍ଘ ୩୦ ବର୍ଷ ଧରି ଏହି ଅନୁଷ୍ଠାନ ଓଡ଼ିଶାର କଳା ସଂସ୍କୃତି ଦିଗରେ ଉନ୍ନତି ଆଣିବା ପାଇଁ ଚେଷ୍ଟା ଜାରି ରଖିଥିବା ବେଳେ ବିଭିନ୍ନ ସମୟରେ ଚିତ୍ର ପ୍ରଦର୍ଶନୀ, ଆଲୋଚନାଚକ୍ର ଓ କର୍ମଶାଳା ଆୟୋଜନ କରିଆସୁଛି। ସେହିପରି ଅନୁଷ୍ଠାନ ପକ୍ଷରୁ ଯୁବଶିଳ୍ପୀଙ୍କୁ ଉତ୍ସାହିତ କରିବାପୂର୍ବକ ସମ୍ମାନିତ କରାଯାଇଥାଏ। ତେବେ ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଅନେକ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଚିନ୍ତାମଣି ବିଶ୍ୱାଳ, ସହସମ୍ପାଦକ ସନ୍ତୋଷ କୁମାର ସାହୁ, ଶୁଭଶ୍ରୀ ମିଶ୍ର, ବିବେକାନନ୍ଦ ଦାସ ସହଯୋଗ କରିଥିଲେ। ବରିଷ୍ଠ ଶିଳ୍ପୀ ତଥା ଅଧ୍ୟାପକ ମୀନକେତନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଚିତ୍ରକଳାରେ ପୁଣି ଝଲସିବ ସ୍ମାର୍ଟସିଟି କାନ୍ଥ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

- ବିଷୟବସ୍ତୁ ନେଇ ମତ ରଖୁଛନ୍ତି ସହରବାସୀ
- ସୋସିଆଲ ମିଡିଆରେ ସର୍ଭେ ଆରମ୍ଭ

ସ୍ମାର୍ଟସିଟି ଭୁବନେଶ୍ୱରକୁ ଆହୁରି ସୁନ୍ଦର କରିବା ପାଇଁ ଓଭରବ୍ରିଜ କାନ୍ଥ, ବିଭିନ୍ନ କାର୍ଯ୍ୟାଳୟ ଓ ଆବାସିକ ଗୃହର ବଡ଼ ବଡ଼ କାନ୍ଥକୁ ଚିତ୍ରିତ କରାଯାଉଛି। ତେବେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଏମସି ଓ ବିଡିଏ ସହଯୋଗରେ 'ମୋ ଭୁବନେଶ୍ୱର ଆର୍ଟ' ଅଭିଯାନ ଅଧୀନରେ ରାଜଧାନୀବାସୀଙ୍କ ମତ ଲୋଡ଼ାଯାଇଛି। ସହରର ସମସ୍ତ ବଡ଼ ବଡ଼ କାନ୍ଥକୁ ଚିତ୍ରିତ କରିବା ପାଇଁ ପ୍ରୟାସ କରାଯାଉଛି। କେଉଁ ବିଷୟବସ୍ତୁକୁ ନେଇ ଚିତ୍ର ଅଙ୍କନ କରାଯାଇପାରିବ ସେ ସେନେଇ ସୋସିଆଲ ମିଡ଼ିଆରେ ଏକ ସର୍ଭେ ଆରମ୍ଭ କରାଯାଇଛି। ନଭେମ୍ବର ୧୦ ମଧ୍ୟରେ ସହରବାସୀ ଏନେଇ ନିଜ ନିଜ ମତ ରଖିପାରିବେ। ତେବେ ସହରବାସୀ ବିଶେଷକରି ସ୍ୱାସ୍ଥ୍ୟ ରକ୍ଷା, ପରିବେଶ ସୁରକ୍ଷା, ସଡ଼କ ସୁରକ୍ଷା, ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା, ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱର ଗାଥା ଚିତ୍ରକଳା ମାଧ୍ୟମରେ ଦର୍ଶାଇବା ପାଇଁ ମତ ରଖୁଛନ୍ତି। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବା ପୂର୍ବରୁ ସହରର ବିଭିନ୍ନ କାନ୍ଥକୁ ବିଶିଷ୍ଟ ଖେଳାଳିଙ୍କ ପ୍ରତିଛବିରେ ଚିତ୍ରିତ କରାଯାଇଥିଲା। ଏହା ସହରର ରାଜରାସ୍ତାକୁ ବେଶ୍ ଆକର୍ଷଣୀୟ କରିଥିଲା। ତେବେ କିଛିଦିନ ମଧ୍ୟରେ ବେଆଇନ ବିଜ୍ଞାପନ ପୋଷ୍ଟର ତଳେ ଏହିସବୁ ଚିତ୍ର ଲୁଚିଯାଇଥିଲା। ଏଥିସହ ସହର କାନ୍ଥ ମଧ୍ୟ ବିକୃତ ହୋଇଗଲା। ତେବେ ଏହାକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟର ଅନେକ ପ୍ରତିଭାଙ୍କ ଚିତ୍ରିତ ହୋଇଥିବା କାନ୍ଥ ଅଳିଆ ଆବର୍ଜନାରେ ଘୋଡ଼ାଇଯିବା ଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଥିଲା। ସେହିପରି ପାନଛେପ ପକାଇ ନାଗରିକ ସୁନ୍ଦର ଚିତ୍ରିତ କାନ୍ଥକୁ ବିକୃତ ନ କରିବା ପାଇଁ ବିଏମସି ପକ୍ଷରୁ ବାରମ୍ବାର ଅପିଲ କରାଯାଉଛି।

ଉଦ୍‌ଯାପିତ ହେଲା ନାଟକ 'ନବକଳେବର'

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ସାଇଶ୍ରଦ୍ଧା ପ୍ରଡକ୍ସନ ପକ୍ଷରୁ ୩ ଦିନ ଧରି ଚାଲିଥିବା ନାଟକ 'ନବକଳେବର' ରବିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଯୋଗଦେଇ ଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜଗନ୍ନାଥ ମନ୍ଦିର ମୋଗଲମାନଙ୍କ ଦ୍ୱାରା ୧୫ଥର ଆକ୍ରମଣର ଶିକାର ହୋଇଛି। କଳାପାହାଡ଼ ଜଗନ୍ନାଥଙ୍କୁ ପୋଡ଼ିଦେବା ପରେ ସେହି ଅର୍ଦ୍ଧଦଗ୍ଧ ପିଣ୍ଡକୁ ନେଇ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ହୋଇଥିବା ପ୍ରଥମ ନବକଳେବର ନୀତିକୁ ନେଇ ନାଟକ ପ୍ରଦର୍ଶିତ ହୋଇଯାଇଛି। କେଉଁ ପରିସ୍ଥିତିରେ ରାଜା ଗଜପତି ଓ ସେବାୟତମାନେ ତ୍ରିମୂର୍ତ୍ତିଙ୍କୁ ସ୍ଥାନାନ୍ତର କରି ଓଡ଼ିଆ ଜାତିର ସମ୍ମାନ ରକ୍ଷା କରିଥିଲେ ତାହାକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ଶେଷଦିନରେ ଭରପୂର ଦର୍ଶକ ଉପସ୍ଥିତ ରହି ନାଟକ ଦେଖିଥିଲେ। କରତାଳି ସହ ଜଗନ୍ନାଥଙ୍କ ସେହି ଅପୂର୍ବ ଲୀଳାକୁ କଳାକାରମାନେ ଅଭିନୟ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ବିନି ସାମଲଙ୍କ ପ୍ରଯୋଜନାରେ ନାଟକର କାହାଣୀ ନାଟ୍ୟକାର ଶଙ୍କର ତ୍ରିପାଠୀ ଲେଖିଥିବା ବେଳେ ଧୀର ମଲ୍ଲିକ ନିର୍ଦ୍ଦେଶନା ଦେଇଛନ୍ତି। ସଙ୍ଗୀତରେ ମଳୟ ମିଶ୍ର ଓ ଗୀତିକାର ନିର୍ମଳ ନାୟକ ରହିଛନ୍ତି। ନାଟକରେ କିଶୋର ଖଣ୍ଡୁଆଳ, ଉଷଶୀ ମିଶ୍ର, ଅଖିଳ ପଟ୍ଟନାୟକ, ଉମା ଭଟ୍ଟାଚାର୍ଯ୍ୟ, ସୁବାଶିଷ ଦାସ, ଅମିତ କୁମାର ନାୟକ, ତୃପ୍ତି ମୀରାମ୍ବିକା ସାହୁ, ଋଷି ପଟ୍ଟନାୟକ, ବାପୁ ଆଚାର୍ଯ୍ୟ, ଶ୍ରୀକାନ୍ତ ମିଶ୍ର, ଅପୂର୍ବ ସାହୁ, ସୌମ୍ୟ ମିଶ୍ର ପ୍ରମୁଖ ବେଶ୍ ଚମତ୍କାର ଅଭିନୟ କରିଛନ୍ତି। ଏହି ଅବସରରେ ଏମ୍‌ପି ମାନସ ମଙ୍ଗରାଜ, ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଯଜ୍ଞାଶିଷ ମହାପାତ୍ର, ସାମ୍ବାଦିକ ଅରୁଣ ପ୍ରସାଦ କାନୁନ୍‌ଗୋ, ସିନେ ସମୀକ୍ଷକ ଦିଲୀପ ହାଲି, ଶୁଭଲକ୍ଷ୍ମୀ ଜେନା, ଲିଟୁ ମହାସୁଆର ଏବଂ ଆଶିଷ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦି ପେପରମ୍ୟାନ ପ୍ରାମାଣିକ ଚଳଚ୍ଚିତ୍ରର ଶୁଭାରମ୍ଭ କାର୍ଯ୍ୟକ୍ରମ

ବାଲିପାଟଣା,୬।୧୧(ଡି.ଏନ୍.ଏ.)

ଅନ୍ତର୍ଜାତୀୟ ସମ୍ମାନପ୍ରାପ୍ତ ନିର୍ଦ୍ଦେଶକ ଶେଖ୍ ଗୁଲଜାରଙ୍କ ନିର୍ଦ୍ଦେଶିତ ଦି ପେପରମ୍ୟାନର ଶୁଭାରମ୍ଭ ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିର ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଯୋଜକ ଜ୍ୟୋତି ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀରେ ଅତିଥି ଭାବେ ସଂଳାପ ଲେଖକ ଓ ଗୀତିକାର ଅଧ୍ୟାପକ ରଜନୀ ରଞ୍ଜନ ଦାଶ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବେହେରା, ଶିଶୁ ଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ଖବରକାଗଜ ସଂଗ୍ରହ କରି ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ର ଅଧିକାରୀ ଶଶାଙ୍କ ଦାସ ପ୍ରମୁଖ ଯୋଗଦେଇ ଆଜିର ଖବରକାଗଜ କାଲିର ଇତିହାସ ବୋଲି କହିଥିଲେ। ପ୍ରଯୋଜକ ମିଶ୍ର କହିଥିଲେ, ଡକ୍ୟୁମେଣ୍ଟାରୀ ଏକ ନିଚ୍ଛକ ଓଡ଼ିଆ ଯୁବକଙ୍କ ସଙ୍ଘର୍ଷମୟ ଜୀବନ ବୃତ୍ତାନ୍ତ। ଜୀବନରେ ସଫଳତା ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଶଶାଙ୍କ ଦାସ ସଂଘର୍ଷମୟ ଜୀବନ ଉପରେ ନିର୍ମିତ ପ୍ରାମାଣିକ ଚଳଚ୍ଚିତ୍ର ଜନାଦୃତ ହେବ ବୋଲି ଆଶାବାଦୀ ଅଛନ୍ତି। ଏହି ଡକ୍ୟୁମେଣ୍ଟାରୀର ସଫଳତା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ। ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ସିନେମା ଅଟୋଗ୍ରାଫି ଓ ସହ ନିର୍ଦ୍ଦେଶକ ସୁରଜ୍ ପଟ୍ଟନାୟକଙ୍କ ସହିତ ମୁଖ୍ୟ ସହଯୋଗୀ ସମରେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏମ୍ସ ନିକଟରେ ଖୋଲିଲା 'ସେବା ଗୃହ'

ଭୁବନେଶ୍ୱର,୬।୧୧(ବ୍ୟୁରୋ)

କର୍କଟ, ମୂତ୍ରାଶୟ ରୋଗୀଙ୍କୁ ମାଗଣା ରହଣି ସୁବିଧା

ଏମ୍ସ ହସ୍ପିଟାଲକୁ ଦୂରରୁ ଆସୁଥିବା କର୍କଟ ଓ ମୂତ୍ରାଶୟ ରୋଗୀ ଏବଂ ତାଙ୍କ ସହାୟକଙ୍କୁ ବିନା ମୂଲ୍ୟରେ ବାସସ୍ଥାନ ମିଳିବ। କ୍ୟାନ୍‌ସର ଆଣ୍ଡ୍ ନେଫ୍ରୋଲୋଜି ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଦିବ୍ୟଜ୍ୟୋତି ସେବାଶ୍ରମ ସହଯୋଗରେ ପାତ୍ରପଡ଼ା କଲ୍ୟାଣୀନଗରସ୍ଥିତ ଟ୍ରଷ୍ଟ କାର୍ଯ୍ୟାଳୟରେ ଏକ ରୋଗୀ କଲ୍ୟାଣ ଆଶ୍ରୟସ୍ଥଳ 'ସେବା ଗୃହ' ଖୋଲିଛି। ରବିବାର ଏହାକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କେନ୍ଦ୍ର ପ୍ରଶାସନିକ ଅଧିକାରୀ ଦୋଳଗୋବିନ୍ଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ୱାର୍ଡ ନଂ.୬୫ର କର୍ପୋରେଟର ରଶ୍ମୀରଞ୍ଜନ ପାଟଶାଣୀ, ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ବେଣୁଧର ସେନାପତି, ସମାଜସେବୀ ନମ୍ରତା ଚଢା ଏବଂ ଏମ୍‌ସର ଅତିରିକ୍ତ ଅଧିକ୍ଷକ ମେଜର ଡ. ମୁକୁନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶୈଳବାଳା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ପାଦକ ଶାନ୍ତନୁ କୁମାର ଜେନା ଅନୁଷ୍ଠାନ କାର୍ଯ୍ୟାବଳୀର ବିବରଣୀ ପ୍ରଦାନ କରିଥିଲେ। ସମାଜସେବୀ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ, ନିରଦ ବରଣ ଖୁଣ୍ଟିଆ ମଞ୍ଚ ପରିଚାଳନା ଓ ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

ବ୍ରାଉନସୁଗାର କାରବାର, ୨ ଗିରଫ

ଭୁବନେଶ୍ୱର,୬।୧୧ (ବ୍ୟୁରୋ)

କମିଶନରେଟ ପୋଲିସ ବ୍ରାଉନସୁଗାର କାରବାର ରୋକିବା ପାଇଁ 'ହ୍ୱାଇଟ ସ୍ୱାଇଡର' ଅଭିଯାନ ଜାରି ରଖିଛି। ତଥାପି ଏହି ଧଳା ଜହର କାରବାର ଉପରେ ରୋକ ଲାଗିପାରୁନାହିଁ। ରବିବାର ରାଜଧାନୀରେ ଆଉ ୨ଜଣ ବ୍ରାଉନସୁଗାର ବେପାରୀ ଧରାପଡ଼ିଛନ୍ତି। ଲକ୍ଷ୍ମୀସାଗର ଥାନା ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଉଭୟଙ୍କଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୧୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳର ଲକ୍ଷ୍ମଣ କୁମାର ସାମନ୍ତରା (୩୪) ଓ ତପନ କୁମାର ମୁଦୁଲି (୩୬)। ପୋଲିସ ଏନେଇ ଏନ୍‌ଡିପିଏସ୍ ଆକ୍ଟର ଦଫା ୨୧(ବି)ରେ ଏକ ମାମଲା (ନଂ. ୩୮୯/୨୦୨୨) ରୁଜୁ କରି ଲକ୍ଷ୍ମଣ ଓ ତପନଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ରବିବାର ସକାଳେ ଅଭିଯୁକ୍ତଦ୍ୱୟ ପତିତପାବନ ମନ୍ଦିର ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ପୋଲିସ ଟିମ ତୁରନ୍ତ ଚଢ଼ାଉ କରି ଉଭୟଙ୍କୁ ଧରିଥିଲା। ଯାଞ୍ଚବେଳେ ଲକ୍ଷ୍ମଣଙ୍କଠୁ ୭ ଗ୍ରାମ ଓ ତପନଙ୍କଠୁ ୬ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ଏମାନଙ୍କ ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି, ଏନେଇ ଜାଣିବାକୁ ପୋଲିସ ଉଦ୍ୟମ ଜାରି ରଖିଛି। ତେବେ ଚଳିତ ବର୍ଷରୁ ଏଯାବତ୍ ରାଜଧାନୀରେ ୬୯ ବ୍ରାଉନସୁଗାର ମାମଲାରେ ୧୨୮ ଜଣଙ୍କୁ ଗିରଫ କରାଗଲାଣି। ଏସବୁ ମାମଲାରେ ମୋଟ ୨ କେଜି ୧୨୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ଧରାହେଲେଣି ୧୨୮ ଅଭିଯୁକ୍ତ

ଏକାମ୍ର ହାଟସ୍ଥିତ ଆମ୍ଫିଥିଏଟର ମଞ୍ଚରେ 'ଚିତ୍ରାଞ୍ଜଳି-୨୦୨୨' ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନଙ୍କ ସହିତ କଳାକାରବୃନ୍ଦ।

ଜଙ୍ଗଲ ଅଧିକାର ଆଇନ ଉଲ୍ଲଂଘନ ବନ୍ଦ କରି ଜମିର ପଟ୍ଟା ଦିଆଯାଉ

ଭୁବନେଶ୍ୱର,୬।୧୧(ବ୍ୟୁରୋ)

ଦାବିକଲା ସାଲିଆ ସାହି ଆଞ୍ଚଳିକ କମିଟି

ସାଲିଆ ସାହି ଆଞ୍ଚଳିକ କମିଟି ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ଉଲ୍ଲଂଘନ ବନ୍ଦ କରି ଜମିର ପଟ୍ଟା ପ୍ରଦାନ ପାଇଁ ଦାବି କରାଯାଇଛି। ଜୟଦେବ ବିହାର ମୌଜା, ଖାତା ନଂ. ୧୪୨୭ର ଜଙ୍ଗଲ କିସମ ଜମିରେ ଜଙ୍ଗଲ ଅଧିକାର କାର୍ଯ୍ୟକାରୀ କରିବା, ଜାଗା ମିଶନ୍ ମାଧ୍ୟମରେ 20ରୁ 30 ଫୁଟର ଜମିପଟ୍ଟା ଦେବା ଦାବିକରି ବାରମ୍ବାର ଆନ୍ଦୋଳନ ଅଭିଯାନ ଏବଂ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ସ୍ଥାନୀୟ ପ୍ରାସନ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛି କମିଟି। ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ତାହାକୁ ଅଣଦେଖା କରି ବସ୍ତିରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଉଛି। ନିକଟରେ ହାତିଆଶୁଣି ନିକଟ ଜଙ୍ଗଲ ଜମିରେ ବସ୍ତିବାସିନ୍ଦାଙ୍କ ଦ୍ୱାରା ବୁଣାଯାଇଥିବା ଅଧ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ଅର୍ଥକାରୀ ଜଡ଼ାଗଛକୁ ବିନା କାରଣରେ ବୁଲଡୋଜର୍ ଲଗାଇ ନଷ୍ଟ କରାଯାଇଛି। ଅତି ନିର୍ଦ୍ଦୟ ଭାବରେ ଜଡ଼ାଗଛକୁ ନଷ୍ଟ କରିବା ୨୦୦୬ ଜଙ୍ଗଲ ଅଧିକାର ଆଇନର ଖୋଲା ଉଲ୍ଲଂଘନ ବୋଲି କମିଟି ପକ୍ଷରୁ ଦର୍ଶାଯାଇଛି। ଜଙ୍ଗଲ ଅଧିକାର ଆଇନ ଅନୁସାରେ ସାଲିଆସାହି ବସ୍ତିବାସିନ୍ଦାଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି। ଗତମାସରେ ସାଲିଆ ସାହି ଆଞ୍ଚଳିକ କମିଟି ସାମ୍ବାଦିକ ସମ୍ମିଳନୀ କରି ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନକୁ କାର୍ଯ୍ୟକାରୀ କରିବା, ଜାଗା ମିଶନ୍‌ରେ ଜମି ପଟ୍ଟା ଦେବା ସହିତ ସାଲିଆ ସାହି ବସ୍ତି ଭିତରେ ଅଙ୍କାବଙ୍କା ରାସ୍ତା ନିର୍ମାଣକୁ ବନ୍ଦ କରି ମହିଳା ପଲିଟେକ୍‌ନିକ୍ ଛକଠାରୁ ଏକାମ୍ର କାନନ ଭିତର ଦେଇ ସିଆର୍‌ପି ଛକ ଯିବା ରାସ୍ତାରେ ନୂତନ ରାସ୍ତା

ସଂକ୍ଷେପରେ

ପ୍ରେମିକାଙ୍କୁ କାଠଫାଳିଆରେ ଆକ୍ରମଣ, ପ୍ରେମିକ ଗିରଫ

ଭୁବନେଶ୍ୱର, ୬।୧୧ (ବ୍ୟୁରୋ): ପ୍ରେମିକାଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପ୍ରେମିକଙ୍କୁ ଗିରଫ କରିଛି। ସେ ହେଲେ କନ୍ଧମାଳର କମଳାକାନ୍ତ ପ୍ରଧାନ। ପୋଲିସ ମାମଲା (ନଂ.୪୨୪/୨୨) ରୁଜୁକରି ଅଭିଯୁକ୍ତ ପ୍ରେମିକଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କମଳାକାନ୍ତ ଦୀର୍ଘଦିନ ଧରି ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। କୌଣସି କାରଣକୁ ନେଇ ଗତ ୩ ମାସ ପୂର୍ବରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିବାରୁ ସମ୍ପର୍କରେ ପୂର୍ଣ୍ଣଛେଦ ପଡ଼ିଥିଲା। ଏହି ଘଟଣା ପରେ କମଳାକାନ୍ତ ପ୍ରତିଦିନ ଯୁବତୀଙ୍କୁ ଅନୁସରଣ କରିବା ସହିତ ସେ ଅଫିସ ଯିବାଆସିବା ସମୟରେ ତାଙ୍କୁ ରାସ୍ତାରେ ଦୁର୍ବ୍ୟବହାର କରୁଥିଲେ। ଏପରି କି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନାନା ଧମକ ଦେଉଥିଲେ। ପରବର୍ତ୍ତୀ ସମୟରେ ପ୍ରେମିକ କମଳାକାନ୍ତ ରାଗିଯାଇ ଈଶାନେଶ୍ୱର ବସ୍ତି ନିକଟରେ ଯୁବତୀଙ୍କୁ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଚଣ୍ଟି ଚିପି ଧରିଥିଲେ। ଯୁବତୀ ଜଣଙ୍କ କୌଶଳ କ୍ରମେ ଖସିଆସି ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ପ୍ରେମିକ କମଳାକାନ୍ତଙ୍କୁ ଗିରଫ କରିଥିଲା।

ଗାଁ ମଶାଣି ସଫା କଲେ ଯୁବକ

ବାରଙ୍ଗ,୬।୧୧(ଡି.ଏନ୍.ଏ.)- ବଡ଼ଓଷା ଉପଲକ୍ଷେ ମେଣ୍ଢାଶାଳ ଗାଁର ବାଲୁଙ୍କେଶ୍ୱର ମନ୍ଦିର ନିକଟସ୍ଥ ସାନ ମଶାଣିକୁ ରବିବାର ମେଣ୍ଢାଶାଳ ଗ୍ରାମର ଯୁବକମାନେ ମିଶି ସଫା କରିଛନ୍ତି। ମେଣ୍ଢାଶାଳ ସରପଞ୍ଚ କୌଶଲ୍ୟା ବଳିୟାରସିଂଙ୍କ ତତ୍ତ୍ୱାବଧାନରେ ଗଣେଶ ପୂଜା କମିଟି, ସେବା ସମବାୟ ସମିତି ସଭାପତି ମହେନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରାମର ମୁରବି ଓ ଯୁବକ ଏକାଠି ହୋଇ ମଶାଣିର ଚତୁଃପାର୍ଶ୍ୱରୁ ଅଳିଆ ଆବର୍ଜନାକୁ ସଫା କରିଥିଲେ। ଏଥିସହ ମେଳଣ ପଡ଼ିଆ ମଧ୍ୟ ସଫା କରିଥିଲେ।

ନନ୍ଦନକାନନ: ପ୍ରଜନନ କେନ୍ଦ୍ରରେ ବଜ୍ରକାପ୍ତା ଜନ୍ମ

ବାରଙ୍ଗ,୬।୧୧(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବଜ୍ରକାପ୍ତା ରବିବାର ଏକ ଶାବକକୁ ଜନ୍ମ ଦେଇଛି। ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରର ୧୧ନଂ. ସେଲ୍‌ରେ ଛୁଆଟି ଜନ୍ମ ହୋଇଛି। ଫଳରେ ବଜ୍ରକାପ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇ ୨୬ରେ ପହଞ୍ଚିଛି। ସେହିଭଳି ଭାବେ ଅନ୍ଧାରି ଘରେ ଗୋଟିଏ ବଜ୍ରକାପ୍ତା ରହି ପର୍ଯ୍ୟଟକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି। ଏହାକୁ ମିଶାଇବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି।

ଘରୁ ନାଗସାପ ଉଦ୍ଧାର

ବାରଙ୍ଗ,୬।୧୧(ଡି.ଏନ୍.ଏ.)- କଣ୍ଟାବାଡ଼ ଗ୍ରାମର ନୃସିଂହ ମହାରଣାଙ୍କ ଘର ଭିତରୁ ରବିବାର ସନ୍ଧ୍ୟାରେ ଏକ ନାଗସାପ ଉଦ୍ଧାର ହୋଇଛି। ଘର ଭିତରେ ସାପଟିକୁ ଦେଖି ମହିଳାମାନେ ଭୟଭୀତ ହୋଇଯାଇଥିଲେ। ଚନ୍ଦକା ଅଞ୍ଚଳର ସାପ ଧରାଳି ସଂଯୁକ୍ତ ପାତ୍ରଙ୍କୁ ଏନେଇ ଖବର ଦିଆଯାଇଥିଲା। ସେ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ୫ଫୁଟ୍ ଲମ୍ବର ନାଗସାପଟିକୁ ଧରି ଚନ୍ଦକା ଜଙ୍ଗଲରେ ଛାଡି ଥିବା ଜଣା ପଡିଛି। ୨ ଦିନ ତଳେ କୁକୁଡାମୁଣ୍ଡିସ୍ଥିତ ଓପିସିଏଲ୍ କାର୍ଯ୍ୟାଳୟ ପରିସରରୁ ଏକ ନାଗସାପ ଉଦ୍ଧାର ହୋଇ ଦେଉଳିଆ ପାହାଡରେ ଛଡା ଯାଇଥିଲା।

ପ୍ରତିଦିନ ହାଟରୁ ଉଠିବ ଅଳିଆ

- ନିର୍ଦ୍ଧାରିତ ସମୟରେ ଲାଗିବ ଗାଡ଼ି
- ବ୍ୟବସାୟୀ ଦେବେ ୟୁଜର୍ସ ଫି'

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ବୈଠକରେ କମିଶନର ବିଜୟ ଅମୃତା କୁଲାଙ୍ଗେ ହାଟ ବ୍ୟବସାୟୀ ପ୍ରତିନିଧି ଓ ସଫେଇ ସଂସ୍ଥାର କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

ରାଜଧାନୀ ଭୁବନେଶ୍ୱରରେ ଥିବା ହାଟଗୁଡିକୁ ଆବର୍ଜନାମୁକ୍ତ କରାଯିବ। ଦୋକାନରୁ ବାହାରୁଥିବା ଅଳିଆ ଯଥା ପରିବା ଚୋପା, ପଚାଶଢ଼ା ପରିବା ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସିଧାସଳଖ ଅଳିଆ ଗାଡ଼ିକୁ ଯିବ। ବ୍ୟବସାୟୀମାନେ କୌଣସି ଜାଗାରେ ଅଳିଆ ପକାଇବେ ନାହିଁ କିମ୍ବା ହାଟରେ ଥିବା ଡଷ୍ଟବିନ୍‌ରେ ଅଳିଆ ରହିବ ନାହିଁ। ଏଥିପାଇଁ ସଫେଇ ଏଜେନ୍ସିମାନେ ଅଳିଆ ଗାଡ଼ି ନିୟୋଜିତ କରିବେ। ନିର୍ଦ୍ଧାରିତ ସମୟରେ ଅଳିଆ ଗାଡ଼ି ହାଟରେ ଲାଗିବ ଏବଂ ସେମାନେ ଗାଡ଼ିରେ ଅଳିଆ ପକାଇବେ। ଯେଉଁ ହାଟ ମଧ୍ୟକୁ ବଡ଼ ଗାଡ଼ି ପ୍ରବେଶ କରିପାରିବ ନାହିଁ ସେଠାକୁ ଟ୍ରଲି ପଠାଇ ଅଳିଆ ସଂଗ୍ରହ କରାଯିବ ବୋଲି ସୂଚନା ଦିଆଯାଇଛି।

ରବିବାର ବିଏମ୍‌ସି କାର୍ଯ୍ୟାଳୟରେ ଏନେଇ ସମସ୍ତ ହାଟ ବ୍ୟବସାୟୀ ପ୍ରତିନିଧି, ସଫେଇ ସଂସ୍ଥାର ଅଧିକାରୀ ଏବଂ ବିଏମ୍‌ସି ଅଧିକାରୀଙ୍କ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାଦ୍ୱାରା ହାଟ ଅଞ୍ଚଳକୁ କିପରି ଆବର୍ଜନାମୁକ୍ତ କରାଯାଇପାରିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ରବିବାର ରାତିରୁ ହିଁ ଗାଡ଼ିରେ ଅଳିଆ ଯିବ ବୋଲି ସୂଚନା ଦିଆଯାଇଛି। ତେବେ ବ୍ୟବସାୟୀମାନେ ଚାହିଁଲେ ଦିନରେ ମଧ୍ୟ ଏହି ସୁବିଧା ପାଇପାରିବେ। ଏଥିପାଇଁ ବ୍ୟବସାୟୀମାନଙ୍କୁ କିଛି ପରିମାଣରେ ୟୁଜର୍ସ ଫି' ଦେବାକୁ ପଡ଼ିବ। ନୂଆ ସଫେଇ ସଂସ୍ଥାଗୁଡିକ ପାଖରେ ଆବଶ୍ୟକ ଗାଡ଼ି ନ ଥିବାବେଳେ ବିଏମ୍‌ସି ପାଖରେ ମଧ୍ୟ ଏହି ସୁବିଧା ନାହିଁ। ତେଣୁ ସମସ୍ତଙ୍କ ସହଯୋଗରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ହାଟଗୁଡିକ ନିୟମିତ ସଫେଇ କରାଯିବ। ସେହିପରି ହାଟ, ମାର୍କେଟ ଅଞ୍ଚଳରେ ବିଏମ୍‌ସିର ସ୍ୱଚ୍ଛସାଥୀମାନେ ବୁଲି ଉଭୟ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ଦିଗରେ ସଚେତନ କରିବେ ବୋଲି ନିଷ୍ପତ୍ତି ହୋଇଛି। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଏମ୍‌ସି ପକ୍ଷରୁ ରାଜଧାନୀର ସ୍ୱଚ୍ଛତା ଉପରେ ପଦକ୍ଷେପ ନିଆଯାଉଛି। ଆଗକୁ ହକି ବିଶ୍ୱକପ୍ ହେବାକୁ ଥିବାରୁ ଏହା ପୂର୍ବରୁ କିପରି ସ୍ୱଚ୍ଛତା କ୍ଷେତ୍ରରେ ସହରର ମାନଚିତ୍ର ବଦଳିବ ସେନେଇ ଗୁରୁତ୍ୱାରୋପ କରାଯାଉଛି। ବିଶେଷକରି ସହରର ବିଭିନ୍ନ ହାଟରେ ପରିବା ଚୋପାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅଳିଆ ଆବର୍ଜନା ବାହାରୁଛି। ସେଗୁଡିକୁ ଡଷ୍ଟବିନ୍‌ରେ ରଖିବା ପାଇଁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ରହିଛି। ତେବେ ଠିକ୍ ଭାବେ ଅଳିଆ ଗାଡ଼ି ଆସୁ ନ ଥିବାରୁ ଅଧିକାଂଶ ବ୍ୟବସାୟୀ ଡଷ୍ଟବିନ୍‌ର ଅଳିଆ ଆଖପାଖରେ ଗଦା କରି ରାତିରେ ଘରକୁ ଫେରୁଛନ୍ତି। ଫଳରେ ଗାଈଗୋରୁ ଏହାକୁ ଖାଇବା ସହିତ ଏଣେତେଣେ ପକାଉଛନ୍ତି। ତେଣୁ ଏହାକୁ କିପରି ସୁବ୍ୟବସ୍ଥିତ କରାଯିବ ଏବଂ ହାଟକୁ ଆବର୍ଜନାମୁକ୍ତ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

ଭୁଆସୁଣୀକୁ ଗଲା ୨୫ ଟ୍ରିପ୍ ଅଳିଆ

ଭୁବନେଶ୍ୱର, ୬।୧୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଦାରୁଠେଙ୍ଗବାସୀଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ହୋଇଛି। ରବିବାରଠାରୁ ଭୁଆସୁଣୀ ଡମ୍ପିଂ ୟାର୍ଡକୁ ଯାଇଛି ଅଳିଆ। ପ୍ରଥମ ଦିନରେ ସୈନିକ ସ୍କୁଲ ପାଖ ଟେମ୍ପରାରୀ ଟ୍ରାଞ୍ଜିଟ୍ ଷ୍ଟେଶନ (ଟିଟିଏସ୍)ରୁ ୨୫ ଟ୍ରିପ୍ ଅଳିଆ ଭୁଆସୁଣୀ ଡମ୍ପିଂ ୟାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ଅକ୍ଟୋବର ୩୦ ରବିବାର ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହେବା ପରେ ଦାରୁଠେଙ୍ଗ ଗ୍ରାମବାସୀ ଡମ୍ପିଂ ୟାର୍ଡରେ ଅଳିଆ ପକାଇବାକୁ ବାରଣ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ବିଏମ୍‌ସି ରାଜି ହୋଇଥିଲା। ତେବେ ଇତିମଧ୍ୟରେ ଭୁଆସୁଣୀ ଗ୍ରାମବାସୀଙ୍କୁ ମନାଇବାରେ ସକ୍ଷମ ହେବା ସହ ୭ ଦିନ ପରେ ପୁଣି ସେଠାକୁ ଅଳିଆ ଯାଇଛି। ତେବେ ଖୁବ୍‌ଶୀଘ୍ର ପ୍ରସ୍ତାବିତ ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ବିଏମ୍‌ସି ଲକ୍ଷ୍ୟ ରଖିଛି। ଏହାପରେ ଭୁବନେଶ୍ୱରରୁ ଦୈନିକ ନିର୍ଗତ ହେଉଥିବା ଅଳିଆକୁ ସହର ଭିତରେ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ଜରିଆରେ ପୃଥକୀକରଣ ଏବଂ ପ୍ରକ୍ରିୟାକରଣ କରି ପରିଚାଳନା କରାଯିବ।

'ଓଡ଼ିଶାର ପରମ୍ପରା, ଆଧୁନିକତା ଜୀବନରେ ରଙ୍ଗ ଭରିଛି'

ଭୁବନେଶ୍ୱର,୬।୧୧(ବ୍ୟୁରୋ)



ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତ ରଖୁଛନ୍ତି ।

ଶତାବ୍ଦୀ ଧରି ଓଡ଼ିଶା ତା'ର ସମୃଦ୍ଧ କଳା, ସଂସ୍କୃତି, ସାହିତ୍ୟ ଓ ପରମ୍ପରାକୁ ନେଇ ନିଜର ଗରିମା ବଜାୟ ରଖିଛି। ସାରା ବିଶ୍ୱରେ ଏହାର ପ୍ରଭାବ ରହିଛି। ବର୍ତ୍ତମାନ ଓଡ଼ିଶାର ପରମ୍ପରା ଓ ଆଧୁନିକତା ଜୀବନରେ ରଙ୍ଗ ଭରି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଦୈନିକ ଇଂଲିଶ ଖବରକାଗଜ ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଦ୍ୱାରା ଆୟୋଜିତ ୧୦ମ ଓଡ଼ିଶା ଲିଟେରାରୀ ଫେଷ୍ଟିଭାଲର ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ବିଂଶ ଶତାବ୍ଦୀ ଆରମ୍ଭରେ ବିଶିଷ୍ଟ ଲେଖକ ଫକୀର ମୋହନ ସେନାପତିଙ୍କ କୃତି ରେବତୀ, ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ କରମା ମୁଦୁଲିଙ୍କ କାହାଣୀ ଓ ଦିନେ ଦାରିଦ୍ର୍ୟର ପରିଚୟ ପାଉଥିବା କଳାହାଣ୍ଡି ଜିଲା କିଭଳି ସମୃଦ୍ଧି ଲାଭ କରିଛି, କୋଭିଡ୍ ସମୟରେ ଅମ୍ଫାନ ଯୋଗାଇବା, କ୍ରୀଡ଼ା କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିବା, ଜାତୀୟ ଅଭିବୃଦ୍ଧି ହାର ବୃଦ୍ଧି, ପ୍ରଯୁକ୍ତିବିଦ୍ୟାରେ ବିକାଶ, ଖାଦ୍ୟ ଉତ୍ପାଦନ ଓ ପରିଚାଳନା, ଶିକ୍ଷା ଓ ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରରେ କିଭଳି ବିକାଶ କରିଛୁ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ।

ଆୟୋଜିତ ୧୦ଟି ଅଧିବେଶନରେ ଲେଖକ ରାମ ମାଧବ, ବଲିଉଡ୍ ଓ ହଲିଉଡର ବିଶିଷ୍ଟ ଅଭିନେତା କବିର ବେଦୀ, ଷ୍ଟୋରୀ ଟେଲର ରତୁପୂର୍ଣ୍ଣା ଘୋଷ, ଶ୍ରୀଦଳା ସ୍ୱାଇଁ, ଅପର୍ଣ୍ଣା କାର୍ତ୍ତିକେୟନ, ଅପର୍ଣ୍ଣା ପିରାମାଲ ରାଜେ, ଅନିଲ ପ୍ରଧାନ, ଜୁବାନଶାହା ମିଶ୍ର, ପ୍ରଶାନନ୍ଦ ନନ୍ଦ, ସୂର୍ଯ୍ୟ ଦେଓ, ସବ୍ୟସାଚୀ ମିଶ୍ର, ହିମାଂଶୁ ଶେଖର ଖଟୁଆ, ସଞ୍ଜୟ ପଟ୍ଟନାୟକ, ଯତିନ୍ଦ୍ର ମିଶ୍ର, ନନ୍ତ ଭିଜୟ, ନନ୍ଦିତା କ୍ରିଷ୍ଣା, ପାର୍ବତୀ ଶର୍ମା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଛାତ୍ରଙ୍କୁ ମାଡ଼, ୨ ଗିରଫ

ଭୁବନେଶ୍ୱର, ୬।୧୧(ବ୍ୟୁରୋ):

ଜଣେ କଲେଜ ଛାତ୍ରଙ୍କୁ ମାଡ଼ ମାରି ୨ ହଜାର ଟଙ୍କା, ମୋବାଇଲ ଲୁଟିନେବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶୈଳଶ୍ରୀବିହାରରେ ରହୁଥିବା ନୟାଗଡ଼ର ଦେବାଶିଷ ନାୟକ (୨୫) ଓ କନ୍ଧମାଳର ଦୀପକ ଦିଗଲ (୧୯)। ପୋଲିସ ମାମଲା (ନଂ.୬୩/୨୨) ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଉକ୍ତ ଥାନା ଅଞ୍ଚଳର ଛାତ୍ର ଶିବାଜୀ ଶଙ୍କର ରାଜା ମଧୁସୂଦନ ଡିଗ୍ରୀ କଲେଜରୁ ପଢା ସାରି ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କୁ ରାସ୍ତାରେ ଅଟକାଇ ବାଇକରୁ ଠେଲି ଦେଇଥିଲେ। ସେ ତଳେ ପଡ଼ିଯିବା ପରେ ସେମାନେ ତାଙ୍କୁ ମାଡ଼ ମାରିବା ସହ ପାଖରେ ଥିବା ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ଲୁଟ୍ ଟଙ୍କାରେ ଅଭିଯୁକ୍ତଦ୍ୱୟ ନିଶା ସେବନ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଅଭିଯୁକ୍ତ ଦେବାଶିଷ ପୂର୍ବରୁ ୪ ମାମଲାରେ ଗିରଫ ହୋଇଥିବା ପୋଲିସ ସୂଚନା ଦେଇଛି।

ଏନ୍‌ଆଇ ଟିଟିଟିଆର୍ ନିର୍ଦ୍ଦେଶକଙ୍କ ଡ୍ରିମ୍‌ସ ପରିଦର୍ଶନ

କଟକ ଅଫିସ, ୬।୧୧

ଜାତୀୟ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆଇ ଟିଟିଟିଆର୍)ର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ମିଶ୍ର ରବିବାର କଟକ ଜିଲା ଟାଙ୍ଗାସ୍ଥିତ ଡ୍ରିମ୍‌ସ ପରିଦର୍ଶନରେ ଆସିଥିଲେ। ଶିକ୍ଷାନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ମିଶ୍ର ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ସବୁଜିମାମୟ ପରିବେଶ, କେନ୍ଦ୍ରୀୟ ପାଠାଗାର ଜ୍ଞାନ ଉଦ୍ୟାନ, ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ପଦ୍ମିନୀ କେୟାର ହସ୍ପିଟାଲରେ ଉପଲବ୍ଧ ସୁବିଧାସୁଯୋଗ ବିଷୟରେ ଅବଗତ ହୋଇଥିଲେ। ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣାକୁ ଅଧିକ ବ୍ୟାପକ କରିବା ସମ୍ପର୍କରେ ସେ ଅଧ୍ୟାପିକାଅଧ୍ୟାପକଙ୍କୁ କହିଥିଲେ। ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ, ପରାମର୍ଶଦାତା ଉତ୍କଳ ରଞ୍ଜନ ଦାସ, ସଚିବ ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଉପସ୍ଥିତ ଥିଲେ।

ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ମାଲ୍ୟାର୍ପଣ ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ।

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)

ବିଶିଷ୍ଟ ଚିନ୍ତାନାୟକ ତଥା ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୫ତମ ଶ୍ରାଦ୍ଧ ଦିବସ ରବିବାର ଓଡ଼ିଶା ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନୀଳକଣ୍ଠତାଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବେ ବର୍ଣ୍ଣନା କରି ବାଚସ୍ପତି କହିଲେ, ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ଶିକ୍ଷକ, ବିଶିଷ୍ଟ ରାଜନୀତିଜ୍ଞ, ଶିକ୍ଷାବିତ୍ ଓ ସମାଜ ସଂସ୍କାରକ ଭାବେ ଓଡ଼ିଶା ଇତିହାସରେ ସ୍ମରଣୀୟ ସ୍ଥାନ ଅଧିକାରୀ କହିଛନ୍ତି। ଉପବାଚସ୍ପତି ରଜନୀକାନ୍ତ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବିଧାନସଭା ସଚିବ ଦାଶରଥୀ ଶତପଥୀ ଓ ଅନ୍ୟ ଅତିଥିମାନେ ବାଗ୍ମୀ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଧାନସଭା ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ନୀଳକଣ୍ଠଙ୍କ ଜୀବନୀ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା।

କ୍ରୁଟ୍‌କୁ ପୁଣି ଜାତୀୟ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)



'ମୋ ବସ୍' ସେବା ଯୋଗାଉଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଆଉଏକ ସଫଳତାର ପାହାଚ ଚଢିବା ସହିତ ପୁଣି ଜାତୀୟ ପୁରସ୍କାର ହାତେଇଛି। ସର୍ବୋତ୍ତମ ନଗର ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କ୍ରୁଟ୍ ଚତୁର୍ଥଥର ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବର୍ଗରେ ଜାତୀୟ ଉତ୍କର୍ଷ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କେରଳର କୋଚିଠାରେ ଆୟୋଜିତ ୧୫ତମ ଅର୍ବାନ ମୋବିଲିଟି ଇଣ୍ଡିଆନ୍ କନ୍‌ଫରେନ୍ସ ଆଣ୍ଡ୍ ଏକ୍ସପୋ-୨୦୨୨ରେ କ୍ରୁଟ୍ ମହାପ୍ରବନ୍ଧକ ଦିପ୍ତି ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥି

ମହାପ୍ରଭୁଙ୍କ ନୀତିକାନ୍ତିରେ ବାରମ୍ବାର ବିଳମ୍ବ ଘଟଣା

ଶ୍ରୀମନ୍ଦିର ପ୍ରଶାସନର ଉଦାସୀନତା ଦାୟୀ

ପୁରୀ ଅଫିସ, ୬।୧୧

ପବିତ୍ର କାର୍ତ୍ତିକ ମାସରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ସେବନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭକ୍ତ ପୁରୀ ଆସୁଛନ୍ତି। ସେହିପରି ପୁରୀରେ ରହି ହବିଷିଆଳିମାନେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ତେଣୁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହେଉଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଛତିଶା ନିଯୋଗ ବୈଠକ ବସି ଶୃଙ୍ଖଳିତ ନୀତିକାନ୍ତି ପାଇଁ ନୀତି ନିର୍ଘଣ୍ଟ କରାଯାଇଛି। ମାତ୍ର ଏହି ନୀତି ନିର୍ଘଣ୍ଟ କେବଳ ବୈଠକରେ ସୀମିତ ରହିଯାଉଛି। କାରଣ ଗତ ଦୁଇଦିନ ହେଲା ଶ୍ରୀମନ୍ଦିର ନୀତିକାନ୍ତିରେ ବହୁ ବିଳମ୍ବ ଘଟିଛି। ଏପରିକି ଏକାଦଶୀ ତିଥିରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ନୀତି ହୋଇପାରି ନ ଥିଲା।

ଫଳରେ ଭକ୍ତମାନେ ଦର୍ଶନ କରିବା ଓ ମହାପ୍ରସାଦ ପାଇବାରେ ହଇରାଣ ହୋଇଛନ୍ତି। ସେହିପରି ନୀତି ବିଳମ୍ବ କାରଣରୁ ଭକ୍ତମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ଏଥିଯୋଗୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିବା ସହ ଶ୍ରୀମନ୍ଦିର ପ୍ରଶାସନର ଢ଼ିଲାପଣକୁ ଦାୟୀ କରିଛନ୍ତି।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ମହାକାର୍ତ୍ତିକ ମାସ ଏବଂ ଅନ୍ୟାନ୍ୟ ଯାତ୍ରାଯାତ୍ରା ତଥା ଭିଡ଼ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ବିଳମ୍ବ ହେବା ଉଚିତ ନୁହେଁ। ଏଥିପାଇଁ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ସଜାଗ ରହିବା ଆବଶ୍ୟକ। ଯଦି ପ୍ରଶାସନ ଏ ଦିଗରେ ସଜାଗ ନ ରହିବ ତେବେ କାହାକୁ ଆମେ କହିପାରିବା। ପବିତ୍ର କାର୍ତ୍ତିକ ମାସରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ପାଇବାର ଆଶାନେଇ ପୁରୀ ଆସୁଛନ୍ତି। ମାତ୍ର ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ ସହ ଅବ୍ୟବସ୍ଥା କାରଣରୁ ଭକ୍ତମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଚନ୍ଦ୍ରଗ୍ରହଣ

ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ସଜାଗ ନ ରହିଲେ ସମସ୍ୟା ଦେଖାଦେଇପାରେ। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ଶ୍ରୀମନ୍ଦିର ନୀତିକାନ୍ତି ପରିଚାଳନାର ସମସ୍ତ ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନର। ସେହିପରି ସେବକମାନେ ଠିକ୍ ସମୟରେ ସେବା କରିବାର ନିୟମ ରହିଛି। ଏଥିଲାଗି ସ୍ୱତନ୍ତ୍ର ଭାବେ ଜେଟିପି ନିୟୋଜିତ ରହିଛନ୍ତି। ମାତ୍ର ଏବେ ଦେଖିବାକୁ ମିଳୁଛି ମହାପ୍ରଭୁଙ୍କ ନୀତିରେ ବିଳମ୍ବ ଘଟୁଛି। ଫଳରେ ଭକ୍ତମାନେ ହଇରାଣ ହେଉଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ। ନୀତି ବିଳମ୍ବ କରୁଥିବା ସେବକଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ବାରମ୍ବାର ବିଶୃଙ୍ଖଳା ଦେଖାଦେଉଛି। ପୁରୀ ବାସିନ୍ଦା ଗୋପାଳକୃଷ୍ଣ ବରାଳ କହିଛନ୍ତି, ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ଲାଗି ପ୍ରଶାସନ ଅନୁମତି ଦେଲେ ଅଯଥା ଗହଳି ହୁଅନ୍ତା ନାହିଁ। ମହାପ୍ରଭୁଙ୍କ ନୀତିକାନ୍ତି ବିଳମ୍ବ ପାଇଁ ଉଭୟ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବକ ସମ ପରିମାଣରେ ଦାୟୀ। ଏ ନେଇ ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ। ଅନ୍ୟପକ୍ଷରେ ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ହୋଇଥାଏ। ସେହିପରି କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣିମା ତଥା ପଞ୍ଚୁକ ୫ଦିନ ମହାପ୍ରଭୁ ପାଞ୍ଚ ପ୍ରକାର ବେଶ ହୋଇଥାନ୍ତି। ଏହି ବେଶ କରିବା ପାଇଁ ପ୍ରାୟ ସାଢ଼େ ୩ ଘଣ୍ଟା ଲାଗିଥାଏ। ବାଳଭୋଗ ପାଇଁ ପ୍ରାୟ ୨ ଘଣ୍ଟା ଲାଗେ। ଏଥିପାଇଁ ମୋଟ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାଉଛି। ମୁଖ୍ୟତଃ ହରି ଉତ୍ଥାପନା ଏକାଦଶୀରେ ଅଧିକ ନୀତି ରହିଥାଏ। ଉକ୍ତ ଦିନ ମହାପ୍ରଭୁଙ୍କର ଦୁଇଥର ବଡ଼ସିଂହାର ହୋଇଥାଏ। ତେଣୁ ସେହିଦିନ ନୀତି ଅଧିକ ଥିବାରୁ ରାତ୍ର ପହୁଡ଼ ହୋଇପାରି ନ ଥିଲା। ତେବେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇବାରେ ବିଳମ୍ବ ହେଉଥିବା ଯାହା କୁହାଯାଉଛି, ତାହାର ମୁଖ୍ୟ କାରଣ ହେଉଛି ନୀତି ସମୟରେ ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଉନାହିଁ। ଫଳରେ ଭକ୍ତମାନେ ବ୍ୟାରିକେଡ ମଧ୍ୟରେ ଠିଆହୋଇ ରହୁଛନ୍ତି ଓ ଗହଳି ସୃଷ୍ଟି ହେଉଛି। ପୂର୍ବରୁ ନୀତି ସମୟରେ ଭକ୍ତମାନେ ଯାଇ ଦର୍ଶନ କରୁଥିଲେ। ତେଣୁ ବିଶେଷ ଗହଳି ହେଉ ନ ଥିଲା। ପୂର୍ବପରି ନୀତି ସମୟରେ ଦର୍ଶନ ବ୍ୟବସ୍ଥା କରାଯିବା କଥା। ଏ କ୍ଷେତ୍ରରେ ପ୍ରଶାସନର ଦୂରଦୃଷ୍ଟିର ଅଭାବ ରହୁଛି। ବେଳେବେଳେ ମହାସ୍ନାନ ଯୋଗୁ ନୀତିରେ ବିଳମ୍ବ ହେଉଛି। ତେବେ ମୋଟାମୋଟି ଭାବେ ଦେଖିଲେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେଉଛି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ପ୍ରତିଷ୍ଠା ଦିବସ, ରାଜ୍ୟ ମୁଖ୍ୟାଳୟ, ୟୁନିଟ୍-୩, ଅପରାହ୍ନ ୩ଟା ୩୦।
- ପ୍ରଗତିବାଦୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହ, ପ୍ରଗତିବାଦୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ କାର୍ଯ୍ୟାଳୟ ପରିସର, ଅପରାହ୍ନ ୫ଟା।
- ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧା ଉତ୍ସବ, ରେଡକ୍ରସ ହଲ୍, ଅପରାହ୍ନ ୫ଟା ୩୦।
- ଶିରିଡି ସାଇବାବାଙ୍କୁ କେନ୍ଦ୍ରକରି ସାଇ ଅପଦାସ ଭଜନ ଆଲବମ୍ ଲୋକାର୍ପଣ ଉତ୍ସବ, ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର, ସନ୍ଧ୍ୟା ୬ଟା।
- ଏ ନ୍ୟାଶନାଲ ଆର୍ଟିଷ୍ଟ କ୍ୟାମ୍ପ ଓ ଫିଲ୍ମ ଫେଷ୍ଟିଭାଲ ଚିତ୍ରାଞ୍ଜଳି, ଏକାମ୍ର ଅର୍ବାନ ହାଟ କମ୍ପ୍ଲେକ୍ସ, ୟୁନିଟ୍-୩, ସନ୍ଧ୍ୟା ୬ଟା।

କଟକ

- ଶ୍ରୀ ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭା ପକ୍ଷରୁ ପରିବାର ଆଲୋଚନାଚକ୍ର, ଶହୀଦ ଭବନ, ପୂର୍ବାହ୍ନ ୯ଟା।
- ସୃଷ୍ଟି ବାଲୁକା କଳା ଉଦ୍‌ଘାଟନ, ତଳ ବାଲିଯାତ୍ରା ପଡ଼ିଆ, ଅପରାହ୍ନ ୪ଟା।
- ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, କଳା ବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।
- ଜାତୀୟ କ୍ୟାନ୍ସର ସଚେତନତା ଦିବସ, ପଥଚାରୀ ବୈଠକ ସ୍ଥଳ, ସେକ୍ଟର-୭, ସିଡିଏ, ସନ୍ଧ୍ୟା ୬ଟା ୩୦।

ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଛାତ୍ରଙ୍କ ଆତ୍ମହତ୍ୟା

ବାରଙ୍ଗ,୬।୧୧(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ଚନ୍ଦକା ଅଞ୍ଚଳସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଜଣେ ଛାତ୍ର ରବିବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ବାଣପୁର ଅଞ୍ଚଳର ରତିକାନ୍ତ ଦାସ। ସେ ହଷ୍ଟେଲରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ତେବେ ବିଷ ପିଇବା ପରେ ଜଣେ ଯୁବତୀ ତାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ଖବରପାଇ ଚନ୍ଦକାଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପ୍ରେମ ବ୍ୟାପାରକୁ ନେଇ ରତିକାନ୍ତ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

ବାଲିଯାତ୍ରା ପ୍ରଚାପନ ମେଢ଼ ଉଦ୍‌ଘାଟନ ଅବସରରେ ସିଏମ୍‌ସି ମେୟର, ଡେପୁଟି ମେୟର, କମିଶନରଙ୍କ ସହ କର୍ପୋରେଟରମାନେ।

ବାଲିଯାତ୍ରା ସମ୍ପର୍କରେ ସୂଚନା ଦେବ ପ୍ରଚାପନ ମେଢ଼

କଟକ ଅଫିସ, ୬।୧୧

ବାଲିଯାତ୍ରାର ପ୍ରଚାର ପ୍ରସାର ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ରବିବାର ଏକ ପ୍ରଚାପନ ମେଢ ଉଦ୍‌ଘାଟିତ ହୋଇଛି। ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ବୋଇତ ଆକୃତିର ଏହି ମେଢ଼ ନିର୍ମାଣ ହୋଇଛି। ଏଥିରେ ସାଧବ ପୁଅ ବେଶଧାରୀ, ଘଣ୍ଟୁଆ ଓ ଶଙ୍ଖୁଆ ଦଳକୁ ସାମିଲ କରାଯାଇଛି। ସୋମବାର ଏହି ମେଢ଼ କଟକ ଜିଲାର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କୁ ବାଲିଯାତ୍ରା ବିଷୟରେ ସୂଚନା ଦେବ। ୮ ତାରିଖରେ ଏହି ମେଢ଼ ବାଲିଯାତ୍ରା ପଡିଆରେ ରହିବ। ସେହିପରି ୯ରେ ଭୁବନେଶ୍ୱର, ୧୦ରେ ପୁରୀ ଓ ୧୧ ତାରିଖରେ ପାରାଦୀପ ସହର ଭ୍ରମଣ କରି କଟକ ଫେରି ଆସିବ । ୧୨ରୁ ୧୫ ତାରିଖ

ପର୍ଯ୍ୟନ୍ତ ଏହା ବାଲିଯାତ୍ରା ପଡିଆରେ ରହିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି । ଏହି ଅବସରରେ ମେୟର କହିଛନ୍ତି, ବାଲିଯାତ୍ରାକୁ ଜାତୀୟସ୍ତରୀୟ ମାନ୍ୟତା ଦେବା ପାଇଁ ପ୍ରୟାସ ଜାରି ରହିଛି। ଏହି ମେଢ ସହ ଓଡ଼ିଶା ଏବଂ ବାଲିଯାତ୍ରା ସମ୍ପର୍କିତ କଳା ପ୍ରଦର୍ଶନ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝି, ଡେପୁଟି କମିଶନର ଅଜୟ ମହାନ୍ତି, ସଞ୍ଜୀବିତା ରାୟ, ଶ୍ୱେତପଦ୍ମା ଡି. ଶତପଥୀଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ ।

ବେଆଇନ ରେଳ ଟିକେଟ ଆରକ୍ଷଣ, ଯୁବକ ଗିରଫ

ଲାପ୍‌ଟପ୍, ମୋବାଇଲ, ୩୪ ଇ-ଟିକେଟ ଜବତ

କଟକ ଅଫିସ,୬।୧୧

ବେଆଇନ ଭାବେ ରେଳ ଟିକେଟ ଆରକ୍ଷଣ କରିବା ଅଭିଯୋଗରେ କଟକ ଆର୍‌ପିଏଫ୍ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାହାଙ୍ଗା ଥାନା ଅଞ୍ଚଳର ମାନସ ରଞ୍ଜନ ସାହୁ (୩୪)। ତାଙ୍କଠାରୁ ଲାପ୍‌ଟପ୍, ହାର୍ଡଡିସ୍କ, ମୋବାଇଲ ଫୋନ, ୭୦ ହଜାର ଟଙ୍କାର ୩୪ ଇ-ଟିକଟ ଜବତ କରାଯାଇଛି। ରେଳ ଆରକ୍ଷଣ ତଥ୍ୟ ଆଧାରରେ ଏକାଧିକ ମିଥ୍ୟା ବ୍ୟକ୍ତିଗତ ୟୁଜର ଆଇଡି ବ୍ୟବହାର କରି ରେଳ ଇ-ଟିକେଟ ଆରକ୍ଷଣ କରାଯାଉଥିବା କଟକ ଆର୍‌ପିଏଫ୍‌କୁ ସୂଚନା ମିଳିଥିଲା। ଆରପିଏଫ୍ ଟିମ୍ ମାହାଙ୍ଗା ଅଞ୍ଚଳରେ ଥିବା ଏକ କମନ ସର୍ଭିସ ସେଣ୍ଟରରେ ଶନିବାର ଚଢ଼ାଉ କରିଥିଲା। ଉକ୍ତ ସେଣ୍ଟରର ମାଲିକ ମାନସ ବେଆଇନ ରେଳ ଟିକେଟ ଆରକ୍ଷଣରେ ବହୁଦିନ ଧରି ସାମିଲ ଥିବା ଜଣାପଡ଼ିଥିଲା। ସେ ଏକ ସଫ୍ଟୱେର ବ୍ୟବହାର କରି ସହଜରେ ତତ୍କାଳ ଟିକେଟ ବୁକିଂ କରିପାରୁଥିଲେ। ଏଥିପାଇଁ ମାନସ ୩୭ଟି ବ୍ୟକ୍ତିଗତ ୟୁଜର ଆଇଡି ବ୍ୟବହାର କରୁଥିଲେ। ଏନେଇ ଆର୍‌ପିଏଫ ଥାନାରେ ଏକ ମାମଲା (ନଂ.୨୨୪୮/୨୨) ରୁଜୁ ହୋଇଛି।

ବଡ଼ସିଂହାର ବେଶରେ ବାବା ଧବଳେଶ୍ୱର

ଭୋର ୫ଟାରୁ ପାଇକେରାପୁରରେ ମିଳିବ ଭୋଗ ଓ ତରଣ

ଖୁଣ୍ଟୁଣୀ,୬।୧୧(ଡି.ଏନ.ଏ)

ରବିବାର ପ୍ରସିଦ୍ଧ ବଡ଼ଓଷାରେ ବାବା ଧବଳେଶ୍ୱର ଅପୂର୍ବ ବଡ଼ସିଂହାର ବେଶରେ ସଜ୍ଜିତ ହୋଇଥିଲେ। ଭୋର ୫ଟାରେ ପୂଜକ ଅଜୟ ପତ୍ରୀ ଓ ନୀତି ପାଳିଆ ପୂଜକମାନେ ପ୍ରଭୁଙ୍କ ପହଡ଼ ଭାଙ୍ଗିବାକୁ ପ୍ରଥମେ ମଙ୍ଗଳ ଆଳତି, ପରେ ସ୍ନାନ ନୀତି କରି ବଡ଼ସିଂହାର ବେଶରେ ସଜ୍ଜିତ କରିଥିଲେ । ଏହାପରେ ବିଭିନ୍ନ ବ୍ୟଞ୍ଜନରେ ତିଆରି ପ୍ରସାଦ ଭୋଗ ଓ ଧୂପ ଦେଇ ବଲ୍ଲଭ ଭୋଗ କରିଥିଲେ। ସୋମବାର ଭୋର ୫ଟାରୁ ବାବାଙ୍କ ଗଜଭୋଗ ଓ ତରଣକୁ

ବାବା ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ।

ସର୍ବସାଧାରଣରେ ପାଇକେରାପୁର ଏଲ୍‌ଇଡି ସ୍କ୍ରିନ ନିକଟରୁ ବଣ୍ଟନ କରାଯିବ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ କହିଛନ୍ତି । ଏଥିପାଇଁ ପୂଜକ ସମାଜ ପକ୍ଷରୁ ୧୧୭ ପୂଜକ ପରିବାର ଗଜଭୋଗକୁ ୭ ଦିନ ପୂର୍ବରୁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ହେଲେ ଚଳିତ ବର୍ଷ ଗଜଭୋଗ ପରିମାଣ କମାଇ ଦେଇଛନ୍ତି ବୋଲି ପୂଜକ ସମାଜ ସଭାପତି ପତ୍ରୀ କହିଛନ୍ତି । ନିଷ୍ଠା ଓ ଭକ୍ତିର ପ୍ରତୀକ ଗଜଭୋଗ ଓ ତରଣ ପାଇଲେ ସମସ୍ତ ମାନସ୍କାମନା ପୂର୍ଣ୍ଣ ହେବା ସହିତ ରୋଗମୁକ୍ତ ହୋଇଥାନ୍ତି ବୋଲି ଶ୍ରଦ୍ଧାଳୁଙ୍କ ପ୍ରଗାଢ ବିଶ୍ୱାସ ରହିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଆଦି

@ ରାଜେଶ

@ ବିକାଶ

@ ରାମ

@ ରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ନୃତ୍ୟଗୁରୁ ପଦ୍ମଶ୍ରୀ ପଙ୍କଜଚରଣ ଦାସଙ୍କ ସ୍ମୃତିରେ ଆଦିଗୁରୁ ଓଡ଼ିଶୀ ଗୁରୁକୁଳ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳାଠାରେ ରବିବାର ଅନୁଷ୍ଠିତ 'ପଙ୍କଜ ମହୋତ୍ସବ'ରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ 'ଦଶାବତାର' ପରିବେଷଣ କରୁଛନ୍ତି।

ପୁରୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାର ଆୟୋଜିତ ଓଡ଼ିଶୀ ଓ ପାରମ୍ପରିକ ଭଜନ ସମାରୋହରେ କଣ୍ଠଶିଳ୍ପୀ ସୁଧା ମିଶ୍ର ଭଜନ ପରିବେଷଣ କରୁଛନ୍ତି।

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସରେ ରବିବାର ଭୁବନେଶ୍ୱର ପିଏମ୍‌ଜି ଛକ ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ଓ ଅନ୍ୟମାନେ।

ଚତୁର୍ଥ ଥର ସେମିଫାଇନାଲ ଖେଳିବ ଭାରତ

ଟି୨୦ ବିଶ୍ୱକପ୍

ଟି୨୦ କ୍ରିକେଟ ବିଶ୍ୱକପ୍‌ର ଚଳିତ ସଂସ୍କରଣର ସେମିଫାଇନାଲରେ ପ୍ରବେଶ କରିଛି ଭାରତ। ଏହାକୁ ମିଶାଇ ଭାରତ ଚତୁର୍ଥ ଥର ପାଇଁ ଏହି ମେଗା ଇଭେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୦୯, ୨୦୧୦ ଓ ୨୦୧୨ରେ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସଂସ୍କରଣରେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିବାବେଳେ ୫ମ ସଂସ୍କରଣ ୨୦୧୪ରେ ରନରଅପ୍ ହୋଇଥିଲା। ୨୦୧୬ରେ ଦଳ ସେମିଫାଇନାଲ ଖେଳିଥିବାବେଳେ ୨୦୨୧ରେ ଖରାପ ପ୍ରଦର୍ଶନ କରି ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲା। ଏଥର ରୋହିତ ଶର୍ମାଙ୍କ ଦଳ ପ୍ରଭାବୀ ପ୍ରଦର୍ଶନ କରି ସେମିଫାଇନାଲରେ ଇଂଲଣ୍ଡକୁ ଭେଟିବାକୁ ଯାଉଛି। ଆଉ ୨ଟି ମ୍ୟାଚ ଜିତିପାରିଲେ ଟିମ୍ ଇଣ୍ଡିଆ ଦ୍ୱିତୀୟ ଥର ପାଇଁ ବିଶ୍ୱକପ ମୁକୁଟ ପିନ୍ଧିବ। ଟୁର୍ନାମେଣ୍ଟ ଇତିହାସରେ ଏକମାତ୍ର ଦଳ ଭାବେ ୱେଷ୍ଟଇଣ୍ଡିଜ ୨ ଥର ୨୦୧୨ ଓ ୨୦୧୬ରେ ଚାମ୍ପିୟନ ହୋଇଛି। ୨୦୦୭ରେ ଭାରତକୁ ଛାଡ଼ିଦେଲେ ୨୦୦୯ରେ ପାକିସ୍ତାନ, ୨୦୧୦ରେ ଇଂଲଣ୍ଡ, ୨୦୧୪ରେ ଶ୍ରୀଲଙ୍କା ଓ ୨୦୨୧ରେ ଅଷ୍ଟ୍ରେଲିଆ ଟାଇଟଲ ବିଜୟୀ ହୋଇଥିଲା।

ଭାରତର ବିଜୟରେ ଉଲ୍ଲସିତ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି। ଶଟ୍ ଖେଳିବା ଅବସରରେ ପ୍ଲେୟର ଅଫ୍ ଦି ମ୍ୟାଚ ସୂର୍ଯ୍ୟକୁମାର ଯାଦବ।

ଭାରତ-ଜିମ୍ବାୱେ ସ୍କୋରବୋର୍ଡ

ଭାରତ ଇନିଂସ
ରାହୁଲ- କ-ମାସାକାଡ୍‌ଜା-ବୋ-ରାଜା-୫୧
ରୋହିତ-କ-ମାସାକାଡ୍‌ଜା-ବୋ-ମୁଜାରାବାନି-୧୫
କୋହଲି-କ-ର୍ୟାନ୍ ବର୍ଲ-ବୋ-ସିନ୍ ୱିଲିୟମ୍ସ-୨୬
ସୂର୍ଯ୍ୟକୁମାର-ନଟଆଉଟ-୬୧
ପନ୍ତ-କ-ର୍ୟାନ୍ ବର୍ଲ-ବୋ-ସିନ୍ ୱିଲିୟମ୍ସ-୩
ହାର୍ଦ୍ଦିକ ପାଣ୍ଡ୍ୟା-କ-ମୁଜାରାବାନି-ବୋ-ଏନ୍‌ଗାରାଭା-୧୮
ଅକ୍ଷର-ନଟଆଉଟ-୦
ଅତିରିକ୍ତ-୧୨
ମୋଟ: (୨୦ ଓଭରରେ/୫ ଉଇକେଟ) ୧୮୬।
ଉଇକେଟ ପତନ:୧/୨୭, ୨/୮୭, ୩/୯୫, ୪/୧୦୧, ୫/୧୬୬।
ବୋଲିଂ (ଜିମ୍ବାୱେ)
ଏନ୍‌ଗାରାଭା ୪-୧-୪୪-୧
ଚାଟରା ୪-୦-୩୪-୦
ମୁଜାରାବାନି ୪-୦-୫୦-୧
ମାସାକାଡ୍‌ଜା ୨-୦-୧୨-୦
ର୍ୟାନ ବର୍ଲ ୧-୦-୧୪-୦
ରାଜା ୩-୦-୧୮-୧
ସିନ୍ ୱିଲିୟମ୍ସ ୨-୦-୯-୨
ଜିମ୍ବାୱେ ଇନିଂସ
ୱେସ୍‌ଲି ମାଧେଭେର-କ-କୋହଲି-ବୋ-ଭୁବନେଶ୍ୱର-୦
କ୍ରେଗ୍ ଏର୍ଭିନ-କ ଆଣ୍ଡ୍ ବୋ-୧୩
ରେଜିସ୍ ଚାକାଭା-ବୋ-ଅର୍ଶଦୀପ-୦
ସିନ୍ ୱିଲିୟମ୍ସ-କ-ଭୁବନେଶ୍ୱର-ବୋ-ଶାମି-୧୧
ସିକନ୍ଦର ରାଜା-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୩୪
ଟୋନି ମୁନ୍‌ୟୋଙ୍ଗା-ଏଲବିଡବ୍ଲ୍ୟୁ-ଶାମି-୫
ର୍ୟାନ ବର୍ଲ-ବୋ-ଅଶ୍ୱିନ-୩୫
ମାସାକାଡ୍‌ଜା-କ-ରୋହିତ-ବୋ-ଅଶ୍ୱିନ-୧
ରିଚାର୍ଡ ଏନ୍‌ଗାରାଭା-ବୋ-ଅଶ୍ୱିନ-୧
ଟେଣ୍ଡାଇ ଚାଟରା-କ ଆଣ୍ଡ୍ ବୋ-ଅକ୍ଷର-୪
ବ୍ଲେସିଂ ମୁଜାରାବାନି-ନଟଆଉଟ-୦
ଅତିରିକ୍ତ-୧୧
ମୋଟ (୧୭.୨ ଓଭର/୧୦ ଉଇକେଟ) ୧୧୫।
ଉଇକେଟ ପତନ: ୧/୦, ୨/୨, ୩/୨୮, ୪/୩୧, ୫/୩୬, ୬/୯୬, ୭/୧୦୪, ୮/୧୦୬, ୧୧୧/୯, ୧୧୫/୧୦।
ବୋଲିଂ (ଭାରତ)
ଭୁବନେଶ୍ୱର ୩-୧-୧୧-୧
ଅର୍ଶଦୀପ ସିଂ ୨-୦-୯-୧
ମହମ୍ମଦ ଶାମି ୨-୦-୧୪-୨
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୧୬-୨
ରବିଚନ୍ଦ୍ରନ ଅଶ୍ୱିନ ୪-୦-୨୨-୩
ଅକ୍ଷର ପଟେଲ ୩.୨-୦-୪୦-୧।

ନାଟକୀୟ ବିଜୟ ସହ ସେମିରେ ପାକିସ୍ତାନ

ଆଡିଲେଡ୍,୬।୧୧(ପି.ଟି)

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ଉପରେ ପ୍ରସନ୍ନ ହୋଇଛନ୍ତି ଭାଗ୍ୟଦେବୀ। ଭାରତ ଓ ଜିମ୍ବାୱେ ନିକଟରୁ ପରାଜୟ ପରେ ଅପ୍ରତ୍ୟାଶିତ ଭାବେ ଟୁର୍ନାମେଣ୍ଟରୁ ବାହାରିବା ସ୍ଥିତିରେ ଥିବା ପାକିସ୍ତାନ ରବିବାର ବାଂଲାଦେଶକୁ ୫ ଉଇକେଟରେ ପରାସ୍ତ କରିବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୮ ଉଇକେଟରେ ୧୨୭ ରନ୍ କରିଥିଲା। ଜବାବରେ ୧୧ ବଲ୍ ବାକି ରଖି ପାକିସ୍ତାନ ୫ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୩ ରନ୍‌ରେ ନେଦରଲାଣ୍ଡ୍ସ ନିକଟରୁ ହାରିବା ପରେ ଉଭୟ ଦଳ ନିକଟରେ ସେମି ଫାଇନାଲ ପ୍ରବେଶ କରିବାର ସୁବର୍ଣ୍ଣ ସୁଯୋଗ ଥିଲା।

ଟସ୍ ଜିତି ବାଂଲାଦେଶ ବ୍ୟାଟିଂ କରିଥିଲା। ଲିଟନ୍ ଦାସ(୧୦) ଦଳୀୟ ସ୍କୋର ୨୧ ରନ୍‌ରେ ଶାହିନ ଶାହା ଆଫ୍ରିଦୀଙ୍କ ଶିକାର ହୋଇଥିଲେ। ଟପ୍ ସ୍କୋରର ନଜମୋଲ ହୋସେନ୍ ଶନ୍ତୋ(୫୪) ଓ ସୌମ୍ୟ ସରକାର(୨୦)ଙ୍କ ମଧ୍ୟରେ ୫୨ ରନ୍‌ର ଭାଗୀଦାରି ହୋଇଥିଲା। ଶଦାବ ଖାନ୍ ଲଗାତର ବଲରେ ସରକାର ଓ ସାକିବ୍ ଅଲ ହସନ(୦)ଙ୍କୁ ପାଭିଲିୟନ୍ ପଠାଇଥିଲେ। ଏହି ଦୁଇ ଖେଳାଳି ଆଉଟ ହେବା ପରେ ଶନ୍ତୋଙ୍କୁ ବୋଲ୍ଡ କରିଥିଲେ ଇଫ୍‌ତିଖାର ଅହମ୍ମଦ। ୪୮ ବଲର ଶନ୍ତୋଙ୍କ ଇନିଂସରେ ୭ ଚୌକା ସାମିଲ ଥିଲା। ଏହାପରେ ଶାହିନ୍ ଆଫ୍ରିଦୀ ବାଂଲାଦେଶର ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମରେ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ପାଭିଲିୟନ୍ ପଠାଇଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଆଫିଫ୍ ହୋସେନ୍ ୨୪ ରନ୍‌ରେ ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ଶାହିନ୍ ଆଫ୍ରିଦୀ ୪ ଉଇକେଟ ନେଇଥିବା ବେଳେ ଶଦାବ ଖାନ୍ ୨ ଓ ହରିଶ ରୌଫ୍ ଗୋଟିଏ ଉଇକେଟ ନେଇଥିଲେ।

୧୨୮ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ପାକିସ୍ତାନର ଆରମ୍ଭ ଅତ୍ୟନ୍ତ ଧିମା ରହିଥିଲା। ଦୁଇ ଓପ୍‌ନର ବାବର ଆଜମ୍ (୨୫) ଓ ମହମ୍ମଦ ରିଜ୍‌ୱାନ(୩୨) ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ ହେଁ ଉଭୟ ୧୦.୩ ଓଭର ଖେଳିଥିଲେ। ବାବର ୩୩ ବଲ୍ ଖେଳି ୨୫ ରନ୍ କରିଥିବା ବେଳେ ରିଜ୍‌ୱାନ ବଲ୍ ପିଛା ରନ୍ କରିଥିଲେ। ସେହିପରି ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମହମ୍ମଦ ରିଜ୍‌ୱାନ ମଧ୍ୟ ୧୧ ବଲ ଖେଳି ୪ ରନ୍ କରିଥିଲେ। ତେବେ ମହମ୍ମଦ ହାରିସ୍ (୧୮ ବଲ୍‌ରୁ ୩୧) ଓ ଶାନ୍ ମାସୁଦ୍ (୨୪*) ଦଳକୁ ବିଜୟୀ କରାଇଥିଲେ। ବାଂଲାଦେଶ ପକ୍ଷରୁ ନାଶୁମ ଅହମ୍ମଦ, ସାକିବ୍, ମୁସ୍ତାଫିଜୁର ଓ ଏବାଦତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଶାହିନ୍ ଶାହା ଆଫ୍ରିଦିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ଲିଟନ ଦାସଙ୍କ ଉଇକେଟ ନେବାପରେ ଶାହିନ୍ ଶାହା ଆଫ୍ରିଦୀ।

ସଂକ୍ଷିପ୍ତ ସ୍କୋର
ବାଂଲାଦେଶ ୨୦ ଓଭରରେ ୧୨୭/୮ (ନଜମୋଲ ହୋସେନ୍ ଶନ୍ତୋ-୫୪, ସୌମ୍ୟ ସରକାର-୨୦, ଆଫିଫ୍ ହୋସେନ୍-୨୪*, ଶାହିନ୍ ଆଫ୍ରିଦୀ- ୪/୨୨, ଶଦାବ ଖାନ୍- ୨/୩୦, ହରିଶ ରୌଫ୍-୧/୧୫)। ପାକିସ୍ତାନ ୧୮.୧ ଓଭରରେ ୧୨୮/୫ (ମହମ୍ମଦ ରିଜ୍‌ୱାନ-୩୨, ମହମ୍ମଦ ହାରିସ୍ -୩୧, ବାବର ଆଜମ୍ -୨୫, ନାଶୁମ ଅହମ୍ମଦ-୧/୧୪, ସାକିବ ଅଲ ହସନ-୧/୩୫, ମୁସ୍ତାଫିଜୁର ରହମାନ-୧/୨୧)।

୧୦୦୦ ରନ୍ ପୂରଣ କଲେ ସୂର୍ଯ୍ୟକୁମାର

ମେଲବୋର୍ନ,୬।୧୧(ପି.ଟି): ନିଜ କ୍ୟାରିୟରର ପ୍ରାଇମ୍ ଫର୍ମରେ ରହିଥିବା ସୂର୍ଯ୍ୟକୁମାର ଯାଦବ ଚଳିତ ବର୍ଷ ଟି ୨୦ରେ ୧୦୦୦ ରନ୍ ପୂରଣ କରିଛନ୍ତି। ଚଳିତ ବର୍ଷର ପ୍ରଥମ ତଥା ଦ୍ୱିତୀୟ ଅନ୍ତର୍ଜାତୀୟ କ୍ରିକେଟର ଭାବରେ ସୂର୍ଯ୍ୟକୁମାର ଏହି ଉପଲବ୍ଧି ହାସଲ କରିଛନ୍ତି। ୨୦୨୧ରେ ପ୍ରଥମ କ୍ରିକେଟର ଭାବେ ମହମ୍ମଦ ରିଜ୍‌ୱାନ ଏହି ସଫଳତା ହାସଲ କରିଥିଲେ। ଟି ୨୦ ବିଶ୍ୱକପ ସୁପର ୧୨ରେ ଜିମ୍ବାୱେ ବିପକ୍ଷରେ ସୂର୍ଯ୍ୟକୁମାର ୨୫ ବଲରୁ ଅପରାଜିତ ୬୧ ରନ୍ ସଂଗ୍ରହ କରି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଏହା ସହିତ ଚଳିତ ବର୍ଷ ସୂର୍ଯ୍ୟକୁମାରଙ୍କ ଷ୍ଟ୍ରାଇକ ରେଟ୍ ୧୯୩.୯୬ ରହିଛି। ଅନ୍ୟୁନ ୧୦୦ ବଲ୍ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ଏହା ସର୍ବାଧିକ। ଏହି ମ୍ୟାଚ ଶେଷ ହେବା ସୁଦ୍ଧା ସୂର୍ଯ୍ୟକୁମାର ସମୁଦାୟ ୧୦୨୦ ରନ୍ ସ୍କୋର କରିଛନ୍ତି। ଏହା ପୂର୍ବରୁ ମହମ୍ମଦ ରିଜ୍‌ୱାନ ୨୬ ମ୍ୟାଚରୁ ୧୩୨୬ ରନ୍ ସଂଗ୍ରହ କରିଥିଲେ।

ଦକ୍ଷିଣ ଆଫ୍ରିକାକୁ ବିଦା କଲା ନେଦରଲାଣ୍ଡ୍ସ

ଆଡିଲେଡ୍,୬।୧୧(ପି.ଟି)

ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୧୨ ପର୍ଯ୍ୟାୟର ସବୁଠୁ ବଡ଼ ବିପର୍ଯ୍ୟୟ ରବିବାର ଦେଖିବାକୁ ମିଳିଥିଲା। ନେଦରଲାଣ୍ଡ୍ସ ୧୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଟୁର୍ନାମେଣ୍ଟରୁ ବିଦା କରିଥିଲା। ସେମିଫାଇନାଲ ପ୍ରବେଶ ପାଇଁ ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ନିହାତି ବିଜୟ ଆବଶ୍ୟକ ଥିଲା। ତେବେ ନେଦରଲାଣ୍ଡ୍ସ ବୋଲର ଘାତକ ବୋଲିଂ କରିବା ସହିତ ଦଳକୁ ବିଜୟୀ କରାଇଥିଲେ। ଦକ୍ଷିଣ ଆଫ୍ରିକା ପରାଜିତ ହେବା ପରେ ଭାରତ ସେମିରେ ପ୍ରବେଶ କରିବା ସ୍ପଷ୍ଟ ହୋଇଯାଇଥିଲା। ନେଦରଲାଣ୍ଡ୍ସ ପ୍ରଥମେ ବ୍ୟାଟିଂ କରି ୧୫୮ ରନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ବିଜୟରୁ ୧୩ ରନ୍ ଦୂରରେ ରହିଯାଇଥିଲା। ଏହାସହିତ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ରେସ୍‌ରୁ ଆଉଟ ହୋଇଥିଲା।

ଦକ୍ଷିଣ ଆଫ୍ରିକା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ନେଦରଲାଣ୍ଡ୍ସ ଟପ୍-୪ ବ୍ୟାଟର ଉଲ୍ଲେଖନୀୟ ବ୍ୟାଟିଂ କରିଥିଲେ। ଦୁଇ ଓପ୍‌ନର ଷ୍ଟିଫେନ୍ ମାଏବର୍ଗ (୩୭) ଓ ମ୍ୟାକ୍ସ ଓଡଡ୍ (୨୯) ପ୍ରଥମ ଉଇକେଟରେ ୫୮ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଟମ୍ କୁପର ୩୫ ଓ କଲିନ୍ ଆକରମ୍ୟାନ୍ ଅପରାଜିତ ୪୧ ରନ୍‌ର ଦ୍ରୁତ ବ୍ୟାଟିଂ କରିଥିଲେ। ପ୍ଲେୟର ଅଫ୍ ଦ ମ୍ୟାଚ୍ କଲିନ୍ ଆକରମ୍ୟାନ୍‌ଙ୍କ ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିଲା। ୧୫୯ ରନ୍‌ର ପିଛା କରୁଥିବା ଦକ୍ଷିଣ ଆଫ୍ରିକାର ଟପ୍ ଅର୍ଡର ବ୍ୟାଟରଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ଏହାକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ। ଡିକକ୍ ୧୩, ବଭୁମା ୨୦, ରିଲି ରୋସୋ ୨୫ ଓ ଏଡେନ୍ ମାରାକ୍ରମ ୧୭ ରନ୍ କରିବାକୁ ସକ୍ଷମ ହୋଇଥିଲେ।

ଦକ୍ଷିଣ ଆଫ୍ରିକାକୁ ହରାଇବାପରେ ଖୁସି ମୁହୂର୍ତ୍ତରେ ନେଦରଲାଣ୍ଡ୍ସ ଦଳ।

ସଂକ୍ଷିପ୍ତ ସ୍କୋର
ନେଦରଲାଣ୍ଡ୍ସ ୨୦ ଓଭରରେ ୧୫୮/୪ (କଲିନ୍ ଆକରମ୍ୟାନ୍-୪୧*, ଷ୍ଟିଫେନ୍ ମାଏବର୍ଗ-୩୭, ଟମ୍ କୁପର-୩୫, କେଶବ ମହାରାଜ-୨/୨୭, ଏନରିଚ୍ ନର୍ଜେ-୧/୧୦, ଏଡେନ୍ ମାରାକ୍ରମ-୧/୧୬)। ଦ. ଆଫ୍ରିକା ୨୦ ଓଭରରେ ୧୪୫/୮ (ରିଲି ରୋସୋ-୨୫, ହେନରିଚ୍ କ୍ଲାସେନ୍-୨୧, ବ୍ରେଣ୍ଡନ ଗ୍ଲୋଭର-୩/୯, ବାସ୍ ଡି ଲିଡ୍-୨/୨୫, ଫ୍ରେଡ୍ କ୍ଲାସେନ-୨/୨୦)।

ମଦର୍ସ ପବ୍ଲିକ୍ ସ୍କୁଲ ଚାମ୍ପିୟନ୍

ପ୍ରୋ ସ୍କୁଲ ବାସ୍କେଟବଲ୍ ଲିଗ୍‌ରେ ଚାମ୍ପିୟନ ମଦର୍ସ ପବ୍ଲିକ୍ ସ୍କୁଲର ଖେଳାଳିମାନେ ଅତିଥିଙ୍କ ସହ।

ଓଡିଏମ୍ ଗ୍ଲୋବାଲ ପ୍ରୋ ସ୍କୁଲ ବାସ୍କେଟବଲ୍ ଲିଗ୍

ଭୁବନେଶ୍ୱର, ୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ପ୍ରୋ ସ୍କୁଲ ବାସ୍କେଟବଲ୍ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଉଭୟ ବାଳକ ଓ ବାଳିକା ବର୍ଗରେ ମଦର୍ସ ପବ୍ଲିକ୍ ସ୍କୁଲ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବାଳକ ବର୍ଗରେ ବ୍ରହ୍ମପୁରର ଜ୍ଞାନ ବିକାଶ ସ୍କୁଲ ରନର୍ସଅପ୍ ହୋଇଥିବା ବେଳେ ଭୁବନେଶ୍ୱରର ୟୁନିଟ୍-୧ ସରକାରୀ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ବାଳିକା ବିଭାଗରେ କିସ୍ ରନର୍ସଅପ୍ ହୋଇଥିବା ବେଳେ ଭୁବନେଶ୍ୱରର ୟୁନିଟ୍-୧ ସରକାରୀ ସ୍କୁଲ ତୃତୀୟ ସ୍ଥାନରେ ରହିଥିଲା। ୨୦ରୁ ଅଧିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

ଶନିବାର ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରି ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, ଓଡିଏମ୍ ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ଓଡିଏମ୍ ନିର୍ଦ୍ଦେଶିକା ଇନ୍ଦୁମତି ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟମ୍ ସତ୍ୟେନ୍ଦୁ, ଯୋଜନା ତଥା ପ୍ରଣୟନ ବିଭାଗ ମୁଖ୍ୟ ଶିଖା ଚନ୍ଦ୍ର, ଓଡ଼ିଶା ବାସ୍କେଟ୍‌ବଲ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡା ଓ ଦାରୁଠେଙ୍ଗ ପଞ୍ଚାୟତ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅପରପକ୍ଷରେ ରବିବାର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବାସ୍କେଟ୍‌ବଲ ସଂଘର ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।

ଭୁବନେଶ୍ୱର ଖୋ ଖୋ ଦଳ ପାଇଁ ଖେଳାଳି ଚୟନ

ଭୁବନେଶ୍ୱର ୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ଖୋ ଖୋ ସଂଘ ତରଫରୁ ଆନ୍ତଃ ଜିଲା ଖୋ ଖୋ ପ୍ରତିଯୋଗିତା ଚଳିତ ମାସ ୧୨ ତାରିଖରୁ ପୁରୀରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏଶନ ଏକ ଅନୁବନ୍ଧିତ ସଂଗଠନ ଭାବେ ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାଗ ନେବ। ସଂଗଠନର ଖୋ ଖୋ ସମ୍ପାଦିକା ସମ୍ମିତା ଦାସଙ୍କ ସୂଚନା ଅନୁସାରେ ଭୁବନେଶ୍ୱର ପୁରୁଷ ଓ ମହିଳା ଦଳ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ୯ ତାରିଖରେ ୟୁନିଟ୍-୧ ବାଳିକା ହାଇସ୍କୁଲ ଖେଳ ପଡ଼ିଆରେ ସକାଳ ୭ଟା ୩୦ରେ ହେବ। ଏଥିରେ ଭାଗ ନେବାକୁ ଥିବା ଖେଳାଳି ସେଦିନ ସକାଳ ୭ଟା ସୁଦ୍ଧା ରିପୋର୍ଟ କରିବେ।

ଯୌନ ନିର୍ଯାତନା ମାମଲାରେ ଶ୍ରୀଲଙ୍କା କ୍ରିକେଟର ଗିରଫ

ସିଡ୍‌ନୀ,୬।୧୧(ପି.ଟି)

ଶ୍ରୀଲଙ୍କା କ୍ରିକେଟର ଦନୁଷ୍କା ଗୁଣତିଲକା ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଛନ୍ତି। ଟି୨୦ ବିଶ୍ୱକପ୍ ପାଇଁ ଜାତୀୟ ଦଳରେ ସାମିଲ ଥିବା ଗୁଣତିଲକା ଟୁର୍ନାମେଣ୍ଟ ପୂର୍ବରୁ ହାର୍ମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ ବାଦ୍ ପଡ଼ିଥିଲେ। ତେବେ ସେ ଶ୍ରୀଲଙ୍କା ଦଳ ସହ ଅବସ୍ଥାନ କରୁଥିଲେ। ରବିବାର ସିଡ୍‌ନୀ ସିଟି ପୋଲିସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ନଭେମ୍ବର ୨ରେ ହୋଇଥିବା ଏକ ମାମଲା କାରଣରୁ ତାଙ୍କୁ ଗିରଫ କରାଯାଇଛି। ଗୁଣତିଲକାଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ବ୍ୟତୀତ ଶ୍ରୀଲଙ୍କା ଦଳ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛି। ଶ୍ରୀଲଙ୍କା ଶନିବାର ଇଂଲଣ୍ଡ ନିକଟରୁ ପରାସ୍ତ ହେବା ସହିତ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା। ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ବେଳେ ଶ୍ରୀଲଙ୍କା ଦଳ ଏହି ମାମଲା ଉପରେ ନଜର ରଖିଥିବା କୁହାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ କହିଛି। ଏକ ଅନ୍‌ଲାଇନ୍ ଡେଟିଂ ଆପ୍‌ରେ ଜଣେ ମହିଳାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଏହାପରେ ଉକ୍ତ ମହିଳାଙ୍କ ସହିତ ସେ ଡେଟ୍‌ରେ ଯାଇଥିଲେ। ଏହି ସମୟରେ ସେ ମହିଳାଙ୍କ ସହ ବଳପୂର୍ବକ ସମ୍ପର୍କ ସ୍ଥାପନ କରିଥିଲେ। ମହିଳା ଜଣଙ୍କ ଏ ନେଇ ଅଭିଯୋଗ କରିବା ପରେ ଗୁଣତିଲକାଙ୍କୁ ଗିରଫ କରାଯାଇଛି। ରବିବାର ସକାଳ ୬ଟାରେ ଶ୍ରୀଲଙ୍କା ଦଳ ଅଷ୍ଟ୍ରେଲିଆ ଛାଡ଼ିବାକୁ ଥିବା ବେଳେ ରାତି ୧.୦୦ଟାରେ ଗୁଣତିଲକାଙ୍କୁ ପୋଲିସ ଗିରଫ କରିଥିଲା।

ଦନୁଷ୍କା ଗୁଣତିଲକା

ହକି ଇଣ୍ଡିଆର ପୁରସ୍କାର ଘୋଷଣା

ଭୁବନେଶ୍ୱର, ୬।୧୧: ହକି ଇଣ୍ଡିଆ ରବିବାର ଏହାର ନୂଆ ନୀତି ଘୋଷଣା କରିଛି। ତଦନୁସାରେ ଉଭୟ ପୁରୁଷ ଓ ମହିଳା ଦଳର ସଦସ୍ୟ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ବାର୍ଷିକ ପ୍ରୋତ୍ସାହନ ରାଶି ମିଳିବ। ଭାରତୀୟ ଦଳର ପ୍ରତିଟି ବିଜୟ ପାଇଁ ଉଭୟ ପୁରୁଷ ଓ ମହିଳା ଦଳର ଖେଳାଳିମାନେ ୫୦,୦୦୦ ଟଙ୍କା ଏବଂ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍ ୨୫,୦୦୦ ଟଙ୍କା ଲେଖାଏଁ ପାଇବେ। ଜାନୁୟାରୀରେ ସମ୍ମାନଜନ ବିଶ୍

ମହଙ୍ଗା ହୋଇପାରେ ସିମେଣ୍ଟ ମୂଲ୍ୟ

ନୂଆଦିଲ୍ଲୀ: ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀଗୁଡ଼ିକ ଗତମାସରେ ବସ୍ତା ପିଛା ମୂଲ୍ୟ ୩ରୁ ୪ ଟଙ୍କା ବଢ଼ାଇଥିଲେ ତେବେ ନଭେମ୍ବରରେ ମଧ୍ୟ କମ୍ପାନୀଗୁଡ଼ିକ ବସ୍ତା ପିଛା ୧୦ରୁ ୨୦ ଟଙ୍କା ମଧ୍ୟରେ ମୂଲ୍ୟ ବୃଦ୍ଧି କରିବାକୁ ବିଚାରବିମର୍ଶ କରୁଛନ୍ତି। ଏପରିକି ଏମ୍‌କେ ଗ୍ଲୋବାଲ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ ପକ୍ଷରୁ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ପୂର୍ବାନୁମାନ କରାଯାଇଛି। ସେହିଭଳି ଏମକେ ଗ୍ଲୋବାଲ ନିକଟରେ ତା'ର ରିପୋର୍ଟରେ ପ୍ରକାଶ କରିଥିଲା ଯେ ଚଳିତ ବର୍ଷ ଅକ୍ଟୋବରରେ ଦେଶବ୍ୟାପୀ ସିମେଣ୍ଟ ମୂଲ୍ୟ ହାରାହାରି ୩ରୁ ୪ ଟଙ୍କା ବୃଦ୍ଧି ପାଇବ। ସେହିପରି ବିଳମ୍ବରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ଏବଂ ପାର୍ବଣ ଋତୁ ପାଇଁ ଶ୍ରମିକ ଅଭାବ କାରଣରୁ ଅକ୍ଟୋବରରେ ସିମେଣ୍ଟ ଚାହିଦା ପ୍ରଭାବିତ ହୋଇଥିଲା।

୪୬% ଭାରତୀୟ ପରିବାରର ଆୟ ୧୫ ହଜାରରୁ କମ୍

ନୂଆଦିଲ୍ଲୀ,୬।୧୧

ଗତ କିଛି ବର୍ଷ ହେବ ବିଭିନ୍ନ କାରଣରୁ ଦେଶର ମୁଣ୍ଡ ପିଛା ଆୟଠାରୁ ନେଇ ପରିବାରର ଆୟ ମଧ୍ୟ ହ୍ରାସ ପାଇଚାଲିଛି। ଫଳରେ ଦେଶରେ ଏକ ପ୍ରକାର ଅସ୍ଥିରତା ଦେଖାଦେଇଛି। ବିଶେଷକରି ଆର୍ଥିକ ଅନ୍ତର୍ଭୁକ୍ତିର ଦୃଢ ଅଭିବୃଦ୍ଧି ଏବଂ ବୃଦ୍ଧି ପାଉଥିବା ଆର୍ଥିକ ସେବା ଶିଳ୍ପ ସତ୍ତ୍ୱେ ପ୍ରାୟ ୬୯% ଭାରତୀୟ ପରିବାର ଆର୍ଥିକ ଅସୁରକ୍ଷିତତା ଏବଂ ଦୁର୍ବଳତା ସହ ସଂଘର୍ଷ କରୁଛନ୍ତି ବୋଲି ଜାତୀୟ ସର୍ଭେକ୍ଷଣ ସଂସ୍ଥା ମନି ୯ ଦ୍ୱାରା କରାଯାଇଥିବା ବ୍ୟକ୍ତିଗତ ଆର୍ଥିକ ସର୍ଭେ ଅନୁଯାୟୀ ଏଭଳି କିଛି କୁହାଯାଇଛି। ବିଶେଷ କରି ଇଣ୍ଡିଆ ପର୍ସନାଲ ଫାଇନାନ୍ସ ପଲ୍ସ ଭାରତୀୟ ପରିବାରର ଆୟ, ସଞ୍ଚୟ, ପୁଞ୍ଜି ବିନିଯୋଗ ଏବଂ ଖଜଣାକୁ ମାନଚିତ୍ର କରେ ବୋଲି ଟଭେ ୯ ନେଟୱର୍କ ଦ୍ୱାରା ପ୍ରୋସାହିତ ମନି ୯ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ସେହିଭଳି ଭାରତ କିପରି ରୋଜଗାର, ଖର୍ଚ୍ଚ ଏବଂ ସଞ୍ଚୟ କରେ ସେ ସମ୍ବନ୍ଧରେ ମଧ୍ୟ ବିସ୍ତୃତ ସୂଚନା ଉକ୍ତ ସର୍ଭେରେ କରାଯାଇଛି। ଏଥିରୁ ଜଣାପଡିଛି ଯେ ୪.୨ ଜଣ ଭାରତୀୟ ପରବାରର ହାରାହାରି ଆୟ ମାସକୁ ୨୩,୦୦୦ଟଙ୍କା ରହିଛି। ସେହିପରି ୪୬%ରୁ ଅଧିକ ଭାରତୀୟ ପରିବାରର ଆୟ ୧୫,୦୦୦ ରୁ କମ୍ ରହିଥିବା ବେଳେ କେବଳ ୩% ଭାରତୀୟ ପରିବାର ବିଳାସପୂର୍ଣ୍ଣ ଜୀବନଶୈଳୀ ଅତିବାହିତ କରୁଛନ୍ତି। ବିଶେଷକର ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚ ଆୟକାରୀ ସମବାୟ ସମିତି (ଉଚ୍ଚ-ମଧ୍ୟମ ଏବଂ ଧନୀ)ର ସଦସ୍ୟ । ଏଥିସହ ସର୍ବେକ୍ଷଣରୁ ଜଣାପଡିଛି ଯେ ୭୦% ଭାରତୀୟ ପରିବାର ବ୍ୟାଙ୍କ ଜମା, ବୀମା, ଡାକଘର ସଞ୍ଚୟ ଏବଂ ସୁନା ଆକାରରେ କିଛି ଆର୍ଥିକ ସଞ୍ଚୟ ମଧ୍ୟ କରିଥାନ୍ତି। ହେଲେ ୬୪% ରୁ ଅଧିକ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରେ ପାର୍କିଂ ହୋଇଥିବା ବେଳେ କେବଳ ୧୯% ପରିବାର ପାଖରେ ବୀମା ରହିଛି। ଅପରପକ୍ଷରେ ଉକ୍ତ ସର୍ବେକ୍ଷଣରୁ ଜଣାପଡିଛି ଯେ ୨୨% ଭାରତୀୟ ପରିବାର ଷ୍ଟକ୍, ମ୍ୟୁଚୁଆଲ୍ ଫଣ୍ଡ, ୟୁଏଲଆଇପି ଏବଂ ଭୌତିକ ସମ୍ପତ୍ତିରେ ମଧ୍ୟ ବିନିଯୋଗ କରିଛନ୍ତି। ତଥାପି ସମ୍ପତ୍ତି-ଜମିରେ ବିନିଯୋଗ ଅଧିକ (୧୮%), ତା'ପରେ ମ୍ୟୁଚୁଆଲ୍ ଫଣ୍ଡ୍ (୬%), ଷ୍ଟକ୍ ମାର୍କେଟ୍ (୩%) ଏବଂ ୟୁନିଟ୍ ଲିଙ୍କ୍ ହୋଇଥିବା ବୀମା ଯୋଜନା କମ୍ବା ୟୁଏଲଆଇପି (୩%) ସାମିଲ ରହିଛି।

ଆଜିଠାରୁ ଟାଟା ମୋଟର୍ସର ନୂଆ ଦର

ନୂଆଦିଲ୍ଲୀ,୬।୧୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ପାସେଞ୍ଜର ଭେଇକିଲ (ପିଭି) ବା ଯାତ୍ରୀବାହୀ ଯାନରେ ଆଜିଠାରୁ (୭ ନଭେମ୍ବର) ନୂଆ ଦର ଲାଗୁ ହେବ ବୋଲି ଜଣାପଡ଼ିଛି। ବିଶେଷକରି କମ୍ପାନୀର ପିଭି ବର୍ଗର ଯାନଗୁଡ଼ିକ ଉପରେ ୦.୯% ମୂଲ୍ୟ ବୃଦ୍ଧି ହେବ ବୋଲି କୁହାଯାଇଛି। ଏପରିକି କମ୍ପାନୀର ପ୍ରମୁଖ ଯାନ ଟିଆଗୋ, ପଞ୍ଚ, ନେକ୍ସନ, ହାରିୟର ଏବଂ ସଫାରି ଆଦିରେ ନୂଆ ଦର ଲାଗୁ ହେବ ବୋଲି ସୂଚନା ମିଳିଛି। ସେହିଭଳି ଏହି ବର୍ଦ୍ଧିତ ଦର କମ୍ପାନୀର ଭିନ୍ନ ଭିନ୍ନ ମଡେଲ ଓ ଭାରିଆଣ୍ଟ ଅନୁସାରେ ମୂଲ୍ୟ ମଧ୍ୟ ଭିନ୍ନ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଯାନ ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ଦର ବୃଦ୍ଧ କରିବାକୁ ବାଧ୍ୟ ହୋଇଛି ବୋଲି କୁହାଯାଇଛି।

ଭିଜିଲାନ୍ସ ସଚେତନତା ସପ୍ତାହ

ଭୁବନେଶ୍ୱର,୬।୧୧

ଓଡିଶା ହାଇଡ୍ରୋ ପାୱାର କର୍ପୋରେଶନ୍ (ଓଏଚ୍‌ପିସି) ପକ୍ଷରୁ 'ଭିଜିଲାନ୍ସ ସଚେତନତା ସପ୍ତାହ'ର ଉଦଯାପନୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଏଚପିସିର କର୍ପୋରେଟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ ତଥା ଭଜଲାନ୍ସ ଭୁବନେଶ୍ୱର ଡଭଜନର ପୋଲସ ଅଧୀକ୍ଷକ ଅନୁପମା ଜେମ୍ପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଓଏଚପିସିର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର, ନିର୍ଦ୍ଦେଶକ (ଏଚଆର) ଡ. ପି.କେ. ମହାନ୍ତିଙ୍କ ସମେତ ଓଏଚପିସର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ ଉକ୍ତ ସପ୍ତାହ ପାଳନ ଅବସରରେ କର୍ପୋରେଟ୍ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ପାଇଁ ଏକ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାର କୃତୀ ବିଜେତାମାନଙ୍କୁ ଅତିଥିମାନେ ଉପହାର ଓ ଟ୍ରଫି (ମେମେଣ୍ଟୋ) ପ୍ରଦାନ କରିଥିଲେ। ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ ହେଲେ ପ୍ରଥମ ପୁରସ୍କାର- ଶତାବ୍ଦୀ ବେଉରା, ସହକାରୀ ପରିଚାଳିକା (ଆଇଟି), ୨ୟ ପୁରସ୍କାର- ଧର୍ମେନ୍ଦ୍ର ନାଥ ପାତ୍ର, ଜେନେରାଲ୍ ମ୍ୟାନେଜର (ଇଆଇ), ୩ୟ ପୁରସ୍କାର- ଓମ୍‌କାର ଅମୃତାଂଶୁ ସହକାରୀ ପରିଚାଳକ (ଆଇଟି)ଙ୍କୁ ମେମେଣ୍ଟୋ ସହ ପୁରସ୍କୃତ କରାଯାଇଥିଲା।

ଓଡ଼ିଶା ବଜାରରେ ଇନ୍ଦିରା ଗ୍ୟାସ

ଏଲ୍‌ପିଜି ସେବାର ଶୁଭାରମ୍ଭ

ଭୁବନେଶ୍ୱର,୬।୧୧

ଦିଲ୍ଲୀଭିତ୍ତିକ ଇନ୍ଦିରା ଗ୍ୟାସ ଆଣ୍ଡ୍ ପେଟ୍ରୋଲିୟମ ପ୍ରାଇଭେଟ ଲିମିଟେଡ କମ୍ପାନୀ ବର୍ତ୍ତମାନ ଓଡ଼ିଶା ବଜାର ପ୍ରବେଶ ସହ ସାରା ରାଜ୍ୟରେ ତା'ର କାରବାର ଆରମ୍ଭ କରିଛି। ଏପରିକି କମ୍ପାନୀର ଉଭୟ ବର୍ଗର ଏଲପିଜି ସେବାର ମଧ୍ୟ ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀ ଇନ୍ଦିରା ଗ୍ୟାସ ନାମରେ ତା'ର ବ୍ୟବାସାୟ ଆରମ୍ଭ କରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୨୧ ଜାନୁୟାରୀରେ ପ୍ରତିଷ୍ଠା ହୋଇଥିବା ବେଳେ କମ୍ପାନୀ ଉଭୟ ଡୋମେଷ୍ଟିକ ଏବଂ କର୍ମସିଆଲ ବର୍ଗରେ ଏଲପିଜି ସିଲିଣ୍ଡର ଗ୍ରାହକଙ୍କୁ ଯୋଗାଇ ଦେଉଛି। ଘରୋଇ ବର୍ଗରେ ୧୪ କିଗ୍ରା ଏବଂ ବାଣିଜ୍ୟିକ ବର୍ଗରେ ୫କିଗ୍ରା, ୧୨କିଗ୍ରା ଏବଂ ୧୭ କିଗ୍ରା ବିଶିଷ୍ଟ ଏଲପିଜି ସିଲିଣ୍ଡର ଉପଲବ୍ଧ ରହିଛି। ଏ ସମ୍ପର୍କରେ ଇନ୍ଦିରା ଗ୍ୟାସ ଆଣ୍ଡ୍ ପେଟ୍ରୋଲିୟମ ପ୍ରାଇଭେଟ ଲିମିଟେଡର ଓଡ଼ିଶା ମୁଖ୍ୟ ଅଞ୍ଚଳି ଅଗ୍ରୱାଲ କହିଛନ୍ତି, ସାରା ରାଜ୍ୟରେ ଡିଲର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏପରିକି ପ୍ରଥମ ପର୍ଯ୍ୟାୟରେ ୧୦୦ ଡିଲର ନିଯୁକ୍ତ ସାଙ୍ଗକୁ ଗ୍ରାହକ ସଂଯୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସେହିପରି କମ୍ପାନୀ ବର୍ତ୍ତମାନ ସମୟରେ କୋଲକାତା ଓ ମଥୁରା ପ୍ଲାଣ୍ଟରୁ ଓଡ଼ିଶାକୁ ଗ୍ୟାସ ଯୋଗାଇ ଦେବ। ପରବର୍ତ୍ତୀ ସମୟରେ କମ୍ପାନୀର ଅନୁଗୋଳ ବଟଲିଂ ପ୍ଲାଣ୍ଟରୁ ବିତରଣ କରିବ ବୋଲି ଯୋଜନା ରହିଛି। ଏପରିକି ଆଗାମୀ ୩ରୁ ୪ ମାସ ମଧ୍ୟରେ କମ୍ପାନୀ ଉକ୍ତ ପ୍ଲାଣ୍ଟରୁ ସାରା ରାଜ୍ୟକୁ ଗ୍ୟାସ ଯୋଗାଇଦେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଡିଲର ଓ ଡିଷ୍ଟ୍ରିବ୍ୟୁଟର ପାଇଁ ଆଗ୍ରହୀ ବ୍ୟକ୍ତିମାନେ କମ୍ପାନୀ ସହ ଯୋଗାଯୋଗ କରି ପାରିବେ ବୋଲି କୁହାଯାଇଛି।

ପୁରସ୍କୃତ ହେଲେ ଭାଗ୍ୟଶାଳୀ ବିଜେତା

ଭୁବନେଶ୍ୱର,୬।୧୧

ଚଳିତ ବର୍ଷର ପାର୍ବଣ ଅବସରରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଖୁସିୟୋଁ କା ତ୍ୟୋହାର'(ଲକି ଡ୍ର)ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଅଭିନେତା ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲିଡ୍ର'ର ବିଜେତା ନିରୋଜ ନାୟକଙ୍କୁ 'ହିରୋ ଫ୍ଲେଜର' ପ୍ରଦାନ ସମେତ ଅନ୍ୟ ଭାଗ୍ୟଶାଳୀ ଗ୍ରାହକମାନଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ସେହିପରି ଅମିତ୍ କୁମାର ସାହୁଙ୍କୁ ସୁନା କାନଫୁଲ, ରାଜଦୀପ୍ ଖଟୁଆଙ୍କୁ ଏଲଇଡି ଟିଭି, ଦେବାଶିଷ ନାୟକଙ୍କୁ ଫ୍ରିଜ୍, କୁମାର ଶତ୍ରୁଘନଙ୍କୁ ୱାଶିଂମେଶିନ୍ ଏବଂ ସୀତା ସୁବୁଦ୍ଧିଙ୍କୁ ମାଇକ୍ରୋୱେଭ୍ ସହ ଅନ୍ୟମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। କେବଳ ସେତିକି ନୁହେଁ ଜେ ଆଣ୍ଡ ଟି ଜୁଏଲର୍ସ ପକ୍ଷରୁ ୧୫ଗ୍ରାହକଙ୍କୁ ୧ଗ୍ରାମ୍‌ର ସୁନା ମୁଦ୍ରା ଏବଂ ୪୫ଜଣଙ୍କୁ ୫ ଗ୍ରାମର ରୁପା ମୁଦ୍ରା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଲ୍‌ଡରର ପ୍ରତିଷ୍ଠାତା ସୁବାସ ଭୁରା, ଏମଡି ଶରଦ ବୈଦ ଏବଂ ନିର୍ଦ୍ଦେଶକ ଅମିତ୍ ବୈଦ, ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ନିର୍ଦ୍ଦେଶିକା ପୂର୍ଣ୍ଣିମା ବୈଦ, ମଲ୍‌ର ଜିଏମ କ୍ରିଷ୍ଣେନ୍ଦୁ ପଣ୍ଡିତ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଓଡ଼ିଶା ଭାଇସ୍ ପ୍ରେସିଡେଣ୍ଟ ଅନନ୍ତ ପଟ୍ଟନାୟକ, ଜେ ଆଣ୍ଡ ଟି ଜୁଏଲର୍ସର ନିର୍ଦ୍ଦେଶକ ସୁରେଶ ଚୌଧୁରୀ ଓ ମଧୁଶ୍ରୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ମଲ୍‌ର ମାର୍କେଟିଂ ମୁଖ୍ୟ ଦୁଲାଲ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

ଅକ୍ଟୋବରରେ ୨୦,୦୦୦ ଟ୍ରାକ୍ଟର ବିତରଣ

ନୂଆଦିଲ୍ଲୀ,୬।୧୧

ରମଣ ମିତଲ

ଭାରତର ନଂ ୧ ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ୍ ସୋନାଲିକା ଚଳିତ ବର୍ଷ ଅକ୍ଟୋବରରେ ୨୦,୦୦୦ ଟ୍ରାକ୍ଟର ବିତରଣ ସହ ସର୍ବାଧିକ ଡେଲିଭରିର ରେକର୍ଡ ସ୍ଥାପନ କରିଛି। ବିଶେଷକରି ଚଳିତ ପାର୍ବଣ ଉତ୍ସବରେ ଟ୍ରାକ୍ଟରଗୁଡିକ ଦୃଢ ଭାବେ ପରିଚାଳନା କରିଛନ୍ତି। ଏକ ନୂତନ ଶକ୍ତିଶାଳୀ ପ୍ରଦର୍ଶନ ସହ କମ୍ପାନୀର ବିତରଣ ୧୬% ବିଲିଂ ଅଭିବୃଦ୍ଧି ଘଟିଛି। ଶିଳ୍ପ ଅଭିବୃଦ୍ଧିର ପ୍ରାୟ ୨ଗୁଣ ସହ ଦୀପାବଳି ପର୍ଯ୍ୟନ୍ତ ଏକ ଭଲ କାରବାର କରିଥିବା ଜଣାପଡିଛି। ସେହିପରି କମ୍ପାନୀର ଲୋକପ୍ରିୟ 'ହେଭି ଡ୍ୟୁଟି ଧମାକା' ଅଭିଯାନ ଅଧୀନରେ ଗ୍ରାହକ ଅଫର ପରିସରରୁ କୃଷକମାନେ ସର୍ବାଧିକ ଲାଭ ଉଠାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ଆମେ ନିଜକୁ ଗର୍ବିତ ଅନୁଭବ କରୁଛୁ, ଅକ୍ଟୋବରରେ ଆମେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିପାରିଛୁ। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ସୋନାଲିକାର ୨୦,୦୦୦ ଟ୍ରାକ୍ଟରର ବିତରଣ ସହ ୧୬% ବିଲିଂ ଅଭିବୃଦ୍ଧି ଘଟିଛି। ସେହିଭଳି ଉକ୍ତ ଶିଳ୍ପରେ ୭% ଅଭିବୃଦ୍ଧି କରିପାରିଛି।

ଜେକେ ଲକ୍ଷ୍ମୀ ସିମେଣ୍ଟର ୨ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୬।୧୧

ଦେଶର ପ୍ରମୁଖ ସିମେଣ୍ଟ ନିର୍ମାତା କମ୍ପାନୀ 'ଜେକେ ଲକ୍ଷ୍ମୀ ସିମେଣ୍ଟ ଲିମିଟେଡ୍'ର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ବିକ୍ରି ଚଳିତ ଆର୍ଥିକ ବର୍ଷର ଜୁଲାଇ-ସେପ୍ଟେମ୍ବର (୨ୟ ତ୍ରୈମାସ) ଶେଷ ସୁଦ୍ଧା ୧୬% ବୃଦ୍ଧି ହୋଇ ୧୩୦୨.୬୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧୧୧୮.୨୨ କୋଟି ଟଙ୍କା ହୋଇଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ଜେକେ ଲକ୍ଷ୍ମୀ ସିମେଣ୍ଟର ଲାଭ ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ପ୍ରଭାବିତ ହୋଇଥିଲା। ତେବେ କମ୍ପାନୀ ପରିଚାଳନାଗତ ଦକ୍ଷତା, ପରିମାଣ, ପ୍ରଡକ୍ଟ ମିକ୍ସ ଓ ପ୍ରିମିୟମ ପ୍ରଡକ୍ଟ ବିକ୍ରି ବୃଦ୍ଧି କରି କିଛି ପରିମାଣରେ କ୍ଷତି ହ୍ରାସ କରିବାକୁ ମଧ୍ୟ ସକ୍ଷମ ହୋଇଛି। ଆଲୋଚ୍ୟ ତ୍ରୈମାସରେ କମ୍ପାନୀର ଇବିଆଇଡିଟିଏ ୧୬୦.୦୨ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ସମାନ ସମୟ ମଧ୍ୟରେ ୧୭୮.୮୮ କୋଟି ଟଙ୍କା ଥିଲା। ସେହିପରି କମ୍ପାନୀର ପରିଚାଳନାଗତ ଲାଭ ହାର ୨ୟ ତ୍ରୈମାସରେ ୧୧% ହ୍ରାସ ହୋଇଛି।

ସାମ୍‌କୋ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ

ନୂଆଦିଲ୍ଲୀ,୬।୧୧

ସାମ୍‌କୋ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ ସମ୍ପତ୍ତି ସୃଷ୍ଟି ନିମନ୍ତେ ଏକ ଚମତ୍କାର ମାର୍ଗ ଭାବରେ ଇଏଲଏସଏସରେ ବାଧ୍ୟତାମୂଳକ ୩-ବର୍ଷ ଲକ୍-ଇନ୍-ପିରିଅଡ ସହ ଦକ୍ଷ ମିଡ-କ୍ୟାପ ଏବଂ ସ୍ମଲ-କ୍ୟାପ ବ୍ୟବସାୟର ଏକ ପୋର୍ଟଫୋଲିଓ ହେବ। ଏ ସମ୍ପର୍କରେ ସାମକୋ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡର ସିଆଇଓ ଉମେଶ କୁମାର ମେହଟା କହିଛନ୍ତି, ଆଜି ଆପଣ ନିବେଶ କରୁଥିବା ଲାର୍ଜ-କ୍ୟାପ ଷ୍ଟକଗୁଡିକ ଅତୀତରେ ମଧ୍ୟ ମିଡ-କ୍ୟାପ ରହିଥିଲା ଏବଂ ଏକ ମିଡ-କ୍ୟାପରୁ ଲାର୍ଜ-କ୍ୟାପରେ ରୂପାନ୍ତରିତ ହେବା ବ୍ୟବସ୍ଥାରେ ଜଣେ ନିବେଶକଙ୍କ ନିମନ୍ତେ ବିପୁଳ ସମ୍ପତ୍ତି ସୃଷ୍ଟି ହୋଇପାରିଛି।

ଫୁରସତ୍

ମିଲେନିୟାଲ୍‌ଙ୍କ ପସନ୍ଦ ଅନ୍‌ଲାଇନ୍ ବିବାହ

ବିଶାଳ ସମାବେଶ, ସୁସ୍ୱାଦୁ ବ୍ୟଞ୍ଜନ, ସପ୍ତାହବ୍ୟାପୀ ବିଳାସପୂର୍ଣ୍ଣ ଉତ୍ସବ ଏବଂ ଅତିଥିଙ୍କ ଲମ୍ବା ତାଲିକା। କୋଭିଡ୍-୧୯ ମହାମାରୀ ପୂର୍ବରୁ ଭାରତୀୟ ବିବାହଗୁଡ଼ିକରେ ଏସବୁ ଅଗ୍ରାଧିକାର ଲାଭ କରୁଥିଲା। କିନ୍ତୁ ମହାମାରୀ ପରଠୁ ଏଥିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଅନ୍‌ଲାଇନ୍ ୱେଡିଂ ପ୍ଲାଟଫର୍ମ, ୱେଡିଂଜ୍. ଇନ୍ ପକ୍ଷରୁ କରାଯାଇଥିବା ସଦ୍ୟ ସର୍ବେକ୍ଷଣରେ ବିବାହର ପରିବର୍ତ୍ତିତ ଧାରା ସମ୍ପର୍କରେ ଏହି ନୂଆ ତଥ୍ୟ ସାମ୍ନାକୁ ଆସିଛି।

ନୂଆଦିଲ୍ଲୀ

୨୦୨୨ ଅକ୍ଟୋବରରେ କରାଯାଇଥିବା ଟ୍ରେଣ୍ଡ୍ ସର୍ଭେରୁ ଜଣାପଡ଼ିଛି ଯେ, ମିଲେନିୟାଲ୍ (୧୯୮୧-୧୯୯୬ ମଧ୍ୟରେ ଜନ୍ମିତ)ମାନେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ୨୬ରୁ ୪୧ ବର୍ଷ ବୟସ୍କ ଝିଅ, ପୁଅଙ୍କ ଅନ୍‌ଲାଇନ୍ ବିବାହ ଯୋଜନା ଦାମ୍ପତ୍ୟ ଜୀବନ କ୍ଷେତ୍ରରେ 'ଡିଜିଟାଇଜେଶନ୍'ର ମହତ୍ତ୍ୱକୁ ବଢ଼ାଇ ଦେଇଛି। ୱେଡିଂ ପ୍ଲାଟଫର୍ମର ବ୍ୟବହାରକୁ ନେଇ ଏହି ବର୍ଗର ଯୁବପିଢ଼ି ପୂର୍ବାପେକ୍ଷା ଅଧିକ ସଚେତନ ହେଲେଣି। ୬୩% ମିଲେନିୟାଲ୍ ପାରମ୍ପରିକ ଯୋଗସୂତ୍ର ମାଧ୍ୟମ ପରିବର୍ତ୍ତେ ଇଣ୍ଟରନେଟ୍ ଜରିଆରେ ବାହାହେବା ପାଇଁ ଯୋଜନା କରୁଛନ୍ତି। କାରଣ ଏହାଦ୍ୱାରା ପ୍ରିଭେସି ସୁରକ୍ଷିତ ରହିବା ସହ ଖର୍ଚ୍ଚ ଅଧିକ ହେବନାହିଁ ବୋଲି ସେମାନେ ମନେକରୁଛନ୍ତି। ପ୍ରାୟ ୭୦% ଯୁବପିଢ଼ି ଅନ୍‌ଲାଇନ୍ ମାଧ୍ୟମକୁ ବ୍ୟବହାର ଉପଯୋଗୀ ବିବେଚନା କରୁଛନ୍ତି। ୭୮ ପ୍ରତିଶତଙ୍କ ମତରେ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକ ଜରିଆରେ ସହଜ ଓ ସୁବିଧାରେ ବିବାହ ପାଇଁ ଉପଯୁକ୍ତ ସ୍ଥାନ ଉପଲବ୍ଧ। କ୍ୟାଟରିଙ୍ଗ୍, ଏଫ୍ ଆଣ୍ଡ ବି (ଫୁଡ୍ ଆଣ୍ଡ ବେଭରେଜ୍ ସର୍ଭିସ୍), ମନୋରଞ୍ଜନ ଓ ସାଜସଜ୍ଜା ସମ୍ପର୍କରେ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ସର୍ବାଧିକ ସର୍ଚ୍ଚ କରାଯାଇଛି। ବିବାହ କରିବାକୁ ଥିବା ଯୋଡ଼ି କ୍ୱାଣ୍ଟିଟି ଅପେକ୍ଷା କ୍ୱାଲିଟି ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ସେମାନେ ଅତିଥି ତାଲିକା ଯଥାସମ୍ଭବ ଛୋଟ କରିବାକୁ ଚାହୁଁଥିବା ଏହି ସ

ଗ୍ରହଣ-ପରାଗ: ବିଶ୍ୱାସ, ଅନ୍ଧବିଶ୍ୱାସ

ନିକୁଞ୍ଜ ବିହାରୀ ସାହୁ

''ଚାଇନାର ଲୋକମାନେ ଚନ୍ଦ୍ର ଓ ସୂର୍ଯ୍ୟକୁ ଯଥାକ୍ରମେ ଗ୍ରହଣ କିମ୍ବା ପରାଗ ସମୟରେ ଏକ ଡ୍ରାଗନ ଗିଳି ଦେଉଥିବାର ବିଶ୍ୱାସ କରନ୍ତି। ସେହିପରି ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଆଦିମ ଅଧିବାସୀମାନେ ଏହି ସମୟରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଆକାଶରେ କୁକୁର ହେଟାବାଘ ଭଳି କିଛି ବନ୍ୟଜୀବ ଭକ୍ଷଣ କରୁଥିବାର ବିଶ୍ୱାସ କରନ୍ତି। ସୁତରାଂ ସେମାନେ ଗ୍ରହଣ କିମ୍ବା ପରାଗ ସମୟରେ ଏହି ଜୀବମାନଙ୍କୁ ଘଉଡ଼ାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ନିକ୍ଷେପ କରୁଥିଲେ।''



ଚଳିତ ବର୍ଷ ଅକ୍ଟୋବର ୨୫ରେ ଆଂଶିକ ସୂର୍ଯ୍ୟୋପରାଗ ପରେ ଏବେ ଏହି ମାସ ୮ ତାରିଖ ଅର୍ଥାତ୍ ମଙ୍ଗଳବାର ଦିନ ଭାରତକୁ ଏକ ଚନ୍ଦ୍ରଗ୍ରହଣ ଦୃଶ୍ୟ ହେବାକୁ ଯାଉଛି। ପ୍ରକୃତରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ବିରଳ ମହାକାଶୀୟ ଘଟଣା। କୌଣସି ସୂର୍ଯ୍ୟୋପରାଗରେ ଚନ୍ଦ୍ର, ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଏକ ସରଳରେଖାରେ ଅବସ୍ଥାନ କରି ପୃଥିବୀୟ ଦୃଶ୍ୟରେ ସୂର୍ଯ୍ୟକୁ କିଛି ସମୟ ପାଇଁ ଢାଙ୍କିଦିଏ। ସେହିପରି ଏକ ଚନ୍ଦ୍ରଗ୍ରହଣରେ ପୃଥିବୀ, ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ଏକ ସରଳରେଖାରେ ଅବସ୍ଥାନ କରୁଥିବାରୁ ପୃଥିବୀର ଛାୟା କିଛି ସମୟ ପାଇଁ ଚନ୍ଦ୍ର ଉପରେ ପଡ଼ିଥାଏ। ଏକ ସୂର୍ଯ୍ୟୋପରାଗ କେବଳ ଏକ ଅମାବାସ୍ୟା ତିଥିରେ ସଂଘଟିତ ହୋଇଥାଏ। ମାତ୍ର ସବୁ ଅମାବାସ୍ୟା କିମ୍ବା ପୂର୍ଣ୍ଣିମା ତିଥିରେ ଏହି ତିନି ମହାକାଶୀୟ ପିଣ୍ଡଙ୍କ ମଧ୍ୟରେ ଏକ-ସରଳରୈଖୀୟ ଅବସ୍ଥାନ ସମ୍ଭବ ହେଉ ନ ଥିବାରୁ ଯଥାକ୍ରମେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳି ନ ଥାଏ। କେବଳ କିଛି ବିଶେଷ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ହିଁ ଯଥାକ୍ରମେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିଥାଏ। ସେଥିପାଇଁ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ବାସ୍ତବରେ ବିରଳ ମହାକାଶୀୟ ଘଟଣା। ଆମ ସମାଜରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମ୍ପର୍କରେ ବହୁ ବିଶ୍ୱାସ ଓ ଅନ୍ଧବିଶ୍ୱାସ ପ୍ରଚଳିତ ଅଛି।

ପୁରାଣରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ: ଆମ ପୁରାଣରେ ରାହୁ ଓ କେତୁ ନାମକ ଦୁଇ ଜଣ କ୍ଷୁଧିତ ଦାନବ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଯଥାକ୍ରମେ ଗିଳି ଦେଉଥିବାର ବିଶ୍ୱାସ ଅଛି। ପୁରାଣର ମତ ଅନୁସାରେ ଭଗବାନ ବିଷ୍ଣୁ ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତକୁ ମୋହିନୀ ବେଶ ଧାରଣ କରି କେବଳ ଦେବତାମାନଙ୍କୁ ପରଷିଥିଲେ। ରାହୁ ଓ କେତୁ ନାମକ ଦୁଇ ଜଣ ଦାନବ ବିଷ୍ଣୁଙ୍କର ଏ କୌଶଳ ଜାଣିପାରି ଦେବତାମାନଙ୍କର ବେଶ ଧାରଣ କରି ଅମୃତ ପାନ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସୂର୍ଯ୍ୟଦେବ ଓ ଚନ୍ଦ୍ରଦେବ ଏହା ଜାଣିପାରି ବିଷ୍ଣୁଙ୍କୁ ସୂଚନା ଦେବାରୁ ବିଷ୍ଣୁ ସଙ୍ଗେ ସଙ୍ଗେ ସୁଦର୍ଶନ ଚକ୍ର ପ୍ରେରଣ କରି ଏହି ଦୁଇ ରାକ୍ଷସଙ୍କର ଶିର ଛେଦନ କରିଥିଲେ। ଅଥଚ ଆଂଶିକ ଅମୃତ ପାନ କରିଥିବାରୁ ଏ ଦୁଇ ଦାନବଙ୍କ ସମ୍ପୂର୍ଣ୍ଣ ମୃତ୍ୟୁ ହେଲା ନାହିଁ ଏବଂ ସେମାନେ କେବଳ ଗଣ୍ଡି ବିହୀନ ମୁଣ୍ଡ ରୂପେ ବଞ୍ଚି ରହିଲେ। ସେହିଦିନଠାରୁ ରାହୁ ଓ କେତୁ ନାମକ ଏହି ଦୁଇ ଦାନବ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଉପରେ ରାଗ ରଖି ଯଥାକ୍ରମେ ପରାଗ ଓ ଗ୍ରହଣ ସମୟରେ ସେମାନଙ୍କୁ ଗିଳି ଦେଉଥିବାର ବିଶ୍ୱାସ ଅଛି। ମାତ୍ର ସେମାନଙ୍କର ଗଳା କଟା ଯାଇଥିବାରୁ ସୂର୍ଯ୍ୟ ଓ ଚନ୍ଦ୍ର ପୁଣି କିଛି ସମୟ ପରେ ଗଳା ଦେଇ ନିର୍ଗତ ହେଉଥିବାରୁ ଗ୍ରହଣ ଓ ପରାଗର ଅବସାନ ଘଟେ।

ସେହିପରି ମହାଭାରତ ଯୁଦ୍ଧରେ ସୂର୍ଯ୍ୟଙ୍କୁ କିଛି ସମୟ ଚକ୍ର ଉହାଡ କରି ଭଗବାନ ଶ୍ରୀକୃଷ୍ଣ ଏକ କୃତ୍ରିମ ସନ୍ଧ୍ୟାର ଆଗମନ କରାଇଥିଲେ। ଏହାର ସୁଯୋଗ ନେଇ ପାଣ୍ଡବ ବୀର ଅର୍ଜୁନ ନିଜର ପୁତ୍ରହନ୍ତା ଜୟଦ୍ରଥକୁ ବଧ କରିଥିଲେ। ପ୍ରକୃତରେ ଭଗବାନ ଶ୍ରୀକୃଷ୍ଣ ଏହି କୃତ୍ରିମ ସନ୍ଧ୍ୟାର ସୂତ୍ରପାତ ନିମନ୍ତେ ସତେବେଳେ ଦୃଷ୍ଟିଗୋଚର ହେଉଥିବା ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗର ସାହାଯ୍ୟ ନେଇଥିବାର ବିଶ୍ୱାସ କରାଯାଏ।

ଇତିହାସରେ ଚନ୍ଦ୍ରଗ୍ରହଣ: ଇଟାଲୀୟ ନାବିକ ଖ୍ରୀଷ୍ଟୋଫର କଲମ୍ବସଙ୍କ ଅଭିଯାତ୍ରୀ ଦଳ ୧୪୯୪ ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ଜାମାଇକାରେ ପହଞ୍ଚିଥିଲେ। ମାତ୍ର ସେଠାକାର ଆଦିମ ଅଧିବାସୀମାନେ ଏହି ଶ୍ୱେତାଙ୍ଗ ଆଗନ୍ତୁକମାନଙ୍କୁ ହତାଦର କଲେ। ଏଥିରେ କ୍ରୋଧାନ୍ୱିତ ହୋଇ କଲମ୍ବସ ଆଦିମ ଅଧିବାସୀମାନଙ୍କର ପ୍ରିୟ ଦେବତା ଚନ୍ଦ୍ରଙ୍କୁ ସେଦିନ ରାତିରେ ଲୁଚାଇ ଦେବାର ଘୋଷଣା କଲେ। ସତକୁ ସତ ସେଦିନ ରାତିରେ ନିର୍ଦ୍ଧାରିତ ସମୟରେ ଏକ କଳା ବାଦଲ ଆସି ଚନ୍ଦ୍ରକୁ ଢାଙ୍କି ପକେଇଲା। ଆଦିମ ଅଧିବାସୀମାନେ ନିଜର ପ୍ରିୟ ଦେବତା ଚନ୍ଦ୍ରଙ୍କର ଏ ଦୁର୍ଦ୍ଦଶା ଦେଖି କାତର ହୋଇ ଚନ୍ଦ୍ରଙ୍କର ପୂର୍ବ ତେଜ ଫେରାଇ ଦେବା ପାଇଁ କଲମ୍ବସଙ୍କୁ ପ୍ରାର୍ଥନା କଲେ। କଲମ୍ବସ ସନ୍ତୁଷ୍ଟ ହୋଇ ନିର୍ଦ୍ଦେଶ ଦେବାରୁ ଚନ୍ଦ୍ରଙ୍କର ପୂର୍ବ ତେଜ କିଛି ସମୟ ପରେ ପୁଣି ଫେରି ଆସିଥିଲା। ଆଦିମ ଅଧିବାସୀମାନେ କଲମ୍ବସଙ୍କର ଏହି ଅଲୌକିକ ଘଟଣାରେ ଶଙ୍କିତ ହୋଇ କଲମ୍ବସଙ୍କୁ ଦେବତା ତୁଲ୍ୟ ମଣି ପୂଜା କରିଥିଲେ। ମାତ୍ର କଲମ୍ବସ ଯେ ଏ ଅଲୌକିକ ଘଟଣା ପାଇଁ ଏକ ପ୍ରାକୃତିକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇଥିଲେ ତାହା ଆଦିମ ଅଧିବାସୀଙ୍କର ଅଜ୍ଞତାରେ ରହିଗଲା।

ସମାଜରେ ବିଶ୍ୱାସ ଓ ଅନ୍ଧବିଶ୍ୱାସ: ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ଜନଜୀବନ ପାଇଁ ହାନିକାରକ ହୋଇଥିବାରୁ ଏହି ସମୟରେ ପଦାକୁ ବାହାରିବାକୁ ସାଧାରଣତଃ ମନା କରାଯାଏ। ଏ ସମୟରେ ଖାଦ୍ୟ ଗ୍ରହଣ ତଥା ଭୋଜନ ନିଷେଧ କରାଯାଏ। ପରାଗଗ୍ରସ୍ତ ସୂର୍ଯ୍ୟକିରଣ ଗର୍ଭବତୀର ଗର୍ଭସ୍ଥ ଶିଶୁ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ ଅଛି। ଏ ସମୟରେ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ତଥା ପ୍ରଚଳିତ ଦେବନୀତିରେ ପରିବର୍ତ୍ତନ କରାଯାଏ। ଏ ସମୟରେ ମଧ୍ୟ ବନ୍ଧୁମିଳନ ତଥା ଦୂରଯାତ୍ରା ନିଷେଧ କରାଯାଇଥାଏ। ଗ୍ରହଣ କିମ୍ବା ପରାଗ ସରିଗଲେ ନଦୀ କିମ୍ବା ପୁଷ୍କରିଣୀରେ ମଧ୍ୟ ସ୍ନାନ କରିବା ବିଧି ପ୍ରଚଳିତ ଅଛି।

ବିଭିନ୍ନ ସଭ୍ୟତାରେ ବିଶ୍ୱାସ: ଚାଇନାର ଲୋକମାନେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଯଥାକ୍ରମେ ଗ୍ରହଣ କିମ୍ବା ପରାଗ ସମୟରେ ଏକ ଡ୍ରାଗନ ଗିଳି ଦେଉଥିବାର ବିଶ୍ୱାସ କରନ୍ତି। ସେହିପରି ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଆଦିମ ଅଧିବାସୀମାନେ ଏହି ସମୟରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଆକାଶରେ କୁକୁର ହେଟାବାଘ ଭଳି କିଛି ବନ୍ୟଜୀବ ଭକ୍ଷଣ କରୁଥିବାର ବିଶ୍ୱାସ କରନ୍ତି। ସୁତରାଂ ସେମାନେ ଗ୍ରହଣ କିମ୍ବା ପରାଗ ସମୟରେ ଏହି ଜୀବମାନଙ୍କୁ ଘଉଡାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ନିକ୍ଷେପ କରୁଥିଲେ।

ସମାଜରେ ପ୍ରଚଳିତ ଏସବୁ ବିଶ୍ୱାସ ଓ ଅନ୍ଧବିଶ୍ୱାସ ପଛରେ କିନ୍ତୁ କୌଣସି ବୈଜ୍ଞାନିକ ଯଥାର୍ଥତା ନାହିଁ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ପ୍ରକୃତରେ ମହାକାଶୀୟ ଘଟଣାବଳୀ ଏବଂ ଏହା ସହିତ କୌଣସି ପାର୍ଥିବ ଘଟଣାର ସମ୍ପର୍କ ନାହିଁ। ସୁତରାଂ ପ୍ରକୃତିର ଏ ଅଲୌକିକ ଉନ୍ମୋଚନ ସମୟରେ ଆମେ ଡରି ନ ଯାଇ ପ୍ରକୃଷ୍ଟ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସହିତ ଏ ଅପୂର୍ବରନ୍ତ ଘଟଣାକୁ ନିରାପଦ ମାଧ୍ୟମରେ ଅବଲୋକନ ସହିତ ଉପଭୋଗ କରିବା ଉଚିତ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

ଟେନସନ୍ ଦୂର କରିବ ରୋବୋ



ଆଜିକାଲିର ଧାଁ ଧପଡ ଜୀବନରେ ଅନେକେ ଟେନସନର ବଶବର୍ତ୍ତୀ ହୋଇଥାଆନ୍ତି। ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାହାକୁ ନେଇ ଚିନ୍ତା କରିବା ଅପେକ୍ଷା କିପରି ସେଥିରୁ ଶୀଘ୍ର ମୁକୁଳିବେ ସେ ନେଇ ଭାବନ୍ତୁ। ନିକଟରେ ଏପରି ଏକ ରୋବୋ ପ୍ରସ୍ତୁତ କରାଯାଇଛି ଯାହା ବିଶେଷଭାବରେ ଟେନସନଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ। ସମ୍ପୃକ୍ତ ବ୍ୟକ୍ତି ଉକ୍ତ ରୋବୋ ସାମନାରେ ବସି ସ୍କ୍ରିନ୍ ଅନ୍ କରିବା ପରେ ତାହା ଉପରେ ମନକୁ ହାଲୁକା କରିବା ଭଳି ଅନେକ ବାର୍ତ୍ତା ଦେଖିବାକୁ ପାଇବେ। ଏପରି କି ସେହି ରୋବୋରେ ଏଭଳି କିଛି ଗୀତ ରହିଛି ଯାହାକୁ ଶୁଣିବା ପରେ ଟେନସନର ଶିକାର ହୋଇଥିବା ବ୍ୟକ୍ତିର ମାନସିକତା ଖୁସିରେ ଭରିଯିବ। ତା'ସହ ଏକ ଟେନସନମୁକ୍ତ ଜୀବନ ବିଷୟରେ ବ୍ୟକ୍ତି ଜଣକ ଏହି ରୋବୋ ସହ କଥା ହୋଇପାରିବେ। ଏଭଳି ଏକ ସ୍ମାର୍ଟ ରୋବୋକୁ ସିଡନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରସ୍ତୁତ କରିଛନ୍ତି।

ସୁସ୍ଥ ଶରୀର ଓ ରାତ୍ରିଭୋଜନ

ଆମେ ସୁସ୍ଥ ତଥା ନୀରୋଗ ରହିବାକୁ ହେଲେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ସହ ରୁଟିନ ମୁତାବକ ଜୀବନଯାପନ କରିବା ଦରକାର। ଆମ ଶରୀର ପାଇଁ କେବଳ ବ୍ରେକଫାଷ୍ଟ କିମ୍ବା ମଧ୍ୟାହ୍ନ ଭୋଜନ ନୁହେଁ, ରାତ୍ରିଭୋଜନ ବା ଡିନରର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁବେଳେ ଏହି ଭୋଜନର ତାଲିକାରେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ରାତିରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇଯିବ। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରିଭୋଜନ ଶେଷ କଲେ ତାହା ସ୍ୱାସ୍ଥ୍ୟ ପାଇଁ ହିତକର ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ରାତିରେ ଖାଇ ସାରିବା ପରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ଖାଇବା ପରେ ପରେ ଶୋଇବାକୁ ଯିବା ଅଭ୍ୟାସ ଥିଲେ ତାହାକୁ ପରିବର୍ତ୍ତନ କରନ୍ତୁ। ଆଉ ଏକ କଥା-ରାତିରେ କଦାପି ପୂରା ପେଟ ଖାଆନ୍ତୁ ନାହିଁ।

ସକ୍ରିୟ ରହିବ ପାଚନ କ୍ରିୟା

ଯଦି ଆମର ପାଚନ କ୍ରିୟା ଅସନ୍ତୁଳିତ ରହିଲା ତେବେ ଆମେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ସକ୍ରିୟ ରଖିବା ଲାଗି ଥିବା ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା କ'ଣ ଜାଣନ୍ତି ?



ପାଚିଲା କଦଳୀ। ଯଦି ଜଣେ ବ୍ୟକ୍ତି ନିମୟିତ ପାଚିଲା କଦଳୀ ଖାଆନ୍ତି ତେବେ ତାଙ୍କର ପାଚନ କ୍ରିୟା ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିବ ବୋଲି ଡେନମାର୍କ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି। କେବଳ ସେତିକି ନୁହେଁ ପାଚିଲା କଦଳୀ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ଫାଇବର ଏବଂ କ୍ୟାଲସିୟମର ଅନ୍ୟତମ ଉତ୍ସ ହେଉଛି ପାଚିଲା କଦଳୀ। ଏହାକୁ ନିୟମିତ ଖାଇଲେ ତାହା ହୃତ୍‌ପିଣ୍ଡ ବା ହାର୍ଟକୁ ସୁସ୍ଥ ରଖିଥାଏ ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। କୋଷ୍ଠକାଠିନ୍ୟ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ ପାଚିଲା କଦଳୀ।

ସ୍ୱାସ୍ଥ୍ୟ ସୂଚନା

- ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ଆଦୌ ଅବହେଳା କରିବା ଠିକ୍ ନୁହେଁ। କେତେକେ କିଛି ରୋଗର କାରଣକୁ ଗୁରୁତର ସହ ନିଅନ୍ତି ନାହିଁ। ଫଳରେ ପରବର୍ତ୍ତୀ ସମୟରେ ସେମାନେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ କୌଣସି ରୋଗର କାରଣକୁ ଜାଣିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇ ନିଅନ୍ତୁ।
- ଯଦି ବ୍ୟାୟାମ କରୁଛନ୍ତି, ତେବେ ଏହାକୁ ଆରମ୍ଭ କରିବାର ଅତିକମ୍‌ରେ ୧୦ ମିନିଟ୍ ପୂର୍ବରୁ ପାଣି ପିଅନ୍ତୁ।
- ସବୁବେଳେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ। ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଯଦି ଖାଆନ୍ତି ତେବେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।
- ଡାକ୍ତର ପ୍ରେସକ୍ରିପସନରେ ଉଲ୍ଲେଖ କରିଥିବା ମେଡିସିନ୍ ମନକୁ ମନ ବଦଳାଇ ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- କୌଣସି ରୋଗ ବିଷୟରେ ବିଷଦ ଭାବରେ ନ ଜାଣି ସେ ସମ୍ପର୍କରେ କାହାକୁ ଉପଦେଶ ଦେବା ଠିକ୍ ନୁହେଁ।
- ଯଦି ଅସୁସ୍ଥ ଲାଗୁଛି ତେବେ ସେଦିନ ବ୍ୟାୟାମ କରନ୍ତୁ ନାହିଁ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ବ୍ୟାୟାମ କଲେ କିଛି କ୍ଷତି ନାହିଁ।
- ଯଦି ଅଫିସରେ କାମ କରୁଛନ୍ତି ତେବେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରୁହନ୍ତୁ ନାହିଁ। କିଛି ସମୟ ଅନ୍ତରାଳରେ ଟିକେ ଚଲାବୁଲା କଲେ ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଆଶଙ୍କା କମ୍ ରହିଛି।

ଲିଭର କ୍ୟାନ୍‌ସର

ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ

ଯକୃତ୍ (ଲିଭର) ହେଉଛି ଏକ ଫୁଟବଲ୍ ଆକାରର ଅଙ୍ଗ, ଯାହା ଆପଣଙ୍କ ପେଟର ଉପର ଡାହାଣ ଭାଗରେ ବସିଥାଏ। ଯକୃତ୍‌ରେ ଦେଖାଯାଉଥିବା ସବୁଠାରୁ ସାଧାରଣ ପ୍ରକାରର କର୍କଟ ହେଉଛି ହେପାଟୋସେଲୁଲାର୍ କରସିନୋମା, ଯାହା ହେପାଟୋସାଇଟ୍ ନାମକ ପ୍ରାଥମିକ ପ୍ରକାରର ଯକୃତ୍ କୋଷରୁ ଆରମ୍ଭ ହୁଏ। ଯକୃତ୍ କୋଷରେ ଆରମ୍ଭ ହେଉଥିବା କର୍କଟ ଅପେକ୍ଷା ଯକୃତ୍‌ରେ ବ୍ୟାପିଥିବା କର୍କଟ ଅଧିକ ଦେଖାଯାଏ। ଏହାକୁ ଯକୃତ୍ କର୍କଟ ପରିବର୍ତ୍ତେ ମେଟାଷ୍ଟାଟିକ୍ କର୍କଟ ମଧ୍ୟ କୁହାଯାଏ।

ଲକ୍ଷଣ : ପ୍ରାଥମିକ ଯକୃତ୍ କର୍କଟ ରୋଗର ପ୍ରାରମ୍ଭିକ ଅବସ୍ଥାରେ କେତେକ ଲକ୍ଷଣ ରହିଛି। କେତେକଙ୍କଠାରେ ବେଳେବେଳେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ହେଲେ ପରୀକ୍ଷା ସମୟରେ ସେମାନେ ଯକୃତ୍ କ୍ୟାନ୍‌ସରରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଏହାର ପ୍ରମୁଖ ଲକ୍ଷଣଗୁଡିକ ମଧ୍ୟରେ ରହିଛି- ଓଜନ ହ୍ରାସ, ଭୋକ କମିବା, ପେଟର ଉପର ଯନ୍ତ୍ରଣା, ବାନ୍ତି ଏବଂ ବାନ୍ତି ସାଧାରଣ ଦୁର୍ବଳତା ଏବଂ ଥକ୍କା, ପେଟ ଫୁଲିବା, ଚର୍ମର ହଳଦିଆ ରଙ୍ଗ ଏବଂ ଆଖିର ଧଳା ରଙ୍ଗ (ଜଣ୍ଡିସ୍) ଏବଂ ଧଳା, ଚକ୍କର ଷ୍ଟୁଲ।

କାରଣ : ଯକୃତ୍ କର୍କଟ ଦ୍ୱାରା ଆକ୍ରାନ୍ତ ହେଲେ ଏହାର କୋଷଗୁଡ଼ିକ ସେମାନଙ୍କର ଡିଏନଏରେ ପରିବର୍ତ୍ତନ ସୃଷ୍ଟି କରନ୍ତି। ଏପରି ପରିବର୍ତ୍ତନ ଦ୍ୱାରା ଯକୃତ୍ କୋଷଗୁଡିକ ନିୟନ୍ତ୍ରଣରୁ ବଢ଼ି ଶେଷରେ ଏକ ଟ୍ୟୁମର୍ ସୃଷ୍ଟି କରେ। ଏହି ଟ୍ୟୁମର ହେଉଛି କର୍କଟ କୋଷର ଏକ ବଡ଼ ଅଂଶ। ବେଳେବେଳେ ଯକୃତ୍ କର୍କଟ ରୋଗର କାରଣ କ୍ରନିକ୍ ହେପାଟାଇଟିସ୍ ସଂକ୍ରମଣ ସାଜିଥାଏ।



HBV କିମ୍ବା HCV ସହିତ କ୍ରନିକ ସଂକ୍ରମଣ, ହେପାଟାଇଟିସ୍ 'ବି' ଜୀବାଣୁ (HBV) କିମ୍ବା ହେପାଟାଇଟିସ୍ 'ସି' ଜୀବାଣୁ (HCV) ସହିତ କ୍ରନିକ୍ ସଂକ୍ରମଣ ଯକୃତ୍ କର୍କଟ ହେବାର ଆଶଙ୍କା ସୃଷ୍ଟି କରିଥାଏ। ସିରୋସିସ୍ ଯକୃତ୍‌ରେ ସ୍କାର୍ ଟିସୁ ସୃଷ୍ଟି କରେ ଏବଂ ଯକୃତ୍ କର୍କଟ ହେବାର ଆଶଙ୍କାକୁ ବଢ଼ାଇ ଦିଏ। କେତେକ ଉତ୍ତରାଧିକାରୀ ଯକୃତ୍ ରୋଗରେ ପୀଡ଼ିତ ଥାଆନ୍ତି। ଏହା ମଧ୍ୟ ବେଳେବେଳେ ଯକୃତ୍ କ୍ୟାନ୍‌ସରର କାରଣ ହୋଇଥାଏ। ଯେଉଁମାନେ ଡାଇବେଟିସ୍ ସମସ୍ୟା ସହ ଜଡ଼ିତ ସେମାନଙ୍କଠାରେ ଯକୃତ୍ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ମଦ୍ୟପାନ କରିବା ଦ୍ୱାରା ଯକୃତ୍‌ରେ ଚର୍ବି ଜମା ହୋଇଥାଏ। ଏହା ମଧ୍ୟ ଯକୃତ୍ କର୍କଟ ହେବାର ଆଶଙ୍କାକୁ ବଢ଼ାଇଥାଏ।

ପ୍ରାଥମିକ ଯକୃତ୍ କର୍କଟ ରୋଗର ଚିକିତ୍ସା ରୋଗର ପରିମାଣ (ପର୍ଯ୍ୟାୟ) ଏବଂ ଆପଣଙ୍କ ବୟସ, ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ପସନ୍ଦ ଉପରେ ନିର୍ଭର କରେ। ଯକୃତ୍ କର୍କଟ ରୋଗର ଚିକିତ୍ସା ପାଇଁ ଅପରେଶନ ମଧ୍ୟ କରାଯାଇଥାଏ। କାରଣ ଟ୍ୟୁମରକୁ ବାହାର କରିବା ପାଇଁ ଏପରି ପ୍ରଣାଳୀ ଅନୁସରଣ କରାଯାଏ।

ଯକୃତ ପ୍ରତିରୋପଣ : ଯକୃତ୍ ପ୍ରତିରୋପଣ ଅସ୍ତ୍ରୋପଚାର ସମୟରେ ଆପଣଙ୍କର ରୋଗଗ୍ରସ୍ତ ଯକୃତ୍‌କୁ ବାହାର କରାଯାଇଥାଏ ଏବଂ ଏକ ଦାତାଙ୍କଠାରୁ ଏକ ସୁସ୍ଥ ଯକୃତ ସହିତ ବଦଳାଯାଇଥାଏ। ଲିଭର ଟ୍ରାନ୍ସପ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ନଭେମ୍ବର ୭/୨୦୨୨ Bhubaneswar, Monday, November 7/ 2022

ଶୁଟ୍‌ଆଉଟରେ ସ୍ପେନ୍‌କୁ ହରାଇଲା ଭାରତ

ଭୁବନେଶ୍ୱର, ୬।୧୧
(କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଭାରତ ପେନାଲ୍ଟି ଶୁଟ୍‌ଆଉଟରେ ସ୍ପେନ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ୩ଟି ଗୋଲ ଦେଇଥିବାବେଳେ ସ୍ପେନ୍ ଗୋଟିଏ ଗୋଲ ସ୍କୋର କରି

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

ପାରିଥିଲା। ଭାରତ ବିଜୟରେ ହିରୋ ବିବେଚିତ ହୋଇଥିଲେ ଗୋଲ କିପର କ୍ରିଷ୍ଣନ ବାହାଦୂର ପାଠକ। ସେ ପୂରା ମ୍ୟାଚରେ ଏବଂ ଶୁଟ୍‌ଆଉଟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଉଭୟ ଦଳ ମଧ୍ୟରେ ପ୍ରଥମ ମୁକାବିଲାରେ ସ୍ପେନ୍ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ବିଜୟୀ ହୋଇ ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। କଳିଙ୍ଗରେ ଭାରତ ମୋଟ ୪ ମ୍ୟାଚ ଖେଳିଥିବାବେଳେ ୩ଟି ଜିତିଛି ଓ ଗୋଟିଏ ହାରିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୨ଟି ଯାକ ମ୍ୟାଚ ଜିତିଥିଲା। ଅନ୍ୟପକ୍ଷରେ ସ୍ପେନ୍ ସମାନ ସଂଖ୍ୟକ ମ୍ୟାଚଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସ୍ୱାଦ ଚାଖିଛି।

ସ୍ପେନ୍ ବିପକ୍ଷରେ ଗୋଲ ହେବାପରେ ଉଲ୍ଲସିତ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

ଅଗ୍ରଣୀ ଦେଲା ହରମନପ୍ରୀତ୍‌ଙ୍କ ଡ୍ରାଗ୍‌ଫ୍ଲିକ୍

ପ୍ରୋ ଲିଗ୍‌ର ଚଳିତ ସିଜନରେ କଳିଙ୍ଗରେ ଏହାଥିଲା ଶେଷ ମ୍ୟାଚ। ତେଣୁ ଓଡ଼ିଶା ଦର୍ଶକ ଭରପୂର ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚକୁ ଉପଭୋଗ କରିଥିଲେ। ପ୍ରଥମ କ୍ୱାର୍ଟରରେ ମଧ୍ୟ ଭାରତ ଉତ୍ସାହୀ ପ୍ରଦର୍ଶନ କରିଥିଲା। ସ୍ପେନ୍ ଯଦିଓ ମ୍ୟାଚର ପ୍ରଥମ ୩ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା ତେବେ ଭାରତୀୟ ରକ୍ଷଣଭାଗ ଏହାକୁ ସଫଳତାର ସହ ପ୍ରତିହତ କରିଥିଲେ। ଭାରତ ୯ମ ମିନିଟରେ ପେନାଲ୍ଟି କର୍ନର ମିସ୍ କରିଥିଲେ ହେଁ ୧୨ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂଙ୍କ ଡ୍ରାଗ୍‌ଫ୍ଲିକ୍ ଗୋଲ ଜରିଆରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଅଗଣୀ ରହିଥିଲା।

ସ୍ପେନ୍‌ର ଜୋରଦାର ଉଦ୍ୟମ

ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ସ୍ପେନ୍ ଜୋରଦାର ଉଦ୍ୟମ କରିଥିଲା। ୧୭ତମ ମିନିଟରେ ପେନାଲ୍ଟି କର୍ନର ଜରିଆରେ ଦଳ ସୁଯୋଗ ମଧ୍ୟ ପାଇଥିଲା। ମାତ୍ର ଶଟ୍ ଅତି ଦୁର୍ବଳ ଥିଲା। ୨୨ତମ ମିନିଟରେ ମନପ୍ରୀତ ସିଂଙ୍କ ଫାଉଲ ଯୋଗୁ ସ୍ପେନ୍‌କୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ପୂର୍ବପରି ଏଥର ମଧ୍ୟ ଭାରତୀୟ ରକ୍ଷଣଭାଗ ଏହାକୁ ମଧ୍ୟ ସଫଳତାର ସହ ପ୍ରତିହତ କରିଥିଲେ। ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରଖି ଭାରତ ପ୍ରତିପକ୍ଷ ସ୍ପେନ୍‌କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲା।

ପାଠକଙ୍କ ଚମତ୍କାର ସେଭ୍

ପଟ ପରିବର୍ତ୍ତନ ସହ ଭାରତ ଆକର୍ଷଣୀୟ ଖେଳ ଅବ୍ୟାହତ ରଖିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୨ତମ ମିନିଟରେ ଦଳ ପେନାଲ୍ଟି କର୍ନର ହାସଲ କରିଥିଲା। ସିଧାସଳଖ ଗୋଲ ହୋଇପାରି ନ ଥିଲେ ହେଁଭଲ ଭେରିଏଶନ ମଧ୍ୟରେ ହରମନପ୍ରୀତ୍ ସିଂଙ୍କ ଡ୍ରାଗ୍‌ଫ୍ଲିକ୍ ସ୍ପେନ୍ ଗୋଲକିପର ମାରିଓ ଗାନିନଙ୍କୁ ଚକ୍‌ମା ଦେଇ ଗୋଲପୋଷ୍ଟର ଲେଫ୍ଟ କର୍ନରରେ ନେଟ୍ ସ୍ପର୍ଶ କରିଥିଲା। ଫଳରେ ଭାରତର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ସ୍ପେନ୍ ୩୩ ଓ ୩୭ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଗୋଲକିପର କ୍ରିଷ୍ଣନ ବାହାଦୂର ପାଠକ ୨ ଥରଯାକ ଚମତ୍କାର ସେଭ୍ କରିଥିଲେ। ୪୩ତମ ମିନିଟରେ ପ୍ରଥମେ ଦଳ ବିଫଳ ହୋଇଥିଲେ ହେଁ ଦ୍ୱିତୀୟ ଉଦ୍ୟମରେ ଅଧିନାୟକ ମାର୍କ ମିରାଲେସଙ୍କଦ୍ୱାରା ଗୋଟିଏ ଗୋଲ ପରିଶୋଧ କରିଥିଲା।

ଭାରତୀୟ ରକ୍ଷଣଭାଗରେ ତ୍ରୁଟି

ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ତୀବ୍ର ହୋଇଥିଲା। ଭାରତୀୟ ରକ୍ଷଣଭାଗରେ ଏକାଧିକଥର ତ୍ରୁଟିରୁ ଫାଇଦା ନେଇଥିଲା ସ୍ପେନ୍। ୭ ମିନିଟ ମଧ୍ୟରେ ୩ଟି ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ଗୋଲ ହୋଇପାରି ନ ଥିଲେ ହେଁ ୫୫ତମ ମିନିଟରେ ପେରେ ଅମତଙ୍କ ଫିଲ୍ଡ ଗୋଲ ବଳରେ ସ୍ପେନ୍ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୫୮ତମ ମିନିଟରେ ଗୋଟିଏ ଏବଂ ୫୯ତମ ମିନିଟରେ ଦଳ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏହାର ସଦୁପଯୋଗ କରିପାରି ନ ଥିଲା। ଏହି କ୍ୱାର୍ଟରରେ ଭାରତ ୬ଟି ପେନାଲ୍ଟି କର୍ନର ବରଣ କରିଥିଲା। ମ୍ୟାଚରେ ଭାରତ ମାତ୍ର ୩ଟି ତୁଳନାରେ ସ୍ପେନ୍ ୧୪ଟି ପେନାଲ୍ଟି କର୍ନର ପାଇଥିଲା।

ପ୍ରମୋଦଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

ଟୋକିଓ, ୬।୧୧ (ପି.ଟି.)

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱଚାମ୍ପିୟନଶିପ୍‌ରେ ପାରାଲିମ୍ପିକ ଚାମ୍ପିୟନ ଓଡ଼ିଶାର ପ୍ରମୋଦ ଭଗତ ଏବଂ ଉଦୀୟମାନ ଖେଳାଳି ମନିଶା ରାମାଦାସ ଚାମ୍ପିୟନ ହୋଇଛନ୍ତି। ଏଥିସହିତ ଭାରତ ଚାମ୍ପିୟନଶିପ୍‌ରେ ମୋଟ ୧୬ ପଦକ ହାସଲ କରିପାରିଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ନିଜ ଦେଶର ନୀତେଶ କୁମାରଙ୍କୁ ୨୧-୧୯, ୨୧-୧୯ରେ ପରାସ୍ତ କରି ତାଙ୍କୁ ଏସ୍‌ଏଲ୍-୩ ଟାଇଟଲ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ତାଙ୍କ ଡବଲ୍ସ ପାର୍ଟନର ମନୋଜ ସରକାର ୨୧-୧୪, ୧୮-୨୧, ୧୩-୨୧ରେ ଇଣ୍ଡୋନେସିଆର ହିକ୍‌ମତ୍ ରାମ୍‌ଦାନୀ ଓ ଉକ୍ରୁନ ରୁକେଣ୍ଡି ଯୋଡ଼ିଙ୍କଠାରୁ ୨୧-୧୪, ୧୮-୨୧, ୧୩-୨୧ରେ ହାରି ରୌପ୍ୟ ପଦକ ପାଇଛନ୍ତି। ମହିଳା ସିଙ୍ଗଲ୍ସ ଏସ୍‌ୟୁ-୫ ଫାଇନାଲରେ ଚେନ୍ନାଇର ୧୭ ବର୍ଷୀୟା ରାମାଦାସ ସ୍ଥାନୀୟ ଷ୍ଟାର ଖେଳାଳି ମାମିକୋ ଟୋୟୋଡାଙ୍କୁ ୨୧-୧୫, ୨୧-୧୫ରେ ହରାଇ ଦେଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ବର୍ତ୍ତମାନ ଭଗତଙ୍କ ପଦକ ସଂଖ୍ୟା ୧୧ରେ ପହଞ୍ଚିଛି। ତନ୍ମଧ୍ୟରେ ତାଙ୍କର ୬ ସ୍ୱର୍ଣ୍ଣ, ୨ରୌପ୍ୟ ୩ ବ୍ରୋଞ୍ଜ ପଦକ ରହିଛି। ୨୦୦୭ ଓ ୨୦୧୭ ବିଶ୍ୱ ଚାମ୍ପିୟନଶିପ୍ ବ୍ୟତୀତ ସେ ଅନ୍ୟ ସମସ୍ତ ସଂସ୍କରଣ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରମୋଦ କହିଛନ୍ତି ପୁଣି ବିଶ୍ୱ ଚାମ୍ପିୟନ ହୋଇଥିବାରୁ ସେ ଖୁବ୍ ଆନନ୍ଦିତ। ଚଳିତ ବର୍ଷ ତାଙ୍କ ପାଇଁ ଖୁବ୍ ଭଲ ରହିଛି। ଆଉ ଏକ ମାଇଲଖୁଣ୍ଟ ସହ ସିଜନ ଶେଷ କରିବା ବହୁତ ଭଲ ବୋଲି ସେ କହିଛନ୍ତି।

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍

ଶୁଟ୍‌ଆଉଟ ରୋମାଞ୍ଚ

ଭୁବନେଶ୍ୱର, ୬।୧୧ (କ୍ରୀଡ଼ା ପ୍ରତିନିଧି)

ଭାରତ-ସ୍ପେନ୍ ହକି ପ୍ରୋ ଲିଗ୍ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ, ଅଭିଷେକ ଓ ରାଜ କୁମାର ପାଲ ଗୋଲ ଦେଇଥିଲେ। ସମଶେର ସିଂଙ୍କ ପାଦରେ ବଲ୍ ବାଜିଥିବାରୁ ସ୍କୋର କରିଥିବା ଗୋଲଟି ରେଫରାଲରେ ନାକଚ ହୋଇ ଯାଇଥିଲା। ଅମ୍ପାୟର ଗୋଲ ଦେଇଥିଲେ ହେଁ ସ୍ପେନ୍ ଗୋଲକିପର ରେଫରାଲ ମାଗିଥିଲେ। ସ୍ପେନ୍ ପକ୍ଷରୁ କେବଳ ଗେରାର୍ଡ କ୍ଲାପେସ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ରାଫେଲ ଭିଲାଲୋଙ୍ଗା ଓ ଅଧିନାୟକ ମାର୍କ ମିରାଲେସ ମିସ୍ କରିଥିଲେ। ଭାରତ ଗୋଲକିପର କ୍ରିଷ୍ଣନ ବାହାଦୂର ପାଠକ ସ୍ପେନ୍ ଖେଳାଳିଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ଚଳିତ ଲିଗ୍‌ରେ ସ୍ପେନ୍ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ଶୁଟ୍‌ଆଉଟ ପରାଜୟ ବରଣ କରିଛି। ଶନିବାର ଦଳ ସମାନ ପରିସ୍ଥିତିରେ ନ୍ୟୁଜିଲାଣ୍ଡଠାରୁ ହାରିଥିଲା।

କଳିଙ୍ଗରେ ଶେଷ ମ୍ୟାଚକୁ ଉପଭୋଗ କଲେ ଭରପୂର ଦର୍ଶକ

ଭୁବନେଶ୍ୱର, ୬।୧୧
(କ୍ରୀଡ଼ା ପ୍ରତିନିଧି)

ଚଳିତ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ସିଜନରେ କଳିଙ୍ଗ ଷ୍ଟାଡିୟମରେ ରବିବାର ଥିଲା ଶେଷ ମ୍ୟାଚ। ଏଥିରେ ସ୍ପେନ୍‌କୁ ଭେଟିଥିଲା ଭାରତ। ହକିପ୍ରେମୀ ଭାରତୀୟ ଦର୍ଶକ ଷ୍ଟାଡିୟମରେ ଭରପୂର ସଂଖ୍ୟାରେ ଉପସ୍ଥିତ ଥିଲେ। ଭାରତୀୟ ଦଳର ବିଭିନ୍ନ ମୁଭ୍ ସମୟରେ ସେମାନେ ଖେଳାଳିଙ୍କୁ କୋଳାହଳ ମାଧ୍ୟମରେ ଉତ୍ସାହିତ ମଧ୍ୟ କରିଥିଲେ। ଏଥିରେ ପ୍ରଥମାର୍ଦ୍ଧରେ ଭାରତୀୟ ଦଳର ପ୍ରଦର୍ଶନ ମଧ୍ୟ ବେଶ୍ ଉତ୍ସାହପ୍ରଦ ରହିଥିଲା। ୨ କ୍ୱାର୍ଟର ଶେଷରେ ଅର୍ଥାତ୍ ପ୍ରଥମାର୍ଦ୍ଧରେ ଦର୍ଶକମାନେ ନିଜ ମୋବାଇଲ ଲାଇଟ୍ ଅନ୍‌କରି ପରିବେଶକୁ ଅଧିକ ରଙ୍ଗୀନ କରିଥିଲେ। ବଲିଉଡ୍ ଏବଂ ଓଲିଉଡ୍ ସଙ୍ଗୀତର ତାଳେତାଳେ ଦର୍ଶକମାନେ ଝୁମିଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକ ଭଳି ଏଥିରେ ମଧ୍ୟ ସ୍କୁଲ ପିଲାଙ୍କୁ ଖେଳ ଦେଖିବାର ସୁଯୋଗ ଦିଆ ଯାଇଥିଲା। ଭାରତ ଓ ସ୍ପେନ୍ ଦୁଇ ଶକ୍ତିଶାଳୀ ଦଳ ହୋଇଥିବାରୁ ସେମାନେ ଅନେକ କିଛି ଶିଖିବାର ସୁଯୋଗ ପାଇଥିଲେ। ବିଶେଷ କରି ହକିକୁ କ୍ୟାରିୟର କରୁଥିବା କିମ୍ବା କରିବାକୁ ଚାହୁଁଥିବା ପିଲାଙ୍କ ପାଇଁ ମ୍ୟାଚ ଉପାଦେୟ ହୋଇଥିଲା।

ଦେବୀପ୍ରସାଦ ଚାମ୍ପିୟନ, ଆଦିତ୍ୟ ରନର୍ସଅପ୍

ଭୁବନେଶ୍ୱର,୬।୧୧
(ସ୍ପୋର୍ଟ୍ସ ବ୍ୟୁରୋ)

କଟକସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିନରେ ବିଜେବି ମହାବିଦ୍ୟାଳୟର ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ତଥା ଟପ୍ ସିଡ୍ ଦେବୀପ୍ରସାଦ ନାୟକ ୭ ରାଉଣ୍ଡରୁ ୬.୫ ପଏଣ୍ଟ ସହ ଚାମ୍ପିୟନ ହୋଇଥିବାବେଳେ ଆୟୋଜକ ସିଟି ମହାବିଦ୍ୟାଳୟର ଆଦିତ୍ୟ ଥାଟୋଇ

ଆନ୍ତଃ ମହାବିଦ୍ୟାଳୟ ଚେସ୍ ଉଦ୍‌ଯାପିତ

୬ ପଏଣ୍ଟ ପାଇ ରନର୍ସଅପ୍ ହୋଇଛନ୍ତି। ପୁରୀ ଏସ୍‌ସିଏସ୍‌ର ସୋମେଶ ରଥ (୬ ପଏଣ୍ଟ), ଅରୂପ ମହାରଣା (୫.୫), ଏସ୍‌ଭି ନିରତାର, ଓଲଟପୁର ଓ ଗୁରୁ ନିର୍ମଳ ଚନ୍ଦ୍ର (୫.୫), ଏସ୍ ସିଏସ୍ ପୁରୀ ୩ରୁ ୫ମ ସ୍ଥାନରେ ରହିଥିଲେ। ଡିସେମ୍ବର ପ୍ରଥମ ସପ୍ତାହରେ ମଧ୍ୟପ୍ରଦେଶର ଏପିଏସ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି କ୍ରୀଡ଼ା ଅଧିକାରୀ ଅମ୍ବିକା ପ୍ରସାଦ ରାୟ କହିଛନ୍ତି।

ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜ ଦେଓଭଞ୍ଜଙ୍କ ସଭାପତିତ୍ୱରେ ଆୟକର ଅଧିକାରୀ ତଥା ସର୍ବଭାରତୀୟ ଚେସ୍ ମହାସଂଘର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତଥା ପୂର୍ବତନ ଚେସ୍ ପ୍ରଶାସକ ଅସିତ୍ ମୁଖାର୍ଜୀ, ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ଅମ୍ବିକା ପ୍ରସାଦ ରାୟ ଓ ଅନ୍ତର୍ଜାତୀୟ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ବିଟର ତାପସ କୁମାର ମହାନ୍ତି, ମହାବିଦ୍ୟାଳୟ କ୍ରୀଡ଼ା ସଂସଦର ଉପସଭାପତି ଲେଫ୍ଟନାଣ୍ଟ ସୁମନ୍ତ କୁମାର ନାୟକ, ଡ. ଧରଣୀଧର ପଣ୍ଡା, ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ସନ୍ତୋଷ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନୀହାର ରଞ୍ଜନ ସାସ୍‌ମଲ ଓ ଏସଆର୍ ଚେସ୍ ସେଣ୍ଟର ପ୍ରଶିକ୍ଷକ ଅବିନାଶ ଦାସ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ସଂକ୍ଷେପରେ

କରୋନା ପରେ ପ୍ରଥମ ରୋଗୀ କଲ୍ୟାଣ ବୈଠକ

ବୋଲଗଡ,୬।୧୧(ଡି.ଏନ୍.ଏ.): ଦୀର୍ଘ ଦୁଇ ବର୍ଷ ପରେ ପ୍ରଥମଥର ପାଇଁ ରୋଗୀ କଲ୍ୟାଣ ସମିତି(ଆର୍କେଏସ୍) ବୈଠକ ବୋଲଗଡ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଆରକେଏସ ଅଧକ୍ଷ ତଥା ବିଧାୟକ ରାଜେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଡାକ୍ତର ରତିରଞ୍ଜନ ଷଣ୍ଢ ଓ ଡାକ୍ତର ଦୁର୍ଗାପ୍ରସାଦ ଜେନା ଉପସ୍ଥିତ ରହି ବୋଲଗଡ ଓ ବାଙ୍କୋଇ ସିଏଚ୍‌ସିକୁ କାୟାକଳ୍ପ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲେ ସ୍ୱାସ୍ଥ୍ୟକେନ୍ଦ୍ରର ସାମଗ୍ରିକ ବିକାଶ ହୋଇପାରିବ ବୋଲି ମତ ରଖିଥିଲେ। ବିଶେଷଜ୍ଞ ଡାକ୍ତର, ଷ୍ଟାଫ ନର୍ସଙ୍କର ଅଭାବ ପୂରଣ କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଶଣ କରିଥିଲେ। ବିଧାୟକ ଦୁଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ନବୀକରଣ ପାଇଁ ସରକାରଙ୍କ ତରଫରୁ ଅନୁଦାନ ରାଶିକୁ ବିନିଯୋଗ କରିବାକୁ ଗୁରୁତ୍ୱ ଦେଇଥିଲେ। ଆରକେଏସର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ବୋଲଗଡ ବ୍ଲକ ଚେୟାରମ୍ୟାନ, ବିଡିଓ, ସିଡିପିଓ, ବିଇଓ, ଡାକ୍ତର, ବିପିଏମ, ବିଏଏମ, ସୁପରଭାଇଜରଙ୍କ ସହିତ ମନୋନୀତ ସଭ୍ୟ ଜୟକୃଷ୍ଣ ଫତେସିଂ, ଉମାଶଙ୍କର ବିଶ୍ୱାଳ, ବୀର ଦାସ, ପ୍ରମୋଦ ମହାପାତ୍ର, ପ୍ରଭାତୀ ରାଉତରାୟ, ପ୍ରସନ୍ନ ସାହୁ, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରଜନନ କେନ୍ଦ୍ରରେ ବଜ୍ରକାପ୍ତା ଜନ୍ମ

ବାରଙ୍ଗ,୬।୧୧(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବଜ୍ରକାପ୍ତା ରବିବାର ଏକ ଶାବକକୁ ଜନ୍ମ ଦେଇଛି। ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରର ୧୧ନଂ. ସେଲ୍‌ରେ ଛୁଆଟି ଜନ୍ମ ହୋଇଛି। ଫଳରେ ବଜ୍ରକାପ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇ ୨୬ରେ ପହଞ୍ଚିଛି। ସେହିଭଳି ଭାବେ ଅନ୍ଧାରି ଘରେ ଗୋଟିଏ ବଜ୍ରକାପ୍ତା ରହି ପର୍ଯ୍ୟଟକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି। ଏହାକୁ ମିଶାଇବା ପରେ ଏମାନଙ୍କ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି।

ଘରୁ ନାଗସାପ ଉଦ୍ଧାର

ବାରଙ୍ଗ,୬।୧୧(ଡି.ଏନ୍.ଏ.): କଣ୍ଟାବାଡ଼ ଗ୍ରାମର ନୃସିଂହ ମହାରଣାଙ୍କ ଘର ଭିତରୁ ରବିବାର ସନ୍ଧ୍ୟାରେ ଏକ ନାଗସାପ ଉଦ୍ଧାର ହୋଇଛି। ଘର ଭିତରେ ସାପଟିକୁ ଦେଖି ମହିଳାମାନେ ଭୟଭୀତ ହୋଇଯାଇଥିଲେ। ଚନ୍ଦକା ଅଞ୍ଚଳର ସାପ ଧରାଳି ସଂଯୁକ୍ତ ପାତ୍ରଙ୍କୁ ଏନେଇ ଖବର ଦିଆଯାଇଥିଲା। ସେ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ୫ଫୁଟ୍ ଲମ୍ବର ନାଗସାପଟିକୁ ଧରି ଚନ୍ଦକା ଜଙ୍ଗଲରେ ଛାଡି ଥିବା ଜଣା ପଡିଛି। ୨ ଦିନ ତଳେ କୁକୁଡାମୁଣ୍ଡିସ୍ଥିତ ଓପିଟିସିଏଲ୍ କାର୍ଯ୍ୟାଳୟ ପରିସରରୁ ଏକ ନାଗସାପ ଉଦ୍ଧାର ହୋଇ ଦେଉଳିଆ ପାହାଡରେ ଛଡା ଯାଇଥିଲା।

ସ୍ଥଗିତ ରହିଲା ମ୍ୟାଚ୍

ଖୋର୍ଦ୍ଧା ଅଫିସ,୬।୧୧: ଖୋର୍ଦ୍ଧା କ୍ରୀଡା ସଂସଦ ଏବଂ ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଖୋରଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଚାଲିଛି। ରବିବାର କୌଣସି କାରଣରୁ ଗୋଟିଏ ଟିମ୍ ଅନୁପସ୍ଥିତ ରହିଥିବାରୁ ମ୍ୟାଚ ସ୍ଥଗିତ ରଖାଯାଇଛି। ଫ୍ରେଣ୍ଡ୍‌ସ କ୍ଲବ ବେଣାପଞ୍ଜୁରୀ ଓ ଆଦିବାସୀ ଜାଗରଣ କ୍ଲବ ପାଇକତିଗିରିଆ ମଧ୍ୟରେ ମ୍ୟାଚ ରହିଥିଲା। ଫ୍ରେଣ୍ଡ୍‌ସ କ୍ଲବ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରି ନ ଥିଲା। ଫଳରେ ମ୍ୟାଚକୁ ସ୍ଥଗିତ ରଖାଯାଇଥିବା କ୍ରୀଡା ସଂସଦ ସମ୍ପାଦକ ଉପେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି। ସୋମବାର ଆୟୋଜକ ଜୟଦୁର୍ଗା କ୍ଲବ ଓ ଶରଧାପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ୪ଜଣଙ୍କ ନାଁରେ ମାମଲା

ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ବକେୟା ଅର୍ଥ

ଜଟଣୀ,୬।୧୧(ଡି.ଏନ୍.ଏ.)

ଜଟଣୀ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ତିନି ସହଯୋଗୀ କର୍ମଚାରୀଙ୍କ ବିରୋଧରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି। ଜଟଣୀ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଲୋକାୟୁକ୍ତଙ୍କ ନିକଟରେ ଏହି ଅଭିଯୋଗ କରାଯାଇଛି।

ସୂଚନା ମୁତାବକ, ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଧରି ବହୁ ପୌର କର୍ମଚାରୀ ଚାକିରିରୁ ଅବସର ନେଇସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୫୦ରୁ ଅଧିକ କର୍ମଚାରୀଙ୍କ ବକେୟା ଅର୍ଥ ପୌର କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇନି। ନିଜ କଷ୍ଟ ଉପାର୍ଜିତ ପ୍ରାପ୍ୟ ପାଇବା ନିମନ୍ତେ ୫ବର୍ଷ ଧରି ଅବସରପ୍ରାପ୍ତ ପୌର କର୍ମଚାରୀ ବିଭିନ୍ନ ସମୟରେ ପୌର ପରିଷଦ ଆଗରେ ଧାରଣା ଓ ଅନଶନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟ ଅର୍ଥ ପ୍ରଦାନ ପାଇଁ ଲାଞ୍ଚ ମଗାଯାଉଥିବା ବେଳେ ଅନ୍ୟ କେତେକ ଅହେତୁକ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ତଥାପି ପୌର ପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ଶେଷରେ ଜଟଣୀ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୩ଜଣ କର୍ମଚାରୀଙ୍କ ବିରୋଧରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛି। ଏଥିସହ ବକେୟା ଅର୍ଥ ପ୍ରଦାନ ପାଇଁ ଲାଞ୍ଚ ମଗାଯାଉଥିବା କଥା ମଧ୍ୟ ଲୋକାୟୁକ୍ତଙ୍କୁ ଜଣାଯାଇଥିବା ସଂଘ ସମ୍ପାଦକ ସରୋଜ କୁମାର ରାୟ କହିଛନ୍ତି। ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକୁ ଉକ୍ତ ଅଧିକାରୀ ପାଳନ ନ କରିବା ସହିତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପେନସନ ଅର୍ଥକୁ ଅନ୍ୟ ଦିଗରେ ଖର୍ଚ୍ଚ କରୁଥିବା ଅଭିଯୋଗ ହୋଇଛି। ପେନସନ ଓ ଅବସରକାଳୀନ ଅର୍ଥ ନ ପାଇ ବହୁ କର୍ମଚାରୀ ଓ ପାରିବାର ଜୀବନ ସହିତ ସଂଘର୍ଷକରି ଅଭାବରେ ରହୁଥିବା ନେଇ ସଂଘ ରାଜ୍ୟ ମାନବଧିକାର କମିଶନଙ୍କୁ ଅବଗତ କରାଯାଇଛି। ଲୋକାୟୁକ୍ତ ମଧ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ୪୪୫ ଅଭିଯୋଗକୁ ଗ୍ରହଣ କରିବା ସହିତ ସୋମବାର ମାମଲାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ସଂଘ ସଭାପତି ଅଧିବକ୍ତା ସୁବ୍ରତ ନନ୍ଦ ଉକ୍ତ ପୌର ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

ଚିଲିକା ବ୍ଲକର ଉଳାନ୍ଧ ପଞ୍ଚାୟତରେ ମହିଳା ସଶକ୍ତୀକରଣ ପାଇଁ ଏକ ଆଇନ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ।

ମହିଳାଙ୍କ ସମୃଦ୍ଧିରେ ଦେଶ, ଜାତିର ଉନ୍ନତି

ମହିଳା ସଶକ୍ତୀକରଣ ପାଇଁ ଆଇନ ସଚେତନତା ଶିବିର

ଗୁମ୍ଫାରିମୁଣ୍ଡା,୬।୧୧(ଡି.ଏନ୍.ଏ.)

ଚିଲିକାର ତାଲୁକ ଆଇନ ସେବା କମିଟି ପକ୍ଷରୁ କମିଟି ଅଧକ୍ଷ ତଥା ଚିଲିକା ଜୁଡିସିଆଲ କୋର୍ଟର ବିଚାରପତି ବିକାଶ କୁମାର ଗୋଏଲଙ୍କ ଅଧକ୍ଷତାରେ ରବିବାର ଚିଲିକା ବ୍ଲକର ଉଳାନ୍ଧ ପଞ୍ଚାୟତରେ ମହିଳା ସଶକ୍ତୀକରଣ ପାଇଁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମନ୍ତ୍ରିତ ଅତିଥି ତଥା ବକ୍ତା ଭାବେ ବାଣପୁର ବାର୍ ସଂଘ ସଭାପତି ଆଡଭୋକେଟ ପ୍ରଭାତ କୁମାର ପଟ୍ଟଯୋଷୀ, ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକ, ଚିଲିକା ଓକିଲ ସଂଘ ଉପସଭାପତି ତଥା ସରକାରୀ ଓକିଲ ପ୍ରଦୀପ୍ତ କୁମାର ନନ୍ଦ, ଉଳାବନ୍ଧ ସରପଞ୍ଚ ରଶ୍ମିତା ବେହେରା, ଚିଲିକା ଓକିଲ ସଂଘର ସମ୍ପାଦକ ଆଡଭୋକେଟ ଦେବାଶିଷ ରଥ, ଚିଲିକା ଓକିଲ ସଂଘର ପୂର୍ବତନ ସମ୍ପାଦକ ଆଡଭୋକେଟ ପ୍ରଦୋଷ ଦାସ ଯୋଗଦେଇ ମହିଳା ସଶକ୍ତୀକରଣ ଏବଂ ମହିଳାଙ୍କ ସୁରକ୍ଷା ଆଇନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଅନ୍ୟାନ୍ୟ ବକ୍ତା ଭାବେ ଚିଲିକା ଓକିଲ ସଂଘ ପକ୍ଷରୁ ବିଭିନ୍ନ ଆଇନଜୀବୀ ଖଗେଶ୍ୱର ପାତ୍ର, ପୂର୍ବତନ ସମ୍ପାଦକ ଅଶୋକ ଚମ୍ପତି, ଆଡଭୋକେଟ ଅଶୋକ ଜେନା, ଚିଲିକା ତହସିଲର ଏପିପି ସୁରେନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ପ୍ରମୋଦ ଶତପଥୀ, ଚିଲିକା ବ୍ଲକ ମିଶନ ଶକ୍ତିର 'ଏଲ୍‌ସି' ସସ୍ମିତା ନନ୍ଦ ଯୋଗଦେଇଥିଲେ।

ଏଥିରେ ବକ୍ତାମାନେ ମହିଳାଙ୍କ ସୁରକ୍ଷା ଆଇନ ବ୍ୟାଖା କରିବା ସହ ମହିଳାଙ୍କ ଶୈକ୍ଷିକ ବିକାଶ ପାଇଁ ସବୁ ସ୍ତରରେ ପ୍ରେରଣା ଜାଗରିତ ହେବାକୁ ମତ ରଖିଥିଲେ। ମହିଳାଙ୍କ ସାମାଜିକ, ଆର୍ଥିକ, ମନସ୍ତାତ୍ତ୍ୱିକ ସ୍ତରରେ ସମୃଦ୍ଧି ଘଟିଲେ ଦେଶ ଓ ଜାତିର ଉନ୍ନତି ମଧ୍ୟ ଘଟିଥାଏ। ଏଣୁ ମହିଳାଙ୍କୁ ମାନସିକ ସ୍ତରରେ ସୁଦୃଢ଼ କରିବା ପାଇଁ ଆଇନ, ନ୍ୟାୟିକ ସଚେତନତା ସହ ସବୁ ମହିଳାଙ୍କ ସମ୍ପୃକ୍ତି ଆହ୍ୱାନ କରି ନ୍ୟାୟ ବ୍ୟବସ୍ଥାରେ ବିଭିନ୍ନ ସହଯୋଗ ପ୍ରଦାନ କରାଯାଉଛି ବୋଲି ଚିଲିକା ଜେଏମ୍‌ଏଫ୍‌ସି ବିକାଶ ଗୋଏଲ କହିଥିଲେ। ଏଥିରେ ବିଭିନ୍ନ ବର୍ଗର ମହିଳା, ଗ୍ରାମବାସୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଚିଲିକା ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହାର ସଭ୍ୟ ଆଡଭୋକେଟ ପ୍ରଦୋଷ ଦାସ ସଭାକାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ଆଡଭୋକେଟ ଦେବାଶିଷ ରଥ ଧନ୍ୟବାଦ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଜୟ ବେହେରା, ନାଏବ ସରପଞ୍ଚ ନରେନ୍ଦ୍ର ପଲାଇଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା, ଅଙ୍ଗନୱାଡ଼ି, ମିଶନ ଶକ୍ତିର ସଭ୍ୟାମାନେ ସହଯୋଗ କରିଥିଲେ।

ବୋଇତ ବନ୍ଦାଣ ଉତ୍ସବ ଲାଗି ନଦୀ ପୂଜନ ପର୍ବ

ନିରାକାରପୁର,୬।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ମନ୍ଦାକିନୀ କୂଳରେ ବୋଇତ ବନ୍ଦାଣ ଉତ୍ସବର ନଦୀ ପୂଜନ ପର୍ବ ସହିତ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୋଇତ ବନ୍ଦାଣର ସଭାପତି ଖୋର୍ଦ୍ଧା ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଥିଲେ ହଜିଯାଉଥିବା ଲୋକ କଳାକୁ ବଞ୍ଚାଇ ରଖିବା ପାଇଁ ଏହା ଏକ ପ୍ରୟାସ। ପୂର୍ଣ୍ଣମୀଦିନ ସାଧବ ପୁଅମାନେ ଏହି ମନ୍ଦାକିନୀ ନଦୀଠାରୁ ବୋଇତରେ ବସି ବାଣିଜ୍ୟ କରିବାକୁ ଯିବେ। ତାଙ୍କୁ ସାତ ସାଧବବୋହୂ ବନ୍ଦାପନା କରି ଛାଡିବେ ବୋଲି କହିଥିଲେ। ଏହାପରେ ସକାଳ ୧୦ ବେଳକୁ ତଳ ପାଛିକା ପରିସରରେ ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ ଓ ବହୁ ସାଂସ୍କୃତିକ ଦଳମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟମାନ ପରିବେଷଣ କରିବେ। ଏଥିରେ ବହୁ ମାନ୍ୟଗନ୍ୟ ରାଜନେତା, ସମାଜର ବିଭିନ୍ନ ବର୍ଗର ପ୍ରତିଭାମାନେ ଅତିଥି ରୂପେ ଯୋଗଦେବେ। ଏହି ନଦୀ ପୂଜନ କାର୍ଯ୍ୟକ୍ରମରେ ବିଶ୍ୱ ଭୂଷଣ ଛୋଟରାୟ, ରମାକାନ୍ତ ମହାପାତ୍ର, କୃଷ୍ଣଚନ୍ଦ୍ର ନରେନ୍ଦ୍ର, ଭବାନୀ ପ୍ରସାଦ ପଟ୍ଟନାୟକ, ରଞ୍ଜିତ କୁମାର ଜଗଦେବ, ବିଜୟ ରାଉତରାୟ, ରମେଶ ବିଶ୍ୱାଳ, ବିଜୟ କୃଷ୍ଣଦାସ, ଚକ୍ରଧର ବାରିକ, ପଙ୍କଜ ବିଶ୍ୱାଳ, ଗୌତମ ପ୍ରଧାନ ସମେତ ଅନ୍ୟ ବ୍ୟକ୍ତି ଉପସ୍ଥିତ ରହି ଖବରଦାତା ସମ୍ମିଳନୀ ମଧ୍ୟ କରିଥିଲେ।

ରାମେଶ୍ୱରସ୍ଥିତ ମନ୍ଦାକିନୀ କୂଳରେ ଅନୁଷ୍ଠିତ ଉତ୍ସବରେ ମଞ୍ଚାସୀନ ଅତିଥି।

ସୁଆଙ୍ଗ-ଗୁରୁଜଙ୍ଗ ଦଳ ବିଜୟୀ

କାଇପଦର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୬।୧୧

କାଇପଦର ସତ୍ୟପୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କାଇପଦର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଖେଳପଡିଆରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦୁଇଟି ଗ୍ରୁପ୍‌ରେ ୧୬ଟି ଟିମ ଭାଗ ନେଇଛନ୍ତି। ପ୍ରତ୍ୟେକ ଦିନ ଦୁଇଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ୧୦ ଓ ୧୧ତାରିଖରେ କ୍ୱାର୍ଟର, ୧୨ରେ ସେମି ଫାଇନାଲ ଏବଂ ୧୩ ତାରିଖରେ ଫାଇନାଲ ମ୍ୟାଚ ହେବ।

ଉଦ୍‌ଘାଟନୀ ଦିବସରେ ପ୍ରଥମ ମ୍ୟାଚ ଭାଲିଆବାଡ଼ି ଓ ସୁଆଙ୍ଗ ମଧ୍ୟରେ ହୋଇଥିଲା। ଟସ ଜିଣି ଭାଲିଆବାଡ଼ି ନିର୍ଦ୍ଧାରିତ ୧୫ଓଭରରେ ୭ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମନୋଜ ରାଉତ ସର୍ବାଧିକ ୩୮ରନ କରିଥିବା ବେଳେ ସୁଆଙ୍ଗ ଟିମ୍‌ର ବୋଲର ସୌମିତ୍ର ସେଠୀ ୩ଓଭରରେ

୨୮ରନ ଦେଇ ୩ ଉଇକେଟ ନେଇଥିଲେ। ଏହାର ଜବାବରେ ସୁଆଙ୍ଗ ୯.୪ ଓଭରରେ ୩ ଉଇକେଟ ହରାଇ ୧୨୫ ରନ କରି ଜିତିଥିଲା। ଦଳ ପକ୍ଷରୁ ଅଶୋକ ସାମନ୍ତରାୟ ୩୦ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଓ ବାଲିଆପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୮ ଓଭର ଖେଳ ହୋଇଥିଲା। ଟସ୍ ଜିଣି ଗୁରୁଜଙ୍ଗ ଦଳ ୮ ଉଇକେଟ ବିନିମୟରେ ୧୫୫ ରନ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ଗୁମାନସିଂ ୩୮, ସିପୁନ ପଟ୍ଟନାୟକ ୨୭ ରନ କରିଥିଲେ। ବାଲିଆବାଡିର ପ୍ରୀତମ ଜେନା ୪ ଓଭରର ୨୨ରନ ଦେଇ ୨ଉଇକେଟ ନେଇଥିଲେ। ଏହାର ଜବାବରେ ବାଲିଆବାଡି ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୯୦ରନ ସଂଗ୍ରହ କରି ପରାସ୍ତ ହୋଇଛି। ଗୁରୁଜଙ୍ଗର ସିଦ୍ଧାର୍ଥ ଜେନା ୪ଓଭରରେ ୧୩ ରନ ଦେଇ ୫ଟି ଉଇକେଟ ନେଇଥିଲେ। ଉଭୟ ମ୍ୟାଚରେ ସୌମିତ୍ର ଓ ସିଦ୍ଧାର୍ଥ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଝଜ ସାମନ୍ତରାୟ, ଲିଟିଲ୍ ଚମ୍ପତିରାୟ ଓ ରଶ୍ମିରଞ୍ଜନ ସାମନ୍ତରାୟ ଅମ୍ପାୟରିଂ କରିଥିଲେ। ଆୟୋଜକ କମିଟିର ବାପି ଚମ୍ପତିରାୟ, ପ୍ରଶାନ୍ତ ମାର୍ଥା, ପାର୍ଥସାରଥୀ ରାଉତରାୟ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

ବଜାରରେ ବଢୁଛି କାଗଜ ଡଙ୍ଗାର ଚାହିଦା

ଖୋର୍ଦ୍ଧା ଅଫିସ,୬।୧୧

ଦିନକ ପରେ କାର୍ତ୍ତିକ ପୂର୍ଣ୍ଣିମା ତଥା ବୋଇତ ବନ୍ଦାଣ ଉତ୍ସବ। ଉତ୍କଳୀୟ ନୌବାଣିଜ୍ୟ, ପରମ୍ପରା, ସାଧବପୁଅ ସଂସ୍କୃତି ଓ ଐତିହ୍ୟର ପଦଚିହ୍ନ ସ୍ୱରୂପ କାର୍ତ୍ତିକ ପୂର୍ଣ୍ଣିମାରେ ଭୋର ସମୟରେ ବୋଇତ ଭସାଣର ଏକ ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ସଂସ୍କୃତିରେ ଏହି ପରମ୍ପରା ଅତି ପ୍ରାଚୀନ। ସମଗ୍ର ଓଡ଼ିଆ ଜାତି ଏହାକୁ ଅତି ଆନନ୍ଦର ସହ ପାଳନ କରିଥାନ୍ତି। ସହରଠୁ ଗାଁ ସବୁଠି ଲୋକେ ପରିବାର ସହ ବୋଇତ ବନ୍ଦାଣ କରିଥାନ୍ତି। ପୂର୍ବରୁ ବୋଇତ ବନ୍ଦଣା ଲାଗି କଦଳୀ ପୁଟୁକା ବ୍ୟବହାର କରାଯାଉଥିଲା। ତେବେ ସମୟ ବଦଳିଛି। ତାହା ସହିତ ଲୋକଙ୍କ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସିଛି। ଏବେ ବୋଇତ ବନ୍ଦଣାରେ ରଙ୍ଗବେରଙ୍ଗର ସୋଲରେ ପ୍ରସ୍ତୁତ

ଖୋର୍ଦ୍ଧା ଅଞ୍ଚଳରେ ଜଣେ ବ୍ୟବସାୟୀ ଡଙ୍ଗା ବିକ୍ରି କରୁଛନ୍ତି।

ଡିଜାଇନ ଡଙ୍ଗା ଲୋକଙ୍କ ପସନ୍ଦ। ତେବେ ଏହାସହିତ ଲୋକଙ୍କ ଆକର୍ଷଣୀୟ ପାଲଟିଛି କାଗଜଡଙ୍ଗା। ରଙ୍ଗିନ ଜରି, ଝାଲାର, ଚୁମୁକି ଦେଇ ଏହାକୁ ଅତି ଆକର୍ଷଣୀୟ କରାଯାଉଛି। ଫଳରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଛି। କାଗଜରେ ପ୍ରସ୍ତୁତ ବତକ ଡଙ୍ଗା ବେଶ ଚାହିଦା ରହିଛି। ଗତ ଦୁଇବର୍ଷ ଧରି କୋଭିଡ କଟକଣା ଯୋଗୁ ବୋଇତ ଭସାଣ ଉପରେ ପ୍ରତିବନ୍ଧକ ରହିଥିଲା। ଚଳିତବର୍ଷ କଟକଣା ନ ଥିବାରୁ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ରହିଛି। ଲୋକଙ୍କ ଆଗ୍ରହକୁ ଦେଖି ଏବେ ଚାରିଆଡେ କାଗଜ, ସୋଲ ଡଙ୍ଗା ପସରା ଖୋଲିଛି। ଖୋର୍ଦ୍ଧା ବଜାରରେ ଏହାର ବେଶ ଚାହିଦା ରହିଛି। ୫ଟଙ୍କା ଠାରୁ ୧୫୦ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଡିଜାଇନର ଡଙ୍ଗା ବିକ୍ରି ହେଉଛି। ଖୋର୍ଦ୍ଧା ବଜାରରେ ବିକ୍ରି କରୁଥିବା ବ୍ୟବସାୟୀ ରାଜେଶ ସାହୁ କୁହନ୍ତି, କାଗଜ ଡଙ୍ଗାକୁ ଲୋକେ ଭାରି ପସନ୍ଦ କରୁଛନ୍ତି। ଦୁଇବର୍ଷ ବେପାର ମାନ୍ଦା ରହିଥିବା ବେଳେ ଚଳିତବର୍ଷ ବେଶ୍ ରୋଜଗାର ହେବ ବୋଲି ଆଶା କରିଛି। ଲୋକଙ୍କ ଚାହିଦାକୁ ଦେଖି ଜିଲାର ବିଭିନ୍ନ ପୁରପଲ୍ଲୀରେ ସ୍ୱୟଂସହାୟିକା ଗୋଷ୍ଠୀ, ମହିଳାମାନେ ଏକାଠି ଡଙ୍ଗା ପ୍ରସ୍ତୁତ କରୁଛନ୍ତି। ଘରର ସମସ୍ତ କାମଧନ୍ଦା ସାରି ଅବଶିଷ୍ଟ ସମୟରେ ଡଙ୍ଗା ନିର୍ମାଣ କରୁଥିବା କହିଛନ୍ତି।

ଶ୍ରୀଶ୍ରୀ ବାଲୁଙ୍କେଶ୍ୱରଙ୍କ ଭଜନ ସମାରୋହ

ଜଟଣୀସ୍

ମହିଳାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

କଟକ ସଦର, (ଡି.ଏନ୍.ଏ.): ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭାରଗୋଳ ଗ୍ରାମର ସମୀର କୁମାର ରାଉତରାୟ(୫୩)। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ଜଣକ ସମ୍ପୃକ୍ତ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ବାଟରେ ହଇରାଣ କରୁଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୩୯/୨୨) ରୁଜୁ କରିଥିଲା।

ଶେଷ ପର୍ଯ୍ୟାୟରେ ବାଲିଯାତ୍ରା ପ୍ରସ୍ତୁତି

କଟକ ଅଫିସ,୬।୧୧

ଆସନ୍ତା ୮ ତାରିଖରେ କଟକ ବାଲିଯାତ୍ରା। ଏଥିପାଇଁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ଉଭୟ ତଳ ଓ ଉପର ବାଲିଯାତ୍ରା ପଡିଆରେ ଷ୍ଟଲ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯେଉଁ ବ୍ୟବସାୟୀମାନେ ବାଉଁଶ ବାନ୍ଧି ସାରିଛନ୍ତି, ସେମାନେ ସୋମବାର ସୁଦ୍ଧା ଷ୍ଟଲ ତିଆରି ଶେଷ କରିବେ। ଏବେ ବାଲିଯାତ୍ରା ତଳପଡିଆରେ ଓର୍‌ମାସ, ବୟନିକା ଷ୍ଟଲ ସମେତ ବିଭିନ୍ନ ଖାଦ୍ୟ ଷ୍ଟଲ ନିର୍ମାଣ ସରିଛି। ବ୍ୟବସାୟୀମାନେ ଦୋକାନ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ରବିବାର ବାଲିଯାତ୍ରା ପଡିଆ ବୁଲି ବିଭିନ୍ନ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିଲେ। ବିଶେଷକରି କଟକ ଇନ୍ କଟକର ପାଭିଲିୟନ, ପାର୍କିଂସ୍ଥଳ, ଲେଜର ଲାଇଟ୍ ଶୋ, ଷ୍ଟଲ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲିଯାତ୍ରାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

ଆସିବେ ଅନ୍ତର୍ଜାତୀୟ ଗୁଡି ଉଡାଳି

ଚଳିତବର୍ଷ ବାଲିଯାତ୍ରାକୁ ଆସିବେ ୩ ଅନ୍ତର୍ଜାତୀୟ ଗୁଡି ଉଡାଳି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। କେରଳର କାଇଟ୍ ଲାଇଟ୍ ଫାଉଣ୍ଡେଶନର ରାଜେସ ନାୟର ଓ ଅନ୍ୟ ୨ ସହଯୋଗୀ ବାଲିଯାତ୍ରା ପଡିଆରେ ଗୁଡି ଉଡାଇବେ। ଏଥିରେ ସ୍ୱଚ୍ଛତାର ବାର୍ତ୍ତା ଦିଆଯିବ। ଏଥିପାଇଁ ଭିନ୍ନ ଧରଣର ଗୁଡିର ବ୍ୟବସ୍ଥା କରାଯାଉଛି । ଏହି ଅବସରରେ ପ୍ରାୟ ୧୦୦୦ ଗୁଡି ଉଡିବ ।

ଆଜି ଉଦ୍‌ଘାଟନ ହେବ ବାଲୁକା କଳା

ବାଲିଯାତ୍ରା ପଡିଆରେ ପ୍ରାୟ ୩୦ ଫୁଟ ଉଚ୍ଚର ବାଲୁକା କଳା ଦେଖିବାକୁ ମିଳିବ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି। ସୋମବାର ପୋଲିସ ଡିଜି ସୁନୀଲ ବଂଶଲ ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

୯ରୁ ପଥ ଉତ୍ସବ

ଆସନ୍ତା ୯ ତାରିଖରୁ ପଥ ଉତ୍ସବ ଆରମ୍ଭ ହେବ। ଚଳିତବର୍ଷ ଏଥିରେ ଯୁବପିଢି ଓ ଛାତ୍ରୀଛାତ୍ରଙ୍କୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବ। ଏଥର କୌଣସି ସୁନାମ ଅର୍ଜନ କରିଥିବା କଳାକାର କିମ୍ବା ଟ୍ରେଣ୍ଡ ଗ୍ରୁପ ଭାଗ ନେବ ନାହିଁ। ନିଜ ଦକ୍ଷତା ପ୍ରଦର୍ଶନ ପାଇଁ ମଞ୍ଚ ଓ ସୁଯୋଗ ପାଉ ନ ଥିବା କଳାକାରମାନଙ୍କୁ ଏଠାରେ ଦେଖିବାକୁ ମିଳିବ। ସ୍କେଟିଂ, ୱାକିଂ, ସାଇକେଲିଂ ଆଦି କଳା ପ୍ରଦର୍ଶନ କରାଯିବ। ସେହିପରି ପ୍ରାୟ ୩ ହଜାର ଲୋକଙ୍କୁ ନେଇ ଯୋଗ ଶିବିର ଅନୁଷ୍ଠିତ ହେବ । ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି ।

ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ, କକ୍ଷ ତ୍ୟାଗ କଲେ କର୍ପୋରେଟର

ବାଲିଯାତ୍ରା ସବ୍‌କମିଟି ବୈଠକ

ଚଳିତବର୍ଷ ବାଲିଯାତ୍ରାରେ ସିଏମ୍‌ସି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାକୁ ତଦାରଖ କରିବା ପାଇଁ ୬ଟି ସବ୍ କମିଟି ଗଠନ କରାଯାଇଛି। ମନିଟରିଂ କମିଟି ଅଧୀନରେ ରେଭିନ୍ୟୁ, ପରିମଳ, ୱାର୍କ୍ସ, ଖାଦ୍ୟ ସୁରକ୍ଷା, ଡଙ୍ଗା ତିଆରି ଓ ଷ୍ଟଲ ସବ୍ କମିଟି ରହିଛି। ରବିବାର ସିଏମ୍‌ସି ବିଜୁଭବନରେ ଏହି ସବ୍‌କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ବୈଠକ ହେବା ପାଇଁ ସ୍ଥିର ହୋଇଥିଲା। ଅଧିକାଂଶ କମିଟି ସଦସ୍ୟ ଧାର୍ଯ୍ୟ ସମୟ ସୁଦ୍ଧା ବୈଠକରେ ଉପସ୍ଥିତ ଥିଲେ ମଧ୍ୟ ଅଧିକାରୀମାନଙ୍କ ଦେଖା ମିଳି ନ ଥିଲା। ଫଳରେ ୧ ଘଣ୍ଟା କାଳ ଅପେକ୍ଷା କରିବା ପରେ ଅସନ୍ତୋଷ ପ୍ରକାଶ କରି ବହୁ କର୍ପୋରେଟର କକ୍ଷତ୍ୟାଗ କରିଥିଲେ। ମେୟର ସୁବାସ ସିଂ ଓ ଅନ୍ୟ ଅଧିକାରୀମାନେ ପହଞ୍ଚି କର୍ପୋରେଟରମାନଙ୍କୁ ବୁଝାଶୁଝା କରିଥିଲେ। ଫଳରେ ଉପସ୍ଥିତ ଥିବା କେତେଜଣ କର୍ପୋରେଟରଙ୍କୁ ନେଇ ବୈଠକ ହୋଇଥିଲା।

ମହାନଦୀ କୂଳରେ ରିଭର ଭ୍ୟୁ ପଏଣ୍ଟ

ମହାନଦୀ କୂଳରେ ବସି ସନ୍ଧ୍ୟା ସମୟକୁ ଲୋକମାନେ ଉପଭୋଗ କରିପାରିବେ। ଏଥିପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ ଓ ସିଏମ୍‌ସି ପକ୍ଷରୁ ରିଭର ଭ୍ୟୁ ପଏଣ୍ଟ କରାଯାଇଛି। ୩୦ରୁ ଉର୍ଦ୍ଧ୍ୱ ସିମେଣ୍ଟ ଟୌକି ମହାନଦୀ କୂଳରେ ରଖାଯାଇଛି।

ଦେଖିବାକୁ ମିଳିବ ଯୁଦ୍ଧ ଜାହାଜର ପ୍ରତିକୃତି

ବାଲିଯାତ୍ରା ପଡିଆରେ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତର ପ୍ରତିକୃତି ଦେଖିବାକୁ ମିଳିବ। ମୋଡସ ନାମକ ସଂସ୍ଥା ପକ୍ଷରୁ ପ୍ରାୟ ୮୦ ଫୁଟ ଲମ୍ବ ଓ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ଜାହାଜର ପ୍ରତିକୃତି ନିର୍ମାଣ ଚାଲିଛି। ଏହା ବାଉଁଶରେ ପ୍ରସ୍ତୁତ କରାଯାଉଛି। କଳିକତାର ୫୦ରୁ ଉର୍ଦ୍ଧ୍ୱ କାରିଗର ଏହାର ନିର୍ମାଣ ଦାୟିତ୍ୱରେ ରହିଛନ୍ତି। ଆସନ୍ତା ୮ ତାରିଖରେ ଏହାକୁ ଉଦ୍‌ଘାଟନ କରାଯିବ ବୋଲି ନିର୍ମାଣ ଦାୟିତ୍ୱରେ ଥିବା ମୋଡସ ସଂସ୍ଥାର ଅଧିକାରୀ ସର୍ବେଶ୍ୱର ମହାପାତ୍ର କହିଛନ୍ତି। ଭାରତୀୟ ନୌସେନାର ଲଢୁଆ ଯୁଦ୍ଧ ଜାହାଜ ହେଉଛି ଆଇଏନ୍‌ଏସ ବିକ୍ରାନ୍ତ।

କ୍ୟୁଆର୍ କୋଡ୍‌କୁ ନେଇ ବ୍ୟବସାୟୀଙ୍କ ସହ ସିଏମ୍‌ସି କମିଶନରଙ୍କ ଆଲୋଚନା

ଚଳିତବର୍ଷ ବାଲିଯାତ୍ରାକୁ ସ୍ୱଚ୍ଛ ଓ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ବିଶେଷକରି ପ୍ଲାଷ୍ଟିକ ମୁକ୍ତ ବାଲିଯାତ୍ରା ପାଇଁ କଟକ ମହାନଗର ନିଗମ ପକ୍ଷରୁ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଛି। ବ୍ୟବସାୟୀମାନେ ସାମଗ୍ରୀ ଉପରେ କ୍ୟୁଆର୍ କୋଡ୍ ଲଗାଇବେ। ପରେ ତାହାକୁ ଗ୍ରାହକଙ୍କୁ ବିକ୍ରି କରିବେ। ଲୋକମାନେ ଧାର୍ଯ୍ୟ ଦରଠାରୁ ଅଧିକ ୫ ଟଙ୍କା ଦେଇ ସାମଗ୍ରୀ କିଣିବେ। ପରେ ଉକ୍ତ ତାହାକୁ ବାଲିଯାତ୍ରା ପଡିଆରେ ଥିବା ଷ୍ଟଲରେ ଦାଖଲ କଲେ ୫ ଟଙ୍କା ଫେରିପାଇବେ। ହେଲେ ଏହି ବ୍ୟବସ୍ଥାକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ରବିବାର ସିଏମ୍‌ସି ବିଜୁଭବନସ୍ଥିତ କାର୍ଯ୍ୟାଳୟରେ ବ୍ୟବସାୟୀଙ୍କ ସହ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଆଲୋଚନା କରିଥିଲେ। ପର୍ଯ୍ୟାୟକ୍ରମେ ୧୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କୁ କ୍ୟୁଆର୍ କୋଡ୍ ବିଷୟରେ କମିଶନର ବୁଝାଇଥିଲେ। ଏହା କୌଣସି ବ୍ୟବସାୟୀଙ୍କ ବ୍ୟବସାୟରେ କ୍ଷତି କିମ୍ବା ଲାଭ ଦେବ ନାହିଁ, ବରଂ ପ୍ଲାଷ୍ଟିକ ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି। ଏଥିପାଇଁ ସମସ୍ତେ ସହଯୋଗ କରିବାକୁ ସେ କହିଥିଲେ। ସୋମବାର ଆଉ କେତେଜଣ ବ୍ୟବସାୟୀଙ୍କୁ ଏହି ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯିବ। ଏହି ବୈଠକରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ସଞ୍ଜୀବିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସଂକ୍ଷେପରେ

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଚୌଦ୍ୱାର,୬।୧୧(ଡି.ଏନ୍.ଏ): ଚୌଦ୍ୱାରସ୍ଥିତ ମଧୁସୂଦନ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ମୋଟର ଭେହିକିଲ ୱାର୍କଶପ୍‌ର ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଅତିଥି ଭାବେ ଯୋଗଦେଇ ରବିବାର ଏହାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆଇଟିଆଇ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଘଡେଇ କହିଥିଲେ, ୩ କୋଟି ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ୱାର୍କଶପ୍ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଯୁବବର୍ଗଙ୍କ ପାଇଁ ନିଯୁକ୍ତି ଓ ରୋଜଗାରର ବାଟ ଫିଟିବ। ଏମ୍‌ପି ଭର୍ତ୍ତୃହରି ମହତାବ ଅତିଥି ଭାବେ ଯୋଗଦେଇ ଆଇଟିଆଇରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ଛାତ୍ରୀଛାତ୍ରଙ୍କ ଉନ୍ନତ ତାଲିମ ଦିଗରେ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। କାଉନସିଲର ସୁବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ ମହାନ୍ତି, ଏସ୍‌ଡିଓ ବିଶ୍ୱନାଥ ସାହୁ, ଅଧକ୍ଷ ପ୍ରସନଜିତ୍ ଦାଶ ପ୍ରମୁଖ ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଶିଳାନ୍ୟାସ ଫଳକରେ ସ୍ଥାନୀୟ ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ନାମ ନ ଥିବାରୁ ଉପସ୍ଥିତ ଜନତାଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଏହି ଅବସରରେ ଆଗ୍ରାହାଟ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏକ ରାସ୍ତାକୁ ମନ୍ତ୍ରୀ ଘଡେଇ, ଏମ୍‌ପି ମହତାବ ଓ ବିଧାୟକ ବିଶ୍ୱାଳ ଶିଳାନ୍ୟାସ କରିଥିଲେ।

ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

କଣ୍ଟାପଡା, ୬।୧୧(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ପଞ୍ଚାୟତ ଖେରସସ୍ଥିତ ଏଗାରେଶ୍ୱର ମନ୍ଦିର ପରିସରରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। କଣ୍ଟାପଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାପଡା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଗଗନ ବିହାରୀ ମହାପାତ୍ର, ବ୍ରାହ୍ମଣସାଇଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ବେହେରା, ବିଜେଡି ସଂଗଠକ ଆଶୁତୋଷ ମହାନ୍ତି, କାଶୀନାଥ ବାରିକ, ମନୋଜ ପଟ୍ଟନାୟକ, ଗୋପାଳ ଭୋଇ, ସନ୍ତୋଷ ମହାପାତ୍ର, ରାମଚନ୍ଦ୍ର ସାବତ, ଯତୀନ୍ଦ୍ର ମହାପାତ୍ର, ଜିତେନ୍ଦ୍ର ମହାପାତ୍ର, ରାଜକିଶୋର ମହାପାତ୍ର, ବିଜୟ ଭୋଇଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ, କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ନିଆଳି ନିର୍ବାଚନ ମଣ୍ଡଳୀ ଭାଜପା ନେତା ଛବି ମଲ୍ଲିକ, କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇ, ଭାଜପା ନେତା ଅଶୋକ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ବିକାଶ ପରିଷଦ ପକ୍ଷରୁ ପଦଯାତ୍ରା

କଟକ ସଦର, ୬।୧୧ (ଡି.ଏନ୍.ଏ.): କଟକ ସଦର ବ୍ଲକ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ବିକାଶ ପରିଷଦ ଆନୁକୂଲ୍ୟରେ ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଧରିଣା ପଞ୍ଚାୟତର ଗୋପଗୋସାଇଁ ମଠରୁ ଏହି ପଦଯାତ୍ରା ବାହାରି ଯଶପଡ଼ା ପଞ୍ଚାୟତରେ ଶେଷ ହୋଇଥିଲା। ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଗାଁ ଗାଁ ବୁଲି ଲୋକମାନଙ୍କ ସମସ୍ୟା ବୁଝିଥିଲେ। ଏଭଳି ପଦଯାତ୍ରା କଟକ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବ ବୋଲି ସେଠୀ ସୂଚନା ଦେଇଥିଲେ। ବିଶେଷକରି ଗରିବ ଲୋକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ଖୁବ୍‌ଶୀଘ୍ର ସମାଧାନ ପାଇଁ ବ୍ୟବସ୍ଥା କରାଯିବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ। ଏହି ପଦଯାତ୍ରାରେ ଅନନ୍ତ ନାଥ, ସରୋଜ ବାରିକ, ସୁରେଶ ଜେନା, ସ୍ୱରୂପ ସୁମନ ଦାଶ, ସଞ୍ଜୟ ସେଠୀ, ନିରଞ୍ଜନ ରାଉଳ, ଅଶୋକ ସାହୁ, ଅକ୍ଷୟ ଦାଶ ଓ ସନ୍ତୋଷ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

ମୁଗ୍ଧ କଲା ଓଡ଼ିଶୀ ନୃତ୍ୟ

- କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ ଉଦ୍‌ଯାପିତ
- ସମ୍ବର୍ଦ୍ଧିତ ହେଲେ ପଦ୍ମଶ୍ରୀ ଡ. ଜୟନ୍ତ ମହାପାତ୍ର

କଟକ ଅଫିସ, ୬।୧୧

କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ କେନ୍ଦ୍ର ପ୍ରେକ୍ଷାଳୟରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଚାରପତି ଶଶିକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରସେନଜିତ୍ ମହାନ୍ତି ସ୍ୱାଗତ ଭାଷଣ, ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି, ସଭାପତି ଡ. ବିଜୟାନନ୍ଦ ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କବି ପଦ୍ମଶ୍ରୀ ପ୍ରଫେସର ଡ. ଜୟନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟରେ ଦର୍ଶକ ମୁଗ୍ଧ ହୋଇଥିଲେ। ସେହିପରି ଭୁବନେଶ୍ୱରର ଗୁରୁ ରାମହରି ଦାସ ଓଡ଼ିଶୀ କଣ୍ଠ ସଂଗୀତ, ପ୍ରତିଭା ପଣ୍ଡା ଓ ପୁଷ୍ପିତା ମିଶ୍ର ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କଳା ବିକାଶ କେନ୍ଦ୍ର ପରଫର୍ମିଂ ଗ୍ରୁପ୍‌ର କଳାକାରମାନଙ୍କ ଦ୍ୱାରା ନୃତ୍ୟ ନାଟିକା 'ବିଘ୍ନ ବିନାଶନ' ପରିବେଷିତ ହୋଇଥିଲା। ଏଥିରେ ଗ୍ରୁପର କଳାକାର ମୋକ୍ଷଦା, କିଶୋର, ସ୍ୱର୍ଣ୍ଣଶିଖା, ସୁଧା, ସଙ୍ଗୀତା, ଚାହାତ, ଦିବ୍ୟା, ପଦ୍ମିନୀ, ଜ୍ୟୋତି ଓ ରମାକାନ୍ତ ଅଂଶଗ୍ରହଣ କରିଥିଲେ। ଗୁରୁ ଗଜେନ୍ଦ୍ର ପଣ୍ଡା ନୃତ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ।

ମହୋତ୍ସବରେ ପଦ୍ମଶ୍ରୀ ପ୍ରଫେସର ଜୟନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ନୃତ୍ୟଶିଳ୍ପୀ ଇଲିଆନା ଚିତାରିଷ୍ଟ ନୃତ୍ୟ ପରିବେଷଣ କରୁଛନ୍ତି।

ଏନ୍‌ଆଇଟିଟିଟିଆର୍ ନିର୍ଦ୍ଦେଶକଙ୍କ ଡ୍ରିମ୍‌ସ ପରିଦର୍ଶନ

କଟକ ଅଫିସ, ୬।୧୧

ଜାତୀୟ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆଇଟିଟିଟିଆର୍)ର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ମିଶ୍ର ରବିବାର କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପରିଦର୍ଶନରେ ଆସିଥିଲେ। ଶିକ୍ଷାନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ମିଶ୍ର ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ବିଶେଷକରି ଶିକ୍ଷାନୁଷ୍ଠାନର ସବୁଜିମାମୟ ପରିବେଶ, କେନ୍ଦ୍ରୀୟ ପାଠାଗାର ଜ୍ଞାନ ଉଦ୍ୟାନ, ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ପଦ୍ମିନୀ କେୟାର ହସ୍ପିଟାଲରେ ଉପଲବ୍ଧ ସୁବିଧାସୁଯୋଗ ବିଷୟରେ ଅବଗତ ହୋଇଥିଲେ। ଏହି ପରିଦର୍ଶନ ସମୟରେ ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧକ୍ଷ ଡ. ନୟନ ରଞ୍ଜନ ସାମଲ, ରେଜିଷ୍ଟ୍ରାର ଡ. କଲ୍ୟାଣ କୁମାର ସାହୁ, ପରାମର୍ଶଦାତା ଉତ୍କଳ ରଞ୍ଜନ ଦାସ, ସଚିବ ସୁଧାଂଶୁ ଭୂଷଣ କର, ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

'ଫତୁରାନନ୍ଦଙ୍କ ହାସ୍ୟବ୍ୟଙ୍ଗ ସାହିତ୍ୟ ଅତୁଳନୀୟ'

କଟକ ଅଫିସ, ୬।୧୧

କଟକ ଲେଖକ ସହଯୋଗ ସମିତି ସଭାଗୃହ କାଳୀଭବନରେ ଫତୁରାନନ୍ଦଙ୍କ ଶ୍ରାଦ୍ଧୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ବୈଷ୍ଣବ ଦାସ ଯୋଗଦେଇ କହିଥିଲେ, ଫତୁରାନନ୍ଦଙ୍କ ହାସ୍ୟ ବ୍ୟଙ

ସଂକ୍ଷେପରେ

ଚୋରା ଚାଲାଣବେଳେ କାଠବୋଝେଇ ଟ୍ରାକ୍ଟର ଜବତ

କୋଣାର୍କ,୬।୧୧(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନ କୁଞ୍ଜ ମୌଜା ଅନ୍ତର୍ଗତ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ପାର୍ଶ୍ୱରୁ ବେଆଇନ ଭାବେ ଚାଲାଣ ହେଉଥିବା ଏକ କାଠ ବୋଝେଇ ଟ୍ରାକ୍ଟରକୁ ରବିବାର କୋଣାର୍କ ପୋଲିସ ଜବତ କରିଛି। ସୂଚନା ମୁତାବକ, କୋଣାର୍କ- କାକଟପୁର ରାସ୍ତାର ଆଦର୍ଶ ବିଦ୍ୟାଳୟ ପାର୍ଶ୍ୱରୁ ବେଆଇନ ଭାବେ ଆକାଶୀ କାଠ କାଟି ଏକ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ନିଆଯାଉଥିଲା। ବେଆଇନ କାଠ ଚୋରା ଚାଲାଣ ହେଉଥିବା ପୋଲିସ ଖବର ପାଇ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ପୋଲିସ ଆସିବା ଜାଣି ସମ୍ପୃକ୍ତ ଲୋକେ ସେଠାରୁ ଖସି ପଳାଇଥିଲେ। ପୋଲିସ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରି କୋଣାର୍କ ଥାନାକୁ ଆଣିଥିଲା। ଟ୍ରାକ୍ଟର ମାଲିକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମଲ୍ଲିକ ପ୍ରକାଶ କରିଛନ୍ତି।

ଛେଳି ଚୋରି ଘଟଣାରେ ଜଣେ ଗିରଫ

ଡେଲାଙ୍ଗ,୬।୧୧(ଡି.ଏନ୍.ଏ.): ଛେଳି ଚୋରି କରିବା ଘଟଣାରେ ଡେଲାଙ୍ଗ ପୋଲିସ ଜଣକୁ ଗିରଫ କରି ରବିବାର କୋର୍ଟ ଚାଲଣ କରିଛି। ସେ ହେଲେ ସଡାଙ୍ଗୋଇ ଗ୍ରାମର ଉଗ୍ରେସନ ଲେଙ୍କା (୨୮)। ଏନେଇ ପୋଲିସ ଏକ ମାମଲା (ନଂ. ୩୨୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ଚୋରି ହୋଇଥିବା ଛେଳିକୁ ପୋଲିସ ଜବତ କରି ମାଲିକ ପୁଷ୍ପଲତାଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଫିସର ଏଏସ୍ଆଇ ଯୁଗୋଳ କିଶୋର ଜେନା କହିଛନ୍ତି। ସୂଚନା ମୁତାବକ, ପୁଷ୍ପଲତାଙ୍କ ଘର ବାଡିପଟେ ୩ ଜଣ ଯୁବକ ଶନିବାର ଦ୍ୱିପ୍ରହରେ ଛେଳି ଚୋରି କରୁଥିଲେ। ଏହି ସମୟରେ ସେମାନେ ଗ୍ରାମବାସୀଙ୍କ ହାତରେ ଜଣେ ଧରା ପଡିଥିଲେ। ଅନ୍ୟ ୨ ଜଣ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ତେବେ ଖବରପାଇ ଡେଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବସୀଙ୍କ ଦ୍ୱାରା ଅଟକ ଅଭିଯୁକ୍ତକୁ କାବୁ କରିଥିଲା।

ଆଇନ ସହାୟତା, ସାକ୍ଷରତା ସମ୍ପର୍କରେ ସଚେତନତା

ଡେଲାଙ୍ଗ,୬।୧୧(ଡି.ଏନ୍.ଏ.): ରେଙ୍ଗଳ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଆଇନ ସହାୟତା ଓ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ହାଇକୋର୍ଟ ଆଇନଜୀବୀ ଅନିଲ ଦଳାଇ, ରଶିଦ ଖାଁ, ବସନ୍ତ ପରିଡ଼ା, ରସାନ୍ତ ପରିଡା, ଶଙ୍କର୍ଷଣ ପ୍ରଧାନ, ଦାମୋଦର ଗୋଛିକାର, ସ୍ଥାନୀୟ ସରପଞ୍ଚ ସାଗରିକା ବଡ଼ଜେନା ପ୍ରମୁଖ ଯୋଗଦେଇଥିଲେ। ଏସ୍‌ସି, ଏସ୍‌ଟି, ବରିଷ୍ଠ ନାଗରିକ ଓ ମହିଳାଙ୍କ ପାଇଁ ଅଦାଲତ ପକ୍ଷରୁ ମାଗଣାରେ ବିଭିନ୍ନ ଆଇନ୍ ସହାୟତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୁଦତ୍ତ ବଡ଼ଜେନା, ବିଇଓ ନିଳିମା ପ୍ରଧାନ, ଜିଆଇଏସ୍ ବିଶ୍ୱରଞ୍ଜନ ଜେନା, ୱାର୍ଡସଭ୍ୟା ସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ବରିଷ୍ଠ ନାଗରିକ ଓ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।

ଆଜି ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ

ପୁରୀ ଅଫିସ,୬।୧୧: ଶ୍ରୀକ୍ଷେତ୍ର କଳା ପ୍ରକାଶିକା ଆନୁକୂଲ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାରରେ ଅନୁଷ୍ଠିତ ହେଉଥିବା ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହର ୫୩ତମ ଉତ୍ସବ ଆଗାମୀ ୭ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରକାଶିକାର ପ୍ରତିଷ୍ଠାତା ସଭାପତି ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ମହାପ୍ରୟାଣ ହେତୁ ଚଳିତବର୍ଷର ଭକ୍ତିସଙ୍ଗୀତ ସମାରୋହକୁ ସେହି ଦିବ୍ୟାତ୍ମାଙ୍କ ନାମରେ ଉତ୍ସର୍ଗ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ସେହିପରି ସ୍ୱର୍ଗତ କରଙ୍କ ରଚିତ କୌଣସି ଭକ୍ତିସଙ୍ଗୀତ ପରିବେଷଣ କରିବାକୁ ସମସ୍ତ ଶିଳ୍ପୀଙ୍କୁ ଅନୁରୋଧ ପତ୍ର ପଠାଇବାକୁ ନିଷ୍ପତ୍ତି ହୋଇଛି। ଗାୟିକା ସାରିକା ସିଂହ ସମାରୋହରେ ମୁଖ୍ୟ କଳାକାର ଭାବେ ଯୋଗ ଦେବାକୁ ଥିବାବେଳେ ବିଶିଷ୍ଟ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ରବିନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୋମନାଥ ଗୁରୁ ବିବରଣୀ ପାଠ କରିଥିଲେ। ସେହିପରି ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରସନ୍ନ ମିଶ୍ର ଆୟବ୍ୟୟ ବିବରଣୀ ଦେଇଥିଲେ। ସହଯୋଗ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି।

ଶ୍ରୀଶଙ୍କରାନନ୍ଦ ମଠର ବିକାଶକୁ ଗୁରୁତ୍ୱ

ପୁରୀ ଅଫିସ, ୬।୧୧

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଶ୍ରୀଶଙ୍କରାନନ୍ଦ ମଠ ଐତିହ୍ୟ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ଶ୍ରୀଶଙ୍କରାନନ୍ଦ ମଠ ଐତିହ୍ୟ ପୁସ୍ତକର ଉନ୍ମୋଚନ ଉତ୍ସବ ରବିବାର ମଠ ପରିସରରେ ଟ୍ରଷ୍ଟବୋର୍ଡ଼ ସଭାପତି ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ କହିଥିଲେ, ଦୃଶ୍ୟମାନ ଶ୍ରୀମନ୍ଦିରର ସମସାମୟିକ ଶ୍ରୀଶଙ୍କରାନନ୍ଦ ମଠର ବିକାଶ ଜରୁରୀ। ମଠର ଭଗ୍ନ ଅବସ୍ଥା ଦେଖି ମନରେ ଭାବାନ୍ତର ସୃଷ୍ଟି ହେଉଛି। ଏହାର ବିକାଶ ପାଇଁ କୌଣସି ଏକ ଯୋଜନାରେ ଏହି ମଠକୁ ଅନ୍ତର୍ଭୁକ୍ତ କରିବାକୁ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟ୍ ପ୍ରତିଷ୍ଠାତା ସଦସ୍ୟ ଓ କିଟ୍ ବିଜ୍ଞାନ ବିଭାଗର ଚେୟାରମ୍ୟାନ୍ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ କହିଥିଲେ, ଆମର ମହାନ ସଂସ୍କୃତି ଐତିହ୍ୟ ଓ ପରମ୍ପରାର ବିକାଶ ନ ହେଲେ ପୂର୍ଣ୍ଣ ସାମାଜିକ ବିକାଶ ସମ୍ଭବ ନୁହେଁ। ବସ୍ତୁବାଦର ବିକାଶ ପଥଚ୍ୟୁତ କରିପାରେ। ମଠ ଥିଲା ସାମାଜିକ ସଂହତି, ଉଚ୍ଚ ଭାବନା ଶିକ୍ଷାର ବିକାଶ ଓ ମାନବିକତାର ମୂଳକେନ୍ଦ୍ର। ମଠ ଥିଲା ସାମାଜିକ ସଂହତି, ଉଚ୍ଚ ଭାବନା ଶିକ୍ଷାର ବିକାଶ ଓ ମାନବିକତାର ମୂଳକେନ୍ଦ୍ର। ମଠର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ସେହିପରି ମୁଖ୍ୟବକ୍ତା ଭାବେ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ କହିଥିଲେ, ଓଡ଼ିଶାର ଲୁପ୍ତ ଗୌରବ ଗାଥାକୁ ଅନୁସନ୍ଧାନ କରି ଜାତୀୟ ସ୍ତରରେ ଉପସ୍ଥାନ କରିବାର ସମୟ ଆମକୁ ଅପେକ୍ଷା କରିଛି। ସମ୍ମାନିତ ଅତିଥି ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ ଯୋଗଦେଇ କହିଥିଲେ, ଭାରତ ବିଶ୍ୱଗୁରୁ ହେବାର ସମୟ ଉପନୀତ। ଆମେ ଆମର ପୂର୍ବ ସଂସ୍କୃତି, ଉପାସନା ଓ ପରମ୍ପରାକୁ ପୁନରୁଦ୍ଧାର କରିବା ପ୍ରଥମ କର୍ତ୍ତବ୍ୟ। ଏହି ମଠର ବିକାଶ ୫ବର୍ଷ ମଧ୍ୟରେ ଶୀର୍ଷରେ ପହଞ୍ଚିବ ବୋଲି ବିଶ୍ୱାସ। ସମ୍ମାନିତ ବକ୍ତା ଭାବେ ଯାମିନୀକାନ୍ତ ମିଶ୍ର ଯୋଗଦେଇ କହିଥିଲେ, ଶଙ୍କରାନନ୍ଦ ମଠର ପୂର୍ବ ପ୍ରତିଷ୍ଠାକୁ ସ୍ମରଣ କରିବା ସହିତ ଏଠାରେ ଶିକ୍ଷାର ବିକାଶ ପାଇଁ ଶିକ୍ଷାନୁଷ୍ଠାନ ପରିଚାଳିତ ହେଉଥିଲା। ମଠର ସ୍ୱାମୀମାନଙ୍କ ଅବଦାନ ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। ଏହି ମଠର ସ୍ୱାମୀମାନେ ଅତୀତରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ସହିତ ଶ୍ରୀଲୋକନାଥ ମନ୍ଦିର, ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର, କପିଳାସର ଶ୍ରୀଚନ୍ଦ୍ରଶେଖର ମନ୍ଦିରର ପରିଚାଳନା କରୁଥିଲେ ବୋଲି ପୁସ୍ତକର ମୁଖ୍ୟ ସମ୍ପାଦକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର କହିବା ସହ ପୁସ୍ତକ ପ୍ରକାଶନର ଆଭିମୁଖ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ମହୀପ୍ରକାଶ ମଠର ମହାରାଜ, ଡ. ରବିଚରଣ ରଥ, ଶ୍ରୀ ପତ୍ରିକାର ସମ୍ପାଦକ ଶ୍ରୀକୃଷ୍ଣ ନାୟକ, ଡ. ଭାସ୍କର ମିଶ୍ର, ଡ. ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଦେବୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ନୀଳକଣ୍ଠ ମିଶ୍ରଙ୍କ ଲିଖିତ ପ୍ରତି ପଞ୍ଚୁକ ଐତିହ୍ୟ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପୁସ୍ତକ ସମ୍ବନ୍ଧରେ ଲେଖକ ମତ ଦେଇଥିଲେ। ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିଆର ସିଂ ଧନ୍ୟବାଦ ଦେଇଥିଲେ।

କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଯାନବାହନ ପାର୍କିଂ ବ୍ୟବସ୍ଥା

ପୁରୀ ଅଫିସ ୬।୧୧

କାର୍ତ୍ତିକ ପୂର୍ଣ୍ଣିମାରେ ପୁରୀରେ ଭକ୍ତଙ୍କ ପ୍ରବଳ ଜନ ସମାଗମ ହେବାର ସମ୍ଭାବନା ରହିଛି। ତେଣୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ପୁରୀକୁ ଆସୁଥିବା ଚାରିଚକିଆ ଯାନବାହନର କେଉଁ ସ୍ଥାନରେ ପାର୍କିଂ କରାଯିବ ସେ ନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ଓ କଟକ ପଟୁ ପୁରୀକୁ ଆସୁଥିବା ଚାରିଚକିଆ ଯାନଗୁଡିକ ଅଠରନଳା ମେଡିକାଲ ଛକଦେଇ ଜଗନ୍ନାଥ ବଲଭ ପାର୍କିଂରେ ଗାଡି ପାର୍କିଂ କରିବେ। ସେହିପରି ଜଗନ୍ନାଥ ବଲଭଠାରେ ପାର୍କିଂ ପୂର୍ଣ୍ଣ ହୋଇଗଲେ ଶରଧାବାଲିରେ ପାର୍କିଂ କରାଯିବ। ଜଗନ୍ନାଥବଲ୍ଲଭ ଓ ଶରଧାବାଲି ପାର୍କିଂ ପୂର୍ଣ୍ଣ ହୋଇଗଲେ ଷ୍ଟର୍ଲିଂ ରୋଡ ପାର୍କିଂକୁ ଗାଡ଼ି ସ୍ଥାନାନ୍ତରିତ ହେବ। ଯାନଗୁଡିକ ବାଟଗାଁ, ମଙ୍ଗଳାଘାଟ ଏବଂ ଷ୍ଟର୍ଲିଂ ରୋଡ ଦେଇ ଯିବେ। କୋଣାକ ପଟୁ ଆସୁଥିବା ବ୍ୟକ୍ତି ଜଗନ୍ନାଥ ବଲଭ୍ ପାର୍କିଂରେ ଗାଡି ପାର୍କିଂ କରିବେ। ଜଗନ୍ନାଥ ବଲଭ ପାର୍କିଂ ଭର୍ତ୍ତି ହୋଇଗଲେ ଗାଡ଼ିଗୁଡିକ ଶରଧାବାଲିଠାରେ ପାର୍କିଂ କରାଯିବ। ସ୍ଥାନ ଅଭାବ ହେଲେ ଗାଡ଼ିଗୁଡିକ ତାଳବଣିଆ ପାର୍କିଂକୁ ସ୍ଥାନାନ୍ତର ହେବ। ସେହିପରି ବ୍ରହ୍ମଗିରି ପଟୁ ଆସିବାକୁ ଥିବା ଚାରିଚକିଆ ଗାଡ଼ି ଗିରଳ ଛକ ମଙ୍ଗଳାଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିବେ। ପରେ ଫ୍ଲୋରିସ ଇଣ୍ଡିଆ ପାର୍କିଂରେ ଗାଡି ପାର୍କ କରାଯିବ। ସେଠାରେ ଗାଡି ଭର୍ତ୍ତି ହୋଇଗଲେ ଷ୍ଟର୍ଲିଙ୍ଗ ରୋଡ୍ ସ୍ଥିତ ପାର୍କିଂକୁ ସ୍ଥାନାନ୍ତର କରାଯିବ। ସେହିପରି ଦୁଇଚକିଆ ଯାନଗୁଡିକପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ଓ କଟକ ପଟୁ ପୁରୀ ଆସୁଥିବା ଦୁଇଚକିଆ ଗାଡି ଅଠରନଳା ଦେଇ ମେଡିକାଲ ଛକ ମରିଚିକୋଟ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ବଡଦାଣ୍ଡର ପଶ୍ଚିମ ପାର୍ଶ୍ୱରେ ପାର୍କିଂ କରିବେ। ପାର୍କିଂ ସ୍ଥାନରେ ଅଧିକ ଗାଡି ହେଲେ ସେଗୁଡିକୁ ଯାତ୍ରିକା ପାର୍କିଂକୁ ସ୍ଥାନାନ୍ତର କରାଯିବ। ସେହିପରି କୋଣାର୍କ ପଟୁ ଆସୁଥିବା ଦୁଇଚକିଆ ଯାନଗୁଡିକ ମରିଚକୋଟଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ପଶ୍ଚିମ ପଟେ ପାର୍କିଂ କରିପାରିବେ। ପାର୍କିଂ ସ୍ଥାନ ପୂରଣ ହୋଇଗଲେ ଗାଡିଗୁଡିକୁ ଆଇଟିଆଇ ଛକ, ସିଟି ରୋଡ ଦେଇ ଚୁଲାର୍ଗ ବିଚ୍‌କୁ ପଠାଯିବ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ଦୁଇଚକିଆ ଗାଡ଼ିଗୁଡିକୁ ମରିଚିକୋଟ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଥିବା ରାସ୍ତାରେ ପାର୍କିଂ ପାଇଁ ଅନୁମତି ମିଳିବ। ପାର୍କିଂ ଭରିଗଲେ ଗାଡି ଗୁଡିକୁ ମଙ୍ଗଳାଘାଟ ଛକ ନେଇ ଯାତ୍ରୀକା ପାର୍କିଂ ସ୍ଥାନାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବ୍ୟବସ୍ଥା ୭ତାରିଖ ସକାଳ ୬ଟାରୁ ୮ ତାରିଖ ସକାଳ ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୋଲିସ ପକ୍ଷର ସୂଚନା ପ୍ରଦାନ କରାଯାଇଛି।

'ସ୍ଥାୟୀ ନିଯୁକ୍ତି ନ ମିଳିଲେ ସମୂହ ଇସ୍ତଫା ଦେବୁ'

ଗୋପ,୬।୧୧(ଡି.ଏନ୍.ଏ.)

ପାଇପ ଜଳ କର୍ମଚାରୀଙ୍କ ବୈଠକ

ବାତ୍ୟା, ବନ୍ୟାଠାରୁ ଆରମ୍ଭ କରି ସବୁ ସମୟରେ ସାଧାରଣ ଲୋକଙ୍କ ଲାଗି ଜିଲା ପାଇପ ଜଳ ବିଭାଗର କର୍ମଚାରୀମାନେ ସବୁ ସମୟରେ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୁରୀ ଜିଲା ଗୋପ ବ୍ଲକର ପାଇପ ଜଳ ବିଭାଗର କର୍ମଚାରୀଙ୍କ ସଂଘ ପକ୍ଷରୁ ରବିବାର ଆଖଣ୍ଡେଳଶ୍ୱର ଶୈବ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ଭାଗୀରଥି ରାଉତ କର୍ମଚାରୀ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବାରମ୍ବାର ଅଭିଯୋଗ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଏପରିକି ଚାକରିକୁ ସ୍ଥାୟୀ ମଧ୍ୟ କରୁ ନାହାନ୍ତି। ତେଣୁ ଆଗାମୀ ଗୀଷ୍ମ ଋତୁ ପୂର୍ବରୁ ଜଳ ବିଭାଗର କର୍ମଚାରୀଙ୍କୁ ଯଦି ସ୍ଥାୟୀ ନିଯୁକ୍ତି ନ ଦିଅନ୍ତି ତେବେ ଦିନରେ ଜିଲାର ସମସ୍ତ କର୍ମଚାରୀ ସ୍ୱତଃ ପ୍ରବୃତ୍ତ ଭାବରେ ଇସ୍ତଫା ଦେବେ ସଭାପତି ରାଉତ କହିଛନ୍ତି। ଜିଲା ପାଇପ ଜଳ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପୁରୀ ଜିଲାର ୨୧ଜଣ କର୍ମଚାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାଧାରଣ ଲୋକଙ୍କୁ ନିର୍ବିଘ୍ନ ସେବା ଯୋଗାଇ ଆସୁଥିବା କର୍ମଚାରୀଙ୍କ ସଂପର୍କରେ ରାଜ୍ୟ ସରକାର ଦୃଷ୍ଟି ନ ଦେବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସମସ୍ତ ପାଇପ ଜଳ କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭାଗୀୟ ମନ୍ତ୍ରୀ, ଜିଲାପାଳଙ୍କୁ ପଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରବିନାରାୟଣ ଦାଶ, ଅଜୟ ଦାସ, ଦୁଃଶାସନ ସାହୁ, ବାଞ୍ଛାନିଧି ସାହୁ, ଗୟାଧର ସାହୁ ପ୍ରଦୀପ୍ତ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ସାକ୍ଷୀଗୋପାଳ,୬।୧୧(ଡି.ଏନ.ଏ/ସ୍ୱ.ପ୍ର.)

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମର ଚତୁର୍ଥ ଖଣ୍ଡିରେ ଅବସ୍ଥିତ ଶ୍ରୀଧବଳେଶ୍ୱର ଦେବଙ୍କ ପୀଠରେ ବଡ଼ଓଷା ଉପଲକ୍ଷେ ଠାକୁରଙ୍କ ଦର୍ଶନ ପୂଜାର୍ଚ୍ଚନା ପାଇଁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୂର୍ବ ରାତିରୁ ଦେବନୀତି ଆରମ୍ଭ କରାଯାଇ ମଙ୍ଗଳ ଆଳତି, ଅବକାଶ, ବାଳଭୋଗ ନୀତି ଅନୁଷ୍ଠିତ ହୋଇଥିଲା । ସକାଳ ୬ଟାରୁ ସାହଣ ଭକ୍ତମାନଙ୍କ ନିମନ୍ତେ ମନ୍ଦିର ସାହାଣମେଳା ହୋଇଥିଲା। ଭକ୍ତମାନେ ଧାଡିରେ ଯାଇ ଠାକୁରଙ୍କର ବଡ଼ସିଂହାର ବେଶ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ସାକ୍ଷୀଗୋପାଳ ଓ ଏହା ଆଖପାଖ ଅଞ୍ଚଳର ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସତ୍ୟବାଦୀ ପୋଲିସ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଉପସ୍ଥିତ ରହିଥିଲେ। ସଭାପତି ପ୍ରସନ୍ନ ଷଡ଼ଙ୍ଗୀ ଓ ସମ୍ପାଦକ ସଂଗ୍ରାମ ମିଶ୍ର ପ୍ରମୁଖ କମିଟି ସଭ୍ୟ ସହଯୋଗ କରିଥିଲେ।

ଦୁର୍ନୀତିମୁକ୍ତ ଦେଶ ଗଠନ ମୂଳ ଲକ୍ଷ୍ୟ ହେଉ

ନିମାପଡ଼ା,୬।୧୧(ଡି.ଏନ୍.ଏ.)

ନିମାପଡ଼ା ପଞ୍ଚାୟତ ସମିତି ଓ ପୁରୀ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଏକ ସଚେତନତା ସମାରୋହ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଡିଓ ବସନ୍ତ ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ତଦସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ପୁରୀ ଭିଜିଲାନ୍ସ ବିଭାଗ ଡିଏସ୍‌ପି ଶିଶିର ଭୋଇ, ଓଡ଼ିଶା ଜୀବିକା ମିଶନର ବିପିଏମ୍ ମଧୁଛନ୍ଦା ପ୍ରଧାନ, ସିଡିପିଓ କୁମୁଦିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏକ ଦୁର୍ନୀତିମୁକ୍ତ ସମାଜ, ଦେଶ, ରାଜ୍ୟ ଗଠନ ଆମ ସମସ୍ତଙ୍କ ପାଇଁ ମୂଳ ଲକ୍ଷ୍ୟ ହେବା ପାଇଁ ସବୁବର୍ଗର ଲୋକ, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଦୃଢ଼ ସଂକଳ୍ପବଦ୍ଧ ହୋଇ ନିଷ୍ଠାର ସହ କାର୍ଯ୍ୟ କରି ଏ ଦିଗରେ ଯତ୍ନବାନ ହେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ, କର୍ମଚାରୀ, ବେସରକାରୀ ସଂସ୍ଥାର ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ସମଗ୍ର ଭାରତ ବର୍ଷରେ ଓଡ଼ିଶା ଭିଜିଲାନ୍ସ ବିଭାଗ ନଂ. ୧। ଲାଞ୍ଚ ନେବା ଓ ଦେବା, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଜିଲା ଭିଜିଲାନ୍ସ ଅଧିକାରୀ ଭୋଇ କହିଥିଲେ। ସମାରୋହରେ ବହୁ ସରପଞ୍ଚ, ସମିତି ସଭ୍ୟ, ବ୍ଲକସ୍ତରୀୟ ସୁରକ୍

ସଂକ୍ଷେପରେ

ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ

ଟାଙ୍ଗୀ (ଖୋର୍ଦ୍ଧା),୬।୧୧(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ୧୧ ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱରେ ତେନ୍ତୁଳିଆପଡା ଛକଠାରୁ ଶତାଧିକ କର୍ମୀଙ୍କ ସହ ପଦଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ଭୁଷଣ୍ଡପୁର ପର୍ଯ୍ୟନ୍ତ ଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଟାଙ୍ଗୀ ବ୍ଲକ ଅଧକ୍ଷା ରିମ୍ନା ମାନ୍ଧାତା, ଜିଲା ପରିଷଦ ସଭ୍ୟ ଅନୁସୂୟା ବେହେରା, ରାମଚନ୍ଦ୍ର ମହାପାତ୍ର, ସରପଞ୍ଚ, ସମିତିସଭ୍ୟା ସଭ୍ୟ ସାମିଲ ଥିଲେ।

କୋଇଲା ବୋଝେଇ ଟ୍ରେଲର ଜବତ

ଗୁମ୍ମାରିମୁଣ୍ଡା,୬।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରୁ ଏକ ଚୋରା କୋଇଲା ବୋଝେଇ ଟ୍ରେଲର ଜବତ ହୋଇଛି। ଶୁକ୍ରବାର ରାତିରେ ବାଣପୁର ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ପାଟ୍ରୋଲିଂ କରୁଥିବା ବେଳେ କନ୍ଧ ପୁଞ୍ଜିଆମା ଇଟା ଭାଟି ନିକଟରେ ଏକ କୋଇଲା ବୋଝେଇ ଟ୍ରେଲର କୋଇଲା ଖାଲି କରିବା ପାଇଁ ତରବର ହେଉଥିବା ଦେଖିଥିଲେ। ତେବେ ସନ୍ଦେହ ହେବାରୁ ତହସିଲଦାର ଗାଡ଼ି ଚାଳକଙ୍କଠାରୁ କାଗଜପତ୍ର ମାଗିଥିଲେ। କାଗଜରେ ଗାଡିଟି ତାଳଚେରରୁ କୋଇଲା ଲୋଡ୍ ହୋଇ ସୋନପୁର ଅଭିମୁଖେ ଖାଲି କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ହେଲେ ବାଣପୁର ଗାଡ଼ି ଆଣିବା ପାଇଁ ଡ୍ରାଇଭରଙ୍କୁ ପଚାରିବାରେ ଉକ୍ତ ଗାଡ଼ିରେ ୪୨ ଟନ କୋଇଲା ଥିଲା। ମାତ୍ର ଗାଡ଼ି ଚାଳକ ଲୋଭର ବଶବର୍ତ୍ତୀ ହୋଇ କୌଣସି ଅସାଧୁ ବ୍ୟକ୍ତିଙ୍କୁ କୋଇଲା ବିକିବା ଉଦ୍ଦେଶ୍ୟରେ ବାଣପୁର ଆସିଥିବା ତହସିଲଦାର ଜାଣିଥିଲେ। ଏ ନେଇ ତହସିଲଦାର ବାଣପୁର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଘଟଣାସ୍ଥଳକୁ ଯାଇ ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁକରି ଗାଡ଼ି ଚାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ମେଧା ଅଭିନନ୍ଦନ, ସମ୍ବର୍ଦ୍ଧନା ଉତ୍ସବ

ନିରାକାରପୁର,୬।୧୧(ଡି.ଏନ୍.ଏ.): ନିରାକାରପୁର ପଞ୍ଚାୟତରେ ଥିବା ଶ୍ରୀରାମ ମନ୍ଦିର ପରିସର ମାରୁତି ମଣ୍ଡପରେ ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ରବିବାର ମେଧା ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧାପକ ମୃତ୍ୟୁଞ୍ଜୟ ରଥ ପୌରୋହିତ୍ୟ କରିଥିବା ବେଳେ ଅନୁଷ୍ଠାନ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରେଳ ବିଭାଗର ଅଧିକାରୀ ଜଗଦୀଶ ପାତ୍ର, ମୁଖ୍ୟବକ୍ତା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅଧକ୍ଷ ଡ. ସଞ୍ଜୟ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପ୍ରାଧାପକ ବେଣୁଧର ଦାଶ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୯ଜଣ ବ୍ୟକ୍ତିଙ୍କ ସହ ଡା. ସିଦ୍ଧାର୍ଥ ମହାପାତ୍ର ଓ ଅଞ୍ଚଳରେ ଥିବା ଯୁକ୍ତ ଦୁଇ ଓ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିଥିବା ୨୨ଜଣ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ରମାନାଥ ଦାଶ ପ୍ରମୁଖ ସାମିଲ ଥିଲେ।

ବଡ଼ଓଷାରେ ପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନ

ଖୋର୍ଦ୍ଧା ଅଫିସ,୬।୧୧

ସମ୍ପ୍ରତି ପବିତ୍ର ପଞ୍ଚକ ଚାଲିଛି। ରବିବାର ବଡ଼ଓଷା ଅବସରରେ ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଦୁଇବର୍ଷର କୋଭିଡ୍ କଟକଣା ହଟିବା ପରେ ଚଳିତବର୍ଷ ଏହି ପୀଠରେ ଭକ୍ତଙ୍କ ଗହଣରେ ପୂଜା ହୋଇଛି। ମହାଦେବଙ୍କ ଦର୍ଶନ ପାଇ ଭକ୍ତ ମନ ଆନନ୍ଦିତ ହୋଇଉଠିଛି। କଟକ ଧବଳେଶ୍ୱରଙ୍କ ମନ୍ଦିର ବନ୍ଦ ଯୋଗୁ ଖୋର୍ଦ୍ଧା ସମେତ, ନୟାଗଡ଼, କଟକ, ଭୁବନେଶ୍ୱର ପ୍ରଭୃତି ଅଞ୍ଚଳରୁ ଏଠାକୁ ଭକ୍ତଙ୍କ ସ୍ରୋତ ଛୁଟିଥିଲା। ଓଁ ନମଃ ଶିବାୟ, ଶିବ ପଞ୍ଚାକ୍ଷର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ସହସ୍ରନାମ ଏବଂ ନାମ ସଂକୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

ଶ୍ରୀଧବଳେଶ୍ୱରଙ୍କ ନିକଟରେ ମାନସିକ ପୂରଣ ପାଇଁ ଅନେକ ଭକ୍ତ ଅଟକାଳି ଭୋଗ ଅର୍ପଣ କରିଛନ୍ତି। ପରିବାରର ଶୁଭ ମନାସି ଏହି ଭୋଗ ଅର୍ପଣ କରାଯିବାର ବିଧି ରହିଛି। ଏଥିସହିତ ଭକ୍ତମାନେ ଉବୁକା ଦର୍ଶନ କରିଛନ୍ତି। ଶନିବାର ରାତି ପ୍ରାୟ ୨ଟାରେ ଠାକୁରଙ୍କ ଦ୍ୱାରଫିଟା ପରେ ଅନ୍ୟାନ୍ୟ ନୀତି ବଢ଼ି ୩ଟାରେ ମଙ୍ଗଳଆଳତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରବିବାର ଭୋର ୪ଟାରେ ଗଜଭୋଗ ଓ ପୂର୍ବାହ୍ନ ୯ଟାରେ ହାଣ୍ଡିଭୋଗ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ସକାଳ ଧୂପରେ ଶଙ୍ଖୁଡ଼ି ଭୋଗରେ ଅନ୍ନ, ଡାଲ୍‌ମା, ବିଭିନ୍ନ ପ୍ରକାର ବ୍ୟଞ୍ଜନ, ଖିରି, କାକରା ଅର୍ପଣ କରାଯାଇଥିଲା। ସ୍ୱଳ୍ପ ସମୟର ପହୁଡ଼ ପରେ ଅପରାହ୍ନ ୩ଟାରୁ ପୁଣି ଦର୍ଶନ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ସନ୍ଧ୍ୟା ୬ଟାରେ ଆଳତି, ରାତି ୧୦ଟାରେ ବେଢ଼ା ପରିକ୍ରମା ପରେ ମନ୍ଦିର ପହୁଡ଼ ହୋଇଥିଲା। ରବିବାର ଛୁଟିଦିନ ଥିବାରୁ ଦିନତମାମ ଗହଳି ଲାଗିରହିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିସରରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ମହିଳା ଓ ପୁରୁଷମାନେ ଅଲଗା ଲମ୍ବାଧାଡ଼ିରେ ଆସି ପ୍ରଭୁ ଧବଳେଶ୍ୱରଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। କେତେଜଣ ଭକ୍ତ ମନ୍ଦିର ପରିସରରେ ଅଳାଁଗଛକୁ ଧୂପ, ଦୀପ, ଅକ୍ଷତ ଚାଉଳ ଦେଇ ପୂଜାର୍ଚ୍ଚନା ସହ ନାଗମୂର୍ତ୍ତି ସ୍ଥାପନ କରିଥିଲେ। ବଡ଼ଓଷା କରିଥିବା ଭକ୍ତମାନେ ଠାକୁରଙ୍କ ନିକଟରେ ଚୁଡ଼ାଘଷା ଭୋଗ କରିଥିଲେ।

ଗୁରୁଜଙ୍ଗ ପୀଠରେ ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଲମ୍ବାଧାଡ଼ିରେ ଅପେକ୍ଷା କରିଛନ୍ତି।

ଗୁରୁଜଙ୍ଗ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

- ମାନସିକ ପୂରଣ ପାଇଁ ଅଟକାଳି ଭୋଗ
- ୨ ପ୍ଲାଟୁନ୍ ଫୋର୍ସ, ୧୫ ଅଫିସର ମୁତୟନ

ଅଟକାଳି ଓ ଗଜଭୋଗ

ଧବଳେଶ୍ୱରଙ୍କ ପୀଠରେ ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ବଡ଼ଓଷାର ଗଜଭୋଗ ଓ ଅଟକାଳି ଭୋଗ। ବିରି ଓ ଚାଉଳକୁ ବଟାଯାଇ ନଡ଼ିଆ ପୁର ଦେଇ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରାଯାଏ। ଏହାକୁ ଗଜଭୋଗ କୁହାଯାଏ। ସେହିପରି ଚାଉଳ ଚୁନା, ଅଟା, ଗୁଡ଼, ଆଖୁ, କନ୍ଦମୂଳ, ପାଚିଲା କଦଳୀ, ସେଓ, ତାଳମ୍ବ ପ୍ରଭୃତି ଫଳ ମିଶାଇ ମନ୍ଦିର ପରିସର ବାହାର ରୋଷଘରେ ସେବକଙ୍କ ଦ୍ୱାରା ଅଟକାଳି ପ୍ରସ୍ତୁତ କରାଯାଇଥାଏ। ଅନ୍ୟ ପକ୍ଷରେ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଠାକୁରଙ୍କୁ ଲାଗିହୋଇଥିବା ଗଜଭୋଗ ଓ ଅଟକାଳି ଭୋଗ ଭକ୍ତମାନେ ପାଇବାର ବ୍ୟବସ୍ଥା କରାଯାଇଛି।

୫ଶହରୁ ଊର୍ଦ୍ଧ୍ୱ ଷ୍ଟଲ୍

ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ତିନିଦିନ ବ୍ୟାପୀ ଯାତ୍ରା ଚାଲିବ। ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଆସି ପସରା ମେଲାଇଛନ୍ତି। ଚଳିତ ବର୍ଷ ୫ଶହରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିଛି। ଘରୋଇ ସାଜସଜ୍ଜା, ଘରକରଣା ସାମଗ୍ରୀ, ଟେରାକୋଟା, ମାଟି ସାମଗ୍ରୀ, ବାଉଁଶ ପାଟିଆରେ ପ୍ରସ୍ତୁତ ବିଭିନ୍ନ ଉପକରଣ, କୃଷି ଯନ୍ତ୍ରପାତି, ପ୍ଲାଷ୍ଟିକ ଖେଳଣା, କସମେଟିକ୍ ସାମଗ୍ରୀ, ବାହାର ରାଜ୍ୟର ଖାଦ୍ୟଷ୍ଟଲ, ଫାଷ୍ଟଫୁଡ୍ ସମେତ ମୀନାବଜାର, ମିକି ମାଉସ, ରାମଦୋଳି ପ୍ରଭୃତି ପଡ଼ିଛି।

ଶୃଙ୍ଖଳିତ ଦର୍ଶନ

ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ବଦ୍ରିନାରାୟଣ ସାହୁ କହିଛନ୍ତି, ଦୁଇବର୍ଷ ପରେ ବଡ଼ଓଷାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସହିତ ସେବକମାନଙ୍କ ସହଯୋଗରେ ଦର୍ଶନ ଠିକ୍ ଭାବେ ଚାଲିଛି। ପରିଚାଳନାରେ ସ୍ଥାନୀୟ ଯୁବକ, ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି। ସେହିପରି ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗା କହିଛନ୍ତି, ଚଳିତବର୍ଷ କଟକ ଧବଳେଶ୍ୱର ମନ୍ଦିରରେ ଦର୍ଶନ ବନ୍ଦ ଯୋଗୁ କଟକ, ଭୁବନେଶ୍ୱର ଭକ୍ତଙ୍କ ମଧ୍ୟକ୍ଷ ସ୍ରୋତ ଛୁଟିଛି। ଗୁରୁଜଙ୍ଗରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହା ଏକ କୃଷିଭିତ୍ତିକ ପର୍ବ ବୋଲି ସାମାଜିକ କର୍ମୀ ଜିତେନ୍ଦ୍ର ଭଞ୍ଜ କହିଛନ୍ତି।

ଟ୍ରାଫିକ, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ

ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ପରିସରରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ୨ପ୍ଲାଟୁନ୍ ଫୋର୍ସ, ୧୫ ଅଫିସର, ୨୦ ହୋମଗାର୍ଡ ନିୟୋଜିତ ହୋଇଛନ୍ତି।

ଶୈବପୀଠ ଚଳଚଞ୍ଚଳ

ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଇଚ୍ଛାଶ୍ୱର, ଜେମାଦେଈ ପୁରର ବାଲୁଙ୍କେଶ୍ୱର, ସାମନ୍ତରାପୁରର ସ୍ୱପ୍ନେଶ୍ୱର, ଉପରସାହିର ଚଉରା ବାଲୁଙ୍କେଶ୍ୱର, ରାଧାବଲ୍ଲଭ ସାହିର ବରାଳ ବାଲୁଙ୍କେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ନୂଆଗଡ଼ ରୋଡ ରେଞ୍ଜର ଅଫିସ ନିକଟ ଚନ୍ଦ୍ରଶେଖର, ଲୋକେଶ୍ୱରସ୍ଥିତ ଶ୍ରୀଲୋକେଶ୍ୱର ସମେତ ବାଘମାରୀ ଅଡ୍ରିର ଏକାଦଶରୁଦ୍ର ଶ୍ରୀହଙ୍ଗକେଶ୍ୱର, ଗୋଡ଼ାର ଗୋଡ଼ାଲୋକନାଥ, ଟାଙ୍ଗୀର ଚଣ୍ଡେଶ୍ୱର, ପଶ୍ଚିମାଶମ୍ଭୁ ପ୍ରତାପେଶ୍ୱର ପ୍ରଭୃତି ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା।

କଡ଼ବ ପଞ୍ଚାୟତ ବିଜେଡି ସଭାପତି ହେମନ୍ତ

ବୋଲଗଡ,୬।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କଡ଼ବ ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ପରିବର୍ତ୍ତନ ହୋଇଛି। ପୂର୍ବତନ ସଭାପତି ନାରାୟଣ ବେହେରାଙ୍କ ଦଳ ବିରୋଧୀ କାର୍ଯ୍ୟକଳାପ ନେଇ ସ୍ଥାନୀୟ କର୍ମୀମାନେ ଅସନ୍ତୁଷ୍ଟ ଥିବାବେଳେ ରବିବାର ଏଥିନେଇ ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଡକାଯାଇଥିଲା। ଏଥିରେ ସମସ୍ତଙ୍କ ସହ ଆଲୋଚନା କରାଯିବା ପରେ ନୂତନ ସଭାପତି ଭାବେ ହେମନ୍ତ ସାହୁଙ୍କୁ ମନୋନୀତ କରାଯାଇଛି। କଡ଼ବ ପଞ୍ଚାୟତ ଅନ୍ତର୍ଗତ ଡାଳଖାଇ ଠାକୁରାଣୀ ପୀଠରେ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ନଳିନୀ ବଡଜେନା, ସମିତିସଭ୍ୟା ବୈତୁଲ ବିବି ଉପସ୍ଥିତ ଥିବାବେଳେ ପଞ୍ଚାୟତର ବିଭିନ୍ନ ଗ୍ରାମର ବରିଷ୍ଠ ବିଜେଡି କର୍ମୀମାନେ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ଅନେକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ପୂର୍ବତନ ସଭାପତିଙ୍କ ଦଳ ବିରୋଧୀ କାର୍ଯ୍ୟ ନେଇ ସ୍ଥାନୀୟ କର୍ମୀ ଚରଣ ସାହୁ, ବ୍ରଜବନ୍ଧୁ ମିଶ୍ର, ବାଘ ତରଫଦାର, ପ୍ରସନ୍ନ ସାହୁ, ଗୟାଧର ପରମାଣିକ, ଶେଖ ଆଜାଦ ଅଲ୍ଲୀ, ବୈକୁଣ୍ଠ ସାହୁ, ଇଲାହୀ ତରଫାଦାର, ଧନେଶ୍ୱର ସାହୁ, ମଧୁସୁଦନ ମହାପାତ୍ର ଓ ଅତୁଲ୍ୟ ଗଡବାଡ ପ୍ରମୁଖ ବକ୍ତବ୍ୟ ରଖି ନୂତନ ସଭାପତି ମନୋନୀତ କରିବାକୁ ଦାବି କରିଥିଲେ। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ବ୍ଲକ ବିଜେଡି ସଭାପତି ମାଝି ନୂତନ ସଭାପତି ଚୟନ କରିବା ପାଇଁ ସରପଞ୍ଚ ବଡଜେନାଙ୍କୁ ଦାୟିତ୍ୱ ଦେଇଥିଲେ। ପରେ ସରପଞ୍ଚ ପୂର୍ବତନ ସମିତିସଭ୍ୟ ହେମନ୍ତ ସାହୁଙ୍କ ନାମ ଘୋଷଣା କରିଥିଲେ। ନୂତନ ସଭାପତି ହେମନ୍ତଙ୍କୁ ବ୍ଲକ ସଭାପତି ମାଝି ମଞ୍ଜୁର କରିବା ସହ ଜିଲା ବିଜେଡି ସଭାପତି ଓ ବିଧାୟକଙ୍କୁ ଜଣାଇବେ ବୋଲି କହିଥିଲେ।

ଖୋର୍ଦ୍ଧାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ପୀଠ ପରିସରରେ ଜୀବନ୍ତ ଦେବସଭା।

ବ୍ରହ୍ମାକୁମାରୀଙ୍କ ପକ୍ଷରୁ ଜୀବନ୍ତ ଦେବସଭା

ଖୋର୍ଦ୍ଧା ଅଫିସ,୬।୧୧

ବଡ଼ଓଷା ଅବସରରେ ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ପୀଠ ପରିସରରେ ଦେବସଭା ଆୟୋଜନ କରାଯାଇଛି। ସାଧିକା, ସାଧକମାନେ ଏକାଗ୍ରତା, ସାଧନା ବଳରେ ଜୀବନ୍ତ ଠାକୁରଙ୍କ ଭଳି ବେଶ ଧାରଣ କରି ବିରାଜମାନ କରିଥିଲେ। ହରପାର୍ବତୀ, ଗଣେଶ, କାର୍ତ୍ତିକ, ଲକ୍ଷ୍ମୀ, ସରସ୍ୱତୀ ଓ ରାଧାକୃଷ୍ଣ ରୂପରେ ବିଜେ କରି ଭକ୍ତଙ୍କୁ ଦିବ୍ୟଦର୍ଶନ ଦେଇଥିଲେ। ଶ୍ରଦ୍ଧାଳୁମାନେ ଧବଳେଶ୍ୱର ଦର୍ଶନ ସାରି ଏହି ଆଧ୍ୟାତ୍ମିକ ଦର୍ଶନ ଲାଗି କିଛି ସମୟ ଅଟକି ରହିଥିଲେ। ଅନେକ ଭକ୍ତ ଏଠାର ଭିଡିଓ ରେକର୍ଡିଂ ସହ ପରିବାର ସହ ସେଲ୍ଫି ନେଇଥିଲେ। ଧବଳେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ବଦ୍ରୀ ନାରାୟଣ ସାହୁ ଏହି ଦେବ ମଣ୍ଡପ ଉଦ୍‌ଘାଟନ କରିଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଦେବଦେବୀଙ୍କ ମହିମାଗାନ କରିଥିଲେ। ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା କେନ୍ଦ୍ରର ଭଉଣୀଭାଇ ପୂଜା, କନକ, ପ୍ରତିମା, ଗୋବର୍ଦ୍ଧନ, ରାମ, ବିମ୍ବାଧର ପ୍ରମୁଖ ପରିଚାଳନା କରିଥିଲେ।

ମା'ଭଗବତୀଙ୍କ ପୀଠରେ ଚନ୍ଦ୍ରଗ୍ରହଣ ନୀତିକାନ୍ତି

ଗମ୍ଭାରିମୁଣ୍ଡା,୬।୧୧(ଡି.ଏନ୍.ଏ.)

ଚଳିତ କାର୍ତ୍ତିକ ରାସ ପୂର୍ଣ୍ଣିମା ତିଥି ମଙ୍ଗଳବାର ଅପରାହ୍ନରେ କେତୁ ଗ୍ରସ୍ତ ଖଣ୍ଡ ଗ୍ରାସ ଚନ୍ଦ୍ରଗ୍ରହଣ ଲାଗୁଛି। ଏହା ଓଡ଼ିଶାକୁ ଦୃଶ୍ୟମାନ ହେଉଥିବାରୁ ଶ୍ରୀମନ୍ଦିର ପରି ମା'ଭଗବତୀଙ୍କ ପୀଠରେ ଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ପାଳିତ ହେବ। ମନ୍ଦିର ପ୍ରଶାସନ, ମନ୍ଦିର ଖଡ଼ିରତ୍ନ, ପରିଚ୍ଛା ସାମନ୍ତ, ଛତିଶା ନିଯୋଗଙ୍କ ମିଳିତ ବୈଠକର ନିଷ୍ପତ୍ତିକ୍ରମେ ସୋମବାର ସନ୍ଧ୍ୟାରୁ ରାତ୍ର ୧୦ଟା ୩୦ରେ ମା'ଙ୍କ ବଡ଼ସିଂହାର ହୋଇ ପହଡ଼ ପଡ଼ିବ। ସେହିଦିନ ରାତ୍ର ୧୨ଘଟିକା ପରେ ମା'ଙ୍କ ମଙ୍ଗଳବାର ନୀତିକାନ୍ତି ଆରମ୍ଭ ହୋଇ ଦ୍ୱାର ଫିଟା, ଅବକାଶ, ଅଙ୍ଗରାଗ ମାଜଣା, ବେଶ, ମହାପ୍ରସାଦ ଅର୍ପଣ, ବଲ୍ଲଭ ଆଳତି ପରେ ଖେଚୁଡ଼ି, ଡାଲି, ଧୂପ ବଢି ଶଙ୍ଖୁଡ଼ି ପୂଜା ହୋଇ ମଙ୍ଗଳବାର ଭୋର ୫ଟାରୁ ମାଠ ପୁଳି ଧୂପ ଶେଷ ପରେ ଦେବନୀତି ବନ୍ଦ ରହିବ। ମଙ୍ଗଳବାର ଗ୍ରହଣ ଲାଗୁଥିବାରୁ ଦିନ ସାରା ମନ୍ଦିର ଖୋଲା ରହିବ ଏବଂ ସର୍ବସାଧାରଣ ମଣ୍ଡପ ଉପରେ ରହି ଦୂରରୁ କେବଳ ମା'ଙ୍କୁଦର୍ଶନ କରିବେ। ସ୍ପର୍ଶ କରିବେ ନାହିଁ। ଗ୍ରହଣ ସ୍ପର୍ଶ ଅପରାହ୍ନ ୨ଟା ୩୯ମିରୁ ଆରମ୍ଭ ହେଉଥିବାରୁ ଗ୍ରହଣ ମଧ୍ୟ ସମୟ ୪ଟା ୨୯ମିରେ ଗ୍ରହଣ ଭୋଗ ହୋଇ ପୋତା ହେବ। ଗ୍ରହଣ ସର୍ବମୋକ୍ଷ ସନ୍ଧ୍ୟା ୬ଟା ୨୯ମି ପରେ ପୁଣି ମଙ୍ଗଳବାର ରାତ୍ର ନୀତିକାନ୍ତି ଆରମ୍ଭ ହେବ। ସେହି ଦିନ ମା'କାଠି ଠାକୁରାଣୀ ସନ୍ଧ୍ୟା ୮ରେ ଦକ୍ଷେଶ୍ୱର ମନ୍ଦିରରୁ ବିଜେ କରିବେ ଏବଂ ବଡ଼ସିଂହାର ପରେ ମଙ୍ଗଳବାର ରାତ୍ର ୧୧ରେ ପିତ୍ରାଳୟକୁ ଫେରିବା ପରେ ପହୁଡ଼ ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ସୂଚନା ଦେଇଛନ୍ତି।

ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ୧୫ ଦିନ କୋର୍ଟ ଅଚଳାବସ୍ଥା

ଟାଙ୍ଗୀ(ଖୋର୍ଦ୍ଧା), ୬।୧୧(ଡି.ଏନ୍.ଏ.)

ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଓକିଲ ସଂଘର ବିଭିନ୍ନ ଦାବି ନେଇ ଅକ୍ଟୋବର ୨୨ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଫଳରେ କୋର୍ଟ କାର୍ଯ୍ୟ ନ ହୋଇପାରି ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି।

ରାମଚରିତ ମାନସ ଭଦ୍‌ଯାପିତ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): କଟକ ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ରଘୁନାଥ ଜୀୟୁଙ୍କ ମଠରେ ନବ ଦିନ ବ୍ୟାପୀ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମାନସ ମଣ୍ଡପରେ ପଣ୍ଡିତ ବିଜୟ କୁମାର ପଣ୍ଡା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରତ୍ୟହ ରାମଚରିତ ମାନସ ପଠନ, ସୁନ୍ଦରାକାଣ୍ଡ ପାରାୟଣ ପାଠ କରାଯାଇଥିଲା। ମନୋହର ଦାସ ମହାରାଜ, ସନ୍ତୋଷୀ ମିଶ୍ର, ଇଂ. ମୃତ୍ୟୁଞ୍ଜୟ ଚୌଧୁରୀ, ସୁଶ୍ରୀ ଅନୁପମା ବିଶ୍ୱାଳ, ପଣ୍ଡିତ ସୁଦର୍ଶନ ତ୍ରିପାଠୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ ପୁରୁଷୋତ୍ତମ ଦାସ, ଅନ୍ନଦା ପ୍ରସନ୍ନ ନାୟକ, ଧରଣୀଧର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

ସଂକ୍ଷେପରେ

ତହସିଲଦାରଙ୍କ ଗାଡ଼ି ଜାଳିଦେଲେ

ବଡ଼ମ୍ବା,୬।୧୧(ଡି.ଏନ.ଏ): ବଡ଼ମ୍ବା ତହସିଲଦାରଙ୍କ ଗାଡ଼ିକୁ ଶନିବାର ବିଳମ୍ବିତ ରାତ୍ରିରେ ପେଟ୍ରୋଲ ଢ଼ାଳି କିଛି ଦୁର୍ବୃତ୍ତ ଜାଳି ଦେଇଥିବା ବଡ଼ମ୍ବା ଥାନାରେ ଅଭିଯୋଗ ହୋଇଛି। ପଥୁରିଆସାହିରେ ଘଟିଛି ଏହି ଅଘଟଣ। ଗାଡିଟି ଭଡ଼ା ସୂତ୍ରରେ ବ୍ୟବହାର ହେଉଥିଲା। ଡ୍ରାଇଭର ବଡ଼ମ୍ବା ପଥୁରିଆ ସାହିର ବିରଞ୍ଚି ନାରାୟଣ ପାଟଶାଣୀ ନିଜ ଘର ଠାରେ ଗାଡ଼ି ରଖିଥିଲେ । ଏଭଳି ଘଟଣା ବାଲି ଓ ପଥର ମାଫିଆମାନେ ଭିଆଇଥିବା ସନ୍ଦେହ କରୁଛନ୍ତି ଗାଡ଼ି ଚାଳକ ପାଟଶାଣୀ। ଏନେଇ ବଡମ୍ବା ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି।

ଅବସରପ୍ରାପ୍ତ ଆୟକର ଅଧିକାରୀଙ୍କ ବିୟୋଗ

ମାହାଙ୍ଗା,୬।୧୧(ସ୍ୱ.ପ୍ର): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାହାଙ୍ଗା ଗ୍ରାମର ଅବସରପ୍ରାପ୍ତ ଆୟକର ବିଭାଗ ଅଧିକାରୀ ଅମରେନ୍ଦ୍ର ଶତପଥୀ (୮୨)ଙ୍କ ବିୟୋଗ ଘଟିଛି । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଜଣେ ଦକ୍ଷ ଅଧିକାରୀ ଭାବେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିବା ବେଳେ ବଡପୁତ୍ର ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ।

୪ ଫୁଟ୍‌ର ତମ୍ପ ଉଦ୍ଧାର

ଟାଙ୍ଗୀ(କଟକ)୬।୧୧(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଚଟିଲୋ ନିକଟସ୍ଥ ସେଫଏକ୍ସପ୍ରେସ କୋରିୟର ସଂସ୍ଥା ପରିସରରୁ ରବିବାର ପୂର୍ବାହ୍ନରେ ଏକ ୪ ଫୁଟିଆ ତମ୍ପ ସାପକୁ ଉଦ୍ଧାର କରାଯାଇଛି। ପାର୍ଶଲ ଥାକ ତଳେ ଏହି ସାପ ଥିବା ଦେଖି କଟକସ୍ଥିତ ସ୍ନେକ ରେସ୍କ୍ୟୁ ଟିମକୁ ଖବର ଦିଆଯାଇଥିଲା। ଟିମର ସଦସ୍ୟ ଶୁଭମ କୁମାର ପରିଜା ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

ଜନସମ୍ପର୍କ ପଦଯାତ୍ରା

ସାଲେପୁର,୬।୧୧(ଡି.ଏନ୍.ଏ.): ଚନ୍ଦ୍ରାଦେଇପୁର ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକମାନଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ଉପାଧକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦକ ଜ୍ୟୋତିରେଖା ନାୟକ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସେଠୀ, ବ୍ଲକ ମହିଳା ବିଜେଡି ସଭାପତି ରାଜଶ୍ରୀ ଜେନା, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ଜିଲା ମହିଳା ବିଜେଡି ଉପସଭାନେତ୍ରୀ ମନସ୍ମିତା ସ୍ୱାଇଁ, ମହିଳା ବିଜେଡି ସମ୍ପାଦିକା ରଶ୍ମି ବିଶ୍ୱାଳ, ଯୁବ ବିଜେଡି ଉପସଭାପତି ଚିତ୍ତରଞ୍ଜନ ସାହୁ, ଚନ୍ଦ୍ରାଦେଇପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ, ଚନ୍ଦ୍ରାଦେଇପୁର ମିଶନ୍ ଶକ୍ତି ସଭାନେତ୍ରୀ ପୁଷ୍ପଲତା କର, ଯୋଗଦେଇଥିଲେ।

ସୂଚନାଫଳକରେ ସୀମିତ ବିପଦସଙ୍କୁଳ ପୋଲ

■ ବହୁବର୍ଷ ହେଲା ମରାମତି ହେଉନି
■ ନୂତନ ପୋଲ ନିର୍ମାଣ ଦାବି

ନରସିଂହପୁର,୬।୧୧ (ସ୍ୱ.ପ୍ର)

ନରସିଂହପୁର ହାଟ ଛକଠାରୁ ଦୋଳବେଦୀ ଛକକୁ ସଂଯୋଗ କରୁଥିବା ରାସ୍ତା।

ନରସିଂହପୁର ସଦର ମହକୁମାସ୍ଥିତ ହାଟ ଛକଠାରୁ ଦୋଳବେଦୀ ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଚତରା ନାଳ ଉପରେ ଥିବା ପୋଲକୁ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ବିପଦସଙ୍କୁଳ ଘୋଷଣା କରାଯାଇଛି। ଏ ନେଇ ଲୋକଙ୍କ ଅବଗତ ନିମନ୍ତେ ପୋଲଠାରୁ ୫୦ମିଟର ଦୂରତା ରାସ୍ତା ପାର୍ଶରେ ଏକ ସୂଚନା ଫଳକ ମଧ୍ୟ ମରାଯାଇଛି। କିନ୍ତୁ ଏହାର ମରାମତି ନକରି କେବଳ ସୂଚନା ଫଳକଟିଏ ମାରି ପୂର୍ତ୍ତ ବିଭାଗ ନିଜର କାମ ସାରି ଦେଇଥିବା ମନେହେଉଛି। ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଯାତାୟତ କରୁଥିବା ବେଳେ ସବୁ ପ୍ରକାର ଗାଡି ମୋଟର ଯାତାୟତ କରୁଛି। କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବନି। ଦେଶ ସ୍ୱାଧୀନତା ପରେ ନିର୍ମାଣ ହୋଇଥିବା ଏହି ପୁରୁଣା ପୋଲର ତଳ ଅଂଶ ନଷ୍ଟହେବା ସହ ପିଲାରଗୁଡିକରେ ଫାଟ ସୃଷ୍ଟି ହୋଇଛି। ପ୍ରତି ବର୍ଷ ଏହି ପୋଲ ତଳ ଦେଇ ଚତରା ନାଳରେ ବଢି ପାଣି ମାଡ଼ ହେବା ସହ ବର୍ଷ ତମାମ ପାଣି ରହୁଥିବାରୁ ପୋଲଟି ଦବିରହିଛି । ଏହି ରାସ୍ତା ଦେଇ ଭାରିଯାନ ଓ ବସ୍ ଚଳାଚଳ ବନ୍ଦ ରହିଥିଲେ ହେଁ ଏହାକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନ ଧରି ବିପଦସଙ୍କୁଳ ହୋଇ ପଡିରହିଥିବା ଏହି ପୋଲକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ତ୍ୱରିତ ବେଗରେ ଏହାର ମରାମତି କିମ୍ବା ନୂତନ ନିର୍ମାଣ କରିବା ପାଇଁ ହାଟରେ ବ୍ୟବସାୟ କରୁଥିବା ଆଶିଷ କୁମାର ମହାନ୍ତିଙ୍କ ସମେତ ଅନେକ ବ୍ୟବସାୟୀ ଓ ଅଞ୍ଚଳବାସୀ ଦାବି କରିଛନ୍ତ। ତେବେ ଦୀର୍ଘବର୍ଷ ଧରି ପୋଲଟିକୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲେ ହେଁ ମରାମତି କିମ୍ବା ନୂତନ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରାଜକିଶୋର ମୁଦୁଲି କହିଛନ୍ତି, ସରକାରଙ୍କୁ ଏହି ପୋଲ ସମ୍ପର୍କରେ ଅବଗତ କରାଇଛୁ, ଅର୍ଥ ଅନୁଦାନ ଆସିଲେ ଟେଣ୍ଡର ମାଧ୍ୟମରେ କାମ ହେବ। ଦୀର୍ଘବର୍ଷ ହେବ ହାଟ ପୋଲ କାମ କରା ନ ଯାଇ ପୂର୍ତ୍ତ ବିଭାଗ ସାଧାରଣ ନାଗରିକମାନଙ୍କ ଜୀବନ ସହିତ ଖେଳ ଖେଳୁଛି। ଯଦି ଏହି ପୋଲ ଭୁଶୁଡ଼ି ଧନ ଜୀବନ ହାନିହୁଏ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାମାଜିକକର୍ମୀ ସନ୍ତୋଷ ପ୍ରଦୀପ ବାରିକ ପ୍ରଶ୍ନ କରିଛନ୍ତି ।

ରାଜ୍ୟସ୍ତରୀୟ ଫୁଟ୍‌ବଲ: ଭୁବନେଶ୍ୱର ଚାମ୍ପିୟନ

ନିଶ୍ଚିନ୍ତକୋଇଲି,୬।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୮ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କଟକ ୟଙ୍ଗ ଉହ୍ଲଳ କ୍ଲବ ଖାନନଗର ଓ ୟୁନାଇଟେଡ ଭୁବନେଶ୍ୱର ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଟାଇବ୍ରେକର ଜରିଆରେ ଭୁବନେଶ୍ୱର ଟିମ୍ ୪-୩ ଗୋଲରେ ଖାନନଗରକୁ ପରାସ୍ତ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ,ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା ପ୍ରମୁଖ ଯୋଗଦେଇଥିଲେ।

କ୍ରିକେଟ ଟୁର୍ନାମେଣ୍ଟ: ମାଣିଆବନ୍ଧ ଚାମ୍ପିୟନ

ଅତିଥିଙ୍କ ଠାରୁ ଚାମ୍ପିୟନ ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ବଡ଼ମ୍ବା,୬।୧୧(ଡି.ଏନ.ଏ.)

ବଡମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ଖେଳ ପଡ଼ିଆରେ ଚାଲିଥିବା ବିଶେଶ୍ୱର ରାଇଡର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମାଣିଆବନ୍ଧ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଗୋପପୁର ଓ ମାଣିଆବନ୍ଧ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଗୋପପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୨୯୨ ରନ ସଂଗ୍ରହ କରିଥିଲା। ଜବାବରେ ମାଣିଆବନ୍ଧ ଦଳ ୧୮ ଓଭର ୫ ବଲରେ ୬ ଉଇକେଟ ହରାଇ ୨୯୪ ରନ ସଂଗ୍ରହ କରି ବିଜୟୀ ହୋଇଛି। ମାଣିଆବନ୍ଧ ଦଳର ଖେଳାଳି ଜଟାଧାରୀ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଜେଡି ବ୍ଲକ ସଭାପତି ରବୀନ୍ଦ୍ରକୁମାର ସାହୁ, ସାମାଜିକ କର୍ମୀ ସୁଶାନ୍ତ ଜେନା, ମଙ୍ଗୁଳି ସାହୁ, ଆୟୋଜକ ପ୍ରକାଶ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଚାମ୍ପିୟନ ମାଣିଆବନ୍ଧ ଦଳକୁ ସିଲ ସହ ନଗଦ ୮୦୦୦ ଟଙ୍କା ଓ ରନର୍ସଅପ୍ ଗୋପପୁର ଦଳକୁ କପ ସହ ନଗଦ ୬୦୦୦ ଟଙ୍କା ପ୍ରଦାନ କରିଥିଲେ।

ତୁଳସୀ ବିବାହ, କନ୍ଦରାସୁର ପୋଡ଼ି ଉତ୍ସବ

ଉତ୍ସବରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଅନ୍ୟ ଅତିଥିମାନେ।

ମାହାଙ୍ଗା, ୬।୧୧(ସ୍ୱ.ପ୍ର)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ପାଇକରାପୁର ପଞ୍ଚାୟତସ୍ଥ ଚମ୍ପତିପୁର ବଳଦେବଜୀଉ କ୍ଷେତ୍ର ଭାବେ ପରିଚିତ ଶ୍ରୀଶ୍ରୀ କାଳୁଆ ଠାକୁରଙ୍କ ବିଜେସ୍ଥଳୀରେ ତୁଳସୀ ବିବାହ ଓ କନ୍ଦରାସୁର ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ମାହାଙ୍ଗା ଏକ ଐତିହାସିକ ମାଟି ବୋଲି କହି ଏଭଳି ଏକ ଆଧ୍ୟାତ୍ମିକ ଉତ୍ସବକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭକ୍ତଚରଣ ସାହୁ, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ପ୍ରତିନିଧି ପ୍ରତାପ କୁମାର ପରିଡା, ସମିତି ସଭ୍ୟାଙ୍କ ପ୍ରତିନିଧି ସଞ୍ଜୟ କୁମାର ସାମଲ, ଆଇନଜୀବୀ ନେପାଳ କୁମାର ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ସମିତିସଭ୍ୟ ରୁଦ୍ର ନାରାୟଣ ସିଂହ, ସରପଞ୍ଚ ବଳରାମ ବେହେରା, ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନେନ୍ଦ୍ର ସାହୁ, ଶିବପ୍ରସାଦ ସାହୁ, ଅଧ୍ୟାପକ ପ୍ରଦୀପ୍ତ ସୂତାରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବଳଭଦ୍ରଙ୍କ ପିତା ଭାବେ ମଙ୍ଗୁଳି ରାଉତ ଓ ତୁଳସୀଙ୍କ ପିତା ଭାବେ ଭାବଗ୍ରାହୀ ଦାସ ଯୋଗଦେଇ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ପରେ କନ୍ଦରାସୁର ପ୍ରତିମୂର୍ତ୍ତିରେ ବିଧାୟକ ଜେନା ଅଗ୍ନି ସଂଯୋଗ କରିଥିଲେ।

ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ତାଲିମ ଶିବିର

ସାଲେପୁର,୬।୧୧(ଡି.ଏନ୍.ଏ.)

ସାଲେପୁର ଷ୍ଟେଟ୍ ବ୍ୟାଙ୍କର କୃଷି ଶାଖା ଓ ସମଗ୍ର ଶିକ୍ଷା କଟକର ମିଳିତ ଆନୁକୂଲ୍ୟରେ ଡିଜିଟାଲ୍ ସରକାରୀ ସଫ୍ଟୱେୟର ମାଧ୍ୟମରେ ବିଦ୍ୟାଳୟର ବ୍ୟାଙ୍କ୍ ଆକାଉଣ୍ଟ ପରିଚାଳନା ପାଇଁ ମଣ୍ଡଳସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ଏକ ଦିନିକିଆ ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକ ସୌମ୍ୟରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବିଶିଷ୍ଟ ଅତିଥି ଭାବେ ଆଞ୍ଚଳିକ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଜଗବନ୍ଧୁ ଶତପଥୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବିଳାସିନୀ ବାହିନୀପତି, ଅଶୋକ କୁମାର ପତି ଯୋଗଦେଇଥିଲେ। ତାଲିମ୍ ଶିବିରରେ ମଣ୍ଡଳର ୧୮୩ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୧୯ ଜଣ ସିଆରସିସି ଉପସ୍ଥିତ ଥିଲେ। ଶିବିରକୁ ଡେପୁଟି ମ୍ୟାନେଜର ରଶ୍ମିରଞ୍ଜନ ସାହୁ, ସାଲୁକସ୍ ଖୁଦାଦାର, ଅମରେନ୍ଦ୍ର ସ୍ୱାଇଁ ପ୍ରଶିକ୍ଷକ ଭାବେ ପରିଚାଳନା କରିଥିଲେ।

କଟକ ନଗର ଭାଜପା ପାଳିଲା ବିଜୟ ଉତ୍ସବ

ଭାଜପା କର୍ମୀମାନେ ବିଜୟ ଉତ୍ସବ ମନାଉଛନ୍ତି।

କଟକ ଅଫିସ, ୬।୧୧

ଧାମନଗର ଉପନିର୍ବାଚନରେ ଭାଜପାର ସୂର୍ଯ୍ୟବଂଶୀ ସୂରଜ ବିଜୟୀ ହୋଇଛନ୍ତି। ଏ ନେଇ କଟକ ନଗର ଭାଜପା ପକ୍ଷରୁ ରବିବାର ବିଜୟ ଉତ୍ସବ ପାଳନ କରାଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଦଳର କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ଗୌରୀଶଙ୍କର ପାର୍କଠାରେ ବାଜା ବଜାଇ, ବାଣ ଫୁଟାଇ, ମିଠା ବାଣ୍ଟିବା ସହ ନଗର ପରିକ୍ରମା କରି ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଉତ୍ସବରେ କର୍ପୋରେଟର ଗଗନ ଓଝା, ଦୀପକ ଦାସ, ବିଶ୍ୱରଞ୍ଜନ ମିଶ୍ର, ସବ୍ୟସାଚୀ ମହାପାତ୍ର, ଲଲାଟେନ୍ଦୁ ଦାସ, ଦେବାନନ୍ଦ ସିଂ, ରତନ ମହାନ୍ତି, ପ୍ରବୀଣା ମହାପାତ୍ର, ମହମ୍ମଦ ସବିର, ସଂଗ୍ରାମ ସିଂ, ପୂର୍ବତନ କର୍ପୋରେଟର ବିଜୟ ଦଳେଇ ପ୍ରମୁଖ ସାମିଲ ହୋଇଥିଲେ।

୨୭ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମାବେଶ

ଅମଲାଙ୍କ ଗ୍ରେଡ ପେ' ବୃଦ୍ଧି ଦାବି

ନିଶ୍ଚିନ୍ତକୋଇଲି,୬।୧୧(ସ୍ୱ.ପ୍ର.)

ଓଡିଶା ଅମଲାସଂଘ ନିର୍ଦ୍ଦେଶକ୍ରମେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଶାଖା ତରଫରୁ ଗ୍ରେଡ ପେ' ବୃଦ୍ଧି କରିବାକୁ ଦାବି କରାଯାଇଛି। ରବିବାର ପୂର୍ବାହ୍ନରେ ଏନେଇ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର ଶକ୍ତିଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବ୍ଲକ ସଭାପତି ଚିତ୍ତରଞ୍ଜନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅମଲାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ସେମାନଙ୍କ ଗ୍ରେଡ ପେ ବାବଦରେ ୪ହଜାର ୨୦୦ ଟଙ୍କା ପରିବର୍ତ୍ତେ ୧୯ଶହ ଟଙ୍କା ଦିଆଯାଉଛି। ଜିଲାସ୍ତରୀୟ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ନେଇ ବୈଠକରେ ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ନଭେମ୍ବର ୧୫ରେ ସଂଘ ତରଫରୁ କଟକ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ନଭେମ୍ବର ୨୭ରେ ସଂଘ ତରଫରୁ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଅଶୋକ କୁମାର ରାଉତ, ବଟକୃଷ୍ଣ ରାଉତ, ଅରବିନ୍ଦ ମିଶ୍ର, ବିରଜା ପ୍ରସାଦ ମହାପାତ୍ର, କମଳାକାନ୍ତ ମହାନ୍ତି, ମନୋଜ କୁମାର ସ୍ୱାଇଁ, ଦୀପ୍ତିଭାନୁ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ଭୂମିପୂଜନ

ସାଲେପୁର,୬।୧୧(ଡି.ଏନ୍.ଏ.)

ନନ୍ଦିନୀ ସରକାରୀ ଉଚ୍

ସଂକ୍ଷେପରେ

୨୦୨୪ ନିର୍ବାଚନରେ ଏଏପି ପ୍ରାର୍ଥୀ ଦେବ

କାକଟପୁର, ୬।୧୧(ଡି.ଏନ୍.ଏ.): କାକଟପୁରଠାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର କାକଟପୁର-ଅସ୍ତରଙ୍ଗ ନିର୍ବାଚନ ମଣ୍ଡଳୀ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏଏପିର ରାଜ୍ୟ ମୁଖପାତ୍ର ତଥା ପୁରୀ ଜିଲା ଆବାହକ ସଞ୍ଜୀବ ମହାନ୍ତି ଯୋଗଦେଇ କାକଟପୁର ନିର୍ବାଚନମଣ୍ଡଳୀରେ ସଙ୍ଗଠନ କିଭଳି ଅଧିକ ସଂଗଠିତ ହେବ, ଏଏପିର ବାର୍ତ୍ତା ଘରେ ଘରେ ପହଞ୍ଚିବା ସହ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବାରେ ଦଳ ମୁଖ୍ୟ ଭୂମିକା ଗ୍ରହଣ କରିବ ସେଥିଲାଗି କାମ କରିବାକୁ କହିଥିଲେ। ୨୦୨୪ ନିର୍ବାଚନରେ କାକଟପୁରରେ ଏଏପି ପ୍ରାର୍ଥୀ ଦେବ ବୋଲି ମହାନ୍ତି ଘୋଷଣା କରିଥିଲେ। ଜଗତସିଂହପୁର ପୂର୍ବତନ ଏମ୍‌ପି ପ୍ରାର୍ଥିନୀ ଅନୁପମା ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ରାଜ୍ୟ ମୁଖପାତ୍ର ତଥା ପୁରୀ ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ୨୦୨୪ରେ ଓଡ଼ିଶାରେ ଏଏପି କିପରି ସରକାର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବ ସେଥିପାଇଁ କାମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀରେ କାକଟପୁର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଶ୍ରୀକାନ୍ତ ସାମଲ, ରବୀନ୍ଦ୍ର କୁମାର ସାହୁ, ଶିବ ପ୍ରକାଶ ମହାନ୍ତି, ନରେନ୍ଦ୍ର କୁମାର ମୁଦୁଲି, ମିହିର ମହାନ୍ତି, ବିଶ୍ୱଜିତ ପରିଡ଼ା, ରୁଦ୍ର ପ୍ରସାଦ ପଢ଼ିଆରୀ, କାର୍ତ୍ତିକ ପରିଡ଼ା, ପ୍ରଶାନ୍ତ କୁମାର ଭୂୟାଁ, ଅଜୟ କୁମାର ବିଶ୍ୱାଳ ଏବଂ ମାଗୁଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଲେଜ ପରିଚାଳନା କମିଟି ସଭାପତିଙ୍କୁ ସ୍ୱାଗତ

ସାକ୍ଷୀଗୋପାଳ, ୬।୧୧ (ସ୍ୱ.ପ୍ର./ଡି.ଏନ୍.ଏ): ସାକ୍ଷୀଗୋପାଳ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରଭାତ ମିଶ୍ରଙ୍କୁ କଲେଜର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଶନିବାର ସ୍ୱାଗତ କରିଥିଲେ। କଲେଜ ସଭାଗୃହରେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। କଲେଜର ଭିତ୍ତିଭୂମି ବିକାଶ ମଧ୍ୟରେ ଅସମ୍ପୂର୍ଣ୍ଣ ଇନ୍‌ଡୋର ଷ୍ଟାଡିୟମ୍‌କୁ ସମ୍ପୂର୍ଣ୍ଣ କରିବା, କଲେଜ ପରିସରରେ ବଗିଚା, ଖେଳପଡିଆ, ଛାତ୍ରୀଛାତ୍ରଙ୍କ ସାଇକେଲ ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ଶୈକ୍ଷିକ ବାତାବରଣକୁ ଅଧିକ ସକ୍ରିୟ କରିବା ପାଇଁ ପାଠଚକ୍ର ଆୟୋଜନ, ଅଭିଭାବକ- ଅଧ୍ୟାପକ ବୈଠକ ପାଇଁ ଅଧିକ ଅନୁରୋଧ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରଭାତ ମିଶ୍ର କଲେଜର ସମସ୍ୟାଗୁଡିକ ସମାଧାନ ଦିଗରେ ଅଗ୍ରାଧିକାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କଲେଜର ସମସ୍ତ ପ୍ରଫେସର, ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ। ପ୍ର. ମନୋଜ ପରିଡା ଧନ୍ୟବାଦ ଦେଇଥିଲେ।

ପ୍ରଜନନ କେନ୍ଦ୍ରରେ ବଜ୍ରକାପ୍ତା ଜନ୍ମ

ବାରଙ୍ଗ,୬।୧୧(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବଜ୍ରକାପ୍ତା ରବିବାର ଏକ ଶାବକକୁ ଜନ୍ମ ଦେଇଛି। ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରର ୧୧ନଂ. ସେଲ୍‌ରେ ଛୁଆଟି ଜନ୍ମ ହୋଇଛି। ଫଳରେ ବଜ୍ରକାପ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇ ୨୬ରେ ପହଞ୍ଚିଛି।

'ନିଜ ଅଧିକାର, ସାମାଜିକ କର୍ତ୍ତବ୍ୟ ପ୍ରତି ସଚେତନ ହୁଅ'

ଆଇନ ସେବା ଓ ସଚେତନତା ଶିବିର

ପୁରୀ ଅଫିସ, ୬।୧୧:

ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ। ତେଣୁ ନିଜର ଅଧିକାର ସହ ସାମାଜିକ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ କାର୍ଯ୍ୟ କରିବାକୁ ପୁରୀ ଜିଲା ଓ ଦୌରା ଜଜ ଧନେଶ୍ୱର ମଲ୍ଲିକ ଆହ୍ୱାନ ଦେଇଛନ୍ତି। ରବିବାର ତାଳବଣିଆସ୍ଥିତ ସ୍ପୋର୍ଟ୍ସ ଷ୍ଟାଡିୟମରେ ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏକ ଆଇନ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜିଲା ଜଜ୍ ମଲ୍ଲିକ ଯୋଗଦେଇ କହିଥିଲେ, ମନ ଓ ବିବେକ ମଧ୍ୟରେ ସଂଘର୍ଷ ଭିତରେ ଯଦି ବିବେକ ହାରିଯାଏ ତେବେ ଚରିତ୍ର ଓ ଶୃଙ୍ଖଳା ନଷ୍ଟ ହୋଇ ସାମାଜିକ ସ୍ଥିତି ଦୁର୍ବଳ ହୁଏ। ଏହା ଫଳରେ ଅବକ୍ଷୟ ଘଟେ। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଲୋକଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇ ମାମଲାର ତ୍ୱରିତ ସମାଧାନ କରିବା ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଥିଲେ, ସମସ୍ତଙ୍କୁ ନ୍ୟାୟ ଆମ ସମ୍ବିଧାନର ମୂଳ ତତ୍ତ୍ୱ। ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା ଯୋଗଦେଇ ଆମ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସବାଶେଷରେ ଥିବା ଲୋକ ପର୍ଯ୍ୟନ୍ତ ଆଇନ ସେବା ଉପଲବ୍ଧ କରାଇବା ବୋଲି କହିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଦେବାଶିଷ ଦାଶ ଆଇନ, ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ସିଡିଏମ୍‌ଓ ଡାକ୍ତର ସୁଜାତା ମିଶ୍ର, ପୁରୀ ବାର୍ ଆସୋସିଏଶନ ସଭାପତି ଜୟରାମ ବସ୍ତିଆ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଅତିଥିମାନେ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ଫାମିଲି କୋର୍ଟ ବିଚାରପତି ଅରୁଣ ମଲ୍ଲିକ, ଏଡିଜେ ରାଜ କିଶୋର ଲେଙ୍କା, ଏଡିଜେ ଅମିୟ ରଞ୍ଜନ ଜେନା, ସିଜେଏମ୍ ପ୍ରୀତିଶ କୁମାର ରାଉତରାୟ, ସବଜଜ୍ ରାଣା ଘୋଷ, ମୁନସିଫ ପ୍ରତ୍ୟୁଷ କୁମାର ଚାନ୍ଦ, ଏସ୍‌ଡିଜେଏମ୍ ଜିତେନ୍ଦ୍ର ଦାସ, ଗ୍ରାମ ନ୍ୟାୟାଳୟ ବିଚାରପତି ନର୍ମଦା କର, ଜେଏମ୍‌ଏଫ୍‌ସି ପଲ୍ଲବୀ ଦାସ, ଜେଏମ୍‌ଏଫ୍‌ସି ଦେବମାଳିନୀ ଐଶ୍ୱର୍ଯ୍ୟା, କୋର୍ଟ ମ୍ୟାନେଜର ମଳୟ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ନିଖିଲ ଭରତ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଆଇନ ସେବା ଓ ସଚେତନତା ଶିବିରରେ ହିତାଧିକାରୀମାନଙ୍କୁ ଅତିଥିମାନେ ବିଭିନ୍ନ ଯୋଜନାର ସହାୟତା ପ୍ରଦାନ କରୁଛନ୍ତି।

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ 'ବାଇକଣ୍ଠିଆ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସାଧବମାନେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ଥିଲେ

ପୁରୀ ଅଫିସ, ୬।୧୧:

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ରାଣୀସତୀ ଭବନରେ ଶନିବାର 'କାର୍ତ୍ତିକ ପୂର୍ଣ୍ଣିମା ଓ ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଉପଦେଷ୍ଟା ଆଇନଜୀବୀ ପୁଷ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ନୌବାଣିଜ୍ୟ ଗବେଷକ ଡ. ଦେବେନ୍ଦ୍ର ନାଥ ମାନସିଂହ ଯୋଗଦେଇ କହିଥିଲେ, କୋଶଳ, ତୋଷଳ, କଙ୍ଗୋଦ ଓ ଉଡ୍ର ଦେଶ ରୂପେ ପ୍ରାଚୀନ କଳିଙ୍ଗ ପରିଚିତ ଥିଲା। କଳିଙ୍ଗର ନୌବଣିକମାନେ ଦକ୍ଷିଣ-ପୂର୍ବ ଏସିଆ ଏବଂ ପଶ୍ଚିମ ଦ୍ୱୀପପୁଞ୍ଜରେ ନୌବାଣିଜ୍ୟ ସହ ପ୍ରାଚୀନ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ଧର୍ମଧାରାର ପ୍ରଚାର କରିଥିଲେ। ଜାଭା, ସୁମାତ୍ରା, ଶ୍ରୀଲଙ୍କା, ବୋର୍ଣ୍ଣିଓ, ବାଲିଦ୍ୱୀପ ସହ ବ୍ରହ୍ମଦେଶ, କାମ୍ବୁଡିଆ, ଚୀନ ଓ ଜାପାନରେ ପ୍ରାଚୀନ ହିନ୍ଦୁଧର୍ମ ସହ ବୌଦ୍ଧଧର୍ମର ଅନେକ ସ୍ମାରକୀ ତାହାର ପ୍ରାମାଣିକତା ବ୍ୟକ୍ତ କରେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗବେଷକ ଡ. ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ୟୁରୋପୀୟ ଲେଖକ ଟିଲୋମି, ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ନିଜ ରଚିତ 'ବିଶ୍ୱ ଭୂଗୋଳ' ବହିରେ ଉଲ୍ଲେଖ କରିଥିଲେ ଯେ, କଳିଙ୍ଗ ସାଗର ବା ବଙ୍ଗୋପସାଗର କୂଳେ ପ୍ରାଚୀନ ଓଡ଼ିଶାର ଚେଲିତୋଳ, ସିପପରା, ପାଲୁର ଇତ୍ୟାଦି ବନ୍ଦର ମୁଖ୍ୟ ବାଣିଜ୍ୟ କେନ୍ଦ୍ରର ମାନ୍ୟତା ରହିଛି। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ମଗଧ ରାଜା ଅଶୋକ କଳିଙ୍ଗ ଉପକୂଳରେ ବନ୍ଦରଗୁଡ଼ିକ ଅଧିକାର କରିବା ପାଇଁ ରକ୍ତକ୍ଷୟୀ କଳିଙ୍ଗ ଯୁଦ୍ଧ କରିଥିଲେ। ଏହି ଯୁଦ୍ଧରେ ସେ ବିଜୟୀ ହୋଇଥିଲେ ମଧ୍ୟ ବୌଦ୍ଧଧର୍ମ ଗ୍ରହଣ କରି ଉପଗୁପ୍ତଙ୍କ ପ୍ରେରଣାରେ ବିଦେଶରେ ବୌଦ୍ଧଧର୍ମ ଓ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ ବୋଲି ମିଶ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଅଭିମନ୍ୟୁ ଭୂୟାଁ, ଡ. ରମାକାନ୍ତ କର, ଲେଖିକା କ୍ରିଷ୍ଣା ମହାପାତ୍ର ଏବଂ ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରି ଗବେଷକ ମଦନମୋହନ ମହାପାତ୍ର କହିଥିଲେ, କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ବୋଇତ ବନ୍ଦାଣ ପରମ୍ପରା ପ୍ରାଚୀନ ଉତ୍କଳୀୟ ଉପାସନାର ବିଶେଷତ୍ୱ। ଶ୍ରୀମନ୍ଦିରର ମା' ଲକ୍ଷ୍ମୀଙ୍କ ସମେତ ବାଣପୁରର ଭଗବତୀ, କାକଟପୁରର ମା' ମଙ୍ଗଳା, ପୁରୀର ବାଟମଙ୍ଗଳା ଓ ଘାଟମଙ୍ଗଳା ତଥା ଯାଜପୁରର ପତନ ମଙ୍ଗଳା ଓ କୁଆଁସ ମଙ୍ଗଳା ଉପାସନା ବାଣିଜ୍ୟ ପରମ୍ପରା ସହ ସମ୍ପୃକ୍ତ। ଏହା ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ବିଶେଷତ୍ୱ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଡ. ପ୍ରମୋଦ କୁମାର ଦଳାଇ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ବଳରାମ ଦାଶ, ପ୍ରତିଭା ତ୍ରିପାଠୀ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଡ. କମଳାକାନ୍ତ ମିଶ୍ର, ଗବେଷକ ରଙ୍କନାଥ ସେଠୀ, ଆଶାଲତା ପ୍ରଧାନ, ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଦାଶରଥୀ ମହାପାତ୍ର, ପ୍ରଭାତ ଚନ୍ଦ୍ର ରଥ, କୈଳାସ ଚନ୍ଦ୍ର ସାହୁ, ଗୁରୁଚରଣ ଦାଶ, ମଞ୍ଜୁଶ୍ରୀ ମିଶ୍ର, ସୁଧର ରଞ୍ଜନ ମିଶ୍ର ଏବଂ ବିଜୟ ଚରଣ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜ ମତ ରଖିଥିଲେ। ଏହି ଅବସରରେ ସାହିତ୍ୟ ଓ ସମାଲୋଚନାଧର୍ମୀ ପତ୍ରିକା 'ବାଇକଣ୍ଠିଆ' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ସାରସ୍ୱତ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ତପନ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭବାନୀ ପ୍ରସାଦ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

ଡ୍ରେନ୍‌ରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ମୃତ୍ୟୁର କାରଣ ଖୋଜୁଛି ପୋଲିସ

ପୁରୀ ଅଫିସ, ୬।୧୧:

ପୁରୀ ରେଡକ୍ରସ୍ ରୋଡ ପୋଲିସ ହାଇସ୍କୁଲ ପାଖ ଡ୍ରେନ୍‌ରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ କୁମ୍ଭାରପଡ଼ା ଥାନା ପୋଲିସ ରବିବାର ସକାଳେ ଉଦ୍ଧାର କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ସ୍କୁଲ ପାଖ ଡ୍ରେନ୍‌ରୁ ମୃତଦେହ ମିଳିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ କେହି ହତ୍ୟା କରି ଡ୍ରେନ୍ ଭିତରେ ଫିଙ୍ଗିଥିବା କିମ୍ବା ମଦ୍ୟପାନ କରି ବ୍ୟକ୍ତ ଜଣକ ଡ୍ରେନ୍‌ରେ ପଡି ମୃତ୍ୟୁବରଣ କରିଥିବା ନେଇ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ପୋଲିସ ସୂଚନା ଅନୁଯାୟୀ ରୋଡକ୍ରସସ୍ଥିତ ପୋଲିସ ହାଇସ୍କୁଲ ପାଖରେ ଥିବା ଡ୍ରେନ୍‌ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଦେଖି କୁମ୍ଭାରପଡା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ କୁମ୍ଭାରପଡା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୨) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀଲିପ ସ୍ୱାଇଁ କହିଛନ୍ତି। ବ୍ୟକ୍ତି ଜଣକ ନିଶାସକ୍ତ ଅବସ୍ଥାରେ ମୁକୁଳା ଡ୍ରେନ୍ ଭିତରେ ପଡ଼ି ମୃତ୍ୟୁବରଣ କରିଥିବା ପୋଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ ସହରର ଅନେକ ସ୍ଥାନରେ ମୁକୁଳା ଡ୍ରେନ ଥିଲେ ହେଁ ଏହା ଉପରେ ମ୍ୟୁନିସିପାଲିଟି ପକ୍ଷରୁ ସ୍ଲାବ୍ ପକାଯାଉନାହିଁ। ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ଜୀବନ ଯାଉଛି।

ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରବିବାର ପୂର୍ବତନ କଂଗ୍ରେସ ନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

କ୍ରୁଟ୍ ପାଇଲା ଜାତୀୟ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର, ୬।୧୧ (ବ୍ୟୁରୋ)

କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ସର୍ବୋତ୍ତମ ନଗର ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଚତୁର୍ଥଥର ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବର୍ଗରେ ଜାତୀୟ ଉତ୍କର୍ଷ ପୁରସ୍କାର ପାଇଛି। କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କୋଚିରେ ଆୟୋଜିତ ଅର୍ବାନ ମୋବିଲିଟି ଇଣ୍ଡିଆନ୍ କନ୍‌ଫରେନ୍ସ ଆଣ୍ଡ୍ ଏକ୍ସପୋ-୨୦୨୨ରେ କ୍ରୁଟ୍ ମହାପ୍ରବନ୍ଧକ ଦିପ୍ତି ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ।

'ଚିତ୍ରକଳା, ଚିତ୍ରାଙ୍କନ ପ୍ରତି ମାନ୍ୟତାଙ୍କ ଦୁର୍ବଳତା'

ଗୋପ,୬।୧୧(ଡି.ଏନ୍.ଏ.)

ଚିତ୍ରକଳା, ଚିତ୍ରାଙ୍କନ ପ୍ରତି ମୋର ଦୁର୍ବଳତା ରହିଛି, କିନ୍ତୁ ପାଠପଢା ପ୍ରତି ନିଶ୍ଚିତ ଦୃଷ୍ଟି ଦିଏ। ମାତ୍ର ଚିତ୍ରାଙ୍କନା ଯେକୌଣସି ସ୍ଥାନ ବା ସ୍କୁଲରେ ହେଉ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମୋର ଆଗ୍ରହ ବଢ଼ିଥାଏ ବୋଲି ନାଗପୁର ନାରାୟଣୀ ନୋଡାଲ ସ୍କୁଲର ୮ମ ଶ୍ରେଣୀର ଛାତ୍ରୀ ମାନ୍ୟତା ପ୍ରିୟଦର୍ଶିନୀ କହିଛନ୍ତି। ପଞ୍ଚାୟତସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ପ୍ରଥମେ ପରେ ବ୍ଲକ ଓ ୫ ତାରିଖରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଜିଲାରେ ପ୍ରଥମ ଶ୍ରେଣୀ ପାଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି ମାନ୍ୟତା। ତଥାପି ମନୋବଳ ସହିତ ଦୃଢ଼ ଇଚ୍ଛାଶକ୍ତି ରହିଛି ଯେ ରାଜ୍ୟରେ ପ୍ରଥମ ହେବି ବୋଲି କହିଛନ୍ତି ମାନ୍ୟତା। ଏପରି କୃତ୍ୟକାର୍ଯ୍ୟ ନେଇ ଛାତ୍ରୀ ମାନ୍ୟତା କହିଛନ୍ତି, ବାପା କୃଷ୍ଣଚନ୍ଦ୍ର ମାତା ଲକ୍ଷ୍ମୀପ୍ରିୟାଙ୍କ ଆଶୀର୍ବାଦ ଯୋଗୁ ସଫଳତା ହାସଲ କରିପାରିଛି। ଏଥିସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଯୋଗୁ ସବୁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ପ୍ରଥମରୁ ଇଗ୍ରିଲିସ ମିଡିୟମ ସ୍କୁଲରେ ପଢୁଥିବା ବେଳେ ଗତ ଦୁଇବର୍ଷ ତଳେ ଗୋପ ବ୍ଲକ ଅନ୍ତର୍ଗତ ନାଗପୁର ନାରାୟଣୀ ନୋଡାଲ ସ୍କୁଲରେ ପାଠ ପଢ଼ିବାକୁ ଆଗ୍ରହ ହେବା ପରେ ପାଢ ପଢିବା ପରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆଗ୍ରହ ସୁଷ୍ଟି ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅକ୍ଟୋବର ୨୨ରେ ଆମ ସ୍କୁଲରେ ହେବାପରେ ମୁଁ ଭାଗ ନେଇ ପ୍ରଥମ ହେବା ପରେ ଅଧିକ ଆଗ୍ରହ ହୋଇଥିଲା। ନଭେମ୍ବର ୩ରେ ବ୍ଲକ ସ୍ତରୀୟ ଓ ୫ ତାରିଖରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଧ୍ୟ ପ୍ରଥମ ହେବା ପରେ ଆହୁରି ଆଗ୍ରହ ଅଧିକ ଥିବାବେଳେ ରାଜ୍ୟ ସ୍ତରରେ ନିଶ୍ଚିତ ସଫଳତା ହାସଲ କରିବି ଆଶା ରଖିଥିବା ମାନ୍ୟତା ପ୍ରିୟଦର୍ଶିନୀ କହିଛନ୍ତି।

ସୁରଭି ମହୋତ୍ସବରେ ମାନ୍ୟତା ପ୍ରିୟଦର୍ଶିନୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଧାମନଗର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ସୂର